ଧରିତ୍ରୀ
DHARITRI
ପୃଷ୍ଠା–୧୦+୮
ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୨/୨୦୨୫ (୧୦+୮=୧୮ ପୃଷ୍ଠା) Bhubaneswar, Wednesday, November 12/2025 Page 18 ₹ 7.00
୫୧ଶ ଭାଗ ୩୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 346 ମୂଲ୍ୟ ₹୭/-


## ପୁଣ୍ୟ ସ୍ମୃତିରେ...



## ଓଡ଼ିଶାର ମସଲା ସମ୍ରାଟ

# ଡ଼. ଶରତ କୁମାର ସାହୁ

## ପ୍ରତିଷ୍ଠାତା, ରୁଚି ଫୁଡ୍‌ଲାଇନ୍

୧୪.୦୬.୧୯୫୦ – ୦୨.୧୧.୨୦୨୫

ଆପଣଙ୍କ ମହତ କାର୍ଯ୍ୟ ପାଇଁ ଆପଣ ସଦା ସ୍ମରଣୀୟ ହୋଇ ରହିବେ । ଆପଣଙ୍କ ଦୂରଦୃଷ୍ଟି, ଏକନିଷ୍ଠ ଉଦ୍ୟମ, ଧୈର୍ଯ୍ୟ ଏବଂ ଶ୍ରଦ୍ଧାଶୀଳ ବ୍ୟବହାର ରୁଚି ପରିବାର ପାଇଁ ପ୍ରେରଣା ଓ ମାର୍ଗଦର୍ଶନ ହୋଇ ରହିବ ।

RUCHI FOODLINE Since 1976 | Celebrating 50 Years — 50 Saal Aapke Sehat Ke Saath ...
FROZIT "Time Ki Bachat, Eat Fresh Fatafat"
FarrmB Family of Master Artisans
RUCHI Tea Dum Hardam
RUCHI PRATIVA FOUNDATION ESTD. - 1976 CUTTACK
RAYS FOUNDATION



ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ନିର୍ବାଚନରେ ଗୟା ଜିଲାର ଏକ ବୁଥ୍‌ରେ ଭୋଟରମାନେ ମତଦାନ ପାଇଁ ଅପେକ୍ଷା କରିଥିବାବେଳେ ପରିଚୟପତ୍ର ଦେଖାଉଛନ୍ତି।

## ସଂକ୍ଷେପରେ

## ଦିଲ୍ଲୀରେ ଲାଗିଲା ଜିଆର୍‌ଏପି-୩

### ଏକ୍ୟୁଆର୍ ୪୨୧ ଟପିଲା

ନୂଆଦିଲ୍ଲୀ,୧୧।୧୧

ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ଗୁଣବତ୍ତା ମଙ୍ଗଳବାର ଗମ୍ଭୀର ସ୍ତରକୁ ଖସିଯିବା ପରେ କେନ୍ଦ୍ର ସରକାର ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି)ର ତୃତୀୟ ପର୍ଯ୍ୟାୟ କଟକଣା ଲଗାଇଛନ୍ତି। ସୋମବାର ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୬୨ ଥିବାବେଳେ ମଙ୍ଗଳବାର ସକାଳେ ତାହା ୪୨୫ରେ ପହଞ୍ଚିଥିଲା ବୋଲି ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ପକ୍ଷରୁ କୁହାଯାଇଛି। ପବନର ବେଗ ସ୍ଥିର ରହିବା ସହ ପ୍ରତିକୂଳ ପାଗ ଯୋଗୁ ବାୟୁରେ ଥିବା ପ୍ରଦୂଷଣକାରୀ କଣିକା ପ୍ରସାରିତ ହେବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ସକାଳ ୭ଟାରେ ଦିଲ୍ଲୀର ମୋଟାମୋଟି ଏକ୍ୟୁଆଇ ୪୨୧ ରେକର୍ଡ କରାଯାଇଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥ୍ୟରୁ ଜଣାପଡ଼ିଛି। ସହରର ଅଧିକାଂଶ ଅଞ୍ଚଳରେ ଏକ୍ୟୁଆଇ ୪୦୦ ଉପରେ ରହିଛି। ବୱାନାରେ ଏହା ୪୬୨ରେ ପହଞ୍ଚିଥିବାବେଳେ ଆଲିପୁରରେ ୪୪୨, ଆର୍‌କେ ପୁରମ୍‌ରେ ୪୪୬ ଏବଂ ପତପରଗଞ୍ଜରେ ୪୩୮ ରହିଛି। ଫଳରେ ସ୍ଥିତି ଅଧିକ ବିଗିଡ଼ିବାରୁ ରୋକିବା ପାଇଁ ସିଏକ୍ୟୁଏମ୍ ସବ୍ କମିଟି ପକ୍ଷରୁ ତୁରନ୍ତ ଜାତୀୟ ରାଜଧାନୀ ଅଞ୍ଚଳରେ ଜିଆର୍‌ଏପିର ତୃତୀୟ ପର୍ଯ୍ୟାୟ କଟକଣା ଲାଗୁହୋଇଛି। ପୂର୍ବରୁ ଜିଆର୍‌ଏପିର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଲାଗୁ ହୋଇଥିଲା। ତୃତୀୟ ପର୍ଯ୍ୟାୟ କଟକଣା ଅନୁଯାୟୀ ସମସ୍ତ ଅଣଜରୁରୀ ନିର୍ମାଣ ଓ ଉଚ୍ଛେଦ କାର୍ଯ୍ୟ ଉପରେ ନିଷେଧାଦେଶ ଲଗାଯାଇଛି। ଦିଲ୍ଲୀ-ଏନ୍‌ସିଆର୍‌ରେ ସମସ୍ତ ଷ୍ଟୋନ୍ କ୍ରଶର ଏବଂ ଖଣି ଖନନ କାର୍ଯ୍ୟ ବନ୍ଦ ରହିବ। ଦିଲ୍ଲୀ ଓ ଏନ୍‌ସିଆର୍ ଅଞ୍ଚଳରେ ବିଏସ୍-୩ ପେଟ୍ରୋଲ ଏବଂ ବିଏସ୍-୪ ଡିଜେଲ ଚାରିଚକିଆ ଯାନ ଚଳାଚଳ ବନ୍ଦ ରହିବ। ତେବେ ଭିନ୍ନକ୍ଷମମାନଙ୍କୁ ଏହି କଟକଣାରୁ ବାଦ୍ ଦିଆଯାଇଛି। ୫ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍‌କୁ ହାଇବ୍ରିଡ୍ ଲର୍ନିଂ ମୋଡ୍ ସୁଯୋଗ ଦିଆଯିବ। ଅର୍ଥାତ୍ ପିଲାମାନେ ଘରେ ରହି ଅନ୍‌ଲାଇନରେ ଶିକ୍ଷା ଗ୍ରହଣ କରିବେ।

## ନିଠାରୀ ହତ୍ୟା ମାମଲାରେ ସୁରେନ୍ଦ୍ର କୋଲି ଦୋଷମୁକ୍ତ

ନୂଆଦିଲ୍ଲୀ,୧୧।୧୧

ନଏଡ଼ାର ନିଠାରୀଠାରେ ୨୦୦୫-୨୦୦୬ରେ ଘଟିଥିବା ବହୁଚର୍ଚ୍ଚିତ ସିରିଏଲ୍ ହତ୍ୟାକାଣ୍ଡ ସହ ସମ୍ପୃକ୍ତ ଶେଷ ମାମଲାରେ ସୁପ୍ରିମକୋର୍ଟ ମଙ୍ଗଳବାର ଅଭିଯୁକ୍ତ ସୁରେନ୍ଦ୍ର କୋଲିଙ୍କୁ ଦୋଷମୁକ୍ତ କରିଛନ୍ତି। ବଳାତ୍କାର ଓ ହତ୍ୟା ମାମଲାରେ କୋଲି ଦୋଷମୁକ୍ତ ହୋଇଥିବାରୁ ତାଙ୍କୁ ଜେଲରୁ ମୁକ୍ତ କରିଦିଆଯିବ। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ଅଭିଯୋଗକାରୀ ପକ୍ଷଙ୍କ ପାଇଁ ବଡ଼ ଝଟକା ହୋଇଛି। ପ୍ରଧାନ ବିଚାରପତି ବି.ଆର୍. ଗବଇ, ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ବିକ୍ରମ ନାଥଙ୍କ ଖଣ୍ଡପୀଠ ମଙ୍ଗଳବାର ରାୟ ଘୋଷଣା କରିଛନ୍ତି। ଅକ୍ଟୋବର ୭ରେ ମାମଲାର ଶୁଣାଣି ଶେଷହେବା ପରେ ଅଦାଲତ ରାୟ ସଂରକ୍ଷିତ ରଖି ଶୀର୍ଷ ଅଦାଲତଙ୍କ ୨୦୧୧ ରାୟକୁ ଚ୍ୟାଲେଞ୍ଜ କରିବା ପାଇଁ କ୍ୟୁରେଟିଭ୍ ପିଟିଶନ ଦାଖଲ ନିମନ୍ତେ କୋଲିଙ୍କୁ ଅନୁମତି ଦେଇଥିଲେ। ୨୦୧୧ ରାୟରେ ଗୋଟିଏ ମାମଲାରେ କୋଲିଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲା। କୋଲିଙ୍କ ବିରୋଧରେ ମୋଟ ୧୩ ମାମଲା ରୁଜୁ ହୋଇଥିଲା। ଅନ୍ୟ ୧୨ ମାମଲାରେ



ସୁରେନ୍ଦ୍ର କୋଲି

ତାଙ୍କୁ ଦୋଷମୁକ୍ତ କରାଯାଇଥିବାରୁ ସେହି ଆଧାରରେ ତାଙ୍କୁ ମୁକ୍ତ କରିଦେବା ପାଇଁ କୋଲି କ୍ୟୁରେଟିଭ୍ ପିଟିଶନରେ ନିବେଦନ କରିଥିଲେ। କ୍ୟୁରେଟିଭ୍ ପିଟିଶନ ଉପରେ ସୁପ୍ରିମକୋର୍ଟ ନିଷ୍ପତ୍ତି ନେଇସାରିଥିବାରୁ ଆଇନ ଅନୁଯାୟୀ, ମାମଲାକୁ ପୁନର୍ବାର ଚଳାଇବା ପାଇଁ ତଦନ୍ତକାରୀ ସଂସ୍ଥା ଏବଂ ଅଭିଯୋଗକାରୀ ପକ୍ଷ ଆବେଦନ କରିପାରିବେ ନାହିଁ। ଅଭିଯୋଗକାରୀ ପକ୍ଷଙ୍କ ତଥ୍ୟ ପ୍ରମାଣ ନିର୍ଭରଯୋଗ୍ୟ ହୋଇ ନ ଥିବା ଦର୍ଶାଇ ୧୨ଟି ମାମଲାରେ ଆଲ୍ଲାହାବାଦ ହାଇକୋର୍ଟ କୋଲିଙ୍କୁ ଦୋଷମୁକ୍ତ କରିଥିଲେ।

# ଟାରିଫ୍ କମାଇବ ଆମେରିକା

### ଭାରତ ସହ ବାଣିଜ୍ୟ ଚୁକ୍ତି ଖୁବ୍‌ଶୀଘ୍ର: ଟ୍ରମ୍ପ୍

ନ୍ୟୁୟର୍କ/ୱାଶିଂଟନ,୧୧।୧୧(ପି.ଟି.)

ଭାରତ ସହ ସ୍ୱଚ୍ଛ ବାଣିଜ୍ୟ ଚୁକ୍ତିନାମାର ଅଧିକ ନିକଟତର ହୋଇଛି ଆମେରିକା। ଆମେ ଭାରତୀୟ ସାମଗ୍ରୀ ଉପରେ ଲଗାଇଥିବା ଟାରିଫ୍‌କୁ ଯେକୌଣସି ସମୟରେ କମାଇଦେବୁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଭାରତ ସହ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ ହେବାକୁ ଯାଉଛି ବୋଲି ଟ୍ରମ୍ପ୍ ୨ ସପ୍ତାହ ମଧ୍ୟରେ ଦ୍ୱିତୀୟ ଥର ଆଶାବ୍ୟକ୍ତ କରିଛନ୍ତି। ତେବେ ଏହା ଟ୍ରମ୍ପଙ୍କ ଅତିଶୟୋକ୍ତି ନା ବହୁପ୍ରତୀକ୍ଷିତ ବାଣିଜ୍ୟ ବୁଝାମଣାରେ ପ୍ରକୃତରେ



ଭାରତ ପାଇଁ ଆମେରିକାର ନୂଆ ରାଷ୍ଟ୍ରଦୂତ ସେର୍ଗିଓ ଗୋର୍ ଶପଥ ନେବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହାତ ମିଳାଉଛନ୍ତି।

ଅଗ୍ରଗତି ଘଟିଛି, ତାହା ସ୍ପଷ୍ଟ ହୋଇନାହିଁ। ଟ୍ରମ୍ପ୍ କହିଛନ୍ତି, ଆମେ ଭାରତ ସହ ପୂର୍ବାପେକ୍ଷା ସମ୍ପୂର୍ଣ୍ଣ ଭିନ୍ନ ଡିଲ୍ କରିବାକୁ ଯାଉଛୁ। ଏବେ ସେମାନେ ମୋତେ ଭଲ ପାଉନାହାନ୍ତି, କିନ୍ତୁ ସେମାନେ ଆମକୁ ପୁଣିଥରେ ଭଲ ପାଇବେ ବୋଲି ଟ୍ରମ୍ପ୍ ସୋମବାର କହିଛନ୍ତି। ଭାରତ ପାଇଁ ଆମେରିକାର ନୂଆ ରାଷ୍ଟ୍ରଦୂତ ସେର୍ଗିଓ ଗୋର୍ ଓଭାଲ ଅଫିସ୍‌ରେ ଶପଥ ଗ୍ରହଣ କରିବା ଅବସରରେ ଟ୍ରମ୍ପ୍ ଏହା କହିଛନ୍ତି। ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଗୋର୍‌ଙ୍କୁ ଶପଥ ପାଠ କରାଇଥିଲେ। ଟ୍ରମ୍ପ୍ କହିଛନ୍ତି, ପୂର୍ବରୁ ଅତ୍ୟନ୍ତ ଅନ୍ୟାୟପୂର୍ଣ୍ଣ ଟ୍ରେଡ୍ ଡିଲ୍ ଥିଲା। ଏବେ ନ୍ୟାୟପୂର୍ଣ୍ଣ ଡିଲ୍ ହେବାକୁ ଯାଉଛି। ସେମାନେ ବହୁତ ଭଲ ବୁଝାମଣାକାରୀ ବୋଲି ଟ୍ରମ୍ପ୍ ଭାରତୀୟ କର୍ତ୍ତୃପକ୍ଷଙ୍କୁ ଲକ୍ଷ୍ୟକରି କହିବା ସହ ସର୍ଗିଓଙ୍କୁ ଏହା ଉପରେ ନଜର ଦେବା ପାଇଁ ଟ୍ରମ୍ପ୍ ପରାମର୍ଶ ଦେଇଛନ୍ତି।

ଆମେରିକା ରାଷ୍ଟ୍ରପତି କହିଛନ୍ତି, ଭାରତ ରୁଷିଆଠାରୁ ତୈଳ କିଣୁଥିବାରୁ ଏହାର ସାମଗ୍ରୀ ଉପରେ ଅତ୍ୟଧିକ ଟାରିଫ୍ ଲଗାଯାଇଥିଲା। ଏବେ ଭାରତ ରୁଷିଆରୁ ତେଲ କିଣିବା ବନ୍ଦ କରିଦେଇଛି। ପୂର୍ବାପେକ୍ଷା ତେଲ କିଣା ଯଥେଷ୍ଟ ହ୍ରାସ ପାଇଛି। ତେଣୁ ଆମେ ଲଗାଇଥିବା ଟାରିଫ୍ କମାଇବାକୁ ଯାଉଛୁ। ପୂର୍ବରୁ ଟ୍ରମ୍ପ୍ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୨୫% ଟାରିଫ୍ ଲଗାଇଥିବାବେଳେ ରୁଷିଆରୁ ତୈଳ କିଣା ଜାରି ରଖିଥିବାରୁ ପରେ ଆଉ ୨୫% ଶୁଳ୍କ ଲାଗୁ କରିଥିଲେ। ୫୦ ପ୍ରତିଶତ ଶୁଳ୍କକୁ ନେଇ ନୂଆଦିଲ୍ଲୀ ଏବଂ ୱାଶିଂଟନ ମଧ୍ୟରେ ସମ୍ପର୍କ ଖରାପ ହୋଇଥିଲା। ଆମେରିକାର ଏଭଳି କାର୍ଯ୍ୟାନୁଷ୍ଠାନ ଅନ୍ୟାୟ ଓ ଅଯଥାର୍ଥ ବୋଲି ଭାରତ କହିଥିଲା। ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ନେଇ ଇତିମଧ୍ୟରେ ଉଭୟ ଦେଶର ଅଧିକାରୀମାନଙ୍କ ମଧ୍ୟରେ ୫ ପର୍ଯ୍ୟାୟ ଆଲୋଚନା ସରିଲାଣି। ଚୁକ୍ତିନାମା ଚୂଡ଼ାନ୍ତ ହେବା ନେଇ ଦୁଇ ଦେଶ ଅତି ନିକଟତର ହୋଇଥିବା ଗତ ମାସରେ ନୂଆଦିଲ୍ଲୀଠାରେ ଆମେରିକୀୟ ଅଧିକାରୀମାନେ କହିଥିଲେ।

## ସୁସ୍ଥ ହେଉଛନ୍ତି ଧର୍ମେନ୍ଦ୍ର

### ମିଛ ଖବର ପ୍ରସାର ନ କରିବାକୁ ପରିବାରର ନିବେଦନ

ମୁମ୍ବାଇ,୧୧।୧୧(ପି.ଟି.)

ବଲିଉଡ୍ ଅଭିନେତା ଧର୍ମେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିବା ସହ ସେ କ୍ରମଶଃ ସୁସ୍ଥ ହେଉଛନ୍ତି। ୮୯ ବର୍ଷୀୟ ଅଭିନେତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ମିଥ୍ୟା ଖବର ପ୍ରସାର ନ କରିବାକୁ ଧର୍ମେନ୍ଦ୍ରଙ୍କ ଝିଅ ଈଶା ଦେଓଲ ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି। ମୁମ୍ବାଇର ବ୍ରିଚ୍‌କାଣ୍ଡି ହସ୍ପିଟାଲରେ



ଚିକିତ୍ସିତ ହେଉଥିବା ଧର୍ମେନ୍ଦ୍ରଙ୍କୁ ଅବ୍‌ଜରଭେଶନରେ ରଖାଯାଇଛି। ପରିବାରକୁ ପ୍ରିଭେସି ଦେବା ଲାଗି ଈଶା ନିବେଦନ କରିଛନ୍ତି। ଧର୍ମେନ୍ଦ୍ରଙ୍କ ସମ୍ପର୍କରେ ଦାୟିତ୍ୱହୀନ ଖବର ପ୍ରସାରଣକୁ ତାଙ୍କ ସ୍ତ୍ରୀ ହେମା ମାଳିନୀ ସମାଲୋଚନା କରିଛନ୍ତି।

# ପ୍ରତ୍ୟେକ ଅପରାଧୀଙ୍କୁ ଖୋଜି ବାହାର କର: ଶାହା

### ଦିଲ୍ଲୀ ବିସ୍ଫୋରଣ

ନୂଆଦିଲ୍ଲୀ,୧୧।୧୧(ପି.ଟି.)

ଦିଲ୍ଲୀ ବିସ୍ଫୋରଣ ପଛରେ ସମ୍ପୃକ୍ତ ପ୍ରତ୍ୟେକ ଅପରାଧୀଙ୍କୁ ଖୋଜି ବାହାର କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଙ୍ଗଳବାର ସୁରକ୍ଷା ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ ଘଟଣା ପରେ ମଙ୍ଗଳବାର ଶାହାଙ୍କ ଅଧ୍ୟକ୍ଷତାରେ ୨ଟି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଆକ୍ରମଣରେ ସମ୍ପୃକ୍ତ ସମସ୍ତଙ୍କୁ ଆମ ସୁରକ୍ଷା ଏଜେନ୍ସିଗୁଡ଼ିକର କ୍ରୋଧର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଶାହା Xରେ ଲେଖିଛନ୍ତି।

ପ୍ରଥମ ସମୀକ୍ଷା ବୈଠକରେ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ଗୋଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ ତପନ ଡେକା, ଦିଲ୍ଲୀ ପୋଲିସ କମିଶନର ସତୀଶ ଗୋଲ୍‌ଚା ଏବଂ ଏନ୍‌ଆଇଏ ଡିଜି ସଦାନନ୍ଦ ବସନ୍ତ



ଅମିତ୍ ଶାହା

ଡାଟେ ଯୋଗ ଦେଇଥିଲେ। ଏଥିସହିତ ଜମ୍ମୁ-କଶ୍ମୀର ପୋଲିସ ଡିଜି ନଳିନ ପ୍ରଭାତ ଭର୍ଚୁଆଲି ବୈଠକରେ ସାମିଲ ହୋଇଥିଲେ। ଉକ୍ତ ବୈଠକରେ ଉଚ୍ଚ ଅଧିକାରୀମାନେ ବିସ୍ଫୋରଣ ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ସମୀକ୍ଷା ବୈଠକରେ ମଧ୍ୟ ଉପରୋକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିସ୍ଫୋରଣର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ହସ୍ତାନ୍ତର କରିଛି। ବିସ୍ଫୋରଣ ଆତଙ୍କବାଦୀ କାର୍ଯ୍ୟ ବୋଲି କେନ୍ଦ୍ର ସରକାର ବିବେଚନା କରୁଥିବାରୁ ଏନ୍‌ଆଇଏ ଉକ୍ତ ଦିଗ ଉପରେ ତଦନ୍ତ କରିବ। ଏହା ବ୍ୟତୀତ ଅନ୍ୟ ଶୀର୍ଷ ତଦନ୍ତକାରୀ ସଂସ୍ଥାଗୁଡ଼ିକ ତଦନ୍ତ ଚଳାଇଛନ୍ତି। ଲାଲ୍‌କିଲ୍ଲା ବିସ୍ଫୋରଣରେ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ ଆହତ ହୋଇଥିଲେ ଏବଂ ଅନେକ ଗାଡ଼ି ଜଳିଯାଇଥିଲା।

### ବିସ୍ଫୋରଣରେ ସମ୍ପୃକ୍ତ କାହାକୁ ଛଡ଼ାଯିବ ନାହିଁ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୧।୧୧

ଦିଲ୍ଲୀ କାର୍ ବିସ୍ଫୋରଣ ଘଟଣାରେ ଯେଉଁମାନେ ସମ୍ପୃକ୍ତ, ସେମାନଙ୍କ ମଧ୍ୟରୁ କାହାକୁ ଛଡ଼ାଯିବ ନାହିଁ। ସମସ୍ତଙ୍କୁ ଆଇନର କାଠଗଡ଼ାକୁ ଅଣାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର କହିଛନ୍ତି। ୨ ଦିନିଆ ଭୁଟାନ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ସେଠାର ରାଜଧାନୀ ଥିମ୍ପୁରୁ କହିଛନ୍ତି, ସେ ଅତ୍ୟନ୍ତ ଦୁଃଖଭରା ହୃଦୟରେ ଏଠାକୁ ଆସିଛନ୍ତି। ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ଘଟିଥିବା ଭୟାବହ ଘଟଣା ପ୍ରତ୍ୟେକଙ୍କୁ ଗଭୀର ଭାବେ ଦୁଃଖିତ କରିଛି। କ୍ଷତିଗ୍ରସ୍ତ ପରିବାରଗୁଡ଼ିକର ଦୁଃଖକୁ ମୁଁ ଅନୁଭବ କରିପାରୁଛି। ସାରା ଦେଶ ଆଜି ସେମାନଙ୍କ ସହ ଛିଡ଼ାହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବିସ୍ଫୋରଣ ପରଠାରୁ ପ୍ରଧାନମନ୍ତ୍ରୀ ତଦନ୍ତକାରୀ ସଂସ୍ଥାଗୁଡ଼ିକ ସହ ନିରନ୍ତର ଯୋଗାଯୋଗରେ ରହିଛନ୍ତି। ତଦନ୍ତକାରୀମାନେ ଷଡ଼ଯନ୍ତ୍ରର ମୂଳ ଖୋଜି ବାହାର କରିବେ। ବିସ୍ଫୋରଣ ପଛର ଷଡ଼ଯନ୍ତ୍ରକାରୀଙ୍କୁ ଛଡ଼ାଯିବ ନାହିଁ, ସେମାନଙ୍କୁ ନିଶ୍ଚୟ କାଠଗଡ଼ାକୁ ଅଣାଯିବ ବୋଲି ମୋଦି କହିଛନ୍ତି।

## ଭାରତକୁ ବିଭିନ୍ନ ଦେଶର ସମର୍ଥନ

ନୂଆଦିଲ୍ଲୀ,୧୧।୧୧(ପି.ଟି.)

ଦିଲ୍ଲୀ ଲାଲ୍‌କିଲ୍ଲା ବିସ୍ଫୋରଣ ଘଟଣାରେ ବ୍ରିଟେନ୍, ଫ୍ରାନ୍ସ, ଇଟାଲୀ ସମେତ ବିଭିନ୍ନ ଦେଶ ଭାରତକୁ ସମର୍ଥନ ଜଣାଇବା ସହ ମୃତକମାଙ୍କ ପାଇଁ ଶୋକବ୍ୟକ୍ତ କରିଛନ୍ତି। ଆମେରିକା ଏବଂ ଫ୍ରାନ୍ସ ସେମାନଙ୍କ ନାଗରିକମାନଙ୍କୁ ସତର୍କ ରହିବା ପାଇଁ କହିବା ସହ ଗହଳି ସ୍ଥାନରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି। ଫ୍ରାନ୍ସ ସରକାରଙ୍କ ତରଫରୁ ମୃତକମାନଙ୍କ ପାଇଁ ଗଭୀର ସମବେଦନା ଜଣାଉଛି ବୋଲି ନୂଆଦିଲ୍ଲୀରେ ଅବସ୍ଥାପିତ ରାଷ୍ଟ୍ରଦୂତ ଥିଏରି ମାଥୋଉ କହିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆମର ଭାବନା ଉକ୍ତ ପରିବାରଗୁଡ଼ିକ ସହ ରହିଥିବା ସେ କହିଛନ୍ତି। ସେହିପରି ଇଟାଲୀ ଓ ଇରାନ ଦୂତାବାସ, ସିଙ୍ଗାପୁର ଓ ବ୍ରିଟେନ୍ ହାଇକମିଶନର ତଥା ୟୁରୋପୀୟ ସଂଘର ରାଷ୍ଟ୍ରଦୂତ ମଧ୍ୟ ସମର୍ଥନ ଜଣାଇଛନ୍ତି। ଇଟାଲୀ ଦୂତାବାସ ପକ୍ଷରୁ କୁହାଯାଇଛି, ବିସ୍ଫୋରଣ ଘଟଣାରେ ଆମେ ଅତ୍ୟନ୍ତ ଦୁଃଖିତ। ଏହି ବିପଦ ସମୟରେ ଆମେ ଭାରତ ସହ ରହିଛୁ। ମୃତକଙ୍କ ପାଇଁ ଆମେ ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାରକୁ ସମବେଦନା ଜଣାଉଛୁ ଓ ଆହତମାନଙ୍କୁ ଆଶୁ ଆରୋଗ୍ୟ କାମନା କରୁଛୁ ବୋଲି Xରେ ପୋଷ୍ଟ କରାଯାଇଛି।

## ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା

ନୂଆଦିଲ୍ଲୀ,୧୧।୧୧

ଦିଲ୍ଲୀ ବିସ୍ଫୋରଣରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଙ୍ଗଳବାର ଘୋଷଣା କରିଛନ୍ତି। ଯେଉଁମାନେ ସ୍ଥାୟୀ ଭାବେ ଭିନ୍ନକ୍ଷମ ହୋଇଛନ୍ତି, ସେମାନଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଏବଂ ଗୁରୁତର ଆହତଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ଯୋଗାଇ ଦିଆଯିବ। ସାମାନ୍ୟ ଆହତଙ୍କୁ ୨୦ ହଜାର ଟଙ୍କା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମସ୍ତ ଆହତଙ୍କୁ ଉପଯୁକ୍ତ ତଥା ଉନ୍ନତ ମାନର ଚିକିତ୍ସା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ଗଧ କ୍ଷୀରରୁ ପ୍ରସ୍ତୁତ ସାବୁନର ଚାହିଦା ବଢୁଛି

ଅମ୍ମାନ

ଆଜିକାଲି ବିଭିନ୍ନ ଦେଶରେ ଗଧ କ୍ଷୀରରୁ ପ୍ରସ୍ତୁତ ସାବୁନର ଚାହିଦା ବଢ଼ିବାରେ ଲାଗିଛି। ଏହି ସାବୁନରେ ଏପରି କ'ଣ ଅଛି ଯାହା ଯୁକ୍ତରାଷ୍ଟ୍ର ଆମେରିକା ସମେତ ବିଭିନ୍ନ ଦେଶର ଲୋକେ ଏହାକୁ ପସନ୍ଦ କରୁଛନ୍ତି। ଜାଣନ୍ତୁ ଏହି ଖାସ୍ ସାବୁନ ବିଷୟରେ...

ରିପୋର୍ଟ ଅନୁଯାୟୀ, ଅଚ୍ଚାନ ଡଙ୍କି ମିଲ୍କ ସୋପ ନାମକ ଏକ କମ୍ପାନୀ ମାଡାବାରେ ଥିବା ଏହାର ଫାର୍ମରେ ୧୦୦% ପ୍ରାକୃତିକ ସାବୁନ ଉତ୍ପାଦନ କରେ। ଏହାର ୧୨ଟି ଗଧ ଅଛି। ଜୋର୍ଡାନର ରାଜଧାନୀ ଅମ୍ମାନରେ ମଧ୍ୟ ଏହି କମ୍ପାନୀର ଏକ ଛୋଟ ଫ୍ୟାକ୍ଟ୍ରି ଅଛି। ଅବଶ୍ୟ ଜୋର୍ଡାନରେ



ଗଧ କ୍ଷୀରରୁ ପ୍ରସ୍ତୁତ ସାବୁନର ଚାହିଦା ଢେର ଅଧିକ। ସେହିପରି ଦୁବାଇରେ ବିଭିନ୍ନ ବ୍ରାଣ୍ଡର ଗଧ କ୍ଷୀରରୁ ପ୍ରସ୍ତୁତ ସାବୁନ ଭଲ ବିକ୍ରି ହେଉଛି। ଯେତେବେଳେ ଏହି ସାବୁନ ପ୍ରଥମେ ଜୋର୍ଡାନରେ ଲଞ୍ଚ କରାଯାଇଥିଲା ସେଠାକାର ଲୋକେ ଏହାକୁ ନେଇ ପରିହାସ କରିଥିଲେ। ତଥାପି ଏହାର ଲାଭ ସ୍ପଷ୍ଟ ହେବା ପରେ ସାବୁନର ଚାହିଦା ବୃଦ୍ଧି ପାଇଲା।

ରିପୋର୍ଟ ଅନୁଯାୟୀ, ଗଧ କ୍ଷୀର ଖଣିଜ ଏବଂ ପ୍ରୋଟିନରେ ଭରପୂର, ଯାହା ଚର୍ମକୁ ମଶ୍ଚରାଇଜ କରିବାରେ ସାହାଯ୍ୟ କରେ। ଏଥିରେ ଯଥେଷ୍ଟ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି, ଯାହା ଚର୍ମକୁ ସୂର୍ଯ୍ୟକିରଣ ଏବଂ ବାର୍ଦ୍ଧକ୍ୟ ପ୍ରଭାବରୁ ରକ୍ଷା କରେ। ପରିବେଶ କର୍ମୀ ତଥା ଅବସରପ୍ରାପ୍ତ ଶିକ୍ଷକ ଅଲ ଜୁବି କହିଛନ୍ତି, ଗବେଷଣା ତଥ୍ୟ ଅନୁଯାୟୀ ଗଧ କ୍ଷୀର ଚର୍ମ କୋଷଗୁଡ଼ିକୁ ପୁନର୍ଜୀବିତ କରିବା, ବାର୍ଦ୍ଧକ୍ୟ ପ୍ରଭାବକୁ ହ୍ରାସ କରିବା ଏବଂ ଏକ୍‌ଜିମା ଭଳି ଚର୍ମ ରୋଗକୁ ସୁସ୍ଥ କରିବାରେ ସାହାଯ୍ୟ କରେ। ଏଥିସହ ଗଧ କ୍ଷୀରର ସାବୁନ ଚର୍ମର ଆର୍ଦ୍ରତା ସ୍ତରକୁ ସନ୍ତୁଳିତ କରେ, କୁଞ୍ଚନ, ଦାଗ ଏବଂ ବ୍ରଣ ହ୍ରାସ କରିବାରେ ସହାୟତା କରିଥାଏ ବୋଲି ଜୁବି ସୂଚିତ କରିଛନ୍ତି।

ଏଭଳି ସାବୁନ ପ୍ରସ୍ତୁତ ପାଇଁ ଗଧ କ୍ଷୀରକୁ ବାଦାମ ତେଲ ଏବଂ ନଡ଼ିଆ ତେଲ ସହିତ ମିଶ୍ରଣ କରାଯାଏ। ଅବଶ୍ୟ ଗଧ କ୍ଷୀରରୁ ପ୍ରସ୍ତୁତ ସାବୁନ ମଧ୍ୟ ଉଚ୍ଚ ଦାମ୍‌ରେ ମିଳେ। ଅନେକ ଅନ୍‌ଲାଇନ୍ ଶପିଂ ପ୍ଲାଟ୍‌ଫର୍ମରେ ଗୋଟିଏ ସାବୁନର ମୂଲ୍ୟ ୨୫ ଦିନାରରୁ ୯୯ ଦିନାର (୬୦୦ରୁ ୨୫୦୦ ଟଙ୍କା) ମଧ୍ୟରେ ହୋଇଥାଏ।

### ଫୁରସତ୍

## 'ରାଓ୍ୱଡି ରାଠୋର ୨'ରେ ନାହାନ୍ତି ଅକ୍ଷୟ

ମୁମ୍ବାଇ

ବଲିଉଡ୍‌ରେ ଆକ୍ସନ, ମନୋରଞ୍ଜନର ସମିଶ୍ରଣ ହେଉଛନ୍ତି ଅକ୍ଷୟ କୁମାର। ସେ ଅନେକ ବ୍ଲକବଷ୍ଟର ଫିଲ୍ମ ଭେଟି ଦେଇଛନ୍ତି। ତାଙ୍କର ସବୁଠୁ ପ୍ରଶଂସିତ ଫିଲ୍ମ ମଧ୍ୟରୁ ଗୋଟିଏ ଥିଲା 'ରାଓ୍ୱଡି ରାଠୋର'। ୨୦୧୨ରେ ଏହା ମୁକ୍ତିଲାଭ କରିଥିଲା। ଏହା କେବଳ ବକ୍ସ ଅଫିସରେ ଧମାକା କରିଥିଲା, ତା' ନୁହେଁ ବରଂ ଅକ୍ଷୟ କୁମାରଙ୍କ କ୍ୟାରିୟରକୁ ନୂତନ ଶିଖରରେ ପହଞ୍ଚାଇଥିଲା।

ପ୍ରଭୁଦେବାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୨୦୦୬ ତେଲୁଗୁ ସୁପରହିଟ ଦକ୍ଷିଣ ଭାରତୀୟ ଫିଲ୍ମ 'ବିକ୍ରମାର୍କୁଡୁ'ର ହିନ୍ଦୀ ରିମେକ ଥିଲା। ଆଶ୍ଚର୍ଯ୍ୟର କଥା ହେଉଛି, 'ରାଓ୍ୱଡି ରାଠୋର' କେବଳ ଥରେ ନୁହେଁ, ଗତ ୭ ବର୍ଷ ମଧ୍ୟରେ ପାଞ୍ଚ ଥର ବିଭିନ୍ନ ଭାଷାରେ ପୁନର୍ନିର୍ମାଣ କରାଯାଇଛି। ପ୍ରତ୍ୟେକ ଥର କାହାଣୀ ସମାନ ରହିଛି, କିନ୍ତୁ ଅକ୍ଷୟ କୁମାର ଅଭିନୀତ ହିନ୍ଦୀ ସଂସ୍କରଣ ସର୍ବାଧିକ ଧମାଲ କରିଥିଲା। ଫିଲ୍ମଟି ୧୦୦ କୋଟି ଟଙ୍କାରୁ ଅଧିକ ଆୟ କରିଥିଲା। ଅକ୍ଷୟଙ୍କ ବିପକ୍ଷରେ ସୋନାକ୍ଷୀ ସିହ୍ନା ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

'ରାଓ୍ୱଡି ରାଠୋର ୨' ଉପରେ ମଧ୍ୟ କାମ ଆରମ୍ଭ ହୋଇଛି। ଏହି ଫିଲ୍ମରୁ ଅକ୍ଷୟ କୁମାରଙ୍କ ପତ୍ତା କଟିଛି। କୁହାଯାଉଛି ଯେ, ସଞ୍ଜୟ ଲୀଳା ଭଂସାଲୀ ଫିଲ୍ମର ସିକ୍ୱେଲ ପାଇଁ ଜଣେ ଷ୍ଟାରଙ୍କୁ କାଷ୍ଟ କରିବାକୁ ଚାହୁଁଛନ୍ତି। ଫିଲ୍ମରେ ଅକ୍ଷୟ କୁମାରଙ୍କ ସ୍ଥାନରେ କିଏ ରହିବ ତାହାର ନାମ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ତଥାପି, ସିକ୍ୱେଲ ଖବର ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି।



ଅକ୍ଷୟ କୁମାର

ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୨/୨୦୨୫ | Bhubaneswar, Wednesday, November 12/2025 | ପୃଷ୍ଠା-୧



କଟକ ଐତିହାସିକ ବାଲିଯାତ୍ରା ପଡ଼ିଆ ନିକଟସ୍ଥ ମହାନଦୀ ଗଡ଼ଗଡ଼ିଆ ଘାଟରେ ବୋଟିଂ ରେସ୍ ଏବଂ ଜଳକ୍ରୀଡ଼ା କୌଶଳ ପ୍ରଦର୍ଶନ କରାଯାଉଛି। **(ଫଟୋ: ରାଜକିଶୋର ମହାନ୍ତି)**

# ନୂଆପଡ଼ାରେ ୮୧.୪୫% ମତଦାନ

## ୨ ପ୍ରିଜାଇଡିଂ ଅଫିସର ନିଲମ୍ବିତ

**ଭୁବନେଶ୍ୱର/ନୂଆପଡ଼ା,୧୧।୧୧ (ରବିନାରାୟଣ ଜେନା/ମକାରୁ ବେମାଲ)**

ନୂଆପଡ଼ା ଉପନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ମଙ୍ଗଳବାର ଶେଷ ହୋଇଛି। ସମ୍ବେଦନଶୀଳ ଏବଂ ସଖୀ ବୁଥ୍ ସମେତ ନିର୍ବାଚନମଣ୍ଡଳୀର ସମସ୍ତ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ମତଦାନ ହୋଇଛି। ୮୧.୪୫ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍. ସନ୍ଥ ଗୋପାଳନ୍ କହିଛନ୍ତି।

ସିଇଓ ଖବରଦାତା ସମ୍ମିଳନୀରେ କହିଛନ୍ତି, ନୂଆପଡ଼ାରେ ମୁକ୍ତ, ନିରପେକ୍ଷ ଏବଂ ସ୍ୱଚ୍ଛ ଉପନିର୍ବାଚନ ସୁନିଶ୍ଚିତ କରିବା ପାଇଁ ସିସିଟିଭି ମାଧ୍ୟମରେ ମତଦାନ ପ୍ରକ୍ରିୟାର ନିରନ୍ତର ତଦାରଖ କରାଯାଇଥିଲା। ନୂଆପଡ଼ାରେ ୧ଲକ୍ଷ ୨୪ହଜାର ୫୪୪ ପୁରୁଷ ଭୋଟରଙ୍କ ମଧ୍ୟରୁ ୮୧.୧୭% ଭୋଟ ଦେଇଥିବାବେଳେ ୧ଲକ୍ଷ ୨୯ହଜାର ୯୩୨ ମହିଳାଙ୍କ ମଧ୍ୟରୁ ୭୬.୯୬ ପ୍ରତିଶତ ମହିଳା ଭୋଟ ଦେଇଛନ୍ତି। ସମୁଦାୟ ୨ଲକ୍ଷ ୫୪ହଜାର ୪୯୭ ମତଦାତାଙ୍କ ମଧ୍ୟରୁ ୭୯.୦୨% ମତଦାନ ହୋଇଛି। ସେ କହିଥିଲେ ଯେ, ଏହି ମତଦାନ ବେଳେ ଦୁଇଟି ସ୍ଥାନରେ ଗୁପ୍ତ ତଥ୍ୟ ପ୍ରଘଟ କରିବା ଅଭିଯୋଗରେ ଦୁଇଜଣ ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ବୁଥ୍ ନମ୍ବର ୩୬ କୁଲିଆବନ୍ଧାରେ ନିୟୋଜିତ ପ୍ରିଜାଇଡିଂ ଅଫିସର ତଥା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟର ଟିଜିଟି ଶିକ୍ଷକ ଧନଞ୍ଜୟ ମଲ୍ଲିକ ଏବଂ ବୁଥ୍ ନମ୍ବର ୪୬ ବିରୋମାଲରେ ଦ୍ୱିତୀୟ ପ୍ରିଜାଇଡିଂ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ମୁସଲମାନଙ୍କୁ ଆହ୍ୱାନ**

# ପାନୀୟ ଜଳ: ୧୭ ଠିକାଦାରଙ୍କ ହାତରେ ୩୫,୦୦୦ କୋଟିର ପ୍ରକଳ୍ପ

**ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ପୂର୍ବ ସରକାର ଅମଳରେ ୨୦୭ ପ୍ରକଳ୍ପ ହାତକୁ ନିଆଯାଇଥିଲା। ସେଥିରୁ ମାତ୍ର ୨୩ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି। ତେବେ ବୈଷୟିକ ତ୍ରୁଟି ଯୋଗୁ ଉକ୍ତ ପ୍ରକଳ୍ପଗୁଡ଼ିକରୁ ଲୋକେ ଏ ପର୍ଯ୍ୟନ୍ତ ପିଇବା ପାଣି ପାଇପାରୁନାହାନ୍ତି। ଦାୟିତ୍ୱ ନେଇଥିବା ଠିକାଦାରମାନଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ପ୍ରକଳ୍ପଗୁଡ଼ିକ ଅଧାପନ୍ତରିଆ ଭାବେ ପଡ଼ିରହିଛି। ୧୭ ଜଣ ଠିକାଦାର ନେଇଥିବା ୩୫,୦୦୦ କୋଟି ଟଙ୍କାର ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିଲେ ୩୨,୦୦୦ ଗାଁର ଲୋକେ ବିଶୁଦ୍ଧ ପାଣି ପାଇପାରନ୍ତେ ବୋଲି ମଙ୍ଗଳବାର ଅନୁଷ୍ଠିତ ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକରୁ ଜଣାପଡ଼ିଛି।**



**ଚାହିଁ ରହିଛନ୍ତି ୩୨,୦୦୦ ଗାଁର ଲୋକେ**

**ଭୁବନେଶ୍ୱର,୧୧।୧୧ (ରବିନାରାୟଣ ଜେନା)**

ଓଡ଼ିଶାବାସୀଙ୍କୁ କିଭଳି ବିଶୁଦ୍ଧ ପାନୀୟଜଳ ହାତପାଆନ୍ତାରେ ମିଳିବ ସେନେଇ ରାଜ୍ୟ ସରକାରଙ୍କ ନିଦ ନାହିଁ। ପାଣି ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହିତ 'ମିଶନ ପାୱାର'କୁ ତ୍ୱରିତ କାର୍ଯ୍ୟକାରୀ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ମଙ୍ଗଳବାର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିବାବେଳେ ଅପରାହ୍ନରେ ବିଧାନସଭାରେ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଛି। ହେଲେ ବୈଠକରୁ ବାସ୍ତବ ସ୍ଥିତି ଯାହା ଲୋକଲୋଚନକୁ ଆସିଛି, ତାହା ଅତ୍ୟନ୍ତ ଚିନ୍ତାର ବିଷୟ। କେତେଜଣ ଠିକାଦାରଙ୍କ ହାତରେ ରହିଛି ରାଜ୍ୟବାସୀଙ୍କ ପାଣିର ଚାବିକାଠି। ଫଳରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଠିକ୍ ସମୟରେ ଶେଷହେଉନାହିଁ କି ଲୋକଙ୍କୁ ପାଣି ଟୋପେ ମିଳିପାରୁନାହିଁ। ଏଭଳି ସାଂଘାତିକ ସତ୍ୟ ବିଧାନସଭା ଷ୍ଟାଣ୍ଡିଂ କମିଟି-୯ ବୈଠକରୁ ଜଣାପଡ଼ିଛି। ବୈଠକର ନିଷ୍ପତ୍ତିକ୍ରମେ ଅତିରିକ୍ତ ବଜେଟ ଅଧିବେଶନ ପରେ ପ୍ରତି ପାନୀୟଜଳ ପ୍ରକଳ୍ପକୁ ତଦାରଖ କରାଯିବ। ଯେଉଁ ଠିକାଦାର କାର୍ଯ୍ୟରେ ଅବହେଳା କରିଥିବେ କିମ୍ବା ବାହାନାବାଜି କରୁଥିବେ, ସେମାନଙ୍କ ବିରୋଧରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ପାଇଁ ସରକାରଙ୍କୁ ସୁପାରିସ କରାଯିବ ବୋଲି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ତଥା ବିଧାୟକ ସନାତନ ବିଜୁଳି କହିଛନ୍ତି।

ବୈଠକ ପରେ ବିଧାୟକ ସନାତନ କହିଛନ୍ତି, ରାଜ୍ୟରେ ୩୨ ହଜାର ଗ୍ରାମକୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୧୭ଜଣ ଠିକାଦାରଙ୍କୁ ୩୫ ହଜାର କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ପ୍ରଦାନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଯେଉଁ ତଥ୍ୟ କମିଟି ସମ୍ମୁଖକୁ ଆସିଛି ତାହା ଅତ୍ୟନ୍ତ ସାଂଘାତିକ। ଠିକାଦାରମାନେ ମନମୁଖୀ କାର୍ଯ୍ୟ କରୁଛନ୍ତି। ଫଳରେ ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ଭିତରେ ଶେଷହେବା ନେଇ ସନ୍ଦେହ ଉପୁଜିଛି। ସେ ଆହୁରି କହିଛନ୍ତି, ଗଞ୍ଜାମ ଜିଲା ଭଞ୍ଜନଗରର ୧୧ଟି ବ୍ଲକ୍‌ର ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ରାଜ୍ୟ ସରକାର ଏଲ୍ଆଣ୍ଡଟିକୁ ପ୍ରକଳ୍ପ କାର୍ଯ୍ୟ ଦୀର୍ଘଦିନ ତଳେ ଦେଇଥିଲେ। ସେତେବେଳ ପ୍ରକଳ୍ପର ମୂଲ୍ୟ ଥିଲା ୧୫୦୦ କୋଟି ଟଙ୍କା। ହେଲେ ଅଦ୍ୟାବଧି ପ୍ରକଳ୍ପ କାର୍ଯ୍ୟ ଯେଉଁ ପରିମାଣରେ ଶେଷ ହେବାକଥା ତାହା ହୋଇନାହିଁ। ☞ପୃଷ୍ଠା-୨

# ବିହାର: ଏକ୍‌ଜିଟ୍ ପୋଲ୍‌ରେ ଏନ୍‌ଡିଏ

**ବିହାର ବିଧାନସଭା ନିର୍ବାଚନରେ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ବଡ଼ ସଫଳତା ମିଳିପାରେ। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତୃତ୍ୱାଧୀନ ମହାମେଣ୍ଟର କ୍ଷମତା ଆଶା ପୂରଣ ହୋଇ ନ ପାରେ। ସେହିପରି ନିର୍ବାଚନ ରଣନୀତିକାରରୁ ରାଜନେତା ସାଜିଥିବା ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟି (ଜେଏସ୍‌ପି) ମାତ୍ର ଗୋଟିଏ ଆସନରେ ସୀମିତ ରହିପାରେ ବୋଲି ବିଭିନ୍ନ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଭବିଷ୍ୟବାଣୀ କରାଯାଇଛି। ତେବେ ଏକ୍‌ଜିଟ୍ ପୋଲ୍ ସବୁବେଳେ ଏକ୍‌ଜାଟ୍ ପୋଲ୍ ହୋଇ ନ ଥାଏ, ଯାହାକି ୨୦୨୪ ହରିୟାଣା ବିଧାନସଭା ସମେତ ପୂର୍ବର ଅନେକ ନିର୍ବାଚନରେ ମଧ୍ୟ ଦେଖିବାକୁ ମିଳିଥିଲା। ତେଣୁ ଏକ୍‌ଜିଟ୍ ପୋଲ୍ ଆକଳନର ସତ୍ୟାସତ୍ୟ ଆସନ୍ତା ୧୪ରେ ଭୋଟ ଗଣତି ପରେ ସ୍ପଷ୍ଟ ହେବ।**

**ବିହାର ବିଧାନସଭା ମୋଟ ଆସନ: ୨୪୩**

| ସର୍ଭେ ସଂସ୍ଥା | ଏନ୍‌ଡିଏ | ମହାମେଣ୍ଟ | ଜେଏସ୍‌ପି | ଅନ୍ୟ |
|---|---|---|---|---|
| ଚାଣକ୍ୟ | ୧୩୦-୧୩୮ | ୧୦୦-୧୦୮ | ୦-୦ | ୩-୫ |
| ଦୈନିକ ଭାସ୍କର | ୧୪୫-୧୬୦ | ୭୩-୯୧ | ୦-୩ | ୫-୭ |
| ଜେଭିସି | ୧୩୫-୧୬୭ | ୮୮-୧୦୩ | ୦-୧ | ୩-୬ |
| ମାଟ୍ରିଜ୍ | ୧୪୭-୧୬୭ | ୭୦-୯୦ | ୦-୨ | ୨-୮ |
| ପି-ମାର୍କ | ୧୪୨-୧୬୨ | ୮୦-୯୮ | ୧-୪ | ୦-୮ |
| ମୋଟ | ୧୪୬ | ୯୦ | ୧ | ୬ |

**ନୂଆଦିଲ୍ଲୀ,୧୧।୧୧(ପି.ଟି./ଏଜେନ୍ସି)**

ବିହାର ବିଧାନସଭାର ମୋଟ ଆସନ ସଂଖ୍ୟା ୨୪୩। ସରକାର ଗଠନ ପାଇଁ ୧୨୨ ବିଧାୟକଙ୍କ ସମର୍ଥନ ଆବଶ୍ୟକ। ନଭେମ୍ବର ୬ରେ ୧୨୧ ଆସନରେ ଭୋଟ ଗ୍ରହଣ କରାଯାଇଥିବାବେଳେ ମଙ୍ଗଳବାର ଅବଶିଷ୍ଟ ୧୨୨ ଆସନରେ ମତଦାନ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୬୮.୭୯% ଭୋଟ ଗ୍ରହଣ କରାଯାଇଛି। ଉଭୟ ପର୍ଯ୍ୟାୟରେ ହାରାହାରି ୬୬.୯୧% ମତଦାତା ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଥିବା ନିର୍ବାଚନ କମିଶନ(ଇସି)ଙ୍କ ସୂତ୍ରରୁ ପ୍ରକାଶ। ମଙ୍ଗଳବାର ସନ୍ଧ୍ୟା ୬ଟାରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷରେ ବୁଥ୍ ଫେରନ୍ତା ଭୋଟରଙ୍କ ମତାମତ ସଂଗ୍ରହ କରାଯାଇଛି। ତଦନୁସାରେ ଶାସକ ଏନ୍‌ଡିଏକୁ ଏକକ ସଂଖ୍ୟାଗରିଷ୍ଠତା ସହ ୧୪୬ ଆସନରେ ସଫଳତା ମିଳିବ। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ପୁଣି ଥରେ କ୍ଷମତାସୀନ ହୋଇପାରନ୍ତି। ମାଟ୍ରିଜ୍ ଏକ୍‌ଜିଟ୍ ପୋଲ୍ ଅନୁସାରେ ଏନ୍‌ଡିଏ ୧୪୭ରୁ ୧୬୭ ଆସନ ଦଖଲ କରିପାରେ। ବିରୋଧୀ ମହାମେଣ୍ଟକୁ ୭୦-୯୦ ଆସନରେ ସଫଳତା ମିଳିପାରେ। ଜନ ସୁରାଜ ପାର୍ଟି ୦-୨ ନିର୍ବାଚନମଣ୍ଡଳୀରେ ସୀମିତ ରହିପାରେ। ସେହିପରି ଦୈନିକ ଭାସ୍କରର ଆକଳନ ହେଉଛି ଏନ୍‌ଡିଏ ୧୪୫ରୁ ୧୬୦ ଆସନ ଦଖଲ କରି ପୁନର୍ବାର ସରକାର ଗଠନ ଦିଗରେ ଅଗ୍ରସର ହେବ। ମହାମେଣ୍ଟକୁ ୭୩-୯୧ରେ ସନ୍ତୁଷ୍ଟ ☞ପୃଷ୍ଠା-୨

# ପୁଲ୍‌ୱାମା ଡାକ୍ତର ଚଳାଉଥିଲେ କାର୍

**ଲାଲ୍‌କିଲ୍ଲା ବିସ୍ଫୋରଣ: ତଦନ୍ତ ଦାୟିତ୍ୱ ନେଲା ଏନ୍‌ଆଇଏ**



ଡା. ଉମର ଉନ୍ ନବୀ

**ନୂଆଦିଲ୍ଲୀ/ଶ୍ରୀନଗର,୧୧।୧୧**

ଦିଲ୍ଲୀ ଲାଲ୍‌କିଲ୍ଲାରେ ସୋମବାର ସନ୍ଧ୍ୟାରେ ଘଟିଥିବା ବିସ୍ଫୋରଣଜନିତ ମୃତ୍ୟୁସଂଖ୍ୟା ୧୩ରେ ପହଞ୍ଚିଛି। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ସନ୍ଦେହରେ ପୋଲିସ ତଦନ୍ତ ଚଳାଇଥିବାବେଳେ ମଙ୍ଗଳବାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତଦନ୍ତ ଭାର ହାତକୁ ନେଇଛି। ବିସ୍ଫୋରଣ ହୋଇଥିବା କାର୍‌କୁ ପୁଲ୍‌ୱାମାର ଡାକ୍ତର ଉମର ଉନ୍ ନବୀ ଚଳାଉଥିଲେ। ଫରିଦାବାଦରୁ ବିପୁଳ ପରିମାଣର ବିସ୍ଫୋରଣ ଜବତ ହେବା ପରେ ☞ପୃଷ୍ଠା-୨

## ଇସ୍‌ଲାମାବାଦ କୋର୍ଟ ବାହାରେ ଆକ୍ରମଣ: ୧୨ ମୃତ

**ଇସ୍‌ଲାମାବାଦ,୧୧।୧୧(ପି.ଟି.)**

ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦର ଏକ କୋର୍ଟ ବାହାରେ ପୋଲିସ ଗାଡ଼ି ନିକଟରେ ମଙ୍ଗଳବାର ଅପରାହ୍ନରେ ଆତ୍ମଘାତୀ ବିସ୍ଫୋରଣ ହୋଇଛି। ଏଥିରେ ଅନ୍ୟୂନ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ୩୬ ଆହତ ହୋଇଥିବା ପାକ୍ ଗୃହମନ୍ତ୍ରୀ ମୋହସିନ୍ ନକ୍‌ଭି କହିଛନ୍ତି। ଘଟଣାସ୍ଥଳ ପରିଦର୍ଶନ କରିଥିବା ନକ୍‌ଭି କହିଛନ୍ତି, ଆକ୍ରମଣକାରୀ କୋର୍ଟ କମ୍ପ୍ଲେକ୍ସ ମଧ୍ୟରେ ପ୍ରବେଶ କରିବାକୁ ଚାହୁଁଥିଲେ। ଏଥିରେ ବିଫଳ ହେବା ପରେ ସେ ଜି-୧୧ ଅଞ୍ଚଳରେ ଥିବା ବିଲ୍ଡିଂ ଗେଟ୍ ନିକଟରେ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ। ଇସ୍‌ଲାମାବାଦ ଜିଲା ନ୍ୟାୟିକ କୋର୍ଟ ☞ପୃଷ୍ଠା-୨



AUTHORIZED NISSAN DEALERS: ORISSA: BHUBANESWAR: JAHNAVI NISSAN- 9619894553, JHARKHAND: RANCHI: ORMANJHI TITAN NISSAN- 8291043571, MAIN ROAD: TITAN NISSAN- 8291049031, DALTONGANJ: TITAN NISSAN- 8291066475, HAZARIBAGH: TITAN NISSAN- 8291067631, JAMSHEDPUR: BHALOTIA NISSAN- 7008408186, BIHAR: PATNA: ICON NISSAN- 9262996602, MUZAFFARPUR: GOBERDHAN NISSAN- 8291047950.
*Terms & conditions apply: The scheme/benefits mentioned are applicable on select vehicles/variants invoiced on or before 30th November 2025 or till stocks last. All prices ex-showroom Delhi. Features may vary from variant to variant. Colours, models and variant are indicative and for depiction only and may vary due to printing constraints. Accessories shown may not be part of standard fitment. Please visit your nearest Nissan dealer for more information. Finance at sole discretion of NRFSI. *Segment refers to B-SUV models with Length <4m. †Standard warranty 3 year or 100k km whichever comes first and can be extended to 10 years 200K on additional cost. ^Offer applicable on Nissan Magnite only and customer needs to provide certificate of deposit. #Government approved CNG Kit fully developed, manufactured & Quality assured by a 3rd Party. CNG kit warranty & any other related terms & conditions are applicable as specified by third party.®GNCAP rating for Nissan Magnite published in 2025 - 5 Star for Adult Safety and 3 Star for Child Safety rating from VIN: MDHFBADD0Z0037139. Detailed report available on website: www.globalncap.org/indiaresults.
TBWA\39511025
NISSAN FINANCE

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଦିବ୍ୟଦିଗନ୍ତ ଅନୁଷ୍ଠାନ ପକ୍ଷରୁ ଔଷଧୀୟ ବୃକ୍ଷ ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ ପ୍ରଦର୍ଶନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସୁରଭି : ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା।
- ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଉତ୍ସବ, ସ୍ଥାନ: ଆଦିବାସୀ ପଡ଼ିଆ, ୟୁନିଟ୍-୧, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ୫ମ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ, ସ୍ଥାନ: ହୋଟେଲ ଲେମନ୍ ଟ୍ରି ପ୍ରିମିୟର୍, ସମୟ: ପୂର୍ବାହ୍ନ ୧୦ଟା ୧୫।

**ପୁରୀ**
- ରାସ୍ତା ନିର୍ମାଣ ଦାବିରେ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ କାର୍ଯ୍ୟକ୍ରମ, ସ୍ଥାନ: ମାଟିଆପଡ଼ା ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମନ୍ଦିର ଭକ୍ତ ନିବାସ କର୍ମଚାରୀ ସଂଘ ପକ୍ଷରୁ ଧାରଣା, ସ୍ଥାନ: ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀମନ୍ଦିରକୁ ସ୍ଥାନୀୟ ଲୋକଙ୍କ ପ୍ରବେଶ ଅନୁମତି ଦାବିରେ ବୈଠକ, ସ୍ଥାନ: ନାୟକ ପ୍ଲାଜା ସମ୍ମିଳନୀ ଗୃହ, ସମୟ: ଅପରାହ୍ନ ୫ଟା।
- ହୃଦୟରେ କଳାକାର କାର୍ଯ୍ୟକ୍ରମ, ସ୍ଥାନ: ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ମା' ବଣାଶୁଣି ପୀଠରେ ବାର୍ଷିକ ଯଜ୍ଞ, ସ୍ଥାନ: ବଣା, ସିମୁଳିଆ, ସମୟ: ସକାଳ ୮ଟା।
- ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ବାଲିଆପାଳ ନୂଆ ବସଷ୍ଟାଣ୍ଡ ପାଖ ନେତାଜୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଅମୃତକାଳ ସାଂସ୍କୃତିକ ସମାରୋହ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ବ୍ରହ୍ମପୁର ଡାଙ୍ଗୁଆସାହି, ଭଦ୍ରକ, ସମୟ: ସକାଳ ୮ଟା।
- ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତିହିଡ଼ି ଥାନା, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ମହୋତ୍ସବ 'ସର୍ଗିଫୁଲ', ସ୍ଥାନ: ଦହପାଣିଆ ସରକାରୀ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ଯୋଡ଼ାସ୍ଥିତ ବନେଇକଳା ଖେଳ ପଡ଼ିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ଯୋଡ଼ା, ସମୟ: ସକାଳ ୮ ଟା ୪୫।
- ସ୍ମୃତି ସଭା ଏବଂ ଭଜନ, ନାମ ସଂକୀର୍ତ୍ତନ, ସ୍ଥାନ: ଜଳକଳଙ୍ଗ, ହାଟଡ଼ିହୀ ବ୍ଲକ୍, ସମୟ : ସନ୍ଧ୍ୟା ୫ ଟା।
- ସାଇବାବାଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଆଧାତ୍ମିକ ଆଲୋଚନା ଏବଂ ଭଜନ ସମ୍ମିଳନୀ, ସ୍ଥାନ: ଡ଼ଅଁର, ହାଟଡିହୀ, ସମୟ: ସନ୍ଧ୍ୟା ୬ଟା।
- ରକ୍ତଦାନ ଶିବିର, ସ୍ଥାନ: ମରୈଗାଁ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।

**ମୟୂରଭଞ୍ଜ**
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲି ଲାଇବ୍ରେରୀ, ବାରିପଦା,ସମୟ: ସନ୍ଧ୍ୟା ୬ଟା ୩୦।
- ସିନିଅର ଡ୍ୟାନ୍ସ ଗ୍ରୁପର ଫାଇନାଲ କାର୍ଯ୍ୟକ୍ରମ,ସ୍ଥାନ: ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ବ୍ରହ୍ମାକୁମାରୀସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶାନ୍ତିକୁଣ୍ଡ, ଗିରିରୋଡ,ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷାଙ୍କ ଗସ୍ତ, ସ୍ଥାନ: ଉତ୍କଳ ବାଳାଶ୍ରମ, ସମୟ: ପୂର୍ବାହ୍ନ ୧୧ଟା ୩୦।

**ଅନୁଗୋଳ**
- ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଛେଣ୍ଡିପଦା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।

**ଜଗତ୍‌ସିଂହପୁର**
- ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ସଙ୍ଗଠନ ପକ୍ଷରୁ କଳିଙ୍ଗ ବାଲିଯାତ୍ରା ପଡ଼ିଆରେ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବତିଘର ପାଖ ବେଳାଭୂମି, ପାରାଦୀପ, ସମୟ: ସକାଳ ୭ଟା।
- ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମରେ ପ୍ରଥମାଷ୍ଟମୀ ଉତ୍ସବ, ସ୍ଥାନ: ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।

**କେନ୍ଦ୍ରାପଡ଼ା**
- ରାଜସ୍ୱ ସମ୍ପର୍କିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ଅଶ୍ରୁଖୋଲା ପ୍ରକଳ୍ପ ଜମି ଅଧିଗ୍ରହଣ ପାଇଁ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ବନ୍ତଳା, ଗରଦପୁର, ସମୟ: ପୂର୍ବାହ୍ନ ୧୧ଟା ; ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ପଳସୁଧା, ଗରଦପୁର, ସମୟ: ଅପରାହ୍ନ ୩ଟା।
- ଗ୍ରାମବାସୀଙ୍କ ପକ୍ଷରୁ ଅକାଳବାଧକ ମା' ମନସା ଦେବୀଙ୍କ ପୂଜାସ୍ତୋବ, ସ୍ଥାନ: ପିତାପଲ୍ଲୀ, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀସିଦ୍ଧ ମହାପୁରୁଷ ଭୋଳିବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ବେଲତଳ, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଯାଜପୁର ରୋଡ ଚୋରଦା ବାଇପାସସ୍ଥିତ ତାରଣୀ ମନ୍ଦିରରେ ଅଷ୍ଟମୀ ଉପଲକ୍ଷେ ମା'ଙ୍କ ବଡ ସିଂହାର ବେଶ, ସ୍ଥାନ : ମନ୍ଦିର ପରିସର, ସମୟ : ସକାଳ ୭ଟା।

**ନୟାଗଡ଼**
- ରଙ୍ଗୋଲି ଓ ପୋଷ୍ଟରିଂ ପ୍ରତିଯୋଗିତା, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର ନିକଟ, ସମୟ: ସକାଳ ୮ଟା।
- ପ୍ରଥମାଷ୍ଟମୀ ପର୍ବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୯ଟା।
- ଜିଲା ପରିଷଦ ବୈଠକ, ସ୍ଥାନ: ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ବ୍ରଜେନ୍ଦ୍ର ହାଇସ୍କୁଲ, ନୟାଗଡ଼, ସମୟ:ପୂର୍ବାହ୍ନ ୧୧ଟା।

**ରାୟଗଡ଼ା**
- ନାଗାବଳୀ ଲାୟନ୍ସ କ୍ଲବ ପକ୍ଷରୁ ମାଗଣା ମଧୁମେହ ଓ ରକ୍ତଚାପ ଚିହ୍ନଟ ଶିବିର, ସ୍ଥାନ: ଗୁରୁମଗୁଡା, ରାୟଗଡ଼ା, ସମୟ: ସକାଳ ୮ଟା।
- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଖିଲାମଣ୍ଡା ଆରଏମସି, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ପାନାବେଡା ହାଇସ୍କୁଲ ପଡିଆ, ଚନ୍ଦାହାଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।
- ସାହିତ୍ୟିକ ଭାଗିରଥି ପାତ୍ରଙ୍କ ୮୭ ତମ ଜୟନ୍ତୀ ସମାରୋହ, ସ୍ଥାନ : ଆରସିଡି ହାଇସ୍କୁଲ, ନବରଙ୍ଗପୁର, ସମୟ: ସନ୍ଧ୍ୟା ୬ ଟା।

**କୋରାପୁଟ**
- ଜିଲାସ୍ତରୀୟ ପରବ ମଶାଲ ଶୁଭାରମ୍ଭ, ସ୍ଥାନ: କୁଟୁଣୀ ପଦର, କୁନ୍ଦୁରା ବ୍ଲକ, ସମୟ: ସକାଳ ୭ଟା ୩୦।
- ଜିଲାସ୍ତରୀୟ ଲୋକ ମହୋତ୍ସବ ପରବ ଉଦ୍‌ଘାଟନ, ସ୍ଥାନ: କୁସୁମଗୁଡ଼ା ପଞ୍ଚାୟତ କୁଟୁଣୀପଦର ଶୈବପୀଠ, ଲକ୍ଷ୍ମୀପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ରଙ୍ଗୋଲି ଆୟୋଜିତ ଭଏସ ଅଫ ପଶ୍ଚିମ ଓଡ଼ିଶା କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୪ଟା।

**ବଲାଙ୍ଗୀର**
- ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ବଲାଙ୍ଗୀର ଜିଲା ଗସ୍ତ, ସ୍ଥାନ: ଆକସ୍ମିକ କ୍ଷେତ୍ର ପରିଦର୍ଶନ, ଟୁରେକେଲା ବ୍ଲକ, ସମୟ: ସକାଳ ୬ଟା ୩୦।
- ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ଟୁରେକେଲା ବ୍ଲକସ୍ତରୀୟ ସମୀକ୍ଷା ବୈଠକ,ସ୍ଥାନ: ଟୁରେକେଲା ବ୍ଲକ କାର୍ଯ୍ୟାଳୟ, ଟୁରେକେଲା, ବଲାଙ୍ଗୀର ଜିଲା, ସମୟ: ଅପରାହ୍ନ ୩ଟା।

**ରାଉରକେଲା**
- ଜାତୀୟ ଇଏମ୍‌ଆର୍‌ଏସ୍ କ୍ରୀଡା ସମାବେଶର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ମ୍ୟୁନିସିପାଲ କଲେଜରେ ମାନବିକତା ଶୀର୍ଷକ ଜାତୀୟ ସମ୍ପାନର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।

**ବରଗଡ଼**
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: କ୍ରିଷ୍ଣା ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ସହରାଞ୍ଚଳ ବିକାଶ ଉପରେ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମହାବୀର ମହୋତ୍ସବ ଉପଲକ୍ଷେ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

**ଦେବଗଡ଼**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ତିଲେଇବଣି ବ୍ଲକ ହାଇସ୍କୁଲ ଖେଳପଡ଼ିଆ, ସମୟ: ସକାଳ ୯ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ତରଭା ଥାନା ପକ୍ଷରୁ ମେଗା ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତରଭା ବାଳକ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

# ଡାଭିଡ୍ ଜାଲେଙ୍କୁ ବୁକର୍

**ଲଣ୍ଡନ୍,୧୧।୧୧**



ହଙ୍ଗେରୀୟ-ବ୍ରିଟିଶ୍ ଲେଖକ ଡାଭିଡ୍ ଜାଲେ ଭାରତୀୟ ଔପନ୍ୟାସିକା କିରନ୍ ଦେଶାଇଙ୍କୁ ପଛରେ ପକାଇ ୨୦୨୫ ବୁକର୍ ପୁରସ୍କାର ବିଜୟୀ ହୋଇଛନ୍ତି। ଲୋକପ୍ରିୟ ଉପନ୍ୟାସ 'ଫ୍ଲେସ୍' ପାଇଁ ତାଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯାଇଛି। ଲଣ୍ଡନର ଓଲ୍ଡ ବିଲିଙ୍ଗସଗେଟ୍‌ରେ ୫୧ ବର୍ଷୀୟ ଜାଲେ ଗତବର୍ଷର ବୁକର୍ ବିଜେତା ସାମନ୍ଥା ହାର୍ଭେଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ବାବଦକୁ ତାଙ୍କୁ ୫୦,୦୦୦ ପାଉଣ୍ଡ (ପ୍ରାୟ ୬୬,୦୦୦ ଆମେରିକୀୟ ଡଲାର) ପ୍ରଦାନ କରାଯାଇଛି। 'ଫ୍ଲେସ୍' ଉପନ୍ୟାସର କାହାଣୀ ଏଭଳି ଜଣେ କର୍ମଜୀବୀ ହଙ୍ଗେରୀୟଙ୍କ ଜୀବନ ଉପରେ ଆଧାରିତ, ଯିଏକି ପରବର୍ତ୍ତୀ ସମୟରେ ବ୍ରିଟେନ୍‌ରେ ବିପୁଳ ସମ୍ପତ୍ତିର ଅଧିକାରୀ ହୋଇପାରିଛନ୍ତି। ଆକାଂକ୍ଷା ଓ ପତନର ଫେଣ୍ଟାଫେଣ୍ଟି କଥାବସ୍ତୁକୁ ନେଇ ଏହି କାହାଣୀ ଗତିଶୀଳ ହୋଇଛି। ତେବେ ବୁକର୍ ପୁରସ୍କାର ଲାଭ କରିବାରେ ଜାଲେ ହେଉଛନ୍ତି ପ୍ରଥମ ହଙ୍ଗେରୀୟ। କାନାଡାରେ ଜନ୍ମିତ ଜାଲେ ପରବର୍ତ୍ତୀ ସମୟରେ ଲଣ୍ଡନରେ ଜୀବନ ଅତିବାହିତ କରିଥିଲେ। ସମ୍ପ୍ରତି ସେ ଅଷ୍ଟ୍ରିଆର ଭିଏନାରେ ବସବାସ କରୁଛନ୍ତି। ଅବସ୍ଥାନର ଏହି ପରିବର୍ତ୍ତନଶୀଳ ପୃଷ୍ଠଭୂମି ଜାଲେଙ୍କ କାହାଣୀ ରଚନାର ଗଭୀରତାକୁ ଦର୍ଶାଏ। ତାଙ୍କର ଅନେକ ଆଲେଖ୍ୟ ପରିଚୟ, ବିସ୍ଥାପନ, ଜଗତୀକରଣ ଆଦି ଉପରେ ପର୍ଯ୍ୟବସିତ। ୨୦୧୩ରେ ଜାଲେଙ୍କୁ ସର୍ବୋତ୍ତମ ଯୁବ ବ୍ରିଟିଶ୍ ନଭେଲିଷ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତବର୍ଷର ବୁକର୍ ପୁରସ୍କାର ପାଇଁ ୬ ଜଣ ଲେଖିକା ଲେଖକ ଚୂଡ଼ାନ୍ତ ତାଲିକାରେ ମନୋନୀତ ହୋଇଥିଲେ। ଡାଭିଡ୍ ଜାଲେଙ୍କ ବ୍ୟତୀତ ଅନ୍ୟମାନେ ହେଲେ କିରନ୍ ଦେଶାଇ (ଦି ଲୋନ୍‌ଲିନେସ୍ ଅଫ୍ ସୋନିଆ ଆଣ୍ଡ୍ ସନ୍ନି), ଆଣ୍ଡ୍ରୁ ମିଲେର (ଦି ଲ୍ୟାଣ୍ଡ୍ ଇନ୍ ୱିଣ୍ଟର), ସୁସାନ୍ ଚୋଇ (ଫ୍ଲାଶ୍‌ଲାଇଟ୍), କାଟିଏ କିଟାମୁରା(ଅଡିଶନ୍) ଓ ବେଞ୍ଜାମିନ୍ ମର୍କୋଭିଟ୍ସ (ଦି ରେଷ୍ଟ ଅଫ୍ ଆୱାର୍ସ ଲାଇଭ୍ସ)। ତେବେ ଶେଷରେ ସନ୍ଧ୍ୟାର ଡାର୍କ ହର୍ସ ରୂପେ ଜାଲେ ଉଭା ହୋଇ ସମସ୍ତଙ୍କୁ ପଛରେ ପକାଇଦେଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅବଳା ବଳା,**
**ଘରେ ଭାତ ନାହିଁ, ଦାଣ୍ଡକୁ ପଳା।**

ଅଭାବଗ୍ରସ୍ତ ଘର ଅକର୍ମଣ୍ୟ ବୃଦ୍ଧା, ବୃଦ୍ଧଙ୍କୁ ରଖି କେମିତି ଚଳେଇବ, ବରଂ ଘରୁ ବାହାର କରିଦେଲେ ଘରଖର୍ଚ୍ଚ କମିଯିବ। ଏହା କିନ୍ତୁ ଏକ ସାମାଜିକ ଅନ୍ୟାୟ। ସାଧାରଣତଃ ଅକ୍ଷମ ହୋଇଗଲେ ବୃଦ୍ଧା ବା ବୃଦ୍ଧ ବ୍ୟକ୍ତି ଅଲୋଡ଼ା ହୋଇଯାଇଥାନ୍ତି। ସମାଜରେ ତାଙ୍କର ଆଉ କିଛି ଆବଶ୍ୟକତା ରହୁ ନ ଥିବା ନେଇ ବିଚାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅତି ସୁକୁମାରୀ ରାଜଦୁହିତା,**
**କେମନ୍ତେ କରିବେ ଯୋଗୀ ଘଇତା।**

ଯୋଗୀ ଘରେ ସବୁବେଳେ ଅଭାବ। ଗାଁରୁ ଗାଁକୁ ବୁଲି ଭିକ ମାଗି ଆଣିଲେ ଖାଏ ନ ହେଲେ ନାହିଁ। ଏପରିସ୍ଥଳେ ଅତି ଅଲିଅଳରେ ବଢ଼ି ଆସିଥିବା ଝିଅ ଯିଏ କି ଦୁଃଖ କଷ୍ଟ କିଛି ଜାଣି ନ ଥାଏ, ସେ ଯଦି ଅତି ଦୁଃଖ କଷ୍ଟରେ ଚଳୁଥିବା ଘରକୁ ଯାଏ ତା' ହେଲେ ସେଠି ସେ କିପରି ଚଳିବ ସେନେଇ ଚିନ୍ତା ବ୍ୟାସ୍ତତା ବଢ଼ିଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଏସ୍ଆଇ ପରୀକ୍ଷା ଜାଲିଆତିର ତଦନ୍ତ କରିବ ସିବିଆଇ

**ଭୁବନେଶ୍ୱର,୧୧।୧୧(ସୁନିତ୍ ମିଶ୍ର/ସତ୍ୟଜିତ ରାଉତ)**

ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତିରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ କରିବ। ଏ ସମ୍ପର୍କରେ ମଙ୍ଗଳବାର କେନ୍ଦ୍ର ସରକାରଙ୍କ କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରଣାଳୟ ଅଧୀନ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିକୁ ଓଡ଼ିଶାର ମୁଖ୍ୟ ଶାସନ ସଚିବ, ସିବିଆଇ ନିର୍ଦ୍ଦେଶକ, ସିବିଆଇ ଅଭିଯୋଜନ ନିର୍ଦ୍ଦେଶକଙ୍କୁ ପଠାଯାଇଛି। ଏହି ଜାଲିଆତି ଘଟଣାରେ ସିବିଆଇ ତଦନ୍ତ ନେଇ ରାଜ୍ୟ ସରକାର କେନ୍ଦ୍ରକୁ ସୁପାରିସ କରିଥିଲେ। ଏଥିଲାଗି କେନ୍ଦ୍ର ସରକାରଙ୍କଠାରୁ ଆବଶ୍ୟକ ଅନୁମୋଦନ ମିଳିଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ଏସ୍ଆଇ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ହୋଇଥିଲା। ଏହି ଘଟଣାରେ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ତେବେ ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ସହ ଅନ୍ୟାନ୍ୟ ରାଜ୍ୟକୁ ମଧ୍ୟ ବ୍ୟାପିଥିବା ନେଇ ରାଜ୍ୟ ସରକାର ସନ୍ଦେହ କରୁଛନ୍ତି। ଏଥିରେ ଆନ୍ତଃରାଜ୍ୟ ସଂଗଠିତ ଅପରାଧୀ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ସନ୍ଦେହ ମଧ୍ୟ ରହିଛି। ତେଣୁ ଉପଯୁକ୍ତ ବିସ୍ତୃତ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ

**କେନ୍ଦ୍ରର ବିଜ୍ଞପ୍ତି**

ମୋହନ ଚରଣ ମାଝୀ ଗତ ୨୨ରେ ଏହାର ସିବିଆଇ ତଦନ୍ତ ପାଇଁ କେନ୍ଦ୍ରକୁ ସୁପାରିସ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣକରି କେନ୍ଦ୍ର ସରକାର ଏହାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାରୁ ଘଟଣା ଭିନ୍ନ ମୋଡ଼ ନେବ। ଏହି ଘଟଣାରେ ଦୁର୍ନୀତି ପାଇଁ ହୋଇଥିବା ଉଦ୍ୟମ, ପ୍ରୋତ୍ସାହନ ଓ ଷଡ଼ଯନ୍ତ୍ର ସମ୍ପର୍କରେ ସିବିଆଇ ତଦନ୍ତ କରିବ ବୋଲି ସୂଚନା ଦିଆଯାଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଅକ୍ଟୋବର ୧ରେ ଏନେଇ ରୁଜୁ ହୋଇଥିବା ମାମଲା (ନଂ.୭/୨୦୨୫)କୁ ସିବିଆଇ ନେଇ ଖୋଳତାଡ଼ କରିବ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ପ୍ରଥମ ପୃଷ୍ଠାରୁ...

## ନୂଆପଡ଼ାରେ ୮୧.୪୫%...

ଅଫିସର ଭାବରେ ନିୟୋଜିତ ଥିବା ସିନାପାଲ୍ଲୀ ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଟିମନପୁରର ଟିଜିଟି ଶିକ୍ଷକ ସନ୍ଦୀପ କୁମାର ସ୍ୱାଇଁ। ଗୋପନୀୟତା ଉଲ୍ଲଂଘନ କରିବା ଅଭିଯୋଗରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ଏହି ଦୁଇ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି।

ସିଇଓଙ୍କ ସୂଚନା ଅନୁଯାୟୀ, ବୁଥ୍ ନମ୍ବର ୨୪୬ ଏବଂ ୨୯୮ରେ ଇଭିଏମ୍ ଓ ଭିଭିପିଏଟି ପରିବର୍ତ୍ତନ କରାଯାଇଛି। ୨୪୬ ନମ୍ବର ବୁଥ୍‌ରେ ଇଭିଏମ୍ (୧-ବିୟୁ, ୧ସିୟୁ, ୧ ଭିଭିପିଏଟି) ପରିବର୍ତ୍ତନ କରାଯାଇଥିବାବେଳେ ବୁଥ୍ ନମ୍ବର ୨୯୮ରେ ଭିଭିପିଏଟି ବଦଳାଯାଇଛି। ଏହାସହିତ ବୁଥ୍ ନମ୍ବର ୮୦ରେ ୧-ବିୟୁ, ୧ସିୟୁ ଏବଂ ୧ ଭିଭିପିଏଟି ମେଶିନ ପରିବର୍ତ୍ତନ କରାଯାଇଛି।

## ପାନୀୟ ଜଳ...

ଏପରି କି ସମ୍ପୃକ୍ତ କମ୍ପାନୀ କାର୍ଯ୍ୟକୁ କିଭଳି ଅଧିକ ବିଳମ୍ବ କରିଦେବ, ସେନେଇ ଜମି ସମସ୍ୟା ଉପସ୍ଥାପନ କରୁଛି। ତେବେ କେଉଁ କାରଣରୁ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁନାହିଁ ଏବଂ ଏହାର ନିରାକରଣ କେବେ ସୁଦ୍ଧା ହେବ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ପଞ୍ଚାୟତିରାଜ ବିଭାଗକୁ ଏ ସଂକ୍ରାନ୍ତରେ ଲିଖିତ ରିପୋର୍ଟ ମଗାଯାଇଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

ସୂଚନା ଅନୁଯାୟୀ, ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ୨୦୭ଟି ପାନୀୟଜଳ ପ୍ରକଳ୍ପ ମଧ୍ୟରୁ ଅଦ୍ୟାବଧି ୨୩ଟିର କାର୍ଯ୍ୟ ଶେଷ ହୋଇଛି। ହେଲେ କେତେକ ସ୍ଥାନରେ ଏଯାଏ ଲୋକଙ୍କ ପାଖରେ ସେଥିରୁ ପାଣି ଯୋଗାଣ ହୋଇପାରିନାହିଁ। ଅନ୍ୟପକ୍ଷେ ବାକିଥିବା ୧୮୪ଟି ପ୍ରକଳ୍ପ ମଧ୍ୟରୁ ଅଧିକାଂଶର କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଯେଉଁ ପ୍ରକଳ୍ପ ୨୦୨୫ ଡିସେମ୍ବର ସୁଦ୍ଧା ଶେଷ ହେବାକଥା ତାହା ଏପର୍ଯ୍ୟନ୍ତ ଅଧାପନ୍ତରିଆ ହୋଇ ପଡ଼ିରହିଛି। ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୦୨୬ ସୁଦ୍ଧା ଆଉ ୬୧ଟି ପ୍ରକଳ୍ପ ଶେଷ ହେବାକଥା, ମାତ୍ର ତାହା ମଧ୍ୟ ଅନିଶ୍ଚିତତା ଦେଇ ଚାଲୁରହିଛି। ତେବେ ଅନୁଗୋଳରେ ପ୍ରାୟ ୧୦୦ କୋଟି ଟଙ୍କାର ୬ଟି ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି। ଜଳଜୀବନ ମିଶନ ଏବଂ ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍) ଅର୍ଥରେ ଏହିସବୁ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଥିଲେ ହେଁ ଶେଷହେବାର ନାଁ ଧରୁନାହିଁ। ସେହିପରି ବାଲେଶ୍ୱରରେ ୭୭୦ କୋଟିରେ ୬ଟି ପ୍ରକଳ୍ପର କାର୍ଯ୍ୟ ଜାରି ରହିଥିବା ବେଳେ ଅନ୍ୟାନ୍ୟ ଜିଲାରେ ଅନୁରୂପ ଭାବେ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ବୈଠକରୁ ଜଣାଯାଇଛି। ବୈଠକରେ ଟିର୍କିଟି ବିଧାୟକ ମନୋରଞ୍ଜନ ଦ୍ୟାନ୍‌ସାମନ୍ତରାୟ, ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ବିହାର: ଏକ୍‌ଜିଟ୍...

ହେବାକୁ ପଡ଼ିପାରେ। ପିପୁଲ୍ସ ଇନ୍‌ସାଇଟ୍ ଏନ୍‌ଡିଏକୁ ୧୩୩-୧୪୮ ଆସନ ଦେଇଥିବାବେଳେ ମହାମେଣ୍ଟ ୮୭-୧୦୨ ଆସନରେ ସଫଳତା ପାଇପାରେ ବୋଲି ଅନୁମାନ କରିଛି। ପିପୁଲ୍ସ ପଲ୍ସ ଏନ୍‌ଡିଏ ୧୩୩-୧୫୯ ଏବଂ ମହାମେଣ୍ଟ ୭୫-୧୦୧ ଆସନରେ ସଫଳତା ପାଇବା ନେଇ ଆକଳନ କରିଛି। ଜେଭିସିର ଭବିଷ୍ୟବାଣୀ ହେଲା ଏନ୍‌ଡିଏ ୧୩୫-୧୫୦ ଏବଂ ମହାମେଣ୍ଟ ୮୮-୧୦୩ ଆସନ ଦଖଲ କରିବେ। ସେହିପରି ଏନ୍‌ଡିଏ ୧୩୩-୧୪୮ ଏବଂ ମହାମେଣ୍ଟ ୮୭-୧୦୨ ଆସନ ପାଇବା ନେଇ ପୋଲ୍‌ଷ୍ଟାର୍ଟ ଅନୁମାନ କରିଛି।

## ପୁଲ୍‌ୱାମା ଡାକ୍ତର...

ଉକ୍ତ ଡାକ୍ତରଙ୍କର ଆନ୍ତଃରାଜ୍ୟ ଟେରର ମଡ୍ୟୁଲ୍ ସହ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ବିସ୍ଫୋରଣରେ ଡା. ନବୀଙ୍କ ମୃତ୍ୟୁ ଘଟିଥିବା ବିଶ୍ୱାସ କରାଯାଉଛି। ମଙ୍ଗଳବାର ଜମ୍ମୁ-କଶ୍ମୀର ପୋଲିସ ଉକ୍ତ ଡାକ୍ତରଙ୍କ ମାଆଙ୍କ ଡିଏନ୍‌ଏ ନମୁନା ସଂଗ୍ରହ କରିଛି। ବିସ୍ଫୋରଣ ସ୍ଥଳରୁ ମିଳିଥିବା ଦେହାବଶେଷର ଡିଏନ୍‌ଏକୁ ସେଥିରେ ମେଳ କରାଯିବ। ସେଥିରୁ ବିସ୍ଫୋରଣ ସହ ଡାକ୍ତରଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇପାରିବ ବୋଲି କୁହାଯାଉଛି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପରେ ବିସ୍ଫୋରଣ ଘଟଣାର ତଦନ୍ତ ଭାର ଏନ୍‌ଆଇଏକୁ ହସ୍ତାନ୍ତର କରାଯାଇଛି। ଜୈଶ-ଇ-ମହମ୍ମଦ ଏବଂ ଅନସର ଘଜୱାତ-ଉଲ୍-ହିନ୍ଦ୍ ଆତଙ୍କବାଦୀ ସଂଗଠନ ସମ୍ପୃକ୍ତ ଥିବା 'ହ୍ୱାଇଟ୍ କଲାର' ଟେରର ମଡ୍ୟୁଲ୍‌ର ପର୍ଦ୍ଦାଫାଶ ହେବା ସହ ୩ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରାଯିବା ଏବଂ ୨,୯୦୦ କିଲୋଗ୍ରାମ ବିସ୍ଫୋରକ ସାମଗ୍ରୀ ମିଳିବା ଘଟଣାର କିଛି ଘଣ୍ଟା ପରେ ଲାଲ୍‌କିଲ୍ଲାରେ ବିସ୍ଫୋରଣ ଘଟିଥିଲା। ସୋମବାର ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଡା. ମୁଜାମ୍ମିଲ ଗନାଇ ଏବଂ ଡ. ଶାହିନ ସୟିଦ ଥିଲେ। ଉଭୟ ଫରିଦାବାଦର ଅଲ୍ ଫଲାହ ୟୁନିଭର୍ସିଟି ସହ ସମ୍ପୃକ୍ତ, ଯେଉଁଠୁ ୩୬୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍ ଜବତ ହୋଇଥିଲା।

ତଦନ୍ତକାରୀ ଅଫିସରମାନେ ମଙ୍ଗଳବାର ଅଲ୍ ଫଲାହ ୟୁନିଭର୍ସିଟିରେ ଆଉ ୩ ଜଣ ଡାକ୍ତରଙ୍କୁ ହାଜତକୁ ନେଇଛନ୍ତି। ଦିଲ୍ଲୀ ପୋଲିସର କ୍ରାଇମବ୍ରାଞ୍ଚ ମଙ୍ଗଳବାର ସକାଳେ ୟୁନିଭର୍ସିଟିରେ ପହଞ୍ଚି କ୍ୟାମ୍ପସ୍‌ରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ଏଥିସହିତ ସେଠାର ଲୋକଙ୍କୁ ପଚରା ଉଚରା କରି ୩ ଡାକ୍ତରଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜାଣିବାକୁ ଉଦ୍ୟମ ଚଳାଇଥିଲା। ଏହି ଡାକ୍ତରମାନେ ହେଲେ ମୁଜାମ୍ମିଲ ଶକିଲ, ଉମର ମହମ୍ମଦ ଏବଂ ଶହିନ ଶୟିଦ। ମୁଜାମିଲ ଏବଂ ଉମରଙ୍କ ଘର କଶ୍ମୀର ହୋଇଥିବାବେଳେ ଶାହିନ ଲକ୍ଷ୍ନୌ ବାସିନ୍ଦା। ତଦନ୍ତକାରୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଶାହିନ ଭାରତରେ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନର ମହିଳା ନିଯୁକ୍ତି ଶାଖା ଚଳାଉଥିଲେ। ସେ ଉକ୍ତ ଗ୍ରୁପ୍‌ର ମହିଳା ଶାଖା ଜମାତ୍-ଉଲ୍-ମୋମିନାତ୍‌ର ମୁଖ୍ୟ ରହିଥିଲେ। ଉମର ବିସ୍ଫୋରଣରେ ବ୍ୟବହୃତ ହ୍ୟୁଣ୍ଡାଇ ଆଇ୨୦ କାର୍ ଚଳାଉଥିଲେ। ପୁଲ୍‌ୱାମା ଜିଲା ଲେଥ୍‌ପୋରାର ଏହି ଡାକ୍ତର କାର୍‌ରେ ସମ୍ଭବତଃ ଆମୋନିୟମ୍ ନାଇଟ୍ରେଟ୍ ଆଣିଥିଲେ ବୋଲି କୁହାଯାଉଛି। ତେବେ ଆତ୍ମଘାତୀ ଆକ୍ରମଣକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ତଦନ୍ତକାରୀ ଅଧିକାରୀମାନେ କହିଛନ୍ତି।

ପ୍ରାରମ୍ଭିକ ତଦନ୍ତ ଅନୁଯାୟୀ, ବିସ୍ଫୋରଣରେ ଆମୋନିୟମ୍ ନାଇଟ୍ରେଟ୍, ଜାଳେଣି ତୈଳ ଏବଂ ଡିଟୋନେଟର ବ୍ୟବହୃତ ହୋଇଥାଇପାରେ। ପୁଲ୍‌ୱାମା ଜିଲାର ତାରିକ୍ ନାମକ ବ୍ୟକ୍ତି ଉକ୍ତ ହ୍ୟୁଣ୍ଡାଇ କାର୍‌କୁ ଉମରଙ୍କୁ ଦେଇଥିଲେ। ତାରିକ୍‌ଙ୍କୁ ଗିରଫ କରାଯାଇଛି। ଦିଲ୍ଲୀ ପୋଲିସ, ଏନ୍‌ଆଇଏ ଏବଂ ଗୋଇନ୍ଦା ସଂସ୍ଥା ଦିଲ୍ଲୀ ଏବଂ କଶ୍ମୀରରେ ତନାଘନା ଚଳାଇଛନ୍ତି। କଶ୍ମୀରରେ ଚଢ଼ାଉ ବେଳେ ୪ ଜଣଙ୍କୁ ଅଟକ ରଖାଯାଇଛି। ଦିଲ୍ଲୀ ବିସ୍ଫୋରଣ ଏବଂ ଆନ୍ତଃରାଜ୍ୟ ଟେରର ମଡ୍ୟୁଲ୍ ସହ ସେମାନଙ୍କ ସମ୍ପୃକ୍ତି ସମ୍ପର୍କରେ ଜାଣିବା ପାଇଁ ୨ ଜଣଙ୍କୁ ମିଳିତ ଜେରା ପାଇଁ ନିଆଯାଇଛି। ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ଏବଂ ବିସ୍ଫୋରକ ଆଇନର ବିଭିନ୍ନ ଧାରାରେ ଦିଲ୍ଲୀ ପୋଲିସ ମାମଲା ରୁଜୁ କରିବା ସହ ରାଜଧାନୀର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଦିଲ୍ଲୀ ବିମାନବନ୍ଦର, ରେଳଷ୍ଟେଶନ ଏବଂ ବସ୍ ଟର୍ମିନାଲରେ ହାଇଆଲର୍ଟ ସହ କଡ଼ା ସତର୍କତା ଗ୍ରହଣ କରାଯାଇଛି। ସିସିଟିଭି ଫୁଟେଜ୍‌ରୁ ଜଣେ ମାସ୍କ ପିନ୍ଧିଥିବା ବ୍ୟକ୍ତି କାର୍ ଚଳାଉଥିଲେ। କାର୍‌ରେ କେବଳ ଉମର ଥିଲେ ବୋଲି ପୋଲିସ କହିଛି। ବିଭିନ୍ନ ତଦନ୍ତକାରୀ ସଂସ୍ଥା ଲାଲ୍‌କିଲ୍ଲା ଆଖପାଖ ଅଞ୍ଚଳ ରାସ୍ତା ପାର୍ଶ୍ୱରେ ଲାଗିଥିବା ସିସିଟିଭିଗୁଡ଼ିକର ଯାଞ୍ଚ କରୁଛନ୍ତି।

## ଇସ୍‌ଲାମାବାଦ କୋର୍ଟ...

କମ୍ପ୍ଲେକ୍ସ ନିକଟରେ ହୋଇଥିବା ଏହି ବିସ୍ଫୋରଣରେ ଜଣେ ଆଇନଜୀବୀ ଓ କେତେଜଣ ସୁରକ୍ଷା କର୍ମୀ ନିହତ ହୋଇଛନ୍ତି। ଆକ୍ରମଣ ପାଇଁ ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ନିଜକୁ ଦାୟୀ କରିଥିବା ସତ୍ତ୍ୱେ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଭାରତ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଆଫଗାନିସ୍ତାନ ଟିଟିପିକୁ ଆଶ୍ରୟ ଦେଇଥିବାବେଳେ ଭାରତ ସେମାନଙ୍କୁ ସମର୍ଥନ କରୁଥିବା ଶେହବାଜ କହିଛନ୍ତି। ସେ ଅପରାଧୀମାନଙ୍କୁ ନିନ୍ଦା କରିବା ସହ ଏହାକୁ ଭାରତୀୟ ପ୍ରାୟୋଜିତ ଆତଙ୍କବାଦୀ ପ୍ରକ୍ସି ବୋଲି କହିଛନ୍ତି। ଅପରାଧୀଙ୍କୁ ନିଶ୍ଚୟ କାଠଗଡ଼ାକୁ ଅଣାଯିବ ବୋଲି ଗୃହମନ୍ତ୍ରୀ ନକ୍‌ଭି କହିଛନ୍ତି। ତଦନ୍ତ ପ୍ରକ୍ରିୟା ଜାରି ରହିଛି। ପାକିସ୍ତାନରେ ଆତଙ୍କବାଦୀମାନଙ୍କ ପ୍ରାୟୋଜକ ପାଣ୍ଠି ଯୋଗାଣ ୩ ଗୁଣ ବଢ଼ାଇ ଦେଇଛନ୍ତି। ଆଫଗାନିସ୍ତାନ ମାଟିରୁ ଆତଙ୍କବାଦ ବନ୍ଦ ହେବା ଆବଶ୍ୟକ ବୋଲି ପାକିସ୍ତାନ କାବୁଲ୍‌କୁ ସ୍ପଷ୍ଟ ଭାବେ କହିଆସୁଛି। ଏହା ବନ୍ଦ ନ ହେଲେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ନକ୍‌ଭି କହିଛନ୍ତି। ଏହା ଆତ୍ମଘାତୀ ଆକ୍ରମଣ ବୋଲି ପାକ୍ ରାଷ୍ଟ୍ରପତି ଅସିଫ୍ ଅଲି ଜର୍ଦ୍ଦାରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଅସିଫ୍ କହିଛନ୍ତି। ବିସ୍ଫୋରଣ ଜରିଆରେ ଆଫଗାନ୍ ତାଲିବାନ୍ ଏକ ବାର୍ତ୍ତା ପଠାଇଛି। ସେମାନେ ଆତଙ୍କବାଦ ବନ୍ଦ କରିବା ବଦଳରେ ଏଭଳି ଆକ୍ରମଣ କଲେ ଜବାବ ଦେବା ପାଇଁ ପାକିସ୍ତାନ ପାଖରେ ପୂର୍ଣ୍ଣ ସାମର୍ଥ୍ୟ ରହିଥିବା ଅସିଫ୍ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ:** ଆଜି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଗୃହ ସମସ୍ୟା, ଭୂମି, ଗାଡ଼ି ମୋଟର ସମ୍ପର୍କିତ ପ୍ରତିବନ୍ଧକ ଲାଗି ରହିବ। ବନ୍ଧୁବାନ୍ଧବ, ସହକର୍ମୀ, ଧାରକରଜ, ଟଙ୍କା ପଇସା ପ୍ରଭୃତିକୁ କେନ୍ଦ୍ରକରି କଳହ ଲାଗିପାରେ। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ଅପରିବର୍ତ୍ତିତ ରହିବା କାରଣରୁ ଚିନ୍ତିତ ରହିପାରନ୍ତି।

**ବୃଷ:** ବନ୍ଧୁଙ୍କ ପରାମର୍ଶ ଆପଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ କରିବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ୍ କରିବାକୁ ପଡ଼ିପାରେ। ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିବ।

**ମିଥୁନ:** ଭାବପ୍ରବଣତାବଶତଃ ବିବାଦୀୟ ଘଟଣାରେ ହସ୍ତକ୍ଷେପ କରିବା ମହଙ୍ଗା ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ଓ ଅଶାନ୍ତି ହେତୁ ମନ ଭଲ ରହିବ ନାହିଁ। ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଅସୁବିଧା ହେବନାହିଁ।

**କର୍କଟ:** ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ବାଣିଜ୍ୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ଆର୍ଥିକ ଦୁରବସ୍ଥା ମନସ୍ତାପର କାରଣ ହେବ।

**ସିଂହ:** ଦୀର୍ଘଦିନରୁ ଲାଗି ରହିଥିବା ସ୍ୱାସ୍ଥ୍ୟଗତ ବୈଷମ୍ୟ ମାନସିକ ଅସ୍ଥିରତାକୁ ବୃଦ୍ଧି କରିବ। କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ। ରଚନାତ୍ମକ କାମ, ଅଧ୍ୟାପନା, ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।

**କନ୍ୟା:** ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାଇଲେ ଆଶା ପୂରଣ ହେବ। ଅନ୍ୟ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ।

**ତୁଳା:** କର୍ମକ୍ଷେତ୍ରର ଅବ୍ୟବସ୍ଥା ପାରିବାରିକ ଜୀବନକୁ ପ୍ରଭାବିତ କରିବ। ମାନସିକ ଅଶାନ୍ତିଜନିତ ପ୍ରତ୍ୟେକ କାମରେ ଭଗ୍ନମନୋରଥ ଯନ୍ତ୍ରଣାକୁ ବଢ଼ାଇପାରେ। ଆନୁଷ୍ଠାନିକ କାମରେ ଯୋଗଦେବା ସଙ୍ଗକୁ ଅପରିଚିତ ବ୍ୟକ୍ତିଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା:** ଆଜି ପୂର୍ବସ୍ଥିରୀକୃତ ସ୍ଥାନକୁ ପରିଜନଙ୍କ ସହିତ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସଙ୍ଗକୁ ଆନୁଷ୍ଠାନିକ କାମ ଓ ସାମୂହିକ ଆଲୋଚନା ଫଳପ୍ରଦ ହେବ। ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବାର ଆଶଙ୍କା ରହିଛି।

**ଧନୁ:** କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ଶାନ୍ତ ଓ ସୁଶୀଳତାର ଝଲକରେ ଆତ୍ମୀୟଙ୍କ ମନ କିଣି ନେଇପାରନ୍ତି। ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିପାରେ। ପରିବାରର ଆବଶ୍ୟକତାକୁ ନେଇ ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**ମକର:** ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବା କାରଣରୁ ଆପଣଙ୍କ ଆଶା ଆଶାରେ ହିଁ ରହିଯିବାର ସୂଚନା ରହିଛି। ଅବଶ୍ୟ ନିକଟ ସମ୍ପର୍କୀୟ ପ୍ରିୟଜନଙ୍କ ଆଶ୍ୱାସନା ସାମୟିକ ମନକୁ ଲାଘବ କରିଦେଇପାରେ। ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା ଉପକୃତ ହୋଇପାରନ୍ତି।

**କୁମ୍ଭ:** ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡ଼ନ ସୃଷ୍ଟି କରିବ। ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ପାରିବାରିକ, ସାମାଜିକ ଏବଂ ରାଜନୈତିକ ସ୍ଥିତି ପୂର୍ବବତ୍ ରହିବାର ଆଶା କରାଯାଇପାରେ।

**ମୀନ:** ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟିରେ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଭଲ ସମ୍ପର୍କ ରହିଥିବା ଲୋକଙ୍କ ଈର୍ଷାପରାୟଣତା ହେତୁ ବିବ୍ରତବୋଧ କରିପାରନ୍ତି। ଦୀର୍ଘଦିନରୁ ଆଶା କରିଥିବା ସରକାରୀ ସ୍ତରରୁ ଶୁଭଖବରଟି ପାଇ ଆତ୍ମହରା ହୋଇପାରନ୍ତି।

ଆଜି ନଭେମ୍ବର ୧୨ ତାରିଖ। ରାଷ୍ଟ୍ରୀୟ ପ୍ରସାରଣ ଦିବସ, ମାର୍ଗଶିର କୃଷ୍ଣପକ୍ଷର ପ୍ରଥମାଷ୍ଟମୀ ବୁଧବାର। ଶ୍ରୀଲିଙ୍ଗରାଜ ଦେବଙ୍କ ଯାତ୍ରା, ପଣ୍ଡିତ ମଦନମୋହନ ମାଳବ୍ୟଙ୍କ ତିରୋଧାନ ଦିବସ। ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୯୫.୫୭ମି. ଗତେ ଘ.୦୮.୧୦ମି. ମଧ୍ୟେ, ଘ.୧୦.୨୪ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୦ମି. ଗତେ ଘ. ୧୨.୫୪ମି. ମଧ୍ୟେ ରାହୁ କାଳ।




# ୨୭ରେ ବିଧାନସଭାରେ ଉଦ୍‌ବୋଧନ ଦେବେ ରାଷ୍ଟ୍ରପତି

## ବ୍ୟବସ୍ଥା ପାଇଁ ଆସିଲା ନିର୍ଦ୍ଦେଶ

ଭୁବନେଶ୍ୱର, ୧୧।୧୧
(ସୁନିତ୍ ମିଶ୍ର)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସି ୨୮ ତାରିଖରେ ଫେରିଯିବେ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ କ'ଣ ସବୁ ବ୍ୟବସ୍ଥା କରାଯିବା ଦରକାର ସେନେଇ ବିସ୍ତୃତ ଭାବେ ରାଷ୍ଟ୍ରପତି ଭବନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ନେଇ ଆସିଥିବା କାର୍ଯ୍ୟସୂଚୀ ଅନୁଯାୟୀ, ରାଷ୍ଟ୍ରପତି ନୂଆଦିଲ୍ଲୀରୁ ୧୧ଟା ୫୦ ମିନିଟ୍ ସମୟରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ଅଭିମୁଖେ ଆସିବେ। ଉଡ଼ାଣ ସମୟରେ ହିଁ ସେ ତାଙ୍କ ମଧ୍ୟାହ୍ନଭୋଜନ କରିବେ। ୨ଟା ୧୦ ମିନିଟ୍ ସମୟରେ ସେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ପହଞ୍ଚିବେ। ସେଠାରୁ ସିଧା ରାଜଭବନ ଯାଇ ୨ଟା୧୦ ମିନିଟ୍ ସମୟରେ ପହଞ୍ଚିବେ। ୨ଟା ୨୦ରୁ ୪ଟା ପର୍ଯ୍ୟନ୍ତ ସେ ବିଶ୍ରାମ ନେବେ। ୪ଟା ୧୦ ମିନିଟ୍ ସମୟରେ ସେ ଓଡ଼ିଶା ବିଧାନସଭା ଅଭିମୁଖେ ଗସ୍ତ କରିବେ। ୪ଟା ୨୦ ମିନିଟ୍ ସମୟରେ ସେ ବିଧାନସଭାରେ ପହଞ୍ଚିବା ପରେ ୪ଟା ୩୦ରୁ ୫ଟା ୩୦ ପର୍ଯ୍ୟନ୍ତ ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ୫ଟା ୪୦ରେ ସେ ପୁଣି ଥରେ ରାଜଭବନ ଫେରିଆସିବେ। ସେହି ସମୟରୁ ୮ଟା ରାତି ପର୍ଯ୍ୟନ୍ତ ତାଙ୍କ କିଛି କାର୍ଯ୍ୟସୂଚୀ ନାହିଁ। ୮ଟା ସମୟରେ ସେ ତାଙ୍କର ରାତ୍ରିଭୋଜନ ରାଜଭବନରେ କରି ସେଠାରେ ରାତ୍ରିଯାପନ କରିବେ। ୨୮ ତାରିଖ ୯ଟା ୧୫ ମିନିଟ୍‌ରେ ସେ ରାଜଭବନରୁ ବିମାନବନ୍ଦର ଅଭିମୁଖେ ବାହାରିଯିବେ। ୯ଟା ୩୫ ମିନିଟ୍‌ରୁ ସେ ଭୁବନେଶ୍ୱର ବିମାନବନ୍ଦରରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରି ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ଚୌଧୁରୀ ଚରଣ ସିଂ ବିମାନବନ୍ଦରରେ ୧୧ଟା ୦୫ରେ ପହଞ୍ଚିବେ। ସେ ତାଙ୍କ ବିମାନ ଗସ୍ତ ସମୟରେ ହିଁ ସକାଳ ଜଳଖିଆ କରିବେ। ସେଦିନ ଉତ୍ତରପ୍ରଦେଶରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପରେ ୫ଟା ୩୦ ମିନିଟ୍‌ରେ ଉତ୍ତର ପ୍ରଦେଶରୁ ବାହାରି ସନ୍ଧ୍ୟା ୭ଟା ସମୟରେ ରାଷ୍ଟ୍ରପତି ଭବନରେ ପହଞ୍ଚିବେ ବୋଲି ଜଣାପଡ଼ିଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗର ଚିଠିରୁ ଏହା ଜଣାପଡ଼ିଛି।

# ନିଃସର୍ତ୍ତ କ୍ଷମା ମାଗିଲେ ବ୍ରହ୍ମପୁର ଏସ୍‌ପି

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବିବାଦୀୟ ମନ୍ତବ୍ୟ

କଟକ,୧୧।୧୧ (କାର୍ତ୍ତିକ ସାହୁ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବିବାଦୀୟ ମନ୍ତବ୍ୟ ଦେଇଥିବା ବ୍ରହ୍ମପୁର ଏସ୍‌ପି ଶ୍ରବଣ ବିବେକ ଏମ୍ ହାଇକୋର୍ଟରେ ମଙ୍ଗଳବାର ହାଜର ହୋଇ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଏହି ମାମଲାର ଶୁଣାଣି କରି ଏସ୍‌ପିଙ୍କ ସତ୍ୟପାଠ ଓ କ୍ଷମା ପ୍ରାର୍ଥନାକୁ ଗ୍ରହଣ କରିଛନ୍ତି। ଏଥିସହ ତାଙ୍କ ବିରୋଧରେ ମାମଲା ନ ଚଳାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏସ୍‌ପି ଶ୍ରବଣ ଏକ ନିର୍ବାଚନୀ ମାମଲା ସହ ପୀତବାସ ପଣ୍ଡାଙ୍କ ମୃତ୍ୟୁ ଘଟଣାକୁ ଯୋଡ଼ି ବିବାଦୀୟ ମନ୍ତବ୍ୟ ଦେଇଥିଲେ।

ସୂଚନାନୁସାରେ, ଆବେଦନକାରୀ ମନୋଜ କୁମାର ପଣ୍ଡା ସତ୍ୟପାଠ ଜରିଆରେ ଅଦାଲତଙ୍କୁ ଜଣାଇଥିଲେ ଯେ, ଗତ ଅକ୍ଟୋବର ୨୨ରେ ସ୍ଥାନୀୟ ରେଳଷ୍ଟେଶନରୁ ସେ ଘରକୁ ଯାଉଥିବାବେଳେ ସାଧାରଣ ପୋଷାକରେ ଥିବା ୩ଜଣ ପୋଲିସ ତାଙ୍କୁ ଜବରଦସ୍ତି ପୋଲିସ ଗାଡ଼ିରେ ବସାଇ ନେଇଯାଇଥିଲେ। ଅକ୍ଟୋବର ୨୪ ପର୍ଯ୍ୟନ୍ତ ତାଙ୍କୁ ପୋଲିସ ବାରାକରେ ରଖି ପଚରାଉଚରା କରାଯାଇଥିଲା। ସେ ବ୍ରହ୍ମପୁରର ନିର୍ବାଚିତ ବିଧାୟକଙ୍କ ବିରୋଧରେ କେମିତି ମାମଲା କଲେ ବୋଲି ପଚରାଗଲା। ଅନ୍ୟପକ୍ଷରେ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ବ୍ରହ୍ମପୁର ଏସ୍‌ପିଙ୍କର ଏକ ଖବରଦାତା ସମ୍ମିଳନୀ ବାବଦରେ ପ୍ରକାଶିତ ଏକ ଖବରକୁ ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଯେଉଁଥିରେ ଏସ୍‌ପି କହିଥିଲେ ଯେ, ବିକ୍ରମ ପଣ୍ଡା ଓ ଶିବ ଶଙ୍କର ଦାସଙ୍କ ମଧ୍ୟରେ କମନ୍ ଲିଙ୍କ୍ ରହିଛି। ସ୍ଥାନୀୟ ବିଧାୟକ କେ. ଅନିଲ କୁମାରଙ୍କ ବିରୋଧରେ ଦାଏର ନିର୍ବାଚନୀ ମାମଲା କମନ୍ ଲିଙ୍କ୍ ଥିଲା ବୋଲି କହିଥିଲେ। ଏହି ନିର୍ବାଚନୀ ମାମଲା ଶିବଶଙ୍କର ଦାସଙ୍କ ନାମରେ ଦାଖଲ ହୋଇଥିଲା, କିନ୍ତୁ ବାସ୍ତବରେ ତାହା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଦ୍ୱାରା ଆର୍ଥିକ ଭାବେ ସହାୟତା ପାଇଥିଲା। ଅଦାଲତରେ ମାମଲା ବିଚାରାଧୀନ ଥିବା ବେଳେ ଜଣେ ପୋଲିସ ଅଧିକାରୀଙ୍କ ସାର୍ବଜନିକ ଟିପ୍ପଣୀ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଥିଲେ। ଏସ୍‌ପି ନିଜ ଚରିତ୍ର ସଂକ୍ରାନ୍ତରେ ନଭେମ୍ବର ୧୦ ତାରିଖ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ପୂର୍ବ ଶୁଣାଣିରେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।


ଶ୍ରବଣ ବିବେକ ଏମ୍

# ଡିସେମ୍ବର ୧୭ରେ ଓଟିଇଟି

## ଆଜିଠାରୁ ଫର୍ମ ପୂରଣ

କଟକ,୧୧।୧୧(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି)-୨୦୨୫ ଆଗାମୀ ଡିସେମ୍ବର ୧୭ ତାରିଖରେ ଅନୁଷ୍ଠିତ ହେବ। ଉକ୍ତ ଦିନ ୨ଟି ପର୍ଯ୍ୟାୟରେ ପରୀକ୍ଷା ହେବ। ପୂର୍ବାହ୍ନ ୯ଟାରୁ ୧୧ଟା ୩୦ ଯାଏ ପେପର-୧ ଏବଂ ଅପରାହ୍ନ ୨ଟାରୁ ୪ଟା ୩୦ ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହେବ। ଏଥିନିମନ୍ତେ ଫର୍ମ ପୂରଣ ନଭେମ୍ବର ୧୨ରୁ ୨୫ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିସହ ଦେୟ ଦାଖଲ ପାଇଁ ନଭେମ୍ବର ୨୬ ତାରିଖ ରାତ୍ର ୧୧ଟା ୪୫ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଛି। ବୋର୍ଡ ୱେବସାଇଟ୍ www.bseodisha.ac.inରେ ଅନ୍‌ଲାଇନ ଜରିଆରେ ୨୪ ଘଣ୍ଟିଆ ଚାଲିବ। ଫର୍ମପୂରଣ ଅବଧି ଆଉ ବର୍ଦ୍ଧିତ କରାଯିବ ନାହିଁ। ଏ ସଂକ୍ରାନ୍ତୀୟ ବିସ୍ତୃତ ବିବରଣୀ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ ହୋଇଛି। ସେହିପରି ଆଡ୍‌ମିଟ୍ କାର୍ଡ ଡିସେମ୍ବର ୧୦ରୁ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ। କୌଣସି ପରୀକ୍ଷାର୍ଥୀଙ୍କ ତଥ୍ୟ ମିଥ୍ୟା ବା ଭୁଲ ଜଣାପଡ଼ିଲେ ତାଙ୍କ ଆବେଦନ ଅଗ୍ରାହ୍ୟ କରାଯିବ। ଏଥିସହ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରୀକ୍ଷାର୍ଥୀଙ୍କ ଦ୍ୱାରା ଅନ୍‌ଲାଇନ ଜରିଆରେ ପ୍ରଦାନ କରାଯାଇଥିବା ବ୍ୟକ୍ତିଗତ ତଥ୍ୟ, ଠିକଣା, ଜାତି ଓ ପରୀକ୍ଷା ବିଷୟ ପରବର୍ତ୍ତୀ ସମୟରେ ବଦଳା ଯାଇପାରିବ ନାହିଁ। ତେଣୁ ପରୀକ୍ଷାର୍ଥୀମାନେ ଫର୍ମ ପୂରଣ ସମୟରେ ଏସବୁ ପ୍ରତି ସଜାଗ ରହିବାକୁ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ନାଲ୍‌କୋ ସ୍ମେଲଟର ଫାଟକ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ

ଅନୁଗୋଳ,୧୧।୧୧
(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ବଅଁରପାଳସ୍ଥିତ ନାଲ୍‌କୋ ସ୍ମେଲଟର୍ ଫାଟକ ସମ୍ମୁଖରେ ଠିକା ସଂସ୍ଥାରେ କାର୍ଯ୍ୟରତ ଜଣେ କର୍ମଚାରୀ ମଙ୍ଗଳବାର ଆତ୍ମାହୁତି ଉଦ୍ୟମ କରିଛନ୍ତି। ଠିକା ସଂସ୍ଥା ଦରମା ଦେଉ ନ ଥିବା ଅଭିଯୋଗ କରି ସମ୍ପୃକ୍ତ କର୍ମଚାରୀ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିବା ପୂର୍ବରୁ ସୁରକ୍ଷା କର୍ମୀମାନେ ତାଙ୍କୁ ଉଦ୍ଧାର କରିଥିଲେ। ପରେ ନାଲ୍‌କୋ ଅଧିକାରୀମାନେ ଘଟଣାସ୍ଥଳକୁ ଆସି ତାଙ୍କୁ ବୁଝାଶୁଝା କରିଛନ୍ତି। ଆତ୍ମାହୁତି ଉଦ୍ୟମ କରିଥିବା ପରଜଙ୍ଗ ଅଞ୍ଚଳର ବିଶ୍ୱରଞ୍ଜନ ସାମଲ କହିଛନ୍ତି, ନାଲ୍‌କୋରେ କାର୍ଯ୍ୟରତ ଏକ ଠିକା ସଂସ୍ଥାରେ ସେ ଦୀର୍ଘ ୫ ବର୍ଷରୁ ଅଧିକ ହେବ କାର୍ଯ୍ୟ କରୁଛନ୍ତି। ସେ ଡ୍ୟୁଟି କରିବାକୁ ଆସୁଥିଲେ ମଧ ଠିକାସଂସ୍ଥା ତାଙ୍କୁ ନିୟମିତ କାମ ଦେଉନାହିଁ। ୫ ମାସ ହେଲା ଦରମା ମଧ ମିଳୁନାହିଁ। ସବୁ ମାସରେ ସେ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ଠିକା ସଂସ୍ଥା କର୍ତ୍ତୃପକ୍ଷଙ୍କୁ ଜଣାଇଲେ ଚାକିରିରୁ ବାହାର କରିଦେବାକୁ ଧମକ ଦେଉଛନ୍ତି। ତାଙ୍କ ସହ ବାରମ୍ବାର ଏଭଳି ଘଟୁଥିବାରୁ ଏଥିରେ ଅତିଷ୍ଠ ହୋଇପଡ଼ିଥିଲେ। ତେଣୁ ପେଟ୍ରୋଲ ନେଇ ସ୍ମେଲଟର ଫାଟକ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିବା ବିଶ୍ୱରଞ୍ଜନ କହିଛନ୍ତି। ତେବେ ନାଲ୍‌କୋ ସୁରକ୍ଷାକର୍ମୀ ତାଙ୍କୁ ଉଦ୍ଧାର କରିବା ପରେ ନାଲ୍‌କୋ ଅଧିକାରୀ ରାଜାରାମ ମିଶ୍ର ଓ ଅନ୍ୟମାନେ ପହଞ୍ଚି ତାଙ୍କୁ ଅଫିସ ଭିତରକୁ ନେଇ ବୁଝାଶୁଝା କରିଥିଲେ। ପରେ ଠିକାସଂସ୍ଥା ସୁପରଭାଇଜରଙ୍କୁ ଡକାଇ ସମସ୍ୟାର ସମାଧାନ କରାଯାଇଥିବା ଜଣାପଡ଼ିଛି।


ଆତ୍ମାହୁତି ଉଦ୍ୟମ କରୁଥିବା କର୍ମଚାରୀଙ୍କୁ ସୁରକ୍ଷା କର୍ମୀମାନେ ଉଦ୍ଧାର କରୁଛନ୍ତି।







ଈଶ୍ୱର ମଣିଷଙ୍କୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧାତା। ଆମକୁ ଏକ ଉଜ୍ଜ୍ୱଳାଲୋକ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିବାକୁ ହେବ ନିଶ୍ଚୟ। -ଶ୍ରୀଅରବିନ୍ଦ



# ମୁସଲମାନଙ୍କୁ ଆହ୍ୱାନ

ଭାରତର ରାଜଧାନୀ ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲା ନିକଟରେ ୧୦ ନଭେମ୍ବରରେ ହୋଇଥିବା କାର୍ ବିସ୍ଫୋରଣରେ ମୃତ୍ୟୁ ସଂଖ୍ୟା ସରକାରୀ ସୂତ୍ର ଅନୁଯାୟୀ ୧୩ରେ ପହଞ୍ଚିଛି। ଘଟଣା ଘଟିଥିବା ସନ୍ଧ୍ୟାରେ ପ୍ରଥମେ ବିଭିନ୍ନ ଖବର ସରବରାହ ସଂସ୍ଥା ମୃତ୍ୟୁ ସଂଖ୍ୟା ୮ରୁ ୧୩କୁ ବୃଦ୍ଧି କରିଥିଲେ। କିଛି ଘଣ୍ଟା ପରେ ସେହି ସଂଖ୍ୟାକୁ ପୁନର୍ବାର ୮କୁ ଖସାଇଥିଲେ। ନଭେମ୍ବର ୧୧ ସକାଳେ ମୃତ୍ୟୁ ସଂଖ୍ୟା ୧୨ ଥିଲା ବେଳେ ସନ୍ଧ୍ୟାକୁ ବୁଝାଇଲା ୧୩। ଅଶ୍ୟ ବିସ୍ଫୋରଣରେ ଆହତଙ୍କ ମୃତ୍ୟୁ ପରବର୍ତ୍ତୀ ସମୟରେ ଘଟିଥାଇପାରେ ବୋଲି କ୍ରମଶଃ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଏହା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ବିସ୍ଫୋରଣରେ ସମ୍ପୃକ୍ତ ପ୍ରତ୍ୟେକଙ୍କୁ ଖୋଜି ବାହାର କରା। ଯଦି ଦିଲ୍ଲୀ ପୋଲିସର ସେଭଳି ଦକ୍ଷତା ଥାଆନ୍ତା ତେବେ ହୁଏତ ଏଭଳି ଘଟଣା ଘଟିପାରି ନ ଥାନ୍ତା। ପୂର୍ବରୁ ଘଟିଥିବା ପହଲଗାମ ଉଗ୍ରବାଦୀ ଆକ୍ରମଣ ପରେ 'ଅପରେସନ ସିନ୍ଦୂର' ନାମରେ ପାକିସ୍ତାନ ଉପରେ ସୀମିତ ଆକ୍ରମଣ କରି ଅନ୍ତର୍ଜାତୀୟ ଚହଳ ପକାଇ ଦିଆଯାଇପାରିଥିଲା। କିନ୍ତୁ ସେଥିରେ ସମ୍ପୃକ୍ତ ହତ୍ୟାକାରୀଙ୍କୁ ଖୋଜି ବାହାର କରାଯିବାର ସ୍ପଷ୍ଟ ଉଦ୍ୟମ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା କରାଯାଇ ନ ଥିଲା। ୧୦ ନଭେମ୍ବରରେ ଦିଲ୍ଲୀ ଆକ୍ରମଣ ପାଇଁ ବାହ୍ୟ ଦେଶକୁ ଆଉ କେଉଁ ନିଜର ଦୁର୍ବଳତା ଘୋଡ଼ାଇବା ସମ୍ଭବପର ନୁହେଁ ବୋଲି ସରକାର ବୁଝିଲେ। ତେବେ ଇସ୍‌ଲାମୀୟ ହିଂସାର ସୀମା କୌଣସି ଜାତୀୟ ସୀମା ମଧ୍ୟରେ ସୀମିତ ରହୁ ନାହିଁ ବୋଲି ପ୍ରମାଣ ମିଳୁଛି। ଦିଲ୍ଲୀ ପରେ ୧୧ ନଭେମ୍ବରରେ ପାକିସ୍ତାନ ରାଜଧାନୀ ଇସ୍‌ଲାମବାଦର ଏକ ଅଦାଲତ ନିକଟରେ କାର୍ ବୋମା ବିସ୍ଫୋରଣରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। କୁହାଯାଉଛି ପାକିସ୍ତାନ ବିସ୍ଫୋରଣ ସହିତ ଆଫଗାନିସ୍ତାନର ସମ୍ପର୍କ ରହିଛି।

ଆଜିର ପୃଥିବୀରେ କୌଣସି କଥାକୁ ଅବିଶ୍ୱାସ କିମ୍ବା ବିଶ୍ୱାସ କରିବା କଷ୍ଟକର। ଏବେ ଆମେରିକାର ନ୍ୟୁୟର୍କ ସହରରେ ନିକଟରେ ହୋଇଥିବା ମେୟର ନିର୍ବାଚନରେ ଜୋହରାନ ମାମ୍‌ଦାନୀଙ୍କ ବିଜୟ ବିଶ୍ୱ ମୁସଲମାନ ସମ୍ପ୍ରଦାୟକୁ ଅନେକ ପରିମାଣରେ ମନୋବଳ ଯୋଗାଇ ଦେଇଥାଇପାରେ। ମାମ୍‌ଦାନୀଙ୍କ ମାତା ରାଉରକେଲାରେ ଜନ୍ମ ହୋଇ ଭୁବନେଶ୍ୱରଠାରେ ପାଠ ପଢ଼ିଥାଇପାରନ୍ତି, ହେଲେ ଏହି ମାଟି ସହିତ ତାଙ୍କର ସମ୍ପର୍କ ସେତିକିରେ ଶେଷ। ତାଙ୍କୁ ନେଇ ଓଡ଼ିଶାରେ ଗର୍ବ କରିବାର କୌଣସି କାରଣ ନାହିଁ। ଜୋହରାନଙ୍କ ନ୍ୟୁୟର୍କ ନିର୍ବାଚନରେ ବିଜୟ ସମ୍ଭବତଃ, ଅନ୍ତର୍ଜାତୀୟ ସ୍ତରରେ, ଇସ୍‌ଲାମୀୟ ଚିନ୍ତାଧାରାକୁ ଶକ୍ତିଶାଳୀ କରିଥାଇପାରେ। ଦୀର୍ଘ ସମୟ ଧରି ଇସ୍ରାଏଲ ସହିତ ହମାସର ଯୁଦ୍ଧ ଯୋଗୁ ପୃଥିବୀବ୍ୟାପୀ ଅନେକ ବ୍ୟାଖ୍ୟାନ ସୃଷ୍ଟି ହୋଇଛି।

**ମୁସଲମାନ ସମ୍ପ୍ରଦାୟରେ ଉଗ୍ରବାଦକୁ ପ୍ରଶ୍ରୟ ଦେଉଥିବା ଅଳ୍ପସଂଖ୍ୟକଙ୍କୁ ସମାଲୋଚନା କରିବା ପାଇଁ ଏବେ ଏକ ସୁଯୋଗ ଆସିଛି। ମୁସଲମାନ ସମ୍ପ୍ରଦାୟ ସେଥିପ୍ରତି କେଉଁପ୍ରକାର ପ୍ରତିକ୍ରିୟା ଦେଖାଉଛି ତାହା ଭବିଷ୍ୟତରେ ଦେଶର ବିଭିନ୍ନ ଧାର୍ମିକ ସମ୍ପର୍କକୁ ନିର୍ଦ୍ଧାରଣ କରିବ।**

ପାଲେଷ୍ଟାଇନ୍‌ର ପ୍ରକୃତ ଶାସକ ହମାସକୁ ମୂଳପୋଛ କରିବାକୁ ଇସ୍ରାଏଲ ଚେଷ୍ଟା କରୁଥିବା କଥା ସେହି ଇସ୍‌ଲାମୀୟ ଚିନ୍ତାଧାରାକୁ ବ୍ୟକ୍ତ କରିଆସୁଛି। ଉଲ୍ଲେଖ କରାଯାଇପାରେ ଯେ, ହମାସ ଏକ ଆତଙ୍କବାଦୀ ସଙ୍ଗଠନ ଏବଂ ସେମାନେ ପାଲେଷ୍ଟାଇନରେ ସାଧାରଣ ନାଗରିକଙ୍କ ଉପରେ ଅନେକ ଅତ୍ୟାଚାର କରିଆସୁଛନ୍ତି। କିନ୍ତୁ ଇସ୍ରାଏଲକୁ ବିରୋଧ କରି ପାଲେଷ୍ଟାଇନ୍‌ର ସ୍ୱାଧୀନତା ପାଇଁ ସ୍ୱର ଉତ୍ତୋଳନ କରୁଥିବା ଲୋକମାନେ ବାସ୍ତବରେ ଉଗ୍ରବାଦର ପରୋକ୍ଷ ସମର୍ଥନ କରୁଛନ୍ତି। ସେହିଭଳି ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ ହେଲା ଯେ, ଭାରତରେ ଘଟୁଥିବା ଉଗ୍ରବାଦ ବିରୋଧରେ କୌଣସି ମୁସଲମାନ ସମ୍ପ୍ରଦାୟର ଆଗଧାଡ଼ିର ନାଗରିକ କିମ୍ବା ମୌଲବୀ ଲଲ୍‌କିଲ୍ଲା ବିସ୍ଫୋରଣ ଭଳି ଭୟଙ୍କର କାର୍ଯ୍ୟକୁ ନିନ୍ଦା ନ କରିବା ଏକ ଭିନ୍ନ ବାର୍ତ୍ତା ଦେଉଛି, ଯାହା ଭାରତବର୍ଷ ପାଇଁ କ୍ଷତିକାରକ।

ହିନ୍ଦୁତ୍ୱ ଏକ ରାଜନୈତିକ ଧାରା ପାଲଟିଯାଇଥିବାରୁ ଅନେକ ହିନ୍ଦୁ ତାହାର ଖୋଲାଖୋଲି ସମାଲୋଚନା କରୁଛନ୍ତି। କିନ୍ତୁ ସେହିଭଳି ମୁସଲମାନ ସମ୍ପ୍ରଦାୟରେ ଉଗ୍ରବାଦକୁ ପ୍ରଶ୍ରୟ ଦେଉଥିବା ଅଳ୍ପସଂଖ୍ୟକଙ୍କୁ ସମାଲୋଚନା କରିବା ପାଇଁ ଏବେ ଏକ ସୁଯୋଗ ଆସିଛି। ମୁସଲମାନ ସମ୍ପ୍ରଦାୟ ସେଥିପ୍ରତି କେଉଁପ୍ରକାର ପ୍ରତିକ୍ରିୟା ଦେଖାଉଛି ତାହା ଭବିଷ୍ୟତରେ ଦେଶର ବିଭିନ୍ନ ଧାର୍ମିକ ସମ୍ପର୍କକୁ ନିର୍ଦ୍ଧାରଣ କରିବ। ଦିଲ୍ଲୀର ଲାଲ୍‌କିଲ୍ଲା ବିସ୍ଫୋରଣ ପୂର୍ବରୁ ଜମ୍ମୁ-କଶ୍ମୀର, ହରିୟାଣା ଓ ଉତ୍ତରପ୍ରଦେଶରୁ ୩ ଜଣ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨,୯୦୦ କିଲୋଗ୍ରାମର ବିସ୍ଫୋରଣ ସାମଗ୍ରୀ ଜବତ କରାଯାଇଥିଲା। ଏହି ଡାକ୍ତରମାନେ ସମସ୍ତେ ମୁସଲମାନ ହୋଇଥିବା ବେଳେ ଉତ୍ତରପ୍ରଦେଶ ଲକ୍ଷ୍ନୌର ମହିଳା ମୁସଲମାନ ଡାକ୍ତର ଶାହିନ ସୟିଦ ସହଯୋଗୀ ଅଛନ୍ତି। ଗଣମାଧ୍ୟମରୁ ଜଣାପଡ଼ିଛି ଯେ, ହରିୟାଣାର ଅଲ୍ ଫାଲାହ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ଥିବା ଡାକ୍ତର ଶାହିନ ପାକିସ୍ତାନସ୍ଥିତ ଜୈଶ-ଇ-ମହମ୍ମଦ (ଜେଇଏମ୍) ସହ ସମ୍ପର୍କରେ ରହି ଭାରତରେ ତା'ର ମହିଳା ଶାଖା 'ଜମାତ-ଉଲ୍-ମୋମିନାତ୍'ର ନେତୃତ୍ୱ ନେଉଥିଲେ। ଏହି ଶାଖାର କାର୍ଯ୍ୟ ହେଉଛି ଶିକ୍ଷିତ ମହିଳା ଓ ବୃତ୍ତିଧାରୀଙ୍କୁ ଆତଙ୍କବାଦ ନେଟ୍‌ୱର୍କ ପ୍ରତି ଆକର୍ଷିତ କରିବା। ପୁଣି ଯେତିକି ସୂଚନା ମିଳିଛି ସେଥିରୁ ଜଣାପଡ଼ିଛି ଯେ, ଦକ୍ଷିଣ କଶ୍ମୀର ପୁଲଓ୍ୱମା ଜିଲାର ଲେଥ୍‌ପୋରା ବାସିନ୍ଦା ଡାକ୍ତର ଉମର ନବି ହ୍ୟୁଣ୍ଡାଇ ଆଇ୨୦ କାର୍ ଚଳାଇ ନେବା ବେଳେ ଲାଲକିଲ୍ଲାର ଟ୍ରାଫିକ୍ ସିଗ୍‌ନାଲ ନିକଟରେ ବିସ୍ଫୋରଣ ଘଟିଥିଲା। ଅଲ୍ ଫାଲାହ ବିଶ୍ୱବିଦ୍ୟାଳୟ ସହ ସମ୍ପର୍କରେ ଥିବା ଉମର ସେହି ବିସ୍ଫୋରଣରେ ପ୍ରାଣ ହରାଇଥିବା ବିଶ୍ୱାସ କରାଯାଉଛି। ଏହି ପ୍ରଚ୍ଛଦପଟରେ ମୁସଲମାନ ସମ୍ପ୍ରଦାୟର ବିଭିନ୍ନ ସ୍ତରରେ ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି।

# ଜଙ୍ଗଲ ସମ୍ପଦରେ ନବମ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ବୈଶ୍ୱିକ ପରିବେଶଜନିତ ସମସ୍ୟାରାଜିର ଗାମ୍ଭିର୍ଯ୍ୟ ଦୃଷ୍ଟିରୁ ସମ୍ପ୍ରତି ଯେତେବେଳେ ଜଙ୍ଗଲ ସମ୍ପଦର ସଂରକ୍ଷଣ ଏବଂ ବୃକ୍ଷରୋପଣ ମାଧ୍ୟମରେ ସବୁଜିମାର ପ୍ରସାରଣ ବିଶ୍ୱ ସମ୍ପ୍ରଦାୟର ଈପ୍ସିତ ଲକ୍ଷ୍ୟ ପାଲଟିଛି, ସେତେବେଳେ ଆମ ରାଷ୍ଟ୍ର ନିମନ୍ତେ ଏକ ଯଥାର୍ଥ ଖୁସିର ଖବର ଉପଲବ୍ଧ ହୋଇଛି। ଖାଦ୍ୟ ଏବଂ କୃଷି ସଂଗଠନ (ଏଫ୍‌ଏଓ)ର ସଦ୍ୟତମ ରିପୋର୍ଟ 'ଗ୍ଲୋବାଲ ଫରେଷ୍ଟ ରିସୋର୍ସ ଆସେସ୍‌ମେଣ୍ଟ ୨୦୨୫' ଅନୁଯାୟୀ ଭାରତର ଜଙ୍ଗଲାଞ୍ଚଳର ଆୟତନ ବିଶ୍ୱ ସ୍ତରରେ ନବମ ସ୍ଥାନକୁ ଉନ୍ନୀତ ହୋଇଛି, ଯାହା ପୂର୍ବରୁ ଦଶମ ସ୍ଥାନରେ ଥିଲା। ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏଥି ସହିତ, ଏହି ସମୟ ମଧ୍ୟରେ ବାର୍ଷିକ ନେଟ ଜଙ୍ଗଲ କ୍ଷେତ୍ର ବୃଦ୍ଧି ଦୃଷ୍ଟିରୁ ଭାରତ ତୃତୀୟ ବୃହତ୍ତମ ଦେଶ ଭାବରେ ତା'ର ସ୍ଥାନ ବଜାୟ ରଖିଛି। ଜଙ୍ଗଲ ଦ୍ୱାରା ବାୟୁମଣ୍ଡଳରୁ ବାର୍ଷିକ ଯେତିକି ପରିମାଣର ଅଙ୍ଗାରକାମ୍ଳ ଅପସାରିତ ହେଉଛି, ସେ ଦୃଷ୍ଟିରୁ ଭାରତ ବିଶ୍ୱରେ ପଞ୍ଚମ ସ୍ଥାନର ଅଧିକାରୀ ହୋଇଛି। ଏଫ୍‌ଏଓ ଆକଳନ ପ୍ରକାଶ କରିଛି, ସମ୍ପ୍ରତି ବିଶ୍ୱସ୍ତରରେ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ହେଉଛି ପ୍ରାୟ ୪୧୪ କୋଟି ହେକ୍ଟର, ଯାହା ପୃଥିବୀ ସ୍ଥଳଭାଗର ପ୍ରାୟ ୩୨ ପ୍ରତିଶତ। ଏଥିରୁ ଭାରତର ଜଙ୍ଗଲ କ୍ଷେତ୍ର ହେଉଛି ପ୍ରାୟ ୭୨.୭ ନିୟୁତ ହେକ୍ଟର, ଯାହା ବିଶ୍ୱ ଜଙ୍ଗଲାଞ୍ଚଳର ୨%। ଚଳିତବର୍ଷ ଦଶମ ସ୍ଥାନରୁ ନବମ ସ୍ଥାନକୁ ଉନ୍ନୀତ ହେବା ଆମ ରାଷ୍ଟ୍ରରେ ଜଙ୍ଗଲ ଜମିର ପରିମାଣାତ୍ମକ ଅଭିବୃଦ୍ଧି ଏବଂ ପରିଚାଳନା ଓ ବନୀକରଣ ପ୍ରୟାସର ସ୍ୱୀକୃତିକୁ ପ୍ରତିଫଳିତ କରେ।

ଜଙ୍ଗଲ ଆଚ୍ଛାଦନର ପ୍ରସାରଣ ଜଳବାୟୁ ପରିବର୍ତ୍ତନର ହ୍ରାସନ, ଜୈବବିବିଧତା ସଂରକ୍ଷଣ ଏବଂ ପରିସଂସ୍ଥାୟ ସେବା ପ୍ରଦାନ ନିମନ୍ତେ ମହତ୍ତ୍ୱପୂର୍ଣ୍ଣ। ଏହା ଅଙ୍ଗାରକ ସଂରକ୍ଷଣ (କାର୍ବନ ସିକ୍ୱେଷ୍ଟ୍ରେସନ), ଜଳଛାୟା ଅଞ୍ଚଳର ସୁରକ୍ଷା, ବନ୍ୟପ୍ରାଣୀଙ୍କୁ ବାସସ୍ଥଳୀ ପ୍ରଦାନ ଏବଂ ମାନବଜାତିର ଆବଶ୍ୟକତା ପୂରଣରେ ଉତ୍ତମ ଭୂମିକା ନିର୍ବାହ କରେ। ଜଙ୍ଗଲ କ୍ଷେତ୍ରଫଳ ଅନୁଯାୟୀ ବିଶ୍ୱର ଶ୍ରେଷ୍ଠ ଦଶଟି ରାଷ୍ଟ୍ରରେ ଅନ୍ତର୍ଭୁକ୍ତ ହେବା ଭାରତକୁ ପ୍ରାକୃତିକ ପୁଞ୍ଜିର ବିପୁଳ ଭଣ୍ଡାରରେ ଆଶୀର୍ବାଦପ୍ରାପ୍ତ ରାଷ୍ଟ୍ରମାନଙ୍କର ଏକ ଅପେକ୍ଷାକୃତ ଉଚ୍ଚ ଗୋଷ୍ଠୀରେ ସ୍ଥାନିତ କରିଛି। ସମ୍ପ୍ରତି ବିଶ୍ୱରେ ଜଙ୍ଗଲ ଅବକ୍ଷୟ ଏକ ପ୍ରମୁଖ ଚ୍ୟାଲେଞ୍ଜ ପାଲଟିଛି। ଏହି ପରିପ୍ରେକ୍ଷୀରେ ବାର୍ଷିକ ନେଟ ଜଙ୍ଗଲ କ୍ଷେତ୍ର ବୃଦ୍ଧିରେ ଭାରତର ତୃତୀୟ ସ୍ଥାନ ଅଧିକାର କେବଳ ବିଶାଳ ଜଙ୍ଗଲ ବଜାୟ ରଖିବାରେ ନୁହେଁ, ବରଂ ସେସବୁର ବୃଦ୍ଧି ଘଟାଇବାରେ ଗତିଶୀଳତାର ଏକ ସକାରାତ୍ମକ ସଙ୍କେତ ପ୍ରଦାନ କରେ। ଆତ୍ମତୃପ୍ତିର ବିଷୟ ହେଉଛି ଯେ ସମ୍ପ୍ରତି ବିଶ୍ୱ ଜଙ୍ଗଲକ୍ଷୟ



ହାରରେ ହ୍ରାସ ଘଟିଛି, ଯାହା ୧୯୯୦ରୁ ୨୦୦୦ ମଧ୍ୟରେ ପ୍ରତିବର୍ଷ ୧୭.୬ ନିୟୁତ ହେକ୍ଟର ଥିଲାବେଳେ ୨୦୧୫ରୁ ୨୦୨୫ ମଧ୍ୟରେ ଏହା ବାର୍ଷିକ ୧୦.୯ ନିୟୁତ ହେକ୍ଟରକୁ ହ୍ରାସ ପାଇଛି।

ଏହି ସଫଳତାରେ ଅବଦାନ ରଖିଥିବା ଭାରତର ଅନେକ ନୀତିଗତ ନିଷ୍ପତ୍ତି ତଥା ସମ୍ପ୍ରଦାୟ-ଭିତ୍ତିକ ପଦକ୍ଷେପକୁ ବ୍ୟାପକ ଭାବରେ ପ୍ରଶଂସା କରାଯାଏ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବୃହତ୍ତର ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ବନୀକରଣ ଅଭିଯାନ କାର୍ଯ୍ୟକାରୀ ହେଉଛି, ଯାହା ଜନସଚେତନତା ସୃଷ୍ଟି ଏବଂ ଅଂଶଗ୍ରହଣରେ ବୃଦ୍ଧି ଘଟାଇଛି। ପାରମ୍ପରିକ ଜଙ୍ଗଲ ବାହାରେ ବନ ଏବଂ ବୃକ୍ଷ ଆଚ୍ଛାଦନକୁ ପ୍ରୋତ୍ସାହନ ଦିଆଯାଉଛି; ଯାହାର ଦୃଷ୍ଟାନ୍ତ ହେଉଛି କୃଷି ବନୀକରଣ, ସାମାଜିକ ବନୀକରଣ, ସବୁଜ ଭାରତ ମିଶନ ଏବଂ ଅନ୍ୟାନ୍ୟ ପୁନରୁଦ୍ଧାର କାର୍ଯ୍ୟକ୍ରମ ପରି ଯୋଜନା ଅଧୀନରେ ବୃକ୍ଷରୋପଣ ଅଭିଯାନ। କାର୍ଯ୍ୟକାରୀ ହେଉଥିବା 'କ୍ଷତିପୂରଣ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ' (କାମ୍ପା) ଢାଞ୍ଚା ଭଳି ସାଂଗଠନିକ ପଦ୍ଧତି ନିଶ୍ଚିତ କରେ ଯେ ଯେତେବେଳେ ଜଙ୍ଗଲ ଜମି ବିକାଶମୂଳକ କାର୍ଯ୍ୟ ନିମନ୍ତେ ବ୍ୟବହାର କରାଯାଏ, ସେତେବେଳେ କ୍ଷତିପୂରଣ ବନୀକରଣ ବାଧ୍ୟତାମୂଳକ। ରିମୋଟ ସେନ୍ସିଂ, ଜିଆଇଏସ୍ ପରି ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ତଦାରଖ ଦ୍ୱାରା ଜଙ୍ଗଲ ଆଚ୍ଛାଦନର ଅଗ୍ରଗତି ଓ ଗୁଣବତ୍ତାକୁ ଉତ୍ତମ ଭାବରେ ଆକଳନ କରିବା ନିମନ୍ତେ ଭାରତୀୟ ବନ ସର୍ବେକ୍ଷଣ (ଏଫ୍‌ଏସ୍‌ଆଇ) ଏବଂ ଜାତୀୟ ବନ ପର୍ଯ୍ୟବେକ୍ଷଣ ପଦ୍ଧତି (ଏନ୍‌ଏଫ୍‌ଏମ୍‌ଏସ୍) ଭଳି ସଂସ୍ଥାମାନେ ଏବେ କାର୍ଯ୍ୟରତ।

ଏପରି ସମସ୍ତ ସକାରାତ୍ମକ ଖବର ସତ୍ତ୍ୱେ, କିଛି ସତର୍କତା ଓ ଆହ୍ୱାନକୁ ଦୃଷ୍ଟିରେ ରଖି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ପଡ଼ିବ। ଯଦିଓ ଏସିଆରେ ଭାରତ ପରି କେତେକ ଅବଦାନକାରୀ ରାଷ୍ଟ୍ରରେ ଜଙ୍ଗଲ ଅଞ୍ଚଳ ବୃଦ୍ଧି ଘଟିଛି, ତେବେ ବିଶ୍ୱ ଜଙ୍ଗଲ ଅବକ୍ଷୟ ଏବେ ବି ଚିନ୍ତାଜନକ ସ୍ତରରେ ରହିଛି। ଏହା ମଧ୍ୟ ବିଚାରଯୋଗ୍ୟ ଯେ ଜଙ୍ଗଲ ଆୟତନରେ ବୃଦ୍ଧି ସର୍ବଦା ଜଙ୍ଗଲର ଗୁଣବତ୍ତାରେ ଉନ୍ନତି ସାଧନ ସହ ସଂଘଟିତ ହେଉନାହିଁ। ଏହି ପରିପ୍ରେକ୍ଷୀରେ, ଜଙ୍ଗଲର ଅବକ୍ଷୟ, ବନ୍ୟପ୍ରାଣୀ ଶିକାର, ବାହ୍ୟ ଜୀବଜାତିଙ୍କ ପ୍ରବେଶ, ଜଙ୍ଗଲ ବିଖଣ୍ଡୀକରଣ ଏବଂ କୀଟପତଙ୍ଗ ଆକ୍ରମଣ, ନିଆଁ କିମ୍ବା ଜଳବାୟୁ ଚାପ ଯୋଗୁ ମୃତ୍ୟୁହାରରେ ବୃଦ୍ଧି ଭଳି ସମସ୍ୟା ମଧ୍ୟ କ୍ଷତିକାରକ ଭୂମିକା ନିର୍ବାହ କରନ୍ତି। ଅନ୍ୟ ପକ୍ଷରେ, ଦୀର୍ଘକାଳୀନ ସ୍ଥାୟିତ୍ୱ ନିମନ୍ତେ ବୃକ୍ଷରୋପଣ ଦ୍ୱାରା ସୃଷ୍ଟ ଜଙ୍ଗଲ କିମ୍ବା ପୁନରୁଦ୍ଧାର ହୋଇଥିବା ଜଙ୍ଗଲାଞ୍ଚଳଗୁଡ଼ିକ ପରିବେଶୀୟ ଦୃଷ୍ଟିକୋଣରୁ ସୁଦୃଢ଼, ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ସୁପରିଚାଳିତ ହେବାକୁ ନିଶ୍ଚିତ କରାଯିବା ପ୍ରୟୋଜନୀୟ। ଭାରତର ବିପୁଳ ଜନସଂଖ୍ୟା ତଥା କୃଷି, ଭିତ୍ତିଭୂମି ଏବଂ ସହରାଞ୍ଚଳ ବିକାଶ କ୍ଷେତ୍ରରୁ ସୃଷ୍ଟ ପ୍ରତିଯୋଗିତାମୂଳକ ଭୂମି-ବ୍ୟବହାର ଚାପକୁ ଦୃଷ୍ଟିରେ ରଖି, ଜଙ୍ଗଲ ଆଚ୍ଛାଦନକୁ ଆହୁରି ବୃଦ୍ଧି କରିବା ନିମନ୍ତେ ନିରନ୍ତର ରାଜନୈତିକ ଇଚ୍ଛାଶକ୍ତି, ପାଣ୍ଠିର ଉପଯୋଗ, ସମ୍ପ୍ରଦାୟର ସହଯୋଗିତା ଏବଂ ଉତ୍ତମ ପ୍ରଶାସନିକ ବ୍ୟବସ୍ଥା ଅପରିହାର୍ଯ୍ୟ।

ଜଙ୍ଗଲ ସମ୍ପଦର ସଂରକ୍ଷଣ ଜଳବାୟୁ, ଜୈବବିବିଧତା ଏବଂ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ଗୁରୁତ୍ୱ ବହନ କରେ। ଜଙ୍ଗଲ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗାରକ ଭଣ୍ଡାର ହୋଇଥିବାରୁ ଭାରତର ଜଙ୍ଗଲ କ୍ଷେତ୍ରର ଅଭିବୃଦ୍ଧି ପ୍ୟାରିସ ଚୁକ୍ତିନାମା (୨୦୧୫) ଅନୁଯାୟୀ, ବିଶେଷତଃ ଅଙ୍ଗାରକାମ୍ଳ ଶୋଷଣ ନିମନ୍ତେ ଦେଶର ଜାତୀୟ ନିର୍ଦ୍ଧାରିତ ଅବଦାନ ଦୃଷ୍ଟିରୁ, ଏହାର ପ୍ରତିବଦ୍ଧତା ପୂରଣ କରିବାକୁ ସମର୍ଥନ କରେ। ଭାରତ ମଧ୍ୟ ଅତିରିକ୍ତ ଅଙ୍ଗାରକ ଭଣ୍ଡାର ହାସଲ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରିଛି। ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ହାସଲ ଦୃଷ୍ଟିରୁ, ଜଙ୍ଗଲ କ୍ଷେତ୍ରରେ ପ୍ରଗତି ଏସ୍‌ଡିଜି-୧୫ (ଭୂମି ଉପରେ ଜୀବନ) ସହିତ ସମନ୍ୱୟ ଏବଂ ଏସ୍‌ଡିଜି -୧୩ (ଜଳବାୟୁ କାର୍ଯ୍ୟକ୍ରମ)ରେ ମଧ୍ୟ ଯୋଗଦାନ ରଖେ। ଏଫ୍‌ଏଓ ରିପୋର୍ଟ ପ୍ରକାଶ କରିଛି ଯେ ଏହାର ତଥ୍ୟ ଏପରି ବିଶ୍ୱସ୍ତରୀୟ ଲକ୍ଷ୍ୟ ନିରୀକ୍ଷଣ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ।

ବିଶ୍ୱ ସୂଚୀରେ ନବମ ସ୍ଥାନକୁ ଉନ୍ନୀତ ହେବା ଭାରତ ପାଇଁ ଅନ୍ତିମ ବିନ୍ଦୁ ନୁହେଁ। ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆଗକୁ ଧ୍ୟାନ ଦେବା ପ୍ରୟୋଜନୀୟ। ଜଙ୍ଗଲର ଗୁଣବତ୍ତାରେ ବୃଦ୍ଧି ଏବଂ ଅପରିପକ୍ୱ ଜଙ୍ଗଲଗୁଡ଼ିକୁ ସମୃଦ୍ଧ ପରିସଂସ୍ଥାରେ ପରିଣତ କରିବାକୁ ସୁନିଶ୍ଚିତ କରାଯିବା ଆବଶ୍ୟକ। ସମ୍ପ୍ରଦାୟମାନଙ୍କର ଅଂଶଗ୍ରହଣକୁ ସୁଦୃଢ଼ କରିବା ଏବଂ ସ୍ଥାନୀୟ ଲୋକ, ବିଶେଷକରି ଆଦିବାସୀମାନେ ବନୀକରଣ କାର୍ଯ୍ୟକ୍ରମରୁ ଯେପରି ଉପକୃତ ହେବେ ତାହା ନିଶ୍ଚିତ ହେବା ବାଞ୍ଛନୀୟ। ବନୀକରଣରେ ଜଳବାୟୁ ସ୍ଥିରତାକୁ ଏକୀକୃତ କରିବା ସହ ଅଗ୍ନି-ବିପଦ, କୀଟପତଙ୍ଗ, ବାହ୍ୟ ଜୀବଜାତି, ପରିବର୍ତ୍ତିତ ବୃଷ୍ଟିପାତ ଓ ତାପମାତ୍ରା ଢାଞ୍ଚା ନିମନ୍ତେ ଉପଯୁକ୍ତ ପରିଚାଳନା ପଦ୍ଧତି କାର୍ଯ୍ୟକାରୀ ହେବା ପ୍ରୟୋଜନୀୟ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ:୯୪୩୭୦୭୬୧୦୦**

# କାଗଜ ବାଘ



ସୁକାନ୍ତ କୁମାର ପଟେଲ

ଦ୍ୱିତୀୟ ବିଶ୍ୱଯୁଦ୍ଧ ଉପରାନ୍ତ ଏହାର ଧ୍ୱଂସାବଶେଷ ଉପରେ ଜାତିସଂଘ ଏକ ସ୍ୱପ୍ନ ନେଇ ସ୍ଥାପିତ ହୋଇଥିଲା। ଏହାର ପ୍ରଧାନ ଲକ୍ଷ୍ୟ ହେଉଛି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା। କିନ୍ତୁ ଶାନ୍ତି ବଦଳରେ ବିଶ୍ୱରେ ଦିନକୁ ଦିନ ଅଶାନ୍ତିର ବାତାବରଣ ଏବଂ ଶୀତଳ ତଥା ପ୍ରତ୍ୟକ୍ଷ ଯୁଦ୍ଧ ଲାଗି ରହିଛି। ଆଜି ସେହି ସଂସ୍ଥା ନିଜେ ତିଷ୍ଠିବା ପାଇଁ ସଂଗ୍ରାମ କରୁଛି।

ଜାତିସଂଘର ରିପୋର୍ଟରୁ ଜଣାଯାଏ ଯେ ୨୦୨୪ରେ ଏହା ପକ୍ଷରୁ ୨୭,୦୦୦ ବୈଠକ କରାଯାଇ ୧୧,୦୦୦ ରିପୋର୍ଟ ପ୍ରକାଶିତ ହୋଇଥିଲା। ଅର୍ଥାତ୍ ଦୈନିକ ୭୪ଟି ବୈଠକ ଏବଂ ୩୦ଟି ରିପୋର୍ଟ। ହେଲେ ଏହିସବୁ ରିପୋର୍ଟ ପ୍ରଭାବରେ ଗାଜାର ଗୋଟିଏ ଶିଶୁ ବଞ୍ଚିଲା ନାହିଁ କିମ୍ବା ୟୁକ୍ରେନ ଉପରେ ବୋମାମାଡ଼ ହ୍ରାସ ହେଲା ନାହିଁ କି ସିରିଆରେ ଶରଣାର୍ଥୀଙ୍କ ସଂଖ୍ୟା କମିଲା ନାହିଁ। ଏଥିରୁ ସ୍ପଷ୍ଟ ଯେ ଜାତିସଂଘ ପ୍ରତ୍ୟକ୍ଷ ଯୁଦ୍ଧ ବନ୍ଦ କରିବା ଅପେକ୍ଷା ରିପୋର୍ଟ ଓ ବିବୃତି ଦେବାରେ ସମୟ ଅତିବାହିତ କରୁଛି। ବିଡମ୍ବନାର ବିଷୟ ଯେ, ଆଫ୍ରିକୀୟ ମହାଦେଶର ଦରିଦ୍ର ରାଷ୍ଟ୍ର ସୋମାଲିଆରେ ଅନାହାର, ଅର୍ଦ୍ଧାହାରରେ ମୃତ୍ୟୁବରଣ କରୁଥିବା ଶିଶୁ, ୟେମେନର ସମସ୍ତ ଭୋକିଲା ମା' ଏବଂ ସୁଦାନର ଶରଣାର୍ଥୀଙ୍କ ନିକଟରେ ସମୟୋଚିତ ସାହାଯ୍ୟ ପହଞ୍ଚିପାରୁ ନାହିଁ। ଏଣେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଲାଗି ୪୦ ପ୍ରତିଶତ ଅର୍ଥ ହ୍ରାସ ହେବା ସଙ୍ଗେ ସଙ୍ଗେ ଶାନ୍ତି ରକ୍ଷା ବଜେଟ ପ୍ରାୟ ୨୫ ପ୍ରତିଶତ କମିଛି।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ମିଳିତ ଜାତିସଂଘ ମଧ୍ୟପ୍ରାଚ୍ୟ ହେଉ କି ୟୁକ୍ରେନରେ, କୌଣସି ସମସ୍ୟା ସମାଧାନ କରିପାରୁନାହିଁ। ପରିତାପର ବିଷୟ ଯେ ଟ୍ରମ୍ପ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ସେଥିରେ ଜାତିସଂଘର ଶେଷ ନିଃଶ୍ୱାସ ତ୍ୟାଗ କରିବାଭଳି ଅବସ୍ଥା। ବିଶେଷ କରି ଜାତିସଂଘର ଶାନ୍ତି ରକ୍ଷାବାହିନୀ ନିମନ୍ତେ ଅଧା ଅନୁଦାନ ବନ୍ଦ କରିବାସହ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏବଂ ୟୁନେସ୍କୋରୁ ମଧ୍ୟ ବାହାରି ଯାଇଛନ୍ତି। ମାନବୀୟ ସହାୟତାର ଅନୁଦାନକୁ ମଧ୍ୟ ବନ୍ଦ କରିବାକୁ ସେ ପଛାଇ ନାହାନ୍ତି।

ସରକାରୀ ବିବରଣୀ ଅନୁଯାୟୀ ମିଳିତ ଜାତିସଂଘ ଗଠନ ୧୯୪୫ରେ ହେବା ପରଠାରୁ ମେ ୨୦୨୧ ପର୍ଯ୍ୟନ୍ତ ୭୬ ବର୍ଷ ଭିତରେ ଛୋଟ ବଡ ମିଶି ୪୭୮ଟି ଯୁଦ୍ଧ ସହ ବେସାମରିକ ବିଦ୍ରୋହ ସଂଗଠିତ ହୋଇଛି। ପ୍ରମୁଖ ପ୍ରତ୍ୟକ୍ଷ ଯୁଦ୍ଧଗୁଡିକ ମଧ୍ୟରୁ ୧୯୪୫ର ଭିଏଟନାମ ଯୁଦ୍ଧ, ୧୯୪୭ ର ଭାରତ -ପାକିସ୍ତାନ ଯୁଦ୍ଧ, ୧୯୪୮ର କୋରିଆ ଯୁଦ୍ଧ ଏବଂ ଆରବ- ଇସ୍ରାଏଲ ଯୁଦ୍ଧ ଏବଂ ୧୯୫୦ ର ଦ୍ୱିତୀୟ କୋରିଆ ଯୁଦ୍ଧ ପ୍ରଧାନ। ଏହାଛଡା ୧୯୫୫ର ଭିଏଟନାମ ଯୁଦ୍ଧ,୧୯୫୮ର ଭିଏଟନାମ-ଲାଓସ ଯୁଦ୍ଧ, ୧୯୫୯ର କ୍ୟୁବା- ପାନାମା ଯୁଦ୍ଧ ଏବଂ ୧୯୬୨ର ଭରତ -ଚାଇନା ଯୁଦ୍ଧ ପ୍ରଧାନ। ପରେ ପରେ ଯେଉଁ ଯୁଦ୍ଧଗୁଡିକ ସଂଗଠିତ ହୋଇଛି ସେଗୁଡିକ ହେଲା ଭରତ-ପାକିସ୍ତାନ ଯୁଦ୍ଧ, ବାଂଲାଦେଶ ଗଠନ ନିମନ୍ତେ ଭାରତ - ପାକିସ୍ତାନ ଯୁଦ୍ଧ ଏବଂ ୧୯୭୭ର ଇଜିପ୍ଟ -ଲିବିୟା ଯୁଦ୍ଧ ମଧ୍ୟ ପ୍ରମୁଖ ଯୁଦ୍ଧ ମଧ୍ୟରେ ଅନ୍ୟତମ। ଏହାପରେ ଅନେକ ଯୁଦ୍ଧ ସଂଗଠିତ ହୋଇଛି ଏବଂ ଚାଲୁ ରହିଛି। ବିଶେଷ କରି ରୁଷିଆ -ୟୁକ୍ରେନ ଯୁଦ୍ଧ ୨୨ ଫେବୃଆରୀ ୨୦୨୨ରୁ ଆରମ୍ଭ ହୋଇ ଏ ପର୍ଯ୍ୟନ୍ତ ଅବ୍ୟାହତ ରହିଛି। କିନ୍ତୁ ୭ ଅକ୍ଟୋବର ୨୦୨୩ରୁ ଆରମ୍ଭ ହୋଇଥିବା ଇସ୍ରାଏଲ ଏବଂ ହମାସ ଯୁଦ୍ଧ ଦୀର୍ଘ ଦୁଇ ବର୍ଷ ପରେ ସାମୟିକ ଭାବେ ବନ୍ଦ ରହିଲେ ମଧ୍ୟ ମଝିରେ ମଝିରେ ଉତ୍ତେଜନା ପ୍ରକାଶ ପାଉଛି।। ଏ ସବୁ ଯୁଦ୍ଧକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ମିଳିତ ଜାତିସଂଘ ନିଜର କର୍ତ୍ତୃତ୍ୱ ହରାଇସାରିଛି। ଏଭଳି ଦୃଶ୍ୟପଟରେ ଆମେରିକା, ରୁଷିଆ ଏବଂ ୟୁରୋପୀୟ ସଂଘ ଏବେ ନିଜର କୂଟନୀତି ବଳରେ ବିଶ୍ୱର ଅନ୍ୟ ଦେଶକୁ ନିଜର ମାରଣାସ୍ତ୍ର ବିକ୍ରୟ କରି ପାଣ୍ଠି ସୁଦୃଢ଼ କରିବାରେ ବ୍ୟସ୍ତ।

ମିଳିତ ଜାତିସଂଘରେ ଏବେ ଦରକାର ମୌଳିକ ପରିବର୍ତ୍ତନ। ୧୯୪୫ରେ ଯେଉଁ ବିଶ୍ୱ ପରିସ୍ଥିତି ଥିଲା ୨୦୨୫ରେ ସେହି ସ୍ଥିତି ନାହିଁ। ୧୯୪୫ରେ ବିଶ୍ୱ ଚଳାଇବାରେ ଆମେରିକା, ବ୍ରିଟେନ, ଫ୍ରାନ୍ସ, ରୁଷିଆ ଏବଂ ଚାଇନାର ବିଶେଷ ଭୂମିକା ଥିଲା।



ଆଜି ସମୟ ବଦଳିବା ସଙ୍ଗେ ସଙ୍ଗେ ପରିସ୍ଥିତି ମଧ୍ୟ ସମ୍ପୂର୍ଣ୍ଣ ବଦଳିଯାଇଛି। ବିକାଶଶୀଳ ଦେଶ ଯଥା ଭାରତ, ବ୍ରାଜିଲ, ଦକ୍ଷିଣ ଆଫ୍ରିକା ଏପରିକି ଇଣ୍ଡୋନେସିଆ ଏବଂ ନାଇଜେରିଆ ଭଳି ଦେଶ ମଧ୍ୟ ସ୍ୱର ଉତ୍ତୋଳନ କରି ନିଜର ଅସନ୍ତୋଷ ଜାହିର କରୁଛନ୍ତି। ବିଡମ୍ବନାର ବିଷୟ ଯେ ଆଜି ମଧ୍ୟ ମିଳିତ ଜାତିସଂଘ ପୁରାତନ ଢାଞ୍ଚାରେ, ଯେଉଁଠି ସୁରକ୍ଷା ପରିଷଦର ୫ଟି ଉନ୍ନତ ଏବଂ ଶକ୍ତିଶାଳୀ ଦେଶ ନିଷ୍ପତ୍ତି ନିଅନ୍ତି ଏବଂ ଅବଶିଷ୍ଟ ୧୯୦ଟି ଦେଶ କେବଳ ଦେଖଣାହାରୀ ପାଲଟି ନେପଥ୍ୟେ କୋଳାହଳ କରନ୍ତି।

ଆଜି ସମୟ ବଦଳିଛି ଏବଂ ସୁଯୋଗ ଆସିଛି। ଜାତିସଂଘର ମୂଳ ଲକ୍ଷ୍ୟ ବିଶ୍ୱ ଶାନ୍ତି, ସହଯୋଗ ଏବଂ ମାନବତା ରକ୍ଷା ନିମନ୍ତେ ସମସ୍ତ ଦେଶକୁ ଉପଯୁକ୍ତ ସମ ପରିମାଣର କ୍ଷମତା ପ୍ରଦାନ କରାଯିବା ଉଚିତ, ଯାହା ଫଳରେ ଉପରୋକ୍ତ ଲକ୍ଷ୍ୟ ପୂରଣ ହୋଇପାରିବ। ଅନ୍ୟଥା ମିଳିତ ଜାତିସଂଘ କେବଳ କାଗଜ ବାଘ ହୋଇ ରହିବା ସହ କେବଳ ବୈଠକ ଏବଂ ରିପୋର୍ଟ ପ୍ରସ୍ତୁତ କରିବାରେ ବ୍ୟସ୍ତ ହୋଇ ନିଜର ମୂଳ ଲକ୍ଷ୍ୟ ଭୁଲି ସାରିଥିବ। ସୁତରାଂ ବିଶ୍ୱର ବିକାଶଶୀଳ ଏବଂ ଦରିଦ୍ର ରାଷ୍ଟ୍ର ସବୁ ମିଳିତ ଭାବେ ଉପଯୁକ୍ତ ସମୟୋପଯୋଗୀ ମୌଳିକ ପରିବର୍ତ୍ତନ ନିମନ୍ତେ ଚେଷ୍ଟିତ ହେବା ଜରୁରୀ।

**ଅଭିନବବିଡ଼ାନାସୀ, କଟକ**
**ମୋ: ୭୦୦୮୩୫୦୪୭୭**

## ଏଇ ଭାରତରେ

ଯୋଜନା ସଫଳ ହେବା ପାଇଁ ସାମଗ୍ରିକ ଉଦ୍ୟମ ଲୋଡ଼ା, ଯାହା ପ୍ରମାଣ କରିଛନ୍ତି ତ୍ରିପୁରାର ଦାସପରା ଗାଁ। ତ୍ରିପୁରାର ବାୟୋ ଭିଲେଜ ୨.୦ ଯୋଜନାକୁ ଆଧାର କରି ଏହି ଗାଁ ଭାରତର ପ୍ରଥମ ବାୟୋ ଭିଲେଜ ବା ଜୈବ ଗାଁର ପରିଚୟ ହାସଲ କରିପାରିଛି। ଏହି ଗାଁରେ ରହୁଛନ୍ତି ୬୪ ପରିବାର। ଗାଁରେ ସବୁ ପରିବାର ସୌରଶକ୍ତି ବ୍ୟବହାର କରୁଛନ୍ତି। ଗ୍ରାମବାସୀ ମୁଖ୍ୟତଃ କୃଷି ଓ ମାଛଚାଷ ଉପରେ ନିର୍ଭର କରନ୍ତି। ସେମାନେ ପରିବେଶ ଉପଯୋଗୀ ଟେକ୍‌ନୋଲୋଜି ବ୍ୟବହାର କରି ଜୈବ ପଦ୍ଧତିରେ ଚାଷ କରୁଛନ୍ତି। ଚାଷରେ ଏବେ ସୌରଚାଳିତ ଯନ୍ତ୍ରପାତି, ପାଣିପମ୍ପ, ଜୈବିକ ଖତ ଓ କୀଟନାଶକ ବ୍ୟବହାର କରାଯାଉଛି। ଏହାସହ ଗୋଷ୍ଠୀ ପ୍ରେରିତ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ୨୦୧୮ରେ ଏହି ଗାଁରେ ପ୍ରଥମେ ଜୈବିକ କୃଷି ଆରମ୍ଭ କରାଯାଇଥିଲା। ସେମାନେ ବର୍ତ୍ତମାନ ଚାଷରୁ ଅଧିକ ୫୦୦୦ରୁ ୧୫୦୦୦ ଆୟ କରିପାରୁଛନ୍ତି। ଦାସପୁରା ଭଳି ଆଉ ୧୦୦ଟି ଜୈବ ଗାଁ ସୃଷ୍ଟି ପାଇଁ ତ୍ରିପୁରା ସରକାର ଯୋଜନା ଆରମ୍ଭ କରିଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୨ ନଭେମ୍ବର ୧୯୭୬**

- କର୍ଣ୍ଣାଟକ ବିଧାନସଭାରେ ବିରୋଧୀ ପକ୍ଷର ୧୦ ଜଣ ସଭ୍ୟଙ୍କ କଂଗ୍ରେସ ଦଳରେ ଯୋଗଦାନ।
- ବିଶିଷ୍ଟ ସାମ୍ବାଦିକ ରାମଲାଲ ଛଧାଙ୍କର ୮୦ ବର୍ଷ ବୟସରେ ପରଲୋକ।
- ବିଶିଷ୍ଟ ହିନ୍ଦୀ ଲେଖକ ବିଷ୍ଣୁ ପ୍ରଭାକର ଏବଂ ପ୍ରବୀଣ ସାମ୍ବାଦିକ ବିବେକାନନ୍ଦ ମୁଖାର୍ଜୀଙ୍କୁ ପ୍ରଥମ ଶ୍ରେଣୀୟ ସୋଭିଏତ୍ ଦେଶ ନେହେରୁ ପୁରସ୍କାର ପ୍ରଦାନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | 8 | | | | | 3 | | |
| | | | | 4 | | | 6 | |
| | | | 5 | 1 | | | 7 | |
| | 9 | | | | | | | |
| | | | 6 | | | | | |
| | | 7 | 4 | 5 | | | | 6 |
| | | 6 | | | | 8 | | 3 |
| | | | | | 1 | | | |
| 2 | | | 8 | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 5 | 1 | 9 | 3 | 6 | 8 | 4 |
| 3 | 4 | 8 | 6 | 5 | 7 | 1 | 2 | 9 |
| 9 | 1 | 6 | 4 | 2 | 8 | 3 | 5 | 7 |
| 6 | 3 | 7 | 9 | 4 | 2 | 5 | 1 | 8 |
| 4 | 9 | 1 | 8 | 3 | 5 | 7 | 6 | 2 |
| 5 | 8 | 2 | 7 | 1 | 6 | 9 | 4 | 3 |
| 2 | 7 | 9 | 5 | 6 | 4 | 8 | 3 | 1 |
| 1 | 5 | 3 | 2 | 8 | 9 | 4 | 7 | 6 |
| 8 | 6 | 4 | 3 | 7 | 1 | 2 | 9 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବୃଦ୍ଧାଶ୍ରମରେ ଅସହାୟ ଜୀବନ

ମହାଶୟ,

ନିକଟରେ ରେଡିଓରୁ ଏକ ସାକ୍ଷାତ୍କାର ଶୁଣିଲି। ବୃଦ୍ଧାଶ୍ରମରେ ଜଣେ ଡାକ୍ତର ଯେ କି ଅବସର ପରେ ରହନ୍ତି। ପୁଅବୋହୂ ଉଚ୍ଚ ଶିକ୍ଷିତ ଓ ଶିକ୍ଷିତା, ବିଦେଶରେ ରହନ୍ତି। ମା' ଓ ଶାଶୁଙ୍କ ନିମନ୍ତେ ସମୟ ଦେବାକୁ ଅମଙ୍ଗ। ଗୋଟିଏ ପଟେ ଉଚ୍ଚାଭିଳାଷ, ଅନ୍ୟପଟେ ଉଚ୍ଚାବସ୍ଥାରୁ ନିମ୍ନଗାମୀ ହେବାର ଦୃଷ୍ଟାନ୍ତ। ଯାହାକୁ କୋଳେଇ କାଖେଇ ଛୋଟରୁ ବଡ଼କରି ବି ଜଣେ ଅସହାୟ। କେବଳ ଯେଉଁମାନଙ୍କୁ ସେବା କରିଥିଲେ ସେମାନଙ୍କ ସହଯୋଗୀ ଓ ଜୀବନ ଥିବା ଯାଏ ସେମାନଙ୍କୁ ପରାମର୍ଶ ଦେବା ବ୍ୟତୀତ କ'ଣ ବା କରିପାରିବେ ଜଣେ ବୟସ୍କା ?'ଛୋଟ ପରିବାର ସୁଖୀ ପରିବାର' ହୋଇପାରେ। ସ୍ୱାମୀ ସ୍ତ୍ରୀ ଯଦି ଉଭୟେ ଚାକିରିଆ ତେବେ ସେମାନଙ୍କ ସନ୍ତାନ ଛାତ୍ରାବାସକୁ ନିଜର ଆପଣାର ଦ୍ୱିତୀୟ ଗୃହ ମଣନ୍ତି। ପିତାମାତା, ପରିବାର ସୁଖରୁ ବଞ୍ଚିତ। ମୋ ମତରେ ଯଦି ସେମାନଙ୍କୁ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇପାରନ୍ତା ତେବେ ସମାଜର କିଛିଟା ଉପକାର ହୋଇପାରନ୍ତା। ଅମିନ ବରଜୁ ପ୍ରଧାନଙ୍କ ତ୍ୟାଗ, ଛକଡ଼ିର ନାଟ ଦେଖା ପ୍ରବୃତ୍ତି, ହାରା ବୋଉର ଜଞ୍ଜାଳ ନିଶ୍ଚିତଭାବେ ମନରେ ଗଭୀର ପ୍ରଭାବ ବିସ୍ତାର କରିବ। ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରୋଜେକ୍ଟ ମାଧ୍ୟମରେ ସିନେମା ରାଜ୍ୟରେ ପ୍ରଦର୍ଶନ କରିବା ଉଚିତ ନୁହେଁ କି।

**-ପ୍ରତାପ ଚନ୍ଦ୍ର ପାଢ଼ୀ, ନିଗମନଗର, ଆଙ୍କୋଲା, ବ୍ରହ୍ମପୁର, ଗଞ୍ଜାମ**

## ଚିରନ୍ତନୀ

ଉଠିନି ହସି ରବି ରକତ ରାଗେ,
ନୟନେ କିପାଁ ତବ ଲୋତକ ଜାଗେ !
ଉଷାର ପରଶରେ ଜୋଛନା ବିରସ ଯେ
ପ୍ରଭାତୀ ତାରା ମୁଖେ ତୁଷାର ଲାଗେ
ନୟନେ ତବ କିପାଁ ଲୋତକ ଜାଗେ ?
-(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ତୁର୍କୀ ସେନା ବିମାନ ଦୁର୍ଘଟଣାଗ୍ରସ୍ତ

# ୨୦ ସୈନ୍ୟଙ୍କ ମୃତ୍ୟୁ ଆଶଙ୍କା



ଆଙ୍କାରା,୧୧।୧୧

ତୁର୍କୀ ସେନାର ଏକ ମାଲ୍‌ବାହୀ ବିମାନ ମଙ୍ଗଳବାର ଆଜରବୈଜାନ୍ ସୀମାବର୍ତ୍ତୀ ଜର୍ଜିଆରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନରେ ୨୦ ଜଣ ସୈନ୍ୟ ଓ କ୍ରିଉ ସଦସ୍ୟ ଥିବାବେଳେ ମୃତାହତ ସମ୍ପର୍କରେ କିଛି ସ୍ପଷ୍ଟ ହୋଇନାହିଁ। ବିମାନଟି ଜଳିଯାଇଥିବାରୁ ସେଥିରେ ଥିବା ସୈନ୍ୟ ଓ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ବିମାନଟି ଧଳା ଧୂଆଁ ଛାଡ଼ି ସିଧା ତଳକୁ ଖସୁଥିବାର ଭିଡିଓ ଫୁଟେଜ୍ ତୁର୍କୀ ଗଣମାଧ୍ୟମରେ ପ୍ରସାରିତ ହୋଇଛି। ସି-୧୩୦ ବିମାନ ଆଜରବୈଜାନରୁ ତୁର୍କୀକୁ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ସେଠାର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଆଜରବୈଜାନ ଓ ଜର୍ଜିଆ କର୍ତ୍ତୃପକ୍ଷ ମିଳିତ ଭାବେ ତଲାସି ଓ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।

## ଏସ୍‌ଆଇଆର୍‌କୁ ଡିଏମ୍‌କେ, ଟିଏମ୍‌ସିର ଚ୍ୟାଲେଞ୍ଜ

# ଇସିକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୧।୧୧(ପି.ଟି.)



ତାମିଲନାଡୁ ଓ ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ଯଥାକ୍ରମେ ଡିଏମ୍‌କେ ଏବଂ ଟିଏମ୍‌ସି ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ଏନେଇ ମଙ୍ଗଳବାର ନିର୍ବାଚନ କମିଶନ (ଇସି)କୁ ଜବାବ ମାଗିଛନ୍ତି। ୨ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ରାଜ୍ୟରେ ଏସ୍‌ଆଇଆର୍‌କୁ ଚ୍ୟାଲେଞ୍ଜ ସମ୍ପର୍କିତ ଅନ୍ୟ ପିଟିଶନ୍‌ଗୁଡ଼ିକର ବିଚାର ପ୍ରକ୍ରିୟାକୁ ସ୍ଥଗିତ ରଖିବା ପାଇଁ ସର୍ବୋଚ୍ଚ ଅଦାଲତ ମାଡ୍ରାସ ଏବଂ କୋଲକାତା ହାଇକୋର୍ଟଙ୍କୁ କହିଛନ୍ତି। ତାମିଲନାଡୁରେ ଏସ୍‌ଆଇଆର୍ ସପକ୍ଷରେ ଏଆଇଏଡିଏମ୍‌କେ ଦ୍ୱାରା ଦାଖଲ ତୃତୀୟ ପକ୍ଷ ଆବେଦନକୁ ତାଲିକାଭୁକ୍ତ କରିବା ଲାଗି ଖଣ୍ଡପୀଠ ଅନୁମତି ଦେଇଛନ୍ତି। ଡିଏମ୍‌କେ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଅଦାଲତଙ୍କୁ କହିଥିଲେ, ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରା ନ ଯାଇ ତରବରିଆ ଭାବେ ଏସ୍‌ଆଇଆର୍ କରାଯାଉଛି। ଭୋଟରମାନଙ୍କଠାରୁ ବିଭିନ୍ନ ପ୍ରକାର ଦସ୍ତାବିଜ ମଗାଯାଉଛି। ତାମିଲନାଡୁରେ ଆଗକୁ ପ୍ରବଳ ବର୍ଷା ହେବାକୁ ଥିବାରୁ ଏସ୍‌ଆଇଆର୍ ପାଇଁ ଏହା ଉପଯୁକ୍ତ ସମୟ ନୁହେଁ ବୋଲି ସିବଲ କହିଥିଲେ। ଭବିଷ୍ୟତର ଆଶଙ୍କାକୁ ନେଇ ରାଜନୈତିକ ଦଳଗୁଡ଼ିକ ଭୟଭୀତ ହେବା ଉଚିତ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି।

# ଆମେରିକା ଶଟ୍‌ଡାଉନ୍‌ର ଅନ୍ତ ପାଇଁ ସିନେଟ୍‌ରେ ବିଲ୍ ଗୃହୀତ

ୱାଶିଂଟନ,୧୧।୧୧



ଆମେରିକା ସରକାରରେ ୪୧ଦିନ ଧରି ଲାଗି ରହିଥିବା ଶଟ୍‌ଡାଉନ୍‌ର ଅନ୍ତ ଘଟାଇବା ପାଇଁ ସୋମବାର ସିନେଟ୍‌ରେ ବିଲ୍ ଗୃହୀତ ହୋଇଛି। ଏହାକୁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ଅନୁମୋଦନ ପାଇଁ ପଠାଯାଇଥିବାରୁ ସେଠାରେ ଗୃହୀତ ହେବା ପର୍ଯ୍ୟନ୍ତ ଆଉ କିଛିଦିନ ଶଟ୍‌ଡାଉନ୍ ଲାଗି ରହିବ। ବିଲ୍‌କୁ ଡେମୋକ୍ରାଟ୍ ସଦସ୍ୟଙ୍କ ବିରୋଧ ଯୋଗୁ ସେପ୍ଟେମ୍ବର ମଧ୍ୟଭାଗରୁ ପ୍ରଶାସନିକ ଅଚଳାବସ୍ଥା ଲାଗିରହିଥିଲା। ବିଲ୍‌କୁ ସମର୍ଥନ ମିଳିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ସୂଚନା ଦେଇଥିଲେ। ସମସ୍ତ ସରକାରୀ ସେବା ଖୁବ୍‌ଶୀଘ୍ର ଖୋଲିବାକୁ ଯାଉଛି ବୋଲି ସେ କହିଥିଲେ। ସିନେଟ୍‌ରେ ବିଲ୍ ସପକ୍ଷରେ ୬୦ ଭୋଟ ମିଳିଥିବାବେଳେ ବିରୋଧରେ ୪୦ ଭୋଟ ଯାଇଛି।


## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ ଯଦି ସେମାନେ ... ତା.୨୭.୧୧.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଣ୍ଟିକା ସମୟରେ ସମ୍ପୃକ୍ତ ଶାଖା ପରିସରରେ ... ନିଲାମ ... [illegible]

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମରେ) |
|---|---|---|---|
| | ରଣପୁର ଶାଖା, ସା: ରଣପୁର, ପୋ: ରାଜରଣପୁର, ଜିଲ୍ଲା: ନୟାଗଡ, ଶାଖା ପ୍ରବନ୍ଧକଙ୍କ ନାମ: ଗଙ୍ଗାଧର ବେହେରା, ମୋ.: ୯୨୩୦୫୦୦୪୩୬ | | |
| ୧. | ରାମ ଚନ୍ଦ୍ର ସାହୁ, ସା: ରଣପୁର, ଜିଲ୍ଲା: ନୟାଗଡ / ୦୪୩୭୬୦୬୦୦୫୦୦୦୫୦୪ | ଟ.୪୭,୪୦୦/- + ସୁଧ ଏବଂ ଦେୟ | ୩୧.୫୦ |
| ୨. | ପ୍ରଫୁଲ୍ଲ ବେହେରା, ସା: ରଣପୁର, ଜିଲ୍ଲା: ନୟାଗଡ / ୦୪୩୭୬୦୬୦୦୫୦୦୦୫୧୦ | ଟ.୬୬,୦୪୪/- + ସୁଧ ଏବଂ ଦେୟ | ୬୬.୩୦ |
| ୩. | ରବି ବେହେରା, ସା: ରଣପୁର, ଜିଲ୍ଲା: ନୟାଗଡ / ୦୪୩୭୬୦୬୦୦୫୦୦୦୫୩୦ | ଟ.୫୪,୯୦୩/- + ସୁଧ ଏବଂ ଦେୟ | ୫୯.୨୦ |
| ୪. | ଆଶୁତୋଷ ସାହୁ, ସା: ରଣପୁର, ଜିଲ୍ଲା: ନୟାଗଡ / ୦୪୩୭୬୦୬୦୦୫୦୦୦୫୧୦ | ଟ.୭୬,୩୯୦/- + ସୁଧ ଏବଂ ଦେୟ | ୬୩.୭୦ |
| ୫. | ଶରତ କୁମାର ମହାପାତ୍ର, ସା: ରଣପୁର, ଜିଲ୍ଲା: ନୟାଗଡ / ୦୪୩୭୬୦୬୦୦୫୦୦୦୪୭୭ | ଟ.୭୨,୪୪୦/- + ସୁଧ ଏବଂ ଦେୟ | ୧୦.୩୦ |
| | କୋଣାର୍କ ଶାଖା, ସା: କୋଣାର୍କ, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: କିଶୋର ଚନ୍ଦ୍ର ମହାରଣା, ମୋ.: ୭୯୭୮୦୩୧୬୭୩୮ | | |
| ୧. | ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ସା: ସାତରା, କୋଣାର୍କ, ପୁରୀ / ୨୦୦୭୦୬୧୦୦୦୩୦୦୫୪ | ଟ.୭୧,୫୦୦/- + ସୁଧ ଏବଂ ଦେୟ | ୭.୪୮ |
| | ନୟାଗଡ ଶାଖା, ସା: ଇଟାମାଟି, ଜିଲ୍ଲା: ନୟାଗଡ, ଶାଖା ପ୍ରବନ୍ଧକଙ୍କ ନାମ: ପ୍ରିୟବ୍ରତ ନାୟକ, ମୋ.: ୭୪୩୭୦୯୯୮୧୫୧ | | |
| ୧. | ବିକାଶ କୁମାର, ସାପୋଚିଲ୍ଲା: ନୟାଗଡ / ୧୮୪୬୦୬୧୦୦୦୨୮୪୪ | ଟ.୬୬,୦୦୦/- + ସୁଧ ଏବଂ ଦେୟ | ୨୨ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:

୧. ବ୍ୟାଙ୍କ ଅଳଙ୍କାରଗୁଡ଼ିକରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ।
୨. ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରଗୁଡ଼ିକର ଯାଞ୍ଚ କରିପାରିବେ।
୩. ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଅଳଙ୍କାରରେ ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡ଼ିବ।
୪. ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫. ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି ୨୪ ଘଣ୍ଟା ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପୈଠ କରିବେ। ପରେ ଅଳଙ୍କାରଗୁଡ଼ିକ ପ୍ରଦାନ କରାଯିବ।
୬. ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ ୩୦ ଦିନ ମଧ୍ୟରେ ଅଳଙ୍କାର ପୁଣି ନିଲାମ କରାଯିବ।
୭. ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀଙ୍କୁ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ।
୮. କୌଣସି କାରଣ ଦର୍ଶାଇବା ବ୍ୟତୀତ ନିଲାମକୁ ବାତିଲ କିମ୍ବା ବଦଳାଇବାର ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ।

ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ-ଯୋ-ଅର୍ଡିନେଟର, ମୋ: ୭୮୭୩୦୧୭୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।
ସ୍ଥାନ: ଭୁବନେଶ୍ୱର, ତାରିଖ: ୧୧.୧୧.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



## e-Procurement Notice

No. O-1153

**for Road Works Identification No. 10/SERW/JLS/2025-26**

1. Procurement Officer : Superintending Engineer, Rural Works Division, Jaleswar
2. Name of the Work : Roads
3. Total No. of Works : 52 Nos.
4. Estimated Cost : Approx. Estimated Cost Rs.5.98 Lakh to Rs.44.86 Lakh
5. Class of Contractor : D, C & B Class
6. Time of Completion : Three Calendar Months (As per Annexure)
7. Availability of tender Online for bidding : From 12.11.2025 at 11.00 P.M. to 24.11.2025 upto 05.00 P.M.
8. Last date & time of seeking tender clarification : 22.11.2025 upto 05.00 P.M.
9. Date & time of Opening of tender in the Office of the Superintending Engineer, R.W. Division, Jaleswar : Date & time of Opening of Technical & Financial bid 25.11.2025 at 11.00 A.M.

Further details can be seen from the website: **www.tendersodisha.gov.in**.

OIPR- **Sd./- Superintending Engineer R.W. Division, Jaleswar**



ଓଡ଼ିଶା ସରକାର

## GOVERNMENT OF ODISHA
## OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, KANDHAMAL & BOUDH

**Email Id: deikandhamal-od@od.gov.in, Ph./Fax: 0680-2291017**
**At: Gajapati Nagar, 1st Line, Berhampur, Dist.: Ganjam, PIN - 760010**
**Tender Notice No. 01/2025-26 Date: 10.11.2025, Berhampur**

## QUOTATION CALL NOTICE FOR HIRING OFFICE BUILDING ON RENT BASIS

No. AA-34: Seald quotations are invited from the interested house owners for providing ready built office building of carpet area about 1100 to 1200 Sq.ft. in Phulbani Municipality Corporation area for the Office of the Superintending Engineer-cum-Deputy Electrical Inspector, Kandhamal & Boudh along with its subordinate offices. The details of quotation specifications will be available in the office of Superintending Engineer-cum-Deputy Electrical Inspector, Kandhamal & Boudh (Address: 1st Lane extension, Gajapati Nagar, Berhampur - 760010) from Dt.18.11.2025 to Dt.08.12.2025 (3 P.M.) in working hours.

OIPR- **Sd./- Superintending Engineer-cum-Deputy Electrical Inspector, Kandhamal & Boudh**



No.A-872

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, MAYURBHANJ

Tel.No.(06792) 260788, e-Mail ID:mi.mayurbhanj@yahoo.co.in

## "e" Procurement Notice

**No.3963, Dated 06.11.2025**
**Identification No.S.E.M.I.D. MBJ. No.18/MID,MBJ/2025-26**

The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of Works : Civil Construction works as mentioned in the website
2. Total No. of Work : 5 Nos.
3. Tender Amount : 56.67 Lakh to 99.65 Lakh (Detail list of work Annexed)
4. Class of Contractor : As Mentioned against Work
5. Period of Completion : As Mentioned against Work
6. Date & Time of availability of Bid document in the Portal : 13.11.2025 at 10.00 AM to 24.11.2025 upto 5.00 P.M.
7. Last date/time for receipt of Bids in the Portal : 24.11.2025 upto 5.00 P.M.
8. Date/Time of Opening of Technical Bid : 25.11.2025 at 11.00 A.M.
9. Name and Address of the Officer Inviting the Bid : Superintending Engineer, M.I. Division, Mayurbhanj
10. Mode of Payment of Bid Cost : Online
11. Further details can be seen from the "e" Procurement Portal **"https://tendersorissa.gov.in"**.

**Sd./- 06.11.2025**
**Superintending Engineer**
OIPR- **Minor Irrigation Division, Mayurbhanj**



No.A-871

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, MAYURBHANJ

Tel.No.(06792) 260788, e-Mail ID:mi.mayurbhanj@yahoo.co.in

## "e" Procurement Notice

**No.3954, Dated 06.11.2025**
**Identification No.S.E.M.I.D. MBJ. No.17/MID,MBJ/2025-26**

The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of Works : Civil Construction works as mentioned in the website
2. Total No. of Work : 1 No.
3. Tender Amount : 22.15 Lakh (Detail of work Annexed)
4. Class of Contractor : As Mentioned against Work
5. Period of Completion : As Mentioned against Work
6. Date & Time of availability of Bid document in the Portal : 13.11.2025 at 10.00 AM to 24.11.2025 upto 5.00 P.M.
7. Last date/time for receipt of Bids in the Portal : 24.11.2025 upto 5.00 P.M.
8. Date/Time of Opening of Technical Bid : 25.11.2025 at 11.00 A.M.
9. Name and Address of the Officer Inviting the Bid : Superintending Engineer, M.I. Division, Mayurbhanj
10. Mode of Payment of Bid Cost : Online
11. Further details can be seen from the "e" Procurement Portal **"https://tendersorissa.gov.in"**.

**Sd./- 06.11.2025**
**Superintending Engineer**
OIPR- **Minor Irrigation Division, Mayurbhanj**



## GOVT. OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR

eMail: se_nerwkjr@rediffmail.com

**e-Procurement Notice for Road & Bridge Work under MMSY-Impvt. to Existing RD Roads & Weir Adjacent Bridge**

**Bid Identification No. NCB-29/RWCKJR/2025-26**
No.O-1309 **No.4690/ Date: 31.10.2025**

1. Name of the Work: Construction and Maintenance of road under MMSY-Impvt. to Existing RD Roads & Weir Adjacent Bridge in the District of Keonjhar. 2. No. of Work: 02 (Two) Nos. 3. Estimated Cost: As per Annexure in NIT. 4.Class of Contractor (Eligible) : As per Annexure in NIT. 5. Period of Completion: As per Annexure in NIT. 6. Other details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of Opening of Tender in O/o C.C.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-29/ RWCKJR/ 2025-26 | Dt.10.11.25 at 11.00 AM | Dt.24.11.25 upto 5.00 P.M. | Dt.21.11.25 upto 5.00 PM | Dt.25.11.25 at 11.00 AM | Will be intimated later |

Further details can be seen from the website: www.tendersorissa.gov.in.

OIPR- **Sd./- Chief Construction Engineer, R.W.Circle, Keonjhar**



No.O-1398

## GOVT. OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, BOLANGIR

**Office Order No.5407, Dated 04.11.2025**
**1st Corrigendum Notice to Bid Identification No.EEBLGR-online-14/2025-26**

Invited vide this office letter No.5017 dated 24.10.2025 due to partial modification of estimated cost of works mentioned in TCN No.EEBLGR-online-14/2025-26.

| Tender Identification No. | Approx. Estimated Cost excluding GST (in Rs.in Lakhs) | Approx. Estimated Cost excluding GST (in Rs. in Lakhs) | Items | Tender Status as per original TCN |
|---|---|---|---|---|
| EEBLGR -online- 14/2025-26 | Construction of R.I. office-cum-Residence at Agalpur in the district of Bolangir for the year 2024-25 | 91.13 | Availability of Tender on-line for bidding | 06.11.2025 at 11.00 AM 18.11.2025 upto 5.00 P.M. |
| | Construction of R.I. office-cum-Residence at Bendra of Agalpur block in the district of Bolangir for the year 2024-25 | 91.40 | Date & Time of seeking tender clarification | 17.11.2025 upto 1.00 PM |
| | Construction of R.I. office-cum-Residence at Babufasad of Agalpur block in the district of Bolangir for the year 2024-25 | 92.79 | Date & Time for Opening tender | 19.11.2025 at 11.00 AM |
| | Construction of R.I. office-cum-Residence at Salebhata of Agalpur block in the district of Bolangir for the year 2024-25 | 92.13 | | |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

OIPR- **Sd./- Executive Engineer, R.W.Division, Bolangir**



## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନୟାଗଡ଼

ବିଜ୍ଞାପନ ସଂଖ୍ୟା–3694, ତାରିଖ–06.11.2025

No.i–374:ଏତଦ୍ୱାରା ପଞ୍ଚାୟତ ସମିତି, ନୟାଗଡ଼ ଅନ୍ତର୍ଗତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୫–୨୬ ଆର୍ଥିକ ବର୍ଷର ୦୧ ଏପ୍ରିଲ ୨୦୨୫ ରୁ ୩୦ ସେପ୍ଟେମ୍ବର ୨୦୨୫ ମସିହା ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହୋଇଥିବା କାର୍ଯ୍ୟଗୁଡିକର ସାମାଜିକ ସମୀକ୍ଷା ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତରେ OSSAAT ଦ୍ୱାରା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଗ୍ରାମ ପଞ୍ଚାୟତର ଜବ୍‌କାର୍ଡଧାରୀ ଶ୍ରମିକ, ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତିବିଶେଷ ନିର୍ଦ୍ଦିଷ୍ଟ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନକରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ । ଏହି ବୈଠକରେ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ମେଟ, ବ୍ଲକ ସାମାଜିକ ସମୀକ୍ଷକ, ଗ୍ରାମ୍ୟ ସମ୍ବଳ କର୍ମୀ ଇତ୍ୟାଦି ଉପସ୍ଥିତ ରହିବେ ।

| କ୍ର. ନଂ. | ଗ୍ରାମପଞ୍ଚାୟତ ନାମ | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା | | ସା.ସ ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ |
|---|---|---|---|---|---|
| | | ସା.ସ.ଆରମ୍ଭ ତାରିଖ | ସା.ସ. ଶେଷ ତାରିଖ | | |
| ୧ | ବଡ଼ପଣ୍ଡୁସର, ବାଲୁଗାଁ, ବାଉଁସିଆପଡା, ଭାଟସାହି | ୧୩.୧୧.୨୦୨୫ | ୧୯.୧୧.୨୦୨୫ | ୧୯.୧୧.୨୦୨୫ | ୩୦.୦୩.୨୦୨୬ |
| ୨ | ବିରୁଡା, ଚମ୍ପତିପୁର, ଚଣ୍ଡିବସ୍ତ, ଗଦାଧରପ୍ରସାଦ | ୨୪.୧୧.୨୦୨୫ | ୦୧.୧୨.୨୦୨୫ | ୦୧.୧୨.୨୦୨୫ | |
| ୩ | ଗମ୍ଭାରିଡିହି, ଘଡୁଆଳ, ଇକିରି, ଇଟାମାଟି | ୦୬.୧୨.୨୦୨୫ | ୧୨.୧୨.୨୦୨୫ | ୧୨.୧୨.୨୦୨୫ | |
| ୪ | ଜେମାଦେଇପୁରପାଟଣା, କାଳିକାପ୍ରସାଦ, କେନ୍ଦୁଡିପି, ଖୁଣ୍ଟୁବନ୍ଧ | ୧୮.୧୨.୨୦୨୫ | ୨୪.୧୨.୨୦୨୫ | ୨୪.୧୨.୨୦୨୫ | |
| ୫ | କ୍ରୀଡାସପୁର, ଲାଠିପଡା, ଲକ୍ଷ୍ମୀପ୍ରସାଦ, ଲେଙ୍କୁଡିପଡା | ୦୫.୦୨.୨୦୨୬ | ୧୧.୦୨.୨୦୨୬ | ୧୧.୦୨.୨୦୨୬ | |
| ୬ | ମାଛିପଡା, ମୁଥାଗାଡିଆ, ନବଘନପୁର | ୧୬.୦୨.୨୦୨୬ | ୨୩.୦୨.୨୦୨୬ | ୨୩.୦୨.୨୦୨୬ | |
| ୭ | ନୋଡର, ନଡିଆଳି, ନାଟୁଗାଁ | ୦୨.୦୩.୨୦୨୬ | ୦୯.୦୩.୨୦୨୬ | ୦୯.୦୩.୨୦୨୬ | |
| ୮ | ଶରଧାପୁର, ଶରଣକୁଳ, ସିନ୍ଦୁରିଆ | ୧୬.୦୩.୨୦୨୬ | ୨୩.୦୩.୨୦୨୬ | ୨୩.୦୩.୨୦୨୬ | |

OIPR- **ସ୍ୱା./–ମଣ୍ଡଳ ଉନ୍ନୟନ ଅଧିକାରୀ, ନୟାଗଡ଼**



## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, GUNUPUR

Email:eerwgunupur@gmail.com

**GEPNIC e-Procurement Notice**
**Bid Identification No.EERWGNP-Online-07/2025-26**
No.O-1341 **No3994 / Dt.29.10.2025**

1. Name of the Work: Repair & Maintenance of Road Works, 2. Total No. of Works: 02 Nos. (Percentage Rate tender), 3. Estimated Cost: As mentioned in Col.3 of Annexure. 4. Class of Contractor: As mentioned in Col.5 of Annexure, 5. Period of Completion: As mentioned in Col.4 of Annexure, 6. EMD: As mentioned in Col.6 of Annexure, 7. Paper Cost : As mentioned in Col.7 of Annexure, 8. Other details:

| Procurement Officer | Bid Identification No. | Availability of Tender online for bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Gunupur | EERWGNP -Online- 07/2025-26 | 11.11.2025 at 10.00 AM | 17.11.2025 upto 5.00 P.M. | 18.11.2025 at 11.00 Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill. Further details can be seen from the website: www.tendersodisha.gov.in

OIPR- **Sd./- Executive Engineer, Rural Works Division, Gunupur**



No.O-1354:

## Government of Odisha
## Office of the Executive Engineer, Rural Works Division-II, Nabarangpur, Umerkote

**e-mail: eerwukt@gmail.com & eerwukt@ymail.com**
**Letter No.3783, Date:01.11.2025**

**GePNIC e-Procurement Notice**

1. Name of the Work: Building Works (Composite Tender), 2. Total No.of works: 02 (Two) Nos., 3. Approx. Estimated Cost: Rs.71.54 Lakhs, 4. Class of Contractor: Only "B" Class of Contractor, 5. Period of Completion: As per TCN.

| Procurement Officer | Bid Identification No. | Availability of tender online for bidding | | Last Date & Time of Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W.Division-II, Nabarangpur, Umerkote | Online Tender/12/ RWD-UKT/ 2025-26 | 11.11.2025 at 11.00 AM | 20.11.2025 upto 5.00 P.M. | 19.11.2025 at 01.00 PM | 21.11.2025 at 11.00 AM | To be intimated separately |

Further details can be seen from the Government website www.tendersodisha.gov.in

OIPR- **Sd./- Executive Engineer, Rural Works Division-II, Nabarangpur, Umerkote**



## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

**(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)**
**(E-Mail: serwbpr2004@yahoo.com, Tel No.: 0680-2404287)**

**NATIONAL COMPETITIVE BIDDING THROUGH GEPNIC e-Procurement**

**No. O-1390** **Bid Identification No. Online Tender / 39-2025-26/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 39-2025-26/ BPR | Building Works | 02 Nos. | From Rs.100.83 to Rs.126.05 Lakhs | "B" Class & "A" Class as applicable | 12 (Twelve) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 39-2025-26/BPR | 11.11.2025 at 10.00 A.M. | 25.11.2025 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in**.

OIPR- **Sd./- Chief Construction Engineer, R.W. Circle, Berhampur**


## ODISHA PUBLIC SERVICE COMMISSION, CUTTACK

## NOTICE

**No.7824/PSC** **Dt.11.11.2025**
**(1R-05-24/25) (DR-V)**

### Assistant Professor (Stage-I) in Economics
### (Advertisement No. 27 of 2023-24)

No. D-257: It is for information of all concerned that, document verification of **170 (One hundred Seventy)** candidates having **PPSAN** mentioned below for the post of **Assistant Professor (Stage-I) in "Economics"**, pursuant to advertisement No. 27 of 2023-24 shall be held from **19.11.2025 to 26.11.2025 (Except Govt. Holidays)** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 19.11.2025 | 10.30 A.M. | P240301365, P240302770, P240309995, P240306613, P240297730, P240304347, P240301573, P240303755, P240303125, P240308038, P240308489, P240276781, P240306452, P240308543, P240306961, P240307840 & P240301999 **= 17 Candidates** |
| | 2.30 P.M. | P240305545, P240306351, P220081754, P220079213, P240304484, P220057096, P240299646, P240305100, P240304663, P240305768, P240306901 & P240301298 **= 12 Candidates** |
| 20.11.2025 | 10.30 A.M. | P240296578, P230198140, P240308337, P240299075, P220046691, P240293685, P240309950, P220081597, P240309170, P220081594, P240304977, P240274756, P230150819, P220081724, P240305193, P220074443 & P220061720 **= 17 Candidates** |
| | 2.30 P.M. | P240306877, P240296589, P240305064, P240307860, P240306999, P240301373, P240312131, P240308221, P240306484, P240307313, P240312441 & P240300798 **= 12 Candidates** |
| 21.11.2025 | 10.30 A.M. | P230099638, P240307922, P240300586, P240302680, P220081733, P220081502, P220051514, P240311832, P220074287, P240238227, P240301726, P240304433, P240311830, P240306469, P240309279, P230094518 & P240311769 **= 17 Candidates** |
| | 2.30 P.M. | P230207462, P220083291, P230119990, P240305143, P240310088, P240310936, P240302724, P240309369, P240300039, P240304695, P220082267 & P230114460 **= 12 Candidates** |
| 24.11.2025 | 10.30 A.M. | P240303138, P240287419, P240308296, P220075835, P240309521, P220085784, P220014722, P240306398, P230113928, P220081083, P220064465, P240313066, P220065198, P240309538, P230133161, P240300782 & P230093808 **= 17 Candidates** |
| | 2.30 P.M. | P240305044, P240307461, P240306744, P230128120, P220087137, P220074378, P230093987, P240296475, P240302432, P240307352, P240311584 & P220054662 **= 12 Candidates** |
| 25.11.2025 | 10.30 A.M. | P230157774, P240306563, P230093999, P240309411, P240307238, P240305608, P240303287, P240297778, P220079333, P240305274, P240306816, P230150804, P220085508, P220081084, P240310643, P240302609 & P220050108 **= 17 Candidates** |
| | 2.30 P.M. | P240303013, P220074619, P240236565, P240308548, P230208065, P240312010, P230147264, P220051767, P240304666, P230199323, P240304533 & P220081402 **= 12 Candidates** |
| 26.11.2025 | 10.30 A.M. | P230118571, P220076343, P240307115, P230094022, P240304157, P240310217, P220051541, P230092397, P220074325, P230090922, P240305578, P230097058, P240311328, P230133147, P240303707, P220051159 & P240296588 **= 17 Candidates** |
| | 2.30 P.M. | P240302671, P240311692, P220076503, P240289610, P230110800, P240264939, P240302982 & P240303359 **= 08 Candidates** |

The candidates are required to submit the documents as per this office **Notice No. 4271/PSC, Dt.21.06.2025** which is available on the Website of the Commission i.e. **www.opsc.gov.in**.
The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.
**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR- **Sd./- Secretary**

# ସାଧାରଣ ବଜେଟ ପାଇଁ ଅର୍ଥ ବିଭାଗର ପ୍ରସ୍ତୁତି

## ଡିସେମ୍ବର ୨୦ ସୁଦ୍ଧା ସବୁ ବିଭାଗଠାରୁ ଲୋଡ଼ିଲା ପ୍ରସ୍ତାବ

ଭୁବନେଶ୍ୱର,୧୧।୧୧ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକବର୍ଷ ଲାଗି ଅତିରିକ୍ତ ବଜେଟ ତଥା ଶୀତକାଳୀନ ଅଧିବେଶନ ପାଇଁ ଗତ ସୋମବାର ବିଜ୍ଞପ୍ତି ଜାରି ହୋଇଛି। ବିଧାନସଭା ପକ୍ଷରୁ ଏହି ବିଜ୍ଞପ୍ତି ଜାରିହେବାର କେଇଘଣ୍ଟା ନ ପୂରୁଣୁ ୨୦୨୬-୨୭ ଆର୍ଥିକବର୍ଷ ଲାଗି ସାଧାରଣ ବଜେଟ୍ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏ ସଂକ୍ରାନ୍ତରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସମସ୍ତ ବିଭାଗର ସଚିବଙ୍କୁ ମଙ୍ଗଳବାର ପତ୍ର ଲେଖି ଦର୍ଶାଇଛନ୍ତି ଯେ, ଓଡ଼ିଶା ସରକାର ୨୦୩୬ ସୁଦ୍ଧା ୫୦୦ ବିଲିୟନ ଆମେରିକୀୟ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥନୀତି ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି, ଯାହା ବର୍ତ୍ତମାନ ଅର୍ଥନୀତି ଆକାରର ୧୫ଗୁଣ। ଏହି ଅର୍ଥନୈତିକ ମହାକାଂକ୍ଷାକୁ ପୂରଣ କରିବା ପାଇଁ ୧ କୋଟିରୁ ଅଧିକ ନୂତନ କର୍ମନିଯୁକ୍ତି ସୃଷ୍ଟି କରାଯିବା ସହିତ ସାର୍ବଜନୀନ ସାକ୍ଷରତା ଏବଂ ସୁନିଶ୍ଚିତ ଉତ୍ତମ ସ୍ୱାସ୍ଥ୍ୟସେବା, ସବୁଜ ଶକ୍ତି, ପର୍ଯ୍ୟଟନ, ଉତ୍ପାଦନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସରକାର ପ୍ରାଥମିକତା ଦେବାକୁ ଲକ୍ଷ୍ୟ ରଖିଛନ୍ତି।

ସେ ଦର୍ଶାଇଛନ୍ତି, ଭାରତର ବର୍ତ୍ତମାନର ଅର୍ଥନୈତିକ ଏବଂ ଆର୍ଥିକ ଦୃଷ୍ଟିପଟ ମଜଭୁତ ରହିବା ସହ ଘରୋଇ ଅର୍ଥନୈତିକ କାର୍ଯ୍ୟକଳାପରେ ସ୍ଥିରତା ବଜାୟ ରହିଛି। ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଏବଂ ଖରିଫ୍ ଆଶାନୁରୂପ ଅଗ୍ରଗତି ହେଉଛି, ଯାହାକି କୃଷି ଉତ୍ପାଦନ ପାଇଁ ଶୁଭ ସଙ୍କେତ। କ୍ରମାଗତ ଭାବେ ବୃଦ୍ଧିପାଉଥିବା ଘରୋଇ ଚାହିଦାକୁ ଦୃଷ୍ଟିରେ ରଖି ଉତ୍ପାଦନରେ ଅଗ୍ରଗତି ଜାରି ରହିଛି। ୨୦୨୬-୨୭ ଆର୍ଥିକବର୍ଷରେ ଭାରତ ବିଶ୍ୱ ଅର୍ଥନୀତି କ୍ଷେତ୍ରରେ ଏକ ଉଜ୍ଜ୍ୱଳ ତାରକା ଭାବେ ଉଭାହେବ ବୋଲି ସେ ଦର୍ଶାଇଛନ୍ତି।

ପ୍ରମୁଖ ସଚିବ ତାଙ୍କ ପତ୍ରରେ ଆହୁରି ଦର୍ଶାଇଛନ୍ତି, ପାଣ୍ଠିର ସଦ୍ୟତମ ଆକଳନ ଅନୁଯାୟୀ, ଉଭୟ ଆର୍ଥିକବର୍ଷ ୨୦୨୫-୨୬ ଏବଂ ୨୦୨୬-୨୭ରେ ବିଶ୍ୱ ଅର୍ଥନୀତିର ଅଭିବୃଦ୍ଧି ୩.୨% ହେବ। ୨୦୨୫-୨୬ ଆର୍ଥିକବର୍ଷରେ ଭାରତର ଅର୍ଥନୀତି ପ୍ରାୟ ୭.୨% ବୃଦ୍ଧି ପାଇବ ଏବଂ ୨୦୨୬-୨୭ ଆର୍ଥିକବର୍ଷରେ ୭% ଅଭିବୃଦ୍ଧି ହେବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଆକଳନ କରିଛି। ତଥାପି ଭୌଗୋଳିକ-ଅର୍ଥନୈତିକ ବିଭାଜନ ଏବଂ ଆଶାନୁରୂପ ଅଭିବୃଦ୍ଧି ହାସଲ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟିହେବାର ସମ୍ଭାବନା ରହିଛି। ପ୍ରାକୃତିକ, ଆର୍ଥିକ ତଥା ମାନବ ସମ୍ବଳକୁ ବ୍ୟବହାର କରି ବର୍ଷ ୨୦୨୫-୨୬ରେ ରାଜ୍ୟ ଅର୍ଥନୀତି ୮% ବୃଦ୍ଧି ପାଇବ। ୨୦୨୬-୨୭ରେ ମଧ୍ୟ ସମାନ ଧାରା ଜାରି ରହିବ ବୋଲି ଆଶା କରାଯାଉଛି। ରାଜ୍ୟରେ ବର୍ତ୍ତମାନର ଟିକସ ଆଦାୟଧାରାକୁ ଦୃଷ୍ଟିରେ ରଖି ୨୦୨୬-୨୭ ଆର୍ଥିକବର୍ଷରେ ରାଜ୍ୟର ମୋଟ୍ ରାଜସ୍ୱ ଆଦାୟ ଚଳିତ ବର୍ଷର ସଂଶୋଧିତ ଆକଳନ ତୁଳନାରେ ପ୍ରାୟ ୧୦ ପ୍ରତିଶତ ବୃଦ୍ଧି ପାଇବ। ଅନ୍ତର୍ଜାତୀୟସ୍ତରରେ ଖଣିଜ ମୂଲ୍ୟର ପରିବର୍ତ୍ତନ ହେତୁ ରାଜ୍ୟର ସମ୍ବଳ ପ୍ରଭାବିତ ହୋଇପାରେ। ସାମ୍ପ୍ରତିକ ଜିଏସ୍‌ଟି ସଂସ୍କାର ଯୋଗୁ ସକାରାତ୍ମକ ରାଜସ୍ୱ ଝଟକାସ୍ୱରୂପ ଜିଏସ୍‌ଟି ଟିକସ ଆଦାୟରେ ଅଭିବୃଦ୍ଧି ହୋଇପାରେ ବୋଲି ସେ ଦର୍ଶାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ୨୦୨୬-୨୭ ଆର୍ଥିକବର୍ଷ ଲାଗି ଡିସେମ୍ବର ୨୦ ସୁଦ୍ଧା ବଜେଟ ପ୍ରସ୍ତାବ ଦେବାକୁ ପ୍ରମୁଖ ସଚିବ ପତ୍ରରେ ଦର୍ଶାଇଛନ୍ତି।

# ଗାଁକୁ ଆସିଲା ଦାଦନ ଶ୍ରମିକଙ୍କ ମୃତଦେହ

ଦିଗପହଣ୍ଡି,୧୧।୧୧ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ କଇଥଖଣ୍ଡି ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ମୁମ୍ବାଇରେ ରେଳ ଧାରଣାରେ କଟି ମୃତ୍ୟୁ ଘଟିଛି। ମୃତକ ହେଲେ ରାଜେନ୍ଦ୍ର ବେହେରା (୩୭)। ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ମୃତଦେହ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଗାଁକୁ ଆସିବା ପରେ ଶୋକାକୁଳ ପରିବେଶରେ ସତ୍କାର କରାଯାଇଛି। କଇଥଖଣ୍ଡି ଗ୍ରାମର ରେଣୁ ବେହେରାଙ୍କ ଏକମାତ୍ର ପୁଅ ରାଜେନ୍ଦ୍ର ମୁମ୍ବାଇରେ ଦାଦନ ଶ୍ରମିକ ଭାବେ କାମ କରିବା ପାଇଁ ଅନ୍ୟ ୨ ଜଣଙ୍କ ସହ ଘରୁ ଯାଇଥିଲେ। ରବିବାର ସକାଳେ ସେ ମୁମ୍ବାଇର ସାୟାଜୀ ରେଳ ଷ୍ଟେସନରେ ପହଞ୍ଚିଥିଲେ। ୨ ସାଙ୍ଗ ଓହ୍ଲାଇ ପଡୁଥିବା ଦେଖି ରାଜେନ୍ଦ୍ର ନିଜ ବ୍ୟାଗ ଧରି ଓହ୍ଲାଇବା ବେଳେ ଟ୍ରେନ ଛାଡି ଦେଇଥିଲା। ଅସାବଧାନତାରୁ ସେ ରେଳ ଧାରଣାରେ ପଡ଼ିଯାଇଥିବା ବେଳେ କଟି ଯାଇଥିଲେ। ରେଳବାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ଏନେଇ ପରିବାର ଲୋକଙ୍କୁ ସୂଚନା ମିଳିବା ପରେ ସେମାନେ କଇଥଖଣ୍ଡି ସରପଞ୍ଚ ମନୋରଞ୍ଜନ ଗୌଡ଼ଙ୍କୁ ଜଣାଇଥିଲେ। ସରପଞ୍ଚ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ସେଠାକାର ପ୍ରଶାସନ ଓ ରେଳବାଇ ପୋଲିସ ଅଧିକାରୀଙ୍କ ସହ ଫୋନରେ କଥା ହୋଇ ମୃତଦେହ ଗାଁକୁ ପଠାଇବାକୁ ଅନୁରୋଧ କରିଥିଲେ।

# ହାତୀ ନେଲା ୨ଚାଷୀଙ୍କ ଜୀବନ

## କ୍ଷେତକୁ ପାଚିଲା ଧାନ ଜଗିବାକୁ ଯାଉଥିଲେ

ଜମନକିରା, ୧୧।୧୧ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲ୍ଲା ଜମନକିରା ଥାନା ବଡ଼ରମା ବନାଞ୍ଚଳ ଅନ୍ତର୍ଗତ କୁତବ ଗାଁର ୨ଜଣ ଚାଷୀଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ସେମାନେ ହେଲେ ଗଙ୍ଗାରାମ ପଟେଲ(୪୫), ପ୍ରଦୀପ ଘଡୁଆଲ(୬୦)। ଉଭୟେ ନିଜ ଜମିରେ ଜେଉଁଥିବା ପାଚିଲା ଧାନକୁ ଜନ୍ତୁ ଆକ୍ରମଣରୁ ରକ୍ଷାକରିବା ପାଇଁ ସୋମବାର ରାତି ପ୍ରାୟ ୯ଟାରେ ଯାଇଥିଲେ। ହେଲେ ମଙ୍ଗଳବାର ସକାଳେ ଉଭୟଙ୍କ ମୃତଦେହ କ୍ଷେତକୁ ଯାଇଥିବା ବଣ ରାସ୍ତାରେ କ୍ଷତବିକ୍ଷତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପାଖରେ ହାତୀ ପାଦଚିହ୍ନ ପଡ଼ିଥିଲା। ଏଣୁ ହାତୀ ହାବୁଡ଼ରେ ପଡ଼ିବା ପରେ ସେମାନଙ୍କୁ ଦଳି ମାରିଦେଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଥିଲା। ଏହି ଖବର ପ୍ରଚାରିତ ହେବା ପରେ ମୃତକଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡ଼ାଇବାରେ ବନ ବିଭାଗର ନିଷ୍କ୍ରିୟତାକୁ ଦାୟୀକରି ହୋହଲ୍ଲା କରିଥିଲେ। ହାତୀ ଜଙ୍ଗଲ ନିକଟ ଗାଁ ଓ ପାଚିଲା ଧାନକ୍ଷେତକୁ ଆସୁଥିବାର ଗତିବିଧି ବନ ବିଭାଗ ରଖୁଥିଲେ ମଧ୍ୟ ଜନସାଧାରଣଙ୍କୁ ସତର୍କ କରୁ ନ ଥିବାରୁ ୨ ଚାଷୀଙ୍କ ଜୀବନ ଗଲା ବୋଲି ସେମାନେ ଅଭିଯୋଗ କରିଥିଲେ। ଖବର ପାଇ ବଡ଼ରମା ରେଞ୍ଜର ଗିରିଧାରୀ ପଧାନ, ଫରେଷ୍ଟର ଆନନ୍ଦ ପରିଡ଼ା, ଜମନକିରା ଥାନା ଆଇଆଇସି ପ୍ରଜ୍ଞାମଞ୍ଜରୀ ସାହୁ, ତହସିଲଦାର ପ୍ରବୀଣା ବିଲୁଙ୍ଗ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ସରକାରଙ୍କ ନିୟମ ଅନୁଯାୟୀ ହାତୀ ଆକ୍ରମଣରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯିବ। ତେବେ ଆଗାମୀ ୭ଦିନ ଭିତରେ ଏହି କ୍ଷତି ରାଶିର ୧୦ପ୍ରତିଶତ ଦିଆଯିବ ବୋଲି ରେଞ୍ଜର ପଧାନ ପ୍ରତିଶ୍ରୁତି ଦେବା ପରେ ଲୋକେ ଶାନ୍ତ ପଡ଼ିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନା ପଠାଯାଇଥିଲା। ଏ ସଂକ୍ରାନ୍ତରେ ରେଞ୍ଜର ପ୍ରଧାନଙ୍କୁ ପଚାରିବାରୁ ଚାଷଜମି ପାଖରେ ଥିବା ମଞ୍ଚକୁ ଫସଲ ଜଗିବାକୁ ଯାଉଥିବା ବେଳେ ହାତୀ ଦଳିଦେଇ ଦେବାରୁ ଉଭୟଙ୍କ ମୃତ୍ୟୁ ଘଟିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ସ୍ପଷ୍ଟ ହୋଇପାରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ହେବ ସମ୍ପୃକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ଅମଳ ଅପେକ୍ଷାରେ ଥିବା ଚାଷୀମାନେ ପାଚିଲା ଧାନ ଓ ଅନ୍ୟାନ୍ୟ ଫସଲକୁ ବଞ୍ଚାଇବା ପାଇଁ ମଞ୍ଚବାନ୍ଧି ଜଗୁଥିବା ଦେଖାଯାଉଛି।

# ମିଶନ ପାୱାରର ଅଗ୍ରଗତି ସମୀକ୍ଷାକରିବ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି

ଭୁବନେଶ୍ୱର, ୧୧।୧୧(ସୁନିତ୍ ମିଶ୍ର)

ବିଦ୍ୟୁତ୍, ପାନୀୟ ଜଳ ଓ ସଡ଼କ ହେଉଛି ନାଗରିକଙ୍କ ମୌଳିକ ଆବଶ୍ୟକତା। ଏହି ସମସ୍ୟାଗୁଡ଼ିକର ସମାଧାନ ଏବଂ ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ମିଶନ ପାୱାର (ବିଜୁଳି, ପାନୀୟଜଳ ଏବଂ ରାସ୍ତାଘାଟ) ନାମକ ଏକ ସମନ୍ୱିତ କାର୍ଯ୍ୟକ୍ରମ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ଗ୍ରାମରେ ୨୦୨୭ ସୁଦ୍ଧା ନିତିଦିନିଆ ରାସ୍ତା, ବିଜୁଳି ଓ ପାନୀୟଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୋଣ ଏବଂ ନିର୍ଦ୍ଦେଶକୁ ସାକାର କରିବା ଲାଗି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଥିଲେ। ବୈଠକର ଆଲୋଚନା ଅନୁଯାୟୀ, ନିୟମିତ ଭାବେ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ପାଇଁ ଶକ୍ତି, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନଙ୍କ ସହ ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯିବ ବୋଲି ଜଣାପଡ଼ିଛି। ସେହିପରି ବୈଠକ ପରେ ମିଳିଥିବା ସୂଚନା ମୁତାବକ, ପଞ୍ଚାୟତସ୍ତରୀ ସମସ୍ତ ସ୍ଥିତି ସମ୍ପର୍କିତ ରିପୋର୍ଟ ପାଇଁ ରୋଡ଼ମ୍ୟାପ୍ ଏବଂ ସମୟସୀମା ଧାର୍ଯ୍ୟ କରାଯାଇ ନିୟମିତ ଭାବେ ଜିଲାପାଳମାନଙ୍କଠାରୁ ସଂଗ୍ରହ କରାଯିବ। ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ୍, ପାନୀୟ ଜଳ ଏବଂ ଶେଷ ମାଇଲ ପର୍ଯ୍ୟନ୍ତ ସଡ଼କ ସଂଯୋଗୀକରଣ ଯୋଗାଇବା ଏହି ମିଶନ ପାୱାରର ଉଦ୍ଦେଶ୍ୟ। ଏହି ମିଶନ ୩ଟି ପରିଭାଷିତ ନୀତି ଯଥା, ଗତି, ପରିମାଣ ଏବଂ ମାନକ (ଗୁଣବତ୍ତା) ଉପରେ କାର୍ଯ୍ୟ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏକ ସମନ୍ୱିତ ଅଭିଯୋଗ ନେଇ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଏବଂ ସମାପ୍ତିକୁ ସୁନିଶ୍ଚିତ କରାଯିବ। ଏହି ଅବସରରେ ମନ୍ତ୍ରୀ ନାଏକ କହିଛନ୍ତି, ମାର୍ଚ୍ଚ ୨୦୨୭ ସୁଦ୍ଧା ପ୍ରତ୍ୟେକ ଘରକୁ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେବା ଜରୁରୀ। ସୁସ୍ଥ ଜୀବନ ସୁନିଶ୍ଚିତ କରିବା ପାଇଁ ଫ୍ଲୋରାଇଡ୍ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଫ୍ଲୋରାଇଡ୍ ରିମୁଭର ଯୋଜନା ମଧ୍ୟ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ।

# ନବୀନଙ୍କୁ ଭେଟିଲେ ସୌମ୍ୟା ସ୍ୱାମୀନାଥନ

ଭୁବନେଶ୍ୱର, ୧୧।୧୧(ସୁନିତ୍ ମିଶ୍ର)

ପ୍ରଖ୍ୟାତ ବୈଜ୍ଞାନିକ ତଥା ଏମ୍.ଏସ୍. ସ୍ୱାମୀନାଥନ୍ ଫାଉଣ୍ଡେଶନର ଅଧ୍ୟକ୍ଷା ସୌମ୍ୟା ସ୍ୱାମୀନାଥନ ମଙ୍ଗଳବାର ସନ୍ଧ୍ୟାରେ ନବୀନ ନିବାସ ଯାଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ସ୍ୱାମୀନାଥନ ଓଡ଼ିଶାରେ ନବୀନଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଶେଷ କରି ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ସଫଳ ପଦକ୍ଷେପର ଉଚ୍ଚ ପ୍ରଶଂସା କରିଥିବା ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମିଲେଟ୍ ମିଶନ ଲୋକପ୍ରିୟ ହେବା ସହିତ ଜନଜାତି ବର୍ଗର ଆର୍ଥିକ ବିକାଶରେ ସହାୟକ ହୋଇଛି ବୋଲି ସେ ମତ ପ୍ରକାଶ କରିଛନ୍ତି। ମିଶନ ଶକ୍ତି କାର୍ଯ୍ୟକ୍ରମ ଓଡ଼ିଶାର ମା' ମାନଙ୍କୁ ସଶକ୍ତ କରିବା ସହିତ ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ନେଇଛି ବୋଲି ପ୍ରଶଂସା କରିଛନ୍ତି।

# ସାତକୋଶିଆ: ଏଯାଏ ଲାଗିନି ଏଆଇ କ୍ୟାମେରା ଟାୱାର

ଅନୁଗୋଳ,୧୧।୧୧ (ଦିବ୍ୟଶାନ୍ତନୁ ନାଥ)

ଶିମିଳିପାଳ ଜାତୀୟ ଉଦ୍ୟାନ ଭଳି ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ସୁରକ୍ଷା ବ୍ୟବସ୍ଥା ମଜଭୁତ ହୋଇଥାନ୍ତା। ଏଆଇ କ୍ୟାମେରା ଟାୱାର ସ୍ଥାପନ କରାଯାଇ ଜଙ୍ଗଲରେ ବଢୁଥିବା ଅପରାଧ ଉପରେ ରୋକ୍ ଲଗାଯାଇଥାନ୍ତା। ବର୍ଷେ ତଳୁ ଏପରି ଯୋଜନା କରିଥିଲେ ସାତକୋଶିଆ ଅଭୟାରଣ୍ୟ କର୍ତ୍ତୃପକ୍ଷ। ୨୦୨୪ ଅକ୍ଟୋବରରେ ସରକାରଙ୍କ ପକ୍ଷରୁ ଏ ବାବଦରେ ବ୍ୟୟ ହେବାକୁ ଥିବା ଅର୍ଥ ମଧ୍ୟ ପ୍ରଦାନ କରାଯାଇଥିଲା। ଏହାପରେ ଟେଣ୍ଡର ଡକାଯାଇ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ଉକ୍ତ ଠିକା ସଂସ୍ଥା କାର୍ଯ୍ୟ କରି ନ ଥିବାରୁ ବର୍ଷେ ପରେ ବି ସାତକୋଶିଆରେ ଲାଗିପାରିନି ଏଆଇ କ୍ୟାମେରା ଟାୱାର। ସାତକୋଶିଆ ବନଖଣ୍ଡର ସୀମାକୁ ଲାଗି ରହିଛି ମହାନଦୀ, ଢେଙ୍କାନାଳ, ଅନୁଗୋଳ, ଆଠମଲ୍ଲିକ, ବୌଦ୍ଧ ଓ ଆଠଗଡ଼ ଆଦି ବନଖଣ୍ଡ। ଏଥିରୁ କେତେକାଂଶ ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ରହିଛି। ତେଣୁ ଏହି ସୀମାନ୍ତ ବାଟ ଦେଇ ଶିକାରୀମାନେ ଜଙ୍ଗଲ ମଧ୍ୟକୁ ପ୍ରବେଶ କରି ଶିକାର କରିବା ସହ ଚମ୍ପଟ ମାରୁଥିବା ବେଳେ କାଠ ମାଫିଆମାନେ ଗଛ କାଟି ନେଉଛନ୍ତି। ଜଙ୍ଗଲ ସୁରକ୍ଷା ପାଇଁ କ୍ୟାମେରା ଟ୍ରାପ୍, ପାଦଚଲା ପାଟ୍ରୋଲିଂ ବ୍ୟବସ୍ଥା ରହିଛି। କିନ୍ତୁ ଉକ୍ତ କ୍ୟାମେରା ଟ୍ରାପ୍ ପ୍ରତି ୩/୪ ମାସରେ ଖୋଲାଯାଉଥିବା ବେଳେ ଏହାକୁ ଗୋଟି ଗୋଟି କରି ତନଖି କରିବାକୁ ବହୁ ସମୟ ଲାଗିଥାଏ। ତେଣୁ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ସାତକୋଶିଆ ବନଖଣ୍ଡରେ ୩, ମହାନଦୀ ବନଖଣ୍ଡରେ ୧, ଅନୁଗୋଳରେ ଗୋଟିଏ ଓ ଢେଙ୍କାନାଳ ବନଖଣ୍ଡରେ ଗୋଟିଏ ଏଆଇ କ୍ୟାମେରା ଟାୱାର ନିର୍ମାଣ କରାଯିବାର ପ୍ରସ୍ତାବ ରହିଥିଲା। ଏହି କ୍ୟାମେରା ଟାୱାର ପ୍ରାୟ ୧୦ କିଲୋମିଟର ଦୂରରୁ ଜଙ୍ଗଲ ମଧ୍ୟରେ ହେଉଥିବା ପ୍ରତିଟି ଗତିବିଧି ଉପରେ ନଜର ରଖିପାରିବ। ଜଙ୍ଗଲ ମଧ୍ୟରେ ଥିବା ଉଚ୍ଚସ୍ଥାନକୁ ବାଛିବା ସହ ଏହି ସ୍ଥାନରେ ଟାୱାରଗୁଡ଼ିକ ସ୍ଥାପନ କରାଯାଇଥାନ୍ତା। କୌଣସି ଶିକାରୀ ଜଙ୍ଗଲକୁ ପ୍ରବେଶ କରିବା ମାତ୍ରେ ଏହି କ୍ୟାମେରା ଟାୱାର ସତର୍କ ଘଣ୍ଟି ବଜାଇବ। ଫଳରେ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ସର୍ତ୍ତକ ହୋଇପାରିବେ। ଏଥିସହ କ୍ୟାମେରା ମାଧ୍ୟମରେ ଉଠିଥିବା ଫଟୋ ଯୋଗୁ ଅପରାଧୀମାନଙ୍କୁ ସହଜରେ ଚିହ୍ନଟ କରାଯାଇପାରିବ। ସାତକୋଶିଆରେ ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏଯାଏ ଏଆଇ କ୍ୟାମେରା ଟାୱାର ଲାଗିପାରି ନାହିଁ। ଏ ନେଇ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର କହିଛନ୍ତି, ଏଆଇ କ୍ୟାମେରା ଟାୱାର ଲଗାଇବା ପାଇଁ ସ୍ଥାନ ଚିହ୍ନଟ ସରିଛି। ହେଲେ ଏହି କାର୍ଯ୍ୟ ପାଇଁ ଟେଣ୍ଡର ପାଇଥିବା ସଂସ୍ଥା ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ତେଣୁ ଉକ୍ତ ଟେଣ୍ଡର ରଦ୍ଦ କରାଯାଇ ନୂଆ ଟେଣ୍ଡର ଆହ୍ୱାନ କରାଯିବ।


**OFFICE OF THE SUPERINTENDING ENGINEER**
**RWS&S DIVISION, BHUBANESWAR**
E-Mail: eebbsrrwss@gmail.com
**Cancellation of Quotation Call Notice No.20 of 2025-26**
**Letter No.4378, Dt.11.11.2025**

No.O-1418: The Quotation Call Notice No.20 of 2025-26 for Hiring of vehicle for Office use of the Engineer-in-Chief, RWS&S (O), Bhubaneswar is hereby cancelled due to non response.

Sd./- Superintending Engineer
RWS&S Division, Bhubaneswar
OIPR-

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, BALLIGUDA**
No. 4073/RWDBLG Date: 07.11.2025
**2nd Corrigendum to the Bid Identification No. Online Tender/04/EERWD BLG/2025-26**

No. O-1409: The tender invited vide Bid Identification No. Online tender/04/EERWD BLG/2025-26 vide T.O. Office Letter No. 3561 Dt.25.09.2025. Due to unavoidable circumstances, the availability of tender online for bidding is from 11.11.2025 at 10.00 A.M. to 19.11.2025 upto 5.00 P.M. Instead of 04.11.2025 at 10.00 A.M. to 14.11.2025 upto 5.00 P.M. Opening Dt.20.11.2025.
The other terms and conditions are remained unchanged.
Further details, corrigendum(s) etc can be seen from the e-procurement portal "**https://www.tendersorissa.gov.in**".
OIPR- Sd./- Executive Engineer, R.W. Division, Balliguda

**COUNCIL OF HIGHER SECONDARY EDUCATION, ODISHA**
**PRAJNAPITHA, SAMANTAPUR, BHUBANESWAR-13**
**NOTIFICATION**
No.N-194:
Bhubaneswar, Dated 11th November, 2025
**Extension of Timeline for Central Sector Scheme of Scholarship**

No.S.W.116/2025/5800/ CHSE (O), This is for information of the students and INO/DNO that timeline for all post matric/ Top Class Central Sector Schemes has been extended as under.

| Particulars | Extension Granted Upto |
|---|---|
| Last date for receipt of applications | 15.11.2025 |
| Last date for INO level verification(L1) | 30.11.2025 |
| Last date for DNO/SNO/ Ministry level verification (L2) | 15.12.2025 |

For detailed information please visit the website (NSP) www.scholarships.gov.in.

By order of the Chairman
Sd./- Dy. Secretary
OIPR-

**TDCCOL**
**TRIBAL DEVELOPMENT CO-OPERATIVE CORPORATION OF ORISSA LTD.**
Tel.: 0674-2542475/2542617, Fax: 2544828
Email: admin@tdccorissa.org, Website: www.tdccodisha.org
No. 2904/TDCCOL Date: 07.11.2025
**TENDER CALL NOTICE FOR SUPPLY OF COFFEE BREWING MACHINES, BEANS GRINDERS & BLENDERS**

No. CAD-2235: Sealed tender(s) are invited from registered dealers/manufacturers/ authorized suppliers for supply, installation, testing and commissioning of coffee brewing machines, grinders and blenders along with accessories to be supplied and installed at different locations in Odisha. The tender paper with all documents sealed cover will be received at the office of the MD, TDCCOL, Rupali Square, Bhubaneswar - 751022 only by Speed Post/Registered Post. The tender paper will not received by Courier/personal means/by hand/special messenger. The undersigned reserves the right to accept or reject any or all the tenders without assigning any reason thereof. The detail terms and conditions can be downloaded from the official website: **www.tdccodisha.org**. The intending vendors/suppliers who are willing to supply the iterms are requested to submit their willingness/offers in a prescribed format as mentioned in the tender paper. The last date and time of receipt of tender documents is upto 05.00 P.M. on 01.12.2025.
OIPR- Sd./- Managing Director

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, JAJPUR**
No. O-1323
**'e' PROCUREMENT NOTICE No. Tender Online 10 JJPT of 2025-26**

1. Name of Work : Road work
2. Total No. of Work : 1 No. Road Work
3. Estimated Cost (Approx.) : Rs.58.73 Lakhs
4. Period of Completion : 60 Days
5. Class of Contractors : B Class

**Other details as follows:**

a) Procurement Officer : Superintending Engineer, Rural Works Division, Jajpur
b) Availability of tender online & submission of bid : 11.11.2025 at 10.00 A.M. to 21.11.2025 upto 5.00 P.M.
c) Last date & time of seeking of tender clarification : 20.11.2025 upto 5.00 P.M.
d) Opening of Technical Bid : 24.11.2025 at 11.00 A.M.

Further details can be seen from the Govt. website: **www.tendersodisha.gov.in**.
**Note:** If situation arises the transparent lottery will be held on 28.11.2025, at 11.30 A.M.
Sd./- Superintending Engineer
Rural Works Division, Jajpur
OIPR:

**GOVERNMENT OF ODISHA** No. C-1381
**OFFICE OF THE SUPERINTENDING ENGINEER, PUBLIC HEALTH DIVISION, BALANGIR**
Email. ID – eephbgr@yahoo.co.in, Ph. No – (06652 – 234647)
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. ACEPHBGR 11/2025-26 Dt.30.10.2025**

| | | |
|---|---|---|
| 01. | Name of the Work | 07 No. |
| 02. | Estimated Cost | Rs.8.79 Lakhs to 62.63 Lakhs |
| 03. | Period of Completion | 03 Months |
| 04. | Date & Time of availability of bid document in the portal | From 11.00 AM of dt. 11.11.2025 to 5.00 PM of dt. 25.11.2025 |
| 05. | Last date / time of receipt of bids in the portal | 5 PM of dt. 25.11.2025 |
| 06. | Date & Time of opening of bids | At 11.00 AM of dt. 26.11.2025 |
| 07. | Name and Address of the Officer Inviting Bid | The Superintending Engineer, Office of The Superintending Engineer, Public Health Division, Balangir, At- Tulasinagar, Po/Dist.- Balangir, Pin- 767001, Odisha, Phone:- 06652-234647, E-mail: eephbgr@yahoo.co.in |

**Further details can be seen from the website https://tenders.ori.nic.in or www.tendersodisha.gov.in**
Sd./-Addl. Chief Engineer,
P.H.Division, Balangir
OIPR-

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I,GANJAM,BERHAMPUR**
Government of Odisha e-Procurement Notice
Bid Identification No.Online Tender//13//SERWDG-I//2025-26
E-Mail: eerw_gm1@yahoo.co.in
No.O-1396 Letter No.5141// RWDG-I//BAM//Date:01.11.2025

| | | |
|---|---|---|
| 1. | Name of the Work | Road Work |
| 2. | Estimated Cost | Rs.50.42 Lakhs |
| 3. | Period of Completion | 02 (Two) Calendar Months as shown in Column No.06 of Annexure |
| 4 | Date & Time of Availability of Bid documents in the Portal | From 12.11.2025 at 11.00 AM to 24.11.2025 upto 5.00 P.M. |
| 5 | Last Date/Time for Receipt of Bids in the Portal | 24.11.2025 upto 5.00 PM |
| 6 | Name and Address of the Officer Inviting Bid | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in.
Sd./- Executive Engineer
R.W. Division-I, Ganjam, Berhampur
OIPR-

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523
**INVITATIONS FOR BIDS (IFB)**
File No. B-II-Rev.-18/2024 Lr. No. 42147 / Bhubaneswar, Dtd. 4th Nov., 2025
No. B-684
**Invitation for Bids**
**1st Corrigendum**
**RFP Identification No. C.E. (B) - 27/2025-26**

Name of the Work - Supervision Consultancy Services for the work "Construction of New Collectorate Building, Cuttack (G/S+5 Floors) on Turnkey Basis in the State of Odisha".
The following changes have been made in RFP Identification No. C.E.(B) - 27/2025-26. Bid documents can be seen/downloaded from the Govt. Website i.e. **www.tendersorissa.gov.in,** during the period **Dt.15.11.2025 to 17.30 hours of Dt.01.12.2025** instead of **Dt.03.11.2025 to 17.30 hours of Dt.17.11.2025** for ONLINE BIDDING respectively.

1. A pre-bid meeting shall be held on Dt.21.11.2025 at 11.30 A.M. at the Conference Hall of Office of the Chief Engineer (Buildings-I), Odisha, Nirman Soudha, Unit-V, Bhubaneswar instead of Dt.10.11.2025.
2. Online bids shall be received till 17.30 hours of Dt.01.12.2025 instead of Dt.17.11.2025.
3. Hardcopy shall be received on or before Dt.05.12.2025 upto 17.30 hours by this office instead of Dt.24.11.2025.
4. The technical bids will be opened at 11.30 A.M. of Dt.06.12.2025 instead of Dt.25.11.2025.

All other terms and conditions remain unchanged.
OIPR- Sd./- Chief Engineer (Buildings-I), Odisha

**GOVERNMENT OF ODISHA** No. A-864
**DEPARTMENT OF WATER RESOURCES**
**Office of the Superintending Engineer, Drainage Division, Jajpur**
Email id-ddckl121@gmail.com
**"e" PROCUREMENT NOTICE NO.- DDJPR - 02/2025-26**

| | | |
|---|---|---|
| 1 | Name of work: - | Drainage works (Under D.I.P. Scheme) |
| 2 | Total No. of Project: - | 5 Nos. of individual work. |
| 3 | Estimated cost of individual works: | Varies from Rs.74,62,217/- to Rs.79,71,065/- (Excluding G.S.T.) |
| 4 | Period of completion: - | 08 (Eight) Calendar months |
| 5 | Bid Identification Number | **DDJPR-05/2025-26 to DDJPR-09/2025-26** |
| 6 | Date & Time of availability of Bid document in the Portal | From Dt.12.11.2025 at 10.00 hours to Dt.26.11.2025 at 17.00 hours |
| 7 | Date of Opening of bid | Dt.27.11.2025 at 11.30 Hrs in the O/o The Superintending Engineer, Drainage Division, Jajpur |
| 8 | Date of Opneing of Financial bid | Dt.08.12.2025 at 11.30 Hrs in the O/o The Superintending Engineer, Drainage Division, Jajpur |
| 9 | Date of Lottery (if required) | Dt.22.12.2025 at 11.30 Hrs in the O/o The Superintending Engineer, Drainage Division, Jajpur |
| 10 | Procurement Officer/ Name & address of the officer inviting Bids. | Superintending Engineer, Drainage Division, Jajpur. |

Further details can be seen from the Govt. Website **www.tendersodisha.gov.in**
Sd./- Superintending Engineer
Drainage Division, Jajpur
OIPR-

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RWSS DIVISION, KORAPUT**
e-mail: eerwss_kpt@rediffmail.com, Ph. No.: 06852-250281 (Off), Ph. No.: 06852-250680 (Res.), Fax No.: 06852-251098
**National Competitive Bidding Through E-Procurement**
**Tender Identification No. 13/SE/RWSS/KPT/2025-26/01.11.2025**

No. O-1357: The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single Cover (P1 Contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted online in the website **www.tenderorissa.gov.in** separately for the works.

| | | |
|---|---|---|
| 1 | Nature of Work | Rural piped water supply projects under Koraput District |
| 2 | Estimated Cost | Varies from 15.19 Lakhs to 59.36 Lakhs |
| 3 | Total Nos. of Works | 8 Nos. |
| 4 | Tender Cost | Rs.6,000.00 & Rs.10,000.00 |
| 5 | Class of Contractor | "D", "C" & "B" |
| 6 | Availability of Bid document in the website | Dt.11.11.2025 at 17.00 hours to 20.11.2025 upto 17.00 hours |
| 7 | Date of seeking clarification | During the office hours of 11.11.2025 to 19.11.2025 |
| 8 | Date of Opening of Bid | Dt.21.11.2025 at 11.00 hours |

Further details can be seen in the bidding documents which is available in the e-procurement portal **https/www.tendersorissa.gov.in.** Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.
Sd./- Addl. Chief Engineer
RWS&S Division, Koraput
OIPR-

**ଓଡ଼ିଶା ସରକାର** No.A-883
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଜାରକା ଜଳସେଚନ ବିଭାଜନ**
ଇମେଲ–eeidjaraka@yahoo.com
**"e" Procurement Notice**
**Bid Identification No.-JKID-03/2025-26**

1. କାର୍ଯ୍ୟର ନାମ : Irrigation Project Works as per DTCN
2. ମୋଟ କାର୍ଯ୍ୟ ସଂଖ୍ୟା : ୩୪ (ଚଉତିରିଶ ଗୋଟି କାର୍ଯ୍ୟ)
3. ଅଟକଳ ମୂଲ୍ୟ : ୫.୧୧ ଲକ୍ଷରୁ ୩୨.୩୩ ଲକ୍ଷ
4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : କ୍ର.ନଂ.୧ ରୁ ୩୪ ୯୦ ଦିନ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :

I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନ, ଜାରକା
II. ଅନଲାଇନ Biddingର ସମୟସୀମା: ତା.୧୩.୧୧.୨୦୨୫ ଦିବା ୧୧ ଘଟିକାରୁ ତା.୨୪.୧୧.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
III. Technical ଏବଂ Financial bid: ଖୋଲାଯିବାର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୫.୧୧.୨୦୨୫ ଦିବା ୧୧.୦୦ ଘଟିକା
IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୫.୧୨.୨୦୨୫ ଦିବା ୧୧.୦୦ ଘଟିକା ସମୟରେ।

Further details can be seen from the Govt. website www.tendersorissa.gov.in
Sd./– ଅଧୀକ୍ଷଣ ଯନ୍ତ୍ରୀ
ଜାରକା ଜଳସେଚନ ବିଭାଜନ, ଜାରକା
OIPR-

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JASHIPUR**
**GOVERNMENT OF ODISHA**
No.A-874 **"e" Procurement Notice**
**Bid Identification No.05 MID (JSP/2025-26)**

1. Name of the Inviting Officer : Superintending Engineer, Minor Irrigation Division, Jashipur
2. Name of the Work : Improvement of Embankment Road of MIP in Jashipur Block of Mayurbhanj District under the scheme CAPEX Road for the year 2025-26
3. No. of Works : 1 (One) Nos.
4. Tender Amount Varies From : 92.29 Lakhs
5. Date & Time of availability of Bid document in the Portal for online bidding from : Dt.15.11.2025 10.00 hrs to Dt.24.11.2025 17.00 Hrs.
6. Last date and time for receipt of Bids in the Portal : Dt.24.11.2025 upto 17.00 hrs
7. Last date and time for clarification upto : Dt.24.11.2025 upto 17.00 hrs
8. Date of Opening of Bid : Dt.25.11.2025 at 11.00 hrs onwards

The detail tender call notice can also be seen in the DOWR website: http://dowrorissa.gov.in.
Name & Address of the OIT : Superintending Engineer, M.I.Division, Jashipur, At/PO-Khairi / Dist: Mayurbhanj, PIN-757091 E-Mail: eemijashipur@yahoo.com
Further details can be seen from the e-Procurement market place : http://tenderorissa.gov.in
• Subsequent corrigendum/addendum if required shall be available in the above portal.
• The tender inviting authority reserves the right to reject/cancel any or all tenders without assigning any reason thereof.
Sd./- Superintending Engineer
M.I. Division, Jashipur
OIPR-

**ଜନ୍ମଦିନର ଶୁଭେଚ୍ଛା**

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଡିବିଏଫ୍ ସହଯୋଗରେ ଜିଲାସ୍ତରୀୟ ସ୍କୁଲ ଆଥ୍‌ଲେଟିକ୍ସ ମିଟ୍

**ଭୁବନେଶ୍ୱର, ୧୧।୧୧ (ବିଜୟ ରଣା)**

କଟକ ଜିଲା ଅନ୍ତର୍ଗତ ଚୌଦ୍ୱାର, ଟାଙ୍ଗୀସ୍ଥିତ ଉତ୍କଳମଣି ବିଦ୍ୟାପୀଠ, ସଫାଠାରେ ଡାଲ୍‌ମିଆ ଭାରତ ଲିମିଟେଡ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱ ନିର୍ବାହ ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ (ଡିବିଏଫ୍)ର ସହାୟତାରେ ଜିଲାସ୍ତରୀୟ ସ୍କୁଲ ଆଥ୍‌ଲେଟିକ୍ସ ମିଟ ଅନୁଷ୍ଠିତ ହୋଇଯାଇଛି। ଏହି ଇଭେଣ୍ଟରେ କଟକ ଜିଲାର ୧୪ଟି ବ୍ଲକରୁ ୩୫୬ଜଣ ଛାତ୍ରୀଛାତ୍ର ଓ ୫୬ ଜଣ ଶିକ୍ଷା କର୍ମଚାରୀ ଏବଂ ୮୯ ବ୍ଲକ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଯୋଗଦାନ ପୂର୍ବକ ଜିଲା ଫିଜିକାଲ ଏଜୁକେଶନ ଅଫିସର(ଡିପିଇଓ) ସୌଦାମିନୀ ଦାସ କହିଥିଲେ, ତୃଣମୂଳସ୍ତରରେ କ୍ରୀଡ଼ାକୁ ପ୍ରୋତ୍ସାହନ ଯୋଗାଇଦେବାରେ ଡାଲମିଆ ଭାରତର ଏହି ପ୍ରୟାସ ପ୍ରଶଂସାଯୋଗ୍ୟ। ଡାଲମିଆ ସିମେଣ୍ଟର ୟୁନିଟ୍ ମୁଖ୍ୟ, କେସିଡବ୍ଲ୍ୟୁ ପଙ୍କଜ ଗୁପ୍ତା କହିଥିଲେ, ଡିବିଏଫ୍ ଏହାର ସେବା ଯୋଗାଇ ଦେଉଥିବା ଅଞ୍ଚଳଗୁଡ଼ିକରେ ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଯୁବ ପ୍ରତିଭାମାନଙ୍କ ପ୍ରତିପୋଷଣ ନିମନ୍ତେ ପ୍ରତିଶ୍ରୁତିବଦ୍ଧ। ଏହି ପ୍ରୟାସ ଡିବିଏଫ୍‌ର ବ୍ୟବସାୟ ପରିଚାଳନା ଅଞ୍ଚଳଗୁଡ଼ିକରେ ଶିକ୍ଷା କ୍ରୀଡ଼ା ଓ ଗୋଷ୍ଠୀଗୁଡ଼ିକର କଲ୍ୟାଣକୁ ସମର୍ଥନ କରିବାକୁ ବିସ୍ତାରିତ ଲକ୍ଷ୍ୟର ଅଂଶବିଶେଷ।



ଜିଲାସ୍ତରୀୟ ସ୍କୁଲ ଆଥ୍‌ଲେଟିକ୍ସ ମିଟ ଅବସରରେ ଉପସ୍ଥିତ ଅତିଥିମାନେ।

# ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ


ପ୍ରତିଯୋଗିତା ଅବସରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୧୧।୧୧(ତପନ ସ୍ୱାଇଁ)**

ପଟିଆସ୍ଥିତ ଶୈଳେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ମଙ୍ଗଳବାର ଶେଷ ହୋଇଛି। ଏହି ପ୍ରତିଯୋଗିତା ୨ ଦିନଧରି ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ବିଭିନ୍ନ ବିଦ୍ୟାଳୟରୁ ୨୨ଟି ସିନିୟର ଓ ଜୁନିୟର ବାଳକ ଦଳ ଅଂଶଗ୍ରହଣ କରିଥିଲେ। ସେହିପରି ଦ୍ୱିତୀୟ ଦିବସରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରୁ ୧୬ଟି ସିନିୟର ଓ ଜୁନିୟର ଦଳ ଭାଗ ନେଇଥିଲେ। ପ୍ରତିଯୋଗିତାକୁ ୩୦ ଅଫିସିଆଲ ପରିଚାଳନା କରିଥିବାବେଳେ ମୋଟ୍ ୨୨୦ ଖେଳାଳି ଅଂଶଗ୍ରହଣ କରିଥିଲେ। ସିନିୟର ବାଳିକା ବିଭାଗରେ ଶୈଳେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ବାଳକ ବର୍ଗରେ ପ୍ରଶାନ୍ତି ବିହାରସ୍ଥିତ ବିଜୁ ପଟ୍ଟନାୟକ ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ ହୋଇଛି। ବରମୁଣ୍ଡା ସିଆର୍‌ପିସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଦଳ ଜୁନିୟର ବାଳିକା ଓ ବାଳକ ବର୍ଗରେ ଚାମ୍ପିୟନ ହୋଇଛି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅମର କୁମାର ବେହେରା ଓ ରଶ୍ମିରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନଶିକ୍ଷକ ବନମାଳୀ ଶ୍ୟାମସୁନ୍ଦର ବେହେରା ସଭାପତିତ୍ୱ କରିଥିଲେ। ଭୁବନେଶ୍ୱର ସ୍କୁଲ୍ ସ୍ପୋର୍ଟ୍ସ ଆସୋସିଏଶନର ସହକାରୀ ସମ୍ପାଦକ କିଶୋର କୁମାର ଲେଙ୍କା ଓ ପର୍ଯ୍ୟବେକ୍ଷକ କ୍ଷୀରୋଦ କୁମାର ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍କୁଲର ପ୍ରଧାନଶିକ୍ଷକ ଏବଂ ୨ କ୍ରୀଡ଼ା ଶିକ୍ଷକଙ୍କ ସହ ଜ୍ୟୋତିର୍ମୟୀ ବରାଳ, ଶ୍ରଦ୍ଧାଞ୍ଜଳି ସାହୁ, ସରିତା ବରାଳ, ସୁଚିତ୍ରା ସାହୁ, ପ୍ରୀତିମିତ୍ରା ଆଚାର୍ଯ୍ୟ, ଶୁଭଶ୍ରୀ ଦାସ, ସୁଜାତା ମହାନ୍ତି, ପ୍ରିୟଦର୍ଶିନୀ ସ୍ୱାଇଁ, ଶର୍ମିଷ୍ଠା ସାହୁ, ଶାଶ୍ୱତ ମହାନ୍ତି ସମେତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

# ହାମର ଥ୍ରୋୟର ମଞ୍ଜୁ ବାଲା ୪ବର୍ଷ ବାସନ୍ଦ

**ନୂଆଦିଲ୍ଲୀ, ୧୧।୧୧ (ପି.ଟି.)**

ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା)ର ଡିସିପ୍ଲିନାରୀ ପ୍ୟାନେଲ ଇଞ୍ଚିଅନ ଏସିଆନ ଗେମ୍ସ ପଦକ ବିଜେତା ହାମର ଥ୍ରୋୟର ମଞ୍ଜୁ ବାଲାଙ୍କୁ ୫ ବର୍ଷ ବାସନ୍ଦ କରିଛି। ୨୦୨୪ରେ ନିଷିଦ୍ଧ ଔଷଧ ସେବନ କରି ସେ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ୨୦୧୪ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ମଞ୍ଜୁ ଡିହାଇଡ୍ରୋ କ୍ଲୋରୋମେଥିଲ ଟେଷ୍ଟୋଷ୍ଟେରନ (ଷ୍ଟେରଏଡ୍) ଏବଂ ଏସ୍‌ଏଆର୍‌ଏମ୍‌ଏସ୍ ଏଲଜିଡି-୪୦୩୩ ଲିଗାନଡ୍ରୋଲ) ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ସେ ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ବିଷୟ ନାଡା ଗତବର୍ଷ ସେପ୍ଟେମ୍ବରରେ ସର୍ବସାଧାରଣରେ ପ୍ରକାଶ କରିଥିଲା। ଆଣ୍ଟି ଡୋପିଙ୍ଗ ଡିସିପ୍ଲିନାରୀ ପ୍ୟାନେଲ (ଏଡିଡିପି) ଏହାର ନିଷ୍ପତ୍ତି ଅକ୍ଟୋବର ୧୫ରେ ପ୍ରକାଶ କରିଥିଲା। ସସ୍‌ପେଣ୍ଡ ଦଣ୍ଡ ପିଛିଲା ୨୦୨୪ ଜୁଲାଇ ୧୦ରୁ ଲାଗୁ ହେବ। ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ଅନ୍ୟ ଜଣେ ଆଥଲେଟ ମୋହନ ସଇନି ୨୦୨୫ ଅକ୍ଟୋବର ୧୪ରୁ ୪ ବର୍ଷ ପାଇଁ ସସ୍‌ପେଣ୍ଡ ହୋଇଛନ୍ତି।

# ଶ୍ରୀଲଙ୍କାକୁ ୧୦ ଉଇକେଟରେ ହରାଇଲା ଭାରତ

**ଭୁବନେଶ୍ୱର, ୧୧।୧୧(ତପନ ସ୍ୱାଇଁ)**

## ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍ ଉଦ୍‌ଘାଟିତ

ନୂଆଦିଲ୍ଲୀଠାରେ ପ୍ରଥମ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ୍ ବିଶ୍ୱକପ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୧୦ ଉଇକେଟରେ ହରାଇ ଭାରତ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୧୩.୩ ଓଭରରେ ୪୧ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ଭାରତ ୩ ଓଭରରେ କୌଣସି ଉଇକେଟ ନ ହରାଇ ୪୩ ରନ୍ ସଂଗ୍ରହ କରିନେଇଥିଲା। ଅଧିନାୟିକା ଦୀପିକା ଟି.ସି. ୧୪ ବଲ୍‌ରୁ ୨୬ ଓ ଅନେଖା ଦେବୀ ୬ ବଲ୍‌ରୁ ୧୫ ରନ୍‌କରି ଅପରାଜିତ ରହିଥିଲେ। ଚମତ୍କାର ବୋଲିଂ ପାଇଁ ଗଙ୍ଗା କଦମ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍ ବୁଧବାର ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ।

# ନସିମ୍ ସାହଙ୍କ ପୈତୃକଘର ଉପରେ ଆକ୍ରମଣ

**ଲାହୋର, ୧୧।୧୧(ପି.ଟି.)**

ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶର ଲୋୟର ଦିର ଡିଷ୍ଟ୍ରିକ୍ଟସ୍ଥିତ ପାକିସ୍ତାନ ପେସର ନସିମ୍ ସାହଙ୍କ ପୈତୃକଘର ଉପରକୁ ଜଣେ ସନ୍ଦିଗ୍ଧ ଗୁଳି ଚଳାଇଛନ୍ତି। ହେଲେ ଏଥିରେ କାହାକୁ ଆଘାତ ଲାଗିନାହିଁ। ଏହି ଘଟଣା ସତ୍ତ୍ୱେ ନସିମ୍ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ନସିମ୍ ଓ ତାଙ୍କ ପରିବାରର ପ୍ରାୟ ସଦସ୍ୟ ଏବେ ଇସ୍‌ଲାମାବାଦ୍‌ରେ ରହୁଛନ୍ତି। କିନ୍ତୁ ତାଙ୍କ ନିକଟ ସମ୍ପର୍କୀୟ ପୈତୃକଘରେ ରହୁଛନ୍ତି।

# ଆବୁଧାବିରେ ହେବ ଆଇପିଏଲ୍ ଅକ୍ସନ

**ନୂଆଦିଲ୍ଲୀ, ୧୧।୧୧(ପି.ଟି.)**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ଅକ୍ସନ ଡିସେମ୍ବର ତୃତୀୟ ସପ୍ତାହରେ ଆବୁଧାବିରେ ହେବ। ଏ ନେଇ ବିସିସିଆଇ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଲଗାତର ତୃତୀୟଥର ପାଇଁ ଆଇପିଏଲ୍ ଅକ୍ସନ ବିଦେଶରେ ହେବାକୁ ଯାଉଛି। ଏହି ଇଭେଣ୍ଟ ଡିସେମ୍ବର ୧୫ କିମ୍ବା ୧୬ରେ ହେବ। ବାହାର ପରିବେଶରେ ପ୍ରଥମଥରପାଇଁ ଆଇପିଏଲ୍ ମିନି ଅକ୍ସନ ୨୦୨୩ରେ ଦୁବାଇରେ ଅନୁଷ୍ଠିତ ହୋଇଥିଲା। ପରେ ଏହା ଗତବର୍ଷ ସୌଦୀ ଆରବର ଜେଦାଠାରେ କରାଯାଇଥିଲା।



# Classified Everyday

**0674-2580101, 9692975378**



MATRIMONIAL

**BRIDE WANTED**

ଶୁଣ୍ଢୀ ମହାଜନ, ଯୌତୁକ ବିରୋଧି, ପ୍ରତିଷ୍ଠିତ ଆଧ୍ୟାତ୍ମିକ ପରିବାର, ଏକମାତ୍ର ପୁତ୍ର(39), ୫'୮" ଇଂଜିନିୟରିଂ ପାଶ୍, ଭୁବନେଶ୍ୱରରେ ଜାଗାବାଡ଼ି, ଘରଭଡ଼ା, ଦୁଇଟି ଲଜିଂ, ନିଜସ୍ୱ ବ୍ୟବସାୟ, ଶୀଘ୍ର ବାହାଘର। 9827385242.(whats). D-2338

**GROOM WANTED**

Groom wanted (only established business person/family) between "26 to 31" year age range, for Business Entrepreneur Brahmin caste bride:- good looking, 25year, 5.4 feet, Post Graduate, father established industrialist of Eastern India/ Contact- 8984661780. D-2510



REAL ESTATE

**SALE**

5BHK 2 STOREYED FULLY FURNISHED INDEPENDENT HOUSE FOR SALE IN LAXMISAGAR, BHUBANESWAR RS.- 3.33 CR. CONTACT 7894775333. D-2545

ସ୍ଥିତିବାନ ପ୍ଲଟ୍ ଧଉଳି, ବାଳକାଟି ବଜାର, ଗୁଡ଼ିଆ ପୋଖରି ପାଖରେ ମିଳୁଛି- 8249776268. ଧ-୭୩୦୪

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666. ଧ-୨୫୫୫

3BHK 1st floor, 1480sqft Sai Tower Apartment, National Highway, infront of ISKCON Temple, Bhubaneswar, Price 1cr. negotiable. Contact immediately: 9861096629. D-76871

**Khordha Municipality** ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ। -7008634668 ଧ-୦୮

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10



FOR RENT

Fully furnished residential accommodation 1BHK near Allen College Koustav, Chandrasekharpur. 8895154066. D-2553

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




The massage felt totally professional! & comfortable at all times- 7978109255. D-211



BUSINESS

World best Olympiad education gives business opportunity of your district investment one time 4-5 lakh income minimum 20lakhs per month. Contact- 7978597325, 9437260818. D-2542

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 11.11.2025, I, Dillip Kumar Sethy, Resident of Rameshwar Patana, Mausima Chhak, Old Town, P.S.- Lingaraj Bhubaneswar, Dist.- Khurda, Odisha declare that I have changed the name of my son from Rudraangshu Kumar Sethy to Reyan Suryavanshi. Henceforth, he shall be known as Reyan Suryavanshi for all purpose.
Dillip Kumar Sethy
D-2552

Tulsi Rani Polai, Age 17y, W/o.- Krishna Chandra Polai Resident of At- Shibananda Nagar, W.No.-10, Bargarh, Odisha, 768028, I have changed my name to Tulasi Polai by affidavit dated 17.06.25 at Bargarh. D-2549

I, Sudesna Kumari Behera W/o.- Tukuna Behera of Village- Venketaraipalli, P.O.- Haridapada, P.S.- Kotinada, Dist.- Ganjam, Odisha, declare by this affidavit No.- 1615, Dtd.- 10.11.2025 sworn before the Executive Magistrate, Aska that now onwards my daughter shall be known as PRACHI BEHERA instead of PARCHI BEHERA for all future purpose is both are one and same person. D-2550

By virtue of an affidavit sworn before the Court of the Executive Magistrate, Angul dated 11 Nov. 2025, I, Haramohan Garnayak, S/o.- Hatakishor Garnayak, At/P.O.- Paranga, Dist.- Angul, Odisha, 759143, declare that I have corrected my name from Harmohan Gadnayak to Haramohan Garnayak. Henceforth, I shall be known as Haramohan Garnayak for all purposes.
Haramohan Garnayak
D-2551

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

NOTICE UNDER ORDER- 5, RULE- 20 OF C.P.C. :-
ସିଭିଲ ଜଜ୍ ସିନିଅର ଡିଭିଜନ, ଦ୍ୱିତୀୟ ଅତିରିକ୍ତ ଅଦାଲତ, କଟକ
ସିଭିଲ ସୁଟ୍ ନଂ.- ୭୦୨/୨୦୧୯

ଶିବାନୀ ଚର୍କବର୍ତ୍ତୀ ...... ବାଦୀ
ବନାମ
ଭବାନୀ ଚର୍କବର୍ତ୍ତୀ ଏବଂ ଅନ୍ୟମାନେ ... ପ୍ରତିବାଦୀମାନେ

ପ୍ରତିବାଦୀ ନଂ. ୧୫- ନାରାୟଣ ଚନ୍ଦ୍ର ଦାସ, ବୟସ ୬୧ ବର୍ଷ, ପିତା- ଗୋବିନ୍ଦ ଚନ୍ଦ୍ର ଦାସ, ସା./ପୋ.ଅ. ନାହିପୁର, ଥାନା- ଯାଜପୁର, ଜିଲ୍ଲା- ଯାଜପୁର, ବର୍ତ୍ତମାନ ଠିକଣା- ସା. ବିଦ୍ୟାଧରପୁର, ପୋ.ଅ. ନୂଆ ବଜାର, ଥାନା ଚାଉଳିଆଗଞ୍ଜ, ସହର/ଜିଲ୍ଲା- କଟକ।

ଏତଦ୍ୱାରା ଜଣାଇଦିଆଯାଉଅଛି କି ଉପରଲିଖିତ ମକଦ୍ଦମାରେ ତୁମ୍ଭେ ପ୍ରତିବାଦୀ ନଂ.୧୫ ଜାଣିଶୁଣି ନୋଟିସକୁ ଗ୍ରହଣ କରିବାକୁ କିମ୍ବା ମକଦ୍ଦମାରେ ହାଜରହେବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ହେତୁ ଉକ୍ତ ମକୋଦ୍ଦମା ତା.24.11.2025ରିଖକୁ ବିଚାର ପାଇଁ ଧାର୍ଯ୍ୟ କରାଯାଇଅଛି। ଧାର୍ଯ୍ୟ ଦିନ ଆପଣ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ଅଧିକାରୀ କିମ୍ବା ଓକିଲ ଜରିଆରେ ମାନନୀୟ ଅଦାଲତରେ ହାଜରହୋଇ କାରଣ ଦର୍ଶାଇ ନ ପାରିଲେ ମକଦ୍ଦମା ଆପଣଙ୍କ ବିରୁଦ୍ଧରେ ଏକତରଫା ବିଚାର କରାଯିବ।

ନିମ୍ନରେ ଆମ୍ଭ ସ୍ୱାକ୍ଷର ଓ ଅଦାଲତଙ୍କର ମୋହର କ୍ରମେ ଦିଆଗଲା। ଆଜ ଦିନ ତା22nd. October. ମସିହା 2025
କଟକ
ତା.22.10.2025ରିଖ
ସ୍ୱା/- ସିଭିଲ୍ ଜଜ୍ ସିନିଅର ଡିଭିଜନ, ଦ୍ୱିତୀୟ ଅତିରିକ୍ତ ଅଦାଲତ,କଟକ
ଧ-୨୫୪୬

2010
10.11.2025
ମାନ୍ୟବର ଅତିରିକ୍ତ କମିସନର (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଆଇ.ଏ.ଏସ୍)
ରିଭିଜନ କୋର୍ଟ ନଂ- ୪, ଏଚ୍.ଓ.ଡି ବିଲ୍ଡିଂ, ୟୁନଟ-୫, ଭୁବନେଶ୍ୱର।
ଓ.ଏସ୍.ଏସ୍ କେସ୍ ନଂ.-୨୯୮/୨୦୧୬

୧) ଚିତ୍ତରଞ୍ଜନ ସିଂହସାମନ୍ତ, ୨) ମନୋରଞ୍ଜନ ସାମନ୍ତସିଂହାର, ପିତା-✓ସଂଗ୍ରାମ କେଶରୀ ସାମନ୍ତସିଂହାର ...ବାଦୀମାନେ
ବନାମ
ତହସିଲଦାର, ଭୁବନେଶ୍ୱର ଏବଂ ଅନ୍ୟମାନେ ...ପ୍ରତିବାଦୀମାନେ।

(ଇସ୍ତାହାର ତରଫ ଦରଖାସ୍ତକାରୀ ଆଦେଶ ନଂ- ୫ ନିୟମ- ୨୦ ଉପନିୟମ୧ (ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ ନଂ- ୮ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବର ଦ୍ୱାରା ବିଜ୍ଞପ୍ତି )

ପ୍ରତିବାଦୀ ନଂ- ୮ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦଳେଇ, ସାମୀ- ✓ଚୈତନ୍ୟ ଦଳେଇ, ଠିକଣା ସା-ଜଗନ୍ନାଥ ପ୍ରସାଦ, ପୋ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ- ୭୫୧୦୨୯ ଆପଣଙ୍କ ଗୋଚରାର୍ଥେ ଜଣାଇଦିଆଯାଉଛି କି ମାନ୍ୟବର କୋର୍ଟରେ ତଫସିଲ ସମ୍ପତ୍ତି ଭୁବନେଶ୍ୱର ତହସିଲଦାରଙ୍କ ଅଧୀନସ୍ଥ ମୌଜା- ଅନ୍ଧାରୁଆ, ସାବକ ଖାତା ନଂ.- ୪୬୩, ପ୍ଲଟ୍ ନଂ.- ୧୧୦୪, ରକବା ଏ୦.୨୭୫ଡି. ସ୍ୱଧରୁ ଏ୦.୧୩୭.୫ଡି. ଯାହାର ହାଲ ଖାତା ନଂ.- ୧୬୮୩, ହାଲ ପ୍ଲଟ୍ ନଂ.- ୧୨୩୩, ଏ୦.୨୬୦ଡି. ସ୍ୱଧରୁ ଏ୦.୧୩୭.୫ଡି.କୁ ଦରଖାସ୍ତକାରୀଙ୍କ ନାମରେ ରେକର୍ଡ଼ ଦରଜ କରିବା ପାଇଁ ମାନ୍ୟବର କୋର୍ଟରେ ରିଭିଜନ ମକଦ୍ଦମା କରିଅଛନ୍ତି, ଯାହାର ଧାର୍ଯ୍ୟ ତାରିଖ ଆସନ୍ତା ତା୨୨।୧୨।୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିରୀକୃତ ହୋଇଅଛି। ଏଣୁ ଅଦ୍ୟ ବିଜ୍ଞପ୍ତି ଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି କି ଉପରଲିଖିତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀ ନଂ.- ୮ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ କିମ୍ବା ଅଧିବକ୍ତାଙ୍କ ମାଧମରେ ଉପସ୍ଥିତ ହୋଇ ଉକ୍ତ ମକଦ୍ଦମାରେ ତାଙ୍କ ପକ୍ଷ ରଖିବେ। ନଚେତ୍ ଆଇନ ଅନୁଯାୟୀ ମାନ୍ୟବର କୋର୍ଟ ବିଚାର କରିବେ।

ମାନ୍ୟବର ଅତିରିକ୍ତ ରିଭିଜନ କୋର୍ଟଙ୍କ ଆଦେଶକ୍ରମେ
ସ୍ୱା/- କୋର୍ଟ ଅଫିସର
ସ୍ଥାନ- ଭୁବନେଶ୍ୱର
ତାରିଖ-୧୦।୧୧।୨୦୨୫ରିଖ
ଧ-୨୫୪୮

**ମନେ ପଡ଼ନ୍ତି**

**୩୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବଳରାମ ପଟ୍ଟନାୟକ**
ଆବିର୍ଭାବ- ୦୯.୦୮.୧୯୨୮
ତିରୋଧାନ- ୦୬.୧୨.୧୯୯୩
ଆଜି ଏହି ୩୨ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭେମାନେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ଆପଣଙ୍କର ପରୋପକାରିତା, ସହିଷ୍ଣୁତା ଏବଂ ନିଃସ୍ୱାର୍ଥପର ସ୍ୱଭାବ ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇରହିବ।
**ଶୋକସନ୍ତପ୍ତ**
ତୁମର ଧର୍ମପତ୍ନୀ, ବାବୁ, ଟୁକୁ, ମୁନା, ମନି ଏବଂ ବନ୍ଧୁ ଓ ପରିବାରବର୍ଗ
ଧ-୨୫୫୬

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।



**✓ସତ୍ୟନାରାୟଣ ଦାସ**
ରୁଦ୍ରପୁର, କଲ୍ୟାଣପୁର,ବିଞ୍ଝାରପୁର
ଆବର୍ଭାବ- ୨୮।୦୧।୧୯୪୪
ତିରୋଧାନ- ୦୨।୧୧।୨୦୨୫
ହେ ପୁଣ୍ୟାତ୍ମା, ଆପଣଙ୍କ ଅବର୍ତ୍ତମାନକୁ ଏଗାରଦିନ ବିତିଗଲାଣି। ହେଲେ ଆପଣଙ୍କ ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ।ଭୁଲିହେଉନି ଆପଣଙ୍କ କର୍ମମୟ ଜୀବନର ଶୈଳୀ,ସ୍ନେହ,ଶ୍ରଦ୍ଧା,ତ୍ୟାଗ। ଆପଣଙ୍କ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ- ହତଭାଗିନୀ ସ୍ତ୍ରୀ- ମନୋରମା, ଭାଇ- ବୈକୁଣ୍ଠନାରାୟଣ, ଭାଇବୋହୂ- ଗୀତା,ରୁନା, ପୁତ୍ର- ପାର୍ଥସାରଥୀ,ସଂଗ୍ରାମକେଶରୀ,ଦେବୀପ୍ରସାଦ,ଦିଗ୍‌ବିଜୟ, ପୁତ୍ରବଧୂ- ତୃପ୍ତି ପ୍ରିୟା,ଦୁର୍ଗା ଭବାନୀ,ଟୀନା,କବିତାରାଣୀ, ନାତିନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ
ଧ-୨୫୪୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଓଡ଼ିଶାର ଆଉ ଏକ ପରାଜୟ

ଭୁବନେଶ୍ୱର, ୧୧।୧୧(ତପନ ସ୍ୱାଇଁ)

## ରଣଜୀ ଟ୍ରଫି

ଚଳିତ ରଣଜୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଆଉ ଏକ ପରାଜୟ ବରଣ କରିଛି। ନାଗପୁରର ଜମଥାସ୍ଥିତ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ମଙ୍ଗଳବାର ଶେଷ ହୋଇଥିବା ଏଲିଟ ଗ୍ରୁପ୍ 'ଏ' ମ୍ୟାଚ୍‌ରେ ଓଡ଼ିଶା ୧୦୦ ରନ୍‌ରେ ଘରୋଇ ବିଦର୍ଭ ନିକଟରୁ ପରାଜିତ ହୋଇଛି। ୩୪୫ ରନ୍ ବିଜୟ ଲକ୍ଷ୍ୟର ପିଛା କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ୨୪୪ ରନ୍‌ରେ ଅଲ୍‌ଆଉଟ ହୋଇଯାଇଛି। ଫଳରେ ବିଦର୍ଭ ପୂରା ୬ ପଏଣ୍ଟ ପାଇଛି। ଉଭୟ ଇନିଂସ୍‌ରେ ଶତକ (୧୪୪ ଓ ୧୦୧) ହାସଲ କରିଥିବା ଧ୍ରୁବ ଶୋରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚଳିତ ସିଜନରେ ୪ ମ୍ୟାଚ୍‌ରୁ ଓଡ଼ିଶାର ଏହା ତୃତୀୟ ପରାଜୟ। ଖରାପ ପ୍ରଦର୍ଶନ କାରଣରୁ ଓଡ଼ିଶା ୪ ମ୍ୟାଚ୍‌ରୁ ମାତ୍ର ୧ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ବିଦର୍ଭ ୪ ମ୍ୟାଚ୍‌ରୁ ୧୯ ପଏଣ୍ଟ ସହ ଏହି ଗ୍ରୁପ୍ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି।

ତୃତୀୟ ଦିବସର ଅସମାପ୍ତ ସ୍କୋର୍ ୪୪/୦ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶାର ଓପନିଂ ଭାଗୀଦାରି ୧୦୦ ରନ୍ ପର୍ଯ୍ୟନ୍ତ ତିଷ୍ଠିଥିବାରୁ ଅନେକ ଆଶା ସୃଷ୍ଟି ହୋଇଥିଲା। ମାତ୍ର ଯୋଡ଼ି ଭାଙ୍ଗିବାପରେ ନିୟମିତ ବ୍ୟବଧାନରେ ଉଇକେଟ୍ ହରାଇଥିଲା ଭ୍ରମଣକାରୀ ଦଳ। ମ୍ୟାଚ୍‌କୁ ଅତିକମ୍‌ରେ ଡ୍ର ରଖିବାକୁ ହେଲେ ଏକ ବଡ଼ ଭାଗୀଦାରିର ଆବଶ୍ୟକ ହେଉଥିଲା। ମାତ୍ର ତାହା ସମ୍ଭବ ହୋଇ ନ ଥିଲା। କୌଣସି ବ୍ୟାଟର ନିଜ ଉପରକୁ ଦାୟିତ୍ୱ ନେଇ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ଦୁଇ ଓପନର ସ୍ୱସ୍ତିକ୍ ସାମଲ ୬୫ ଓ ଗୌରବ ଚୌଧୁରୀ ୪୭ ରନ୍ କରିଥିବାବେଳେ ମଧ୍ୟଭାଗରେ କେବଳ ଗୋବିନ୍ଦ ପୋଦ୍ଦାର ୪୬ ରନ୍‌ର ଯୋଗଦାନ ଦେଇଥିଲେ। ସନ୍ଦୀପ ପଟ୍ଟନାୟକ ୨୭ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୨୮ ରନ୍ କରିପାରିଥିଲେ। ବିଦର୍ଭ ବୋଲରଙ୍କ ମଧ୍ୟରେ ପାର୍ଥ ରେଖାଦେ ୫ ଉଇକେଟ ସଫଳତା ପାଇଥିବାବେଳେ ପ୍ରଫୁଲ୍ଲ ହିଙ୍ଗେ ୩ଟି ଏବଂ ନଚିକେତ ଭୁତେ ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍ ଚଳିତ ମାସ ୧୬ରୁ ୧୯ ପର୍ଯ୍ୟନ୍ତ ନାଗାଲାଣ୍ଡ ବିପକ୍ଷରେ କିଟ୍ କ୍ରିକେଟ ଷ୍ଟାଡିୟମରେ ଖେଳିବ। ବରୋଦା ନିକଟରୁ ୭ ଉଇକେଟରେ ହାରି ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଉତ୍ତରପ୍ରଦେଶ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ଡ୍ର ରଖି ୧ (ପ୍ରଥମ ଇନିଂସ୍‌ରେ ପଛୁଆ) ପଏଣ୍ଟରେ ସନ୍ତୁଷ୍ଟ ହୋଇଥିଲା। ତୃତୀୟ ମ୍ୟାଚ୍‌ରେ ଆନ୍ଧ୍ର ପ୍ରଦେଶଠାରୁ ଏକ ଇନିଂସ ୫୦ ରନ୍‌ରେ ପରାସ୍ତ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ପ୍ରଥମ ଇନିଂସ: ୨୮୬। ଓଡ଼ିଶା ପ୍ରଥମ ଇନିଂସ: ୧୬୦। ବିଦର୍ଭ ଦ୍ୱିତୀୟ ଇନିଂସ: ୨୧୮/୨(ଘୋଷଣା)। ଓଡ଼ିଶା ଦ୍ୱିତୀୟ ଇନିଂସ: ୨୪୪/ଅଲ୍‌ଆଉଟ (ସ୍ୱସ୍ତିକ୍ ସାମଲ-୬୫, ଗୌରବ ଚୌଧୁରୀ-୪୭, ଗୋବିନ୍ଦ ପୋଦ୍ଦାର-୪୬, ପାର୍ଥ ରେଖାଦେ-୫/୮୦, ପ୍ରଫୁଲ୍ଲ ହିଙ୍ଗେ-୩/୪୧, ନଚିକେତ ଭୁତେ-୧/୫୦)।

# କଳିଙ୍ଗରେ ହେବ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ

ଭୁବନେଶ୍ୱର, ୧୧।୧୧ (ତପନ ସ୍ୱାଇଁ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଥ୍‌ଲେଟିକ୍ସର ଆଉ ଏକ ଜାତୀୟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ନ୍ୟାଶନାଲ ଇନ୍‌ଡୋର ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣ ୨୦୨୬ ଜାନୁଆରୀରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ବୋଲିଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) ସଭାପତି ବାହାଦୁର ସିଂ ସାଗୋ ମଙ୍ଗଳବାର ସୂଚନା ଦେଇଛନ୍ତି। ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ୨୦୨୬ ଘରୋଇ କ୍ୟାଲେଣ୍ଡରରେ ଏହାକୁ ଅନ୍ତର୍ଭୁକ୍ତ କରାଯିବ ଏବଂ ଭୁବନେଶ୍ୱରର ଇନ୍‌ଡୋର ଷ୍ଟାଡିୟମକୁ ଏହାର ଭେନ୍ୟୁ କରାଯିବ ବୋଲି ସେ କହିଛନ୍ତି। ଏଏଫ୍‌ଆଇ ୨୦୨୮ ଏସିଆନ୍ ଇନ୍‌ଡୋର ଚାମ୍ପିୟନଶିପ୍ ଲାଗି ବିଡ୍ ଦାଖଲ କରିବ। ଜାତୀୟ ଇନ୍‌ଡୋର ଚାମ୍ପିୟନଶିପ୍ ବ୍ୟତୀତ ମହିଳା ଓ ପୁରୁଷ ପୋଲ୍‌ଭଲ୍ଟ ଏବଂ ହେପ୍ଟାଥଲନ ଆୟୋଜନ ନିମନ୍ତେ ମଧ୍ୟ ଏଏଫ୍‌ଆଇ ଯୋଜନା କରୁଛି ବୋଲି ସାଗୋ ପ୍ରକାଶ କରିଛନ୍ତି।



ଇନ୍‌ଡୋର ଆଥଲେଟିକ୍ସ ଟ୍ରାକ୍।

ପୁରୁଷ ବିଭାଗ ଇନ୍‌ଡୋର ହେପ୍ଟାଥଲନ ୭ଟି ବର୍ଗରେ ୨ ଦିନଧରି ଅନୁଷ୍ଠିତ ହେବ। ଏଥିରେ ୬୦ ମିଟର, ଲଙ୍ଗଜମ୍ପ, ଶଟ୍‌ପୁଟ, ହାଇଜମ୍ପ, ୬୦ ମିଟର ହର୍ଡଲ୍ସ, ପୋଲ୍‌ଭଲ୍ଟ ଓ ୧୦୦୦ ମିଟର ରେସ୍ ରହିବ। ପ୍ରଥମ ଦିବସରେ ୪ଟି ଏବଂ ଦ୍ୱିତୀୟ ଦିନରେ ୩ଟି ଇଭେଣ୍ଟ ଅନୁଷ୍ଠିତ ହେବ। ୨୦୨୬ ଘରୋଇ କ୍ୟାଲେଣ୍ଡରରେ ଖୁବ୍‌ଶୀଘ୍ର ଚୂଡ଼ାନ୍ତ ହେବ। ବ୍ୟସ୍ତବହୁଳ ଏହି କ୍ୟାଲେଣ୍ଡରରେ ପାଖାପାଖି ୪୦ଟି ପ୍ରତିଯୋଗିତା ରହିବ। ଘରୋଇ ଇକୋସିଷ୍ଟମକୁ ଦୃଢ଼ କରିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ସାଗୋ ପ୍ରକାଶ କରିଛନ୍ତି। ଭାରତରେ ଟ୍ରାକ୍ ଆଣ୍ଡ ଫିଲ୍ଡର ଜାତୀୟ ଗଭର୍ନିଂ ବଡି ଏଏଫ୍‌ଆଇ ୨୦୨୫ କ୍ୟାଲେଣ୍ଡର ବର୍ଷରେ ଆଞ୍ଚଳିକ ପ୍ରତିଯୋଗିତାଗୁଡ଼ିକୁ ସାମିଲ କରିଥିଲା। ଏଥିରୁ ଭଲ ରେସ୍‌ପନ୍ସ ମଧ୍ୟ ମିଳିଥିଲା। ଉତ୍ତର ଓ ଦକ୍ଷିଣାଞ୍ଚଳରେ ରିଜିଓନାଲ ଇଭେଣ୍ଟଗୁଡ଼ିକ ପ୍ରତି ବହୁ ଆଥ୍‌ଲେଟ୍ ଆକର୍ଷିତ ହୋଇଥିଲେ। ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ୍ ଗେମ୍ସକୁ ଦୃଷ୍ଟିରେ ରଖି ୨୦୨୬ ଘରୋଇ କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, କଳିଙ୍ଗ ଷ୍ଟାଡିୟମରେ ୨୦୧୭ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଓ ଚଳିତ ବର୍ଷ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଅନ୍ତର୍ଜାତୀୟ ପ୍ରତିଯୋଗିତା ସଫଳତାର ସହ ଆୟୋଜନ ହୋଇ ସାରିଛି।



କୋଲ୍‌କାତାର ଇଡେନ ଗାର୍ଡେନ୍ସରେ ମଙ୍ଗଳବାର ଭାରତର ନୀତୀଶ କୁମାର ରେଡ୍ଡୀଙ୍କ ବୋଲିଂ ଅଭ୍ୟାସ।

# ନେଟ୍ସରେ ଝାଳ ବୁହାଇଲେ ଭାରତୀୟ ଖେଳାଳି

କୋଲ୍‌କାତା, ୧୧।୧୧(ପି.ଟି.)

## ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍

ଆସନ୍ତା ୧୪ ତାରିଖରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ କ୍ରିକେଟ ମ୍ୟାଚ୍ ଖେଳାଯିବ। ଏଥିଲାଗି ଭାରତୀୟ ଦଳ କୋଲ୍‌କାତାରେ ପହଞ୍ଚି ଜୋର୍‌ଦାର ଅଭ୍ୟାସ ଆରମ୍ଭ କରିଦେଇଛି।

ଅଷ୍ଟ୍ରେଲିଆ ବିପକ୍ଷ ଉଭୟ ହ୍ୱାଇଟ୍ ବଲ୍ ସିରିଜ୍‌ରେ ଭଲ ପ୍ରଦର୍ଶନ କରିପାରି ନ ଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍ ମଙ୍ଗଳବାର ନେଟ୍ସରେ ଝାଳବୁହା ପରିଶ୍ରମ କରିଥିଲେ। ରିଦମ୍‌କୁ ଫେରିବା ପାଇଁ ସେ ଦୀର୍ଘସମୟ ଧରି ବ୍ୟାଟିଂ ଅଭ୍ୟାସ କରିଥିଲେ। ନେଟ୍ସ ପୂର୍ବରୁ ତାଙ୍କ ସହ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଆସିଷ୍ଟାଣ୍ଟ କୋଚ୍ ସିତାଂଶୁ କୋଟାକ୍‌ଙ୍କ ମଧ୍ୟରେ ଲମ୍ବା ଆଲୋଚନା ହୋଇଥିଲା। ସମ୍ଭବତଃ ତାଙ୍କ ବ୍ୟାଟିଂ ଆପ୍ରୋଚ୍ ସମ୍ପର୍କରେ ଆଲୋଚନା ହୋଇଥାଇପାରେ। କିନ୍ତୁ ଅଷ୍ଟ୍ରେଲିଆ ସିରିଜ୍ ପୂର୍ବରୁ ସେ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। କୋଚ୍‌ଙ୍କ ସହ କଥା ହେବା ପରେ ସେ ସ୍ଲିପ୍ ଫିଲ୍ଡିଂ ପ୍ରାକ୍ଟିସ୍ କରିଥିଲେ। ପରେ ଯଶସ୍ୱୀ ଜୟସ୍ୱାଲଙ୍କ ସହ ବ୍ୟାଟିଂ କରିବାକୁ ଓହ୍ଲାଇଥିଲେ। ପ୍ରଥମେ ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦରଙ୍କ ବିପକ୍ଷରେ ବ୍ୟାଟିଂ କରିଥିଲେ। ସେ ସ୍ପିନରଙ୍କୁ ଗ୍ରାଉଣ୍ଡରେ ଖେଳିବା ସହ ବେଳେବେଳେ ସ୍ୱିପ୍ ଶଟ୍ ଖେଳିଥିଲେ। ପେସରଙ୍କ ମଧ୍ୟରେ ଯଶପ୍ରୀତ ବୁମ୍ରା, ନୀତୀଶ କୁମାର ରେଡ୍ଡୀଙ୍କ ସହ କିଛି ସ୍ଥାନୀୟ କ୍ଲବ୍ ପେସରଙ୍କ ସମ୍ମୁଖୀନ ହୋଇଥିଲେ ଗିଲ୍। ଏହାପରେ ତାଙ୍କୁ ପେସ୍ ଓ ବାଉନ୍ସ ସହ ଅଭ୍ୟସ୍ତ କରାଇବା ପାଇଁ ଜଣେ ସପୋର୍ଟ ଷ୍ଟାଫ୍ ଉଚ୍ଚତାରୁ ସାଇଡ୍‌ଆର୍ମ ଜରିଆରେ ବୋଲିଂ କରିଥିଲେ।

ଗିଲ୍ ଓ ଜୟସ୍ୱାଲଙ୍କ ସହ ସାଇ ସୁଦର୍ଶନ ମଧ୍ୟ ଦୀର୍ଘ ଘଣ୍ଟା ଧରି ବ୍ୟାଟିଂ କରିଥିଲେ। ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା 'ଏ' ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍‌ରେ ସାଇ ମାତ୍ର ୮୪ ରନ୍ କରିଥିଲେ। ଏମାନଙ୍କ ବ୍ୟତୀତ ଲୋକେଶ ରାହୁଲ, ଧ୍ରୁବ ଜୁରେଲ, କୁଲଦୀପ ଯାଦବ, ମହମ୍ମଦ ସିରାଜ ଏହି ଅପ୍ସନାଲ ପ୍ରାକ୍ଟିସ୍‌ରୁ ବିଶ୍ରାମ ନେଇଥିଲେ। ଅନ୍ୟପକ୍ଷରେ ରିଷଭ ପନ୍ତ ପାଦଜନିତ ସମସ୍ୟାରୁ ମୁକ୍ତ ହୋଇ ଦଳକୁ ଫେରିଥିବାରୁ ଜୁରେଲଙ୍କୁ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଖେଳାଯାଇପାରେ।



ଆଲୋଚନାରତ ଅଧିନାୟକ ଶୁବମନ ଗିଲ୍ ଓ ଯଶସ୍ୱୀ ଜୟସ୍ୱାଲ।

## କଡ଼ା ସୁରକ୍ଷାରେ ଇଡେନ୍ ଗାର୍ଡେନ୍ସ

ନୂଆଦିଲ୍ଲୀର ରେଡ୍ ଫର୍ଟ ନିକଟରେ ସୋମବାର ଘଟିଥିବା କାର ବିସ୍ଫୋରଣ ଘଟଣା ପରେ ଇଡେନ୍ ଗାର୍ଡେନ୍ସ ଓ ପୂରା କୋଲ୍‌କାତାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଦିଆଯାଇଛି। ଏ ସମ୍ପର୍କରେ କୋଲ୍‌କାତା ପୋଲିସ କମିଶନର ମନୋଜ ବର୍ମା କହିଛନ୍ତି, ଆମେ ହାଇଆଲର୍ଟରେ ଅଛୁ। ଦିଲ୍ଲୀ ବିସ୍ଫୋରଣକୁ ଦୃଷ୍ଟିରେରଖି ସହରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ୱତନ୍ତ୍ର ଓ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏଥିରେ ଆଇକନିକ୍ ଷ୍ଟାଡିୟମ ସାମିଲ ରହିଛି, ଯେଉଁଠାରେ କି ଶୁକ୍ରବାରଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ ଖେଳାଯିବ। ଷ୍ଟାଡିୟମ ନିକଟରେ ୩ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯିବ। ସମସ୍ତ ପ୍ରବେଶ ଦ୍ୱାର ଓ ଦର୍ଶକଙ୍କ ଗ୍ୟାଲେରି ଉପରେ ତୀକ୍ଷ୍ଣ ନଜର ରଖାଯିବ। ମ୍ୟାଚ୍ ବେଳେ ଷ୍ଟାଡିୟମ ଭିତରେ ଓ ବାହାରେ ସାଦା ପୋଷାକଧାରୀ ପୋଲିସ ମୁତୟନ କରାଯିବ। କୌଣସି ସନ୍ଦିଗ୍ଧ କାର୍ଯ୍ୟକଳାପ ନଜରକୁ ଆସିଲେ ତୁରନ୍ତ ପ୍ରକ୍ରିୟା ହେବ।

# ଫୁଟ୍‌ବଲ ବେଟିଂ ସ୍କାଣ୍ଡାଲରେ ୧,୦୨୪ ସସ୍‌ପେଣ୍ଡ

ଇସ୍ତାନବୁଲ, ୧୧।୧୧ (ଏପି)

ତୁର୍କୀ ଫୁଟ୍‌ବଲ ମହାସଂଘ ଫୁଟବଲ୍ ବେଟିଂ ସ୍କାଣ୍ଡାଲରେ ୧,୦୦୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ସସ୍‌ପେଣ୍ଡ କରିଛି। ସେମାନଙ୍କ ମଧ୍ୟରେ ଜାତୀୟ ଦଳର ଡିଫେଣ୍ଡର ଇରେନ ଏଲ୍‌ମାଲି ଅନ୍ୟତମ, ଯିଏକି ଚଳିତ ସିଜନରେ ନିୟମିତ ଚାମ୍ପିୟନ୍ସ ଲିଗ୍‌ରେ ଗାଲାଟାସାରେ ତରଫରୁ ଖେଳିଥିଲେ। ସ୍ପେନ ଓ ବୁଲ୍‌ଗେରିଆ ବିପକ୍ଷ ବିଶ୍ୱକପ୍ କ୍ୱାଲିଫାଇଂ ଗେମ୍‌ରେ ପ୍ରସ୍ତୁତ ହେଉଥିବା ତୁର୍କୀ ଦଳରୁ ବାଦ୍ ପଡ଼ିବା ପରେ ଏଲମାଲି ମୁହଁ ଖୋଲିଛନ୍ତି। ୨୫ ବର୍ଷୀୟ ଏହି ଫୁଟ୍‌ବଲର ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ଏକ ପୋଷ୍ଟରେ କହିଛନ୍ତି, ୫ ବର୍ଷ ପୂର୍ବେ ସେ ଏକ ଗେମ୍‌ରେ ସେ ବେଟ୍ ଲଗାଇଥିଲେ, କିନ୍ତୁ ଏହା ତାଙ୍କ ଦଳ ପାଇଁ ନ ଥିଲା। ତୁର୍କୀ ଫୁଟ୍‌ବଲ ମହାସଂଘ ତରଫରୁ ବେଟିଂ କାର୍ଯ୍ୟକଳାପରେ ଲିପ୍ତ ଥିବା ୧,୦୨୪ ଖେଳାଳିଙ୍କର ଏକ ତାଲିକା ପ୍ରକାଶ କରାଯାଇଛି। ଏଥିରେ ଏଲମାଲି ଏବଂ ତାଙ୍କ ଗାଲାଟାସାରେ ସାଥୀ ଖେଳାଳି ମେଟେହାନ ମେଟହାନ୍ ବାଲ୍‌ଟାସିଙ୍କ ନାମ ରହିଛି। ଏହି ତାଲିକା ଶୃଙ୍ଖଳାଗତ କମିଶନ ନିକଟକୁ ପଠାଇ ଦିଆଯାଇଛି। ମହାସଂଘ କହିଛି ତୃତୀୟ ଓ ଚତୁର୍ଥ ଟିଅର୍ ଡିଭିଜନ ଖେଳକୁ କିଛି ଦିନି ପାଇଁ ସ୍ଥଗିତ ରଖାଯାଇଛି। କିନ୍ତୁ ଗତଥରର ଚାମ୍ପିୟନ ଗୁଆଟାମାଲ ନେତୃତ୍ୱରେ ସୁପର ଲିଗ୍ ଖେଳାଯାଉଛି।

# ଚାଇନା ଦୂତାବାସର ହସ୍ତକ୍ଷେପ ଲୋଡ଼ିଲେ ନାଗାଲ

ନୂଆଦିଲ୍ଲୀ,୧୧।୧୧ (ପି.ଟି.)

ଭାରତର ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଟେନିସ ଖେଳାଳି ସୁମିତ ନାଗାଲ ଅଷ୍ଟ୍ରେଲିଆନ ଓପନ ପ୍ଲେ ଅଫ୍ ଖେଳିବା ଲାଗି ଚାଇନା ଯିବାକୁ ଚାହୁଁଛନ୍ତି। ମାତ୍ର ବିନା କାରଣରେ ତାଙ୍କ ଭିଜା ଆବେଦନପତ୍ରକୁ ପ୍ରତ୍ୟାଖ୍ୟାନ କରିଦିଆଯାଇଛି। ନାଗାଲ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ଜରିଆରେ

## ଭିଜା ପ୍ରସଙ୍ଗ

ଭାରତରେ ଅବସ୍ଥାପିତ ଚାଇନିଜ ଆମ୍ବାସାଡର ଏବଂ ଚାଇନିଜ ଦୂତାବାସର ମୁଖ୍ୟପାତ୍ରଙ୍କ ତୁରନ୍ତ ସହାୟତା ଲୋଡିଛନ୍ତି। ଟପ୍ ୧୦୦ରେ ସ୍ଥାନ ହରାଇବା ପରେ ନାଗାଲ ଗ୍ରାଣ୍ଡସ୍ଲାମ ଭଳି ଟପ୍ ଇଭେଣ୍ଟରେ ସିଧସଳଖ ଭାବେ ଭାଗ ନେଇ ପାରିବେ ନାହିଁ। ତାଙ୍କ ୱାଇଲ୍ଡ କାର୍ଡ ଏଣ୍ଟ୍ରି କିମ୍ବା କ୍ୱାଲିଫାୟର୍ସ ଉପରେ ନିର୍ଭର କରିବାକୁ ପଡ଼ିବ। ହରିୟାଣାର ଝାଜାର ବାସିନ୍ଦା ଏହି ୨୭ ବର୍ଷୀୟ ବର୍ତ୍ତମାନ ଭାରତର ସର୍ବୋଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ସିଙ୍ଗଲ୍ସ ଖେଳାଳି ଭାବେ ସଦ୍ୟ ପ୍ରକାଶିତ ଏଟିପି ଖେଳାଳି ଷ୍ଟାଣ୍ଡିଂର ୨୭୫ତମ ସ୍ଥାନରେ ରହିଛନ୍ତି। ସେ ଅଷ୍ଟ୍ରେଲିଆନ ଓପନ ପ୍ଲେ ଅଫ୍ ଇଭେଣ୍ଟ ଖେଳବା ଲାଗି ସେ ଚାଇନିଜ ସହର ଚେଙ୍ଗଡୁ ଗସ୍ତ କରିଥାନ୍ତେ। ୨୦୨୬ ଅଷ୍ଟ୍ରେଲିଆନ ଓପନର ମୁଖ୍ୟ ଡ୍ର'ରେ ସ୍ଥାନ ପାଇଁ ଏହି ଇଭେଣ୍ଟ ଆଞ୍ଚଳିକ ଖେଳାଳିମାନଙ୍କ ଲାଗି ସୁଯୋଗ ସୃଷ୍ଟି କରିଥାଏ। ଏହି ପ୍ରସଙ୍ଗରେ ଚାଇନିଜ ଦୂତାବାସ ଅବା ଟୁର୍ନାମେଣ୍ଟ ଆୟୋଜକଙ୍କଠାରୁ ତୁରନ୍ତ କୌଣସି ଜବାବ ମିଳିନି। ଏହି ମାମଲାର ଯଦି ସମାଧାନ ନ ହୁଏ ତେବେ ନାଗାଲ ଇଭେଣ୍ଟରେ ଅଂଶଗ୍ରହଣରୁ ବଞ୍ଚିତ ହେବେ। ନାଗାଲ ଗତବର୍ଷ ଅଷ୍ଟ୍ରେଲିଆନ ଓପନ ମୁଖ୍ୟ ଡ୍ର'ରେ ଖେଳିଥିଲେ। ସେ ତାଙ୍କ ଓପନିଂ ରାଉଣ୍ଡ ମ୍ୟାଚ ହାରିଯାଇଥିଲେ। ପରେ ସେ ଫ୍ରେଞ୍ଚ୍ ଓପନ ଏବଂ ୱିମ୍ବଲଡନ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ। ସୂଚନାଯୋଗ୍ୟ, ସୁଇଜରଲାଣ୍ଡ ବିପକ୍ଷ ଡେଭିସ୍ କପ୍ ମ୍ୟାଚରେ ଭାରତର ବିଜୟରେ ନାଗାଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ପୃଷ୍ଠା–୧୦+୮
ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୨/୨୦୨୫ (୧୦+୮=୧୮ ପୃଷ୍ଠା) Bhubaneswar, Wednesday, November 12/2025 Page 18 ₹ 7.00
୫୧ଶ ଭାଗ ୩୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 346 ମୂଲ୍ୟ ₹୭/-



DSPL-344



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁରଭି ୨୦୨୫



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ
# ଉଦ୍‌ଘାଟନୀ ଉତ୍ସବ

ମୁଖ୍ୟ ଅତିଥି



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ



ଗରିମାମୟ ଉପସ୍ଥିତି

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ଅନନ୍ତ ନାରାୟଣ ଜେନା**
ବିଧାୟକ, ଭୁବନେଶ୍ୱର (ମଧ୍ୟ)

**ଶ୍ରୀ ସୁଶାନ୍ତ କୁମାର ରାଉତ**
ବିଧାୟକ, ଭୁବନେଶ୍ୱର (ଉତ୍ତର)

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର, ଭୁବନେଶ୍ୱର

OIPR-

୧୨ ନଭେମ୍ବର ୨୦୨୫
କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ଭୁବନେଶ୍ୱର

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

# ଟ୍ରାକ୍ଟର ଚପାଇ ୨ଭାଇଙ୍କୁ ହତ୍ୟା

■ଟ୍ରଲି ଚୋରିକରି ନେଉଥିବାବେଳେ ଅଟକାଇବାରୁ ପ୍ରତିଶୋଧ

■ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକୋ



ଧର୍ମଗଡ଼ ଚାରିଛକ ନିକଟରେ ମୃତଦେହ ରଖି ଲୋକେ ରାସ୍ତାରୋକୋ କରିଛନ୍ତି।

ଭବାନୀପାଟଣା/ ଧର୍ମଗଡ଼,୧୧।୧୧
(ଉତ୍ତମ କୁମାର ଦାଶ/ଘାସିରାମ ଜଗତ)

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅଧୀନ ମେରଘରା ଗ୍ରାମରେ ମଙ୍ଗଳବାର ଦୁଃଖଦ ଘଟଣା ଘଟିଛି। ଟ୍ରାକ୍ଟର ଟ୍ରଲି ଚୋରି ପାଇଁ ଆସିଥିବା ଦୁର୍ବୃତ୍ତମାନେ ୨ଭାଇ ଅଟକାଇବାରୁ ଟ୍ରାକ୍ଟର ଚପାଇ ସେମାନଙ୍କୁ ହତ୍ୟା କରିଛନ୍ତି। ମୃତକ ୨ଭାଇ ହେଲେ ସତ୍ୟମ ଭଏସାଲ (୨୫) ଓ ହରିଶଙ୍କର ଭଏସାଲ (୪୫)। ସତ୍ୟମଙ୍କ ବଡ଼ବାପାଙ୍କ ପୁଅ ହେଉଛନ୍ତି ହରିଶଙ୍କର। ଏହି ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ୪/୫ ଜଣ ଦୁର୍ବୃତ୍ତ ଏକ ନମ୍ବର ବିହୀନ ଟ୍ରାକ୍ଟର ଧରି ମେରଘରା ଗ୍ରାମକୁ ଟ୍ରଲି ଚୋରି କରିବାକୁ ଯାଇଥିଲେ। ଗ୍ରାମର ଲାଲୁ ଭଏସାଲଙ୍କ ଟ୍ରଲି ନଂ. ଓଡି ୦୮ କ୍ୟୁ ୯୭୫୩ ଖୋଲା ସ୍ଥାନରେ ଥିବାର ଦେଖି ଚୋରି କରିବାକୁ ଉଦ୍ୟମ କରିଥିଲେ। ଦୁର୍ବୃତ୍ତମାନେ ଆଣିଥିବା ଟ୍ରାକ୍ଟରରେ ଟ୍ରଲିକୁ ସଂଯୋଗକରି ଚୋରାଇ ନେଇ ଯାଉଥିବା ସମୟରେ ଲାଲୁଙ୍କ ପୁଅ ସତ୍ୟମ ଓ ପୁତୁରା ହରିଶଙ୍କର ଜାଣିପାରି ସମସ୍ତଙ୍କୁ ଡାକ ପକାଇଥିଲେ। ପାଟିଶୁଣି ଦୁର୍ବୃତ୍ତମାନେ ଟ୍ରାକ୍ଟର ଚଳାଇ ପଳାଇଯାଉଥିଲେ। ୨ଭାଇ ଏକ ବାଇକ୍ ନଂ. ଓଡି ୦୮ଏନ୍ ୬୫୨୨ରେ ସେମାନଙ୍କ ପିଛା କରିଥିଲେ। ତେବେ ଗାଁଠାରୁ ୩କି.ମି. ଦୂର ତେନ୍ତୁଳିପଡ଼ା ଛକଠାରେ ଦୁର୍ବୃତ୍ତମାନଙ୍କୁ ସେମାନେ ଅଟକାଇବାକୁ ଚେଷ୍ଟା କରିଥିଲେ। ଦୁର୍ବୃତ୍ତମାନେ ଧରାପଡ଼ିଯିବା ଭୟରେ ଉଭୟଙ୍କୁ ଟ୍ରାକ୍ଟର ଚପାଇ ଦେଇ ଟ୍ରଲିକୁ ଛାଡ଼ି ଟ୍ରାକ୍ଟର ନେଇ ପଳାଇଯାଇଥିଲେ। ସ୍ଥାନୀୟ ଲୋକେ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା ୨ଭାଇଙ୍କୁ ଉଦ୍ଧାରକରି ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହି ସମୟରେ ସେଠାରେ ଜଣଙ୍କର ମୃତ୍ୟୁ ହୋଇଥିଲା। ବୁର୍ଲା ନିଆଯାଉଥିବାବେଳେ କେସିଙ୍ଗା ନିକଟରେ ଅନ୍ୟ ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କୁ ଟ୍ରାକ୍ଟର ମଡ଼ାଇ ହତ୍ୟା କରାଯାଇଛି ବୋଲି ମଙ୍ଗଳବାର ପରିବାର ଲୋକଙ୍କ ପକ୍ଷରୁ ଧର୍ମଗଡ଼ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୩୨୭/୨୦୨୫) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ୨ଭାଇଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ମୃତକଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ୨ ଭାଇଙ୍କ ମୃତଦେହ ରଖି ମଙ୍ଗଳବାର ଅପରାହ୍ଣରେ ରାସ୍ତାରୋକୋ କରିଥିଲେ। ୨ଘଣ୍ଟା ଧରି ଧର୍ମଗଡ଼ ଚାରିଛକ ନିକଟ ୧୩୦(ସି) ନଂ. ଜାତୀୟ ରାଜପଥକୁ ଅବରୋଧକରିବା ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଖବରପାଇ ଘଟଣାସ୍ଥଳରେ ଅତିରିକ୍ତ ଜିଲାପାଳ ଅଜୟ ପ୍ରକାଶ ତିର୍କୀ, ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, ଏସ୍‌ଡିପିଓ ତୋଳାମଣି ଭୋଇ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଉଭୟ ପରିବାରକୁ ରେଡକ୍ରସ୍, ହରିଶ୍ଚନ୍ଦ୍ର ଯୋଜନା ଓ ସରକାରଙ୍କ ଅନ୍ୟ ଯୋଜନାରେ ନିୟମ ଅନୁଯାୟୀ ସାହାଯ୍ୟ କରାଯିବ ଓ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଲାପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ଦୁର୍ଘଟଣା ଘଟାଇଥିବା ସ୍ଥାନରେ ପୋଲିସର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ଟ୍ରାକ୍ଟର ଚାପାରେ ଭାଙ୍ଗିଯାଇଥିବା ବାଇକ୍ ଜବତ କରାଯାଇଛି। ତଦନ୍ତ ଶେଷ ହେଲେ ହତ୍ୟା ମାମଲା ରୁଜୁହେବ ବୋଲି ଏସ୍‌ଡିପିଓ ତୋଳାମଣି ଭୋଇ କହିଛନ୍ତି।

## ଧରାପଡ଼ିଲେ କୁଆଁ, ଅନିମେଶ

**୨ ଅପରାଧୀଙ୍କ ନାଁରେ ରହିଛି ୫୮ ମାମଲା**

ବାଲେଶର, ୧୧।୧୧(ବାଞ୍ଛାନିଧି ଦେ)

ଦୀର୍ଘଦିନ ଧରି ଫେରାର ଥିବା ୨ ଦୁର୍ଦ୍ଦାନ୍ତ ଅପରାଧୀ କୁଆଁ ଓରଫ କୈଳାଶ ଦାସ ଓ ଅନିମେଶ ଘୋଷଙ୍କୁ ବାଲେଶ୍ୱର ପୋଲିସ ଗିରଫ କରିଛି। ଅନିମେଷଙ୍କ ବିରୋଧରେ ଜିଲାର ବିଭିନ୍ନ ଥାନାରେ ହତ୍ୟା, ଦାଦାବଟି ଆଦାୟ, ମାରପିଟ୍, ହତ୍ୟା ଧମକ ଭଳି ସଙ୍ଗୀନ ଅଭିଯୋଗ ରହିଥିଲା। ସେ ରାଜ୍ୟ ବାହାରକୁ ୧୦ବର୍ଷ ତଳେ ଯାଇ ଅପରାଧର ନେଟୱର୍କ ବିଛାଇ ନିଜ ସହଯୋଗୀଙ୍କ ମାଧ୍ୟମରେ ବିଭିନ୍ନ ଅପରାଧ ଘଟାଉଥିଲେ। ସେହିପରି କୁଆଁ ନାମରେ ମଧ୍ୟ ବିଭିନ୍ନ ଥାନାରେ ହତ୍ୟା, ଦାଦାବଟି ଆଦାୟ ଭଳି ୨୬ଟି ମାମଲା ରହିଛି। ସେ ବହୁ ସଙ୍ଗୀନ ଅପରାଧରେ ଜଡ଼ିତ ରହି ରାଜ୍ୟ ବାହାରକୁ ପଳାଇ ବାରମ୍ବାର ରାଜ୍ୟ ପରିବର୍ତ୍ତନ କରୁଥିଲେ ବୋଲି ମଙ୍ଗଳବାର ସନ୍ଧ୍ୟାରେ ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତ୍ୟୁଷ ଦିବାକର ସୂଚନା ଦେଇଛନ୍ତି।

## ଏନ୍‌କାଉଣ୍ଟରରେ ୬ ମାଓବାଦୀ ନିହତ

ମାଲକାନଗିରି,୧୧।୧୧(ସୁଚିତ୍ରା ଦାସ)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲାରେ ପୁଣି ପୋଲିସ ଏବଂ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ଘଟିଛି। ପୋଲିସ ଗୁଳିରେ ମଦେଡ ଏରିଆ କମିଟିର ମୁଖ୍ୟ ବୁଚ୍ ଅନ୍ନାଙ୍କ ସମେତ ୬ ଜଣ କ୍ୟାଡର ମାଓବାଦୀ ନିହତ ହୋଇଥିବା ଜଣାପଡିଛି। ଘଟଣାସ୍ଥଳରୁ ଯବାନମାନେ ବ୍ୟାପକ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି।

ସୂଚନା ଅନୁଯାୟୀ, ବିଜାପୁର ଜିଲାରେ ରହିଥିବା ଜାତୀୟ ଉଦ୍ୟାନରେ ମାଓବାଦୀମାନେ ଲୁଚି ରହିଥିବା ବିଶେଷ ସୂତ୍ରରୁ ଖବରପାଇ ଡିଆର୍‌ଜି, ସିଆର୍‌ପିଏଫ୍ ଏବଂ ଜିଲା ପୋଲିସ ମଙ୍ଗଳବାର ସକାଳ ୧୦ଟାରେ ଚଢାଉ କରିଥିଲା। ମାଓବାଦୀମାନେ ଯବାନଙ୍କୁ ଦେଖି ପ୍ରଥମେ ଗୁଳି ଚଳାଇଥିଲେ। ଏହାର ପାଲଟା ଜବାବରେ ଯବାନମାନେ ଗୁଳି ଚଳାଇଥିଲେ। ପରେ ପୋଲିସ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ସର୍ଚ୍ଚ ଅପରେଶନ କରିବା ସମୟରେ ୬ ମାଓବାଦୀଙ୍କ ମୃତଦେହ ଜବତ କରିଛି। ଏଥିସହ ଘଟଣାସ୍ଥଳରୁ



ଯବାନମାନେ ସର୍ଚ୍ଚ ଅପରେଶନ କରୁଛନ୍ତି।

ସ୍ୱୟଂଚାଳିତ ଇନ୍‌ସାସ୍, ଏସ୍‌ଏଲ୍‌ଆର, ଷ୍ଟେନ୍ ଗନ, ୩୦୩ ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିବା ପୋଲିସ କହିଛି। ଖସି ପଳାଇଥିବା ମାଓବାଦୀଙ୍କୁ ଖୋଜିବା ପାଇଁ ଡିଆର୍‌ଜି ଏବଂ ଏସ୍‌ଟିଏଫ ଯବାନ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଜାରି ରହିଥିବା ପୋଲିସ କହିଛି।

## ମାଷ୍ଟରମାଇଣ୍ଡ ଶଙ୍କର ସମେତ ୭ଜଣଙ୍କ ଜାମିନ ଆବେଦନ, ୧୩ରେ ଶୁଣାଣି

ବ୍ରହ୍ମପୁର, ୧୧।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

ଓଡ଼ିଶା ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ସିଲିକନ ଟେକ୍‌ଲାବ ସଂସ୍ଥାର ମୁଖ୍ୟ ସୁରେଶ ଚନ୍ଦ୍ର ନାୟକଙ୍କ ସମେତ ୭ଜଣଙ୍କ ଜାମିନ ଆବେଦନ ହୋଇଛି । ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ କୋର୍ଟରେ ଜାମିନ ଆବେଦନ ହୋଇଥିବାବେଳେ କୋର୍ଟ ୧୩ ତାରିଖରେ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି । ଏହି ମାମଲାରେ ପୂର୍ବରୁ ପରୀକ୍ଷାର୍ଥୀମାନେ ଜାମିନ ପାଇସାରିଛନ୍ତି। ମାଷ୍ଟରମାଇଣ୍ଡ ଶଙ୍କର, ସୁରେଶଙ୍କ ସମେତ ଦଲାଲ ତଫିମ ଅହମ୍ମଦ ଖାନ, ବିଶ୍ୱରଞ୍ଜନ ବେହେରା, ଅରବିନ୍ଦ ଦାସ, ଶେଖର ସାହୁ ଓ ପ୍ରକାଶ ସାହୁଙ୍କ ପାଇଁ ସେମାନଙ୍କ ଓକିଲ ଜାମିନ ଆବେଦନ କରିଛନ୍ତି। କୋର୍ଟ ଆସନ୍ତା ୧୩ ତାରିଖରେ ଏହାର ଶୁଣାଣି ରଖିଥିବା ତଫିମ ଅହମ୍ମଦ ଖାନଙ୍କ ଓକିଲ ରିଙ୍କୁ ନାୟକ ସୂଚନା ଦେଇଛନ୍ତି। ପୂର୍ବରୁ ଏହି ମାମଲାର ଅନ୍ୟ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ସମୟରେ ଦୁଇ ପକ୍ଷ ଓକିଲଙ୍କ ମଧ୍ୟରେ ଜବାବ ସୁଆଲ ହୋଇଥିଲା। କୋର୍ଟ ଅନେକ ତଥ୍ୟ ଓ ପ୍ରମାଣ ମାଗିଥିଲେ । ଯାହା କ୍ରାଇମବ୍ରାଞ୍ଚ ଦେଇପାରି ନ ଥିଲା । ଆସନ୍ତା ୧୩ ତାରିଖରେ ହେବାକୁ ଥିବା ଜାମିନ ଶୁଣାଣିରେ କ୍ରାଇମବ୍ରାଞ୍ଚ କ'ଣ ତଥ୍ୟ ରଖିବ ଜଣାପଡିବ। ଅନ୍ୟପକ୍ଷରେ ଶଙ୍କର ଓ ସୁରେଶଙ୍କ ଲାଏ ଡିଟେକ୍ସନ ଟେଷ୍ଟ ପାଇଁ ବ୍ରହ୍ମପୁର ଜେଏମଏଫ୍‌ସି(ଗ୍ରାମାଞ୍ଚଳ)ରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆବେଦନ ହୋଇଥିଲା। କୌଣସି କାରଣରୁ ତଦନ୍ତ ଅଧିକାରୀ(ଆଇଓ) କୋର୍ଟରେ ଉପସ୍ଥିତ ହୋଇନଥିବାରୁ ଏହାର ଶୁଣାଣି ହୋଇପାରିନାହିଁ। ତଦନ୍ତଅଧିକାରୀ କୋର୍ଟରେ ଉପସ୍ଥିତ ହେବା ପରେ ଏହାର ଶୁଣାଣି ହେବ ବୋଲି ଜଣାପଡିଛି। ସିଲିକନ ଟେକ୍‌ଲାବ ସଂସ୍ଥାର ମୁଖ୍ୟ ସୁରେଶଙ୍କୁ ଗିରଫ କରିବା ପରେ ଲଗାତାର ଜେରା କରିଥିଲା କ୍ରାଇମବ୍ରାଞ୍ଚ। ପରବର୍ତ୍ତୀ ସମୟରେ ଶଙ୍କରଙ୍କୁ ନେପାଳ ସୀମା ଉତ୍ତରଖଣ୍ଡରୁ ଗିରଫ କରିଥିଲା। ସୁରେଶ ଓ ଶଙ୍କରଙ୍କୁ ମୁହାଁମୁହିଁ ଜେରା କରିବା ପରେ କ୍ରାଇମବ୍ରାଞ୍ଚ ଉଭୟଙ୍କୁ ଗୋଟିଏ ଦିନରେ ଅର୍ଥାତ ଗତ ୪ ତାରିଖରେ କୋର୍ଟ ଚାଲାଣ କରିଥିଲା। ଶଙ୍କରଙ୍କୁ ଅଧିକ ଜେରା କରିବାକୁ ଅଧିକ ସମୟ ପାଇନଥିଲା। କ୍ରାଇମବ୍ରାଞ୍ଚ। ତେଣୁ ଶଙ୍କର ଏବଂ ପୂର୍ବରୁ ବାଲେଶ୍ୱରରୁ ଗିରଫ ହୋଇଥିବା ଦଲାଲ ଅରବିନ୍ଦଙ୍କୁ ଗତ ୫ତାରିଖରୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ନେଇ ଜେରା କରିବା ପରେ ଗତ ୮ତାରିଖରେ କୋର୍ଟରେ ହାଜର କରି ଜେଲ ପଠାଇଥିଲା। ସେହିଦିନ ଶଙ୍କର ଓ ସୁରେଶଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରିବାକୁ ଆବେଦନ କରିଛି କ୍ରାଇମବ୍ରାଞ୍ଚ। କିନ୍ତୁ କୋର୍ଟରେ ତଦନ୍ତ ଅଧିକାରୀ ଅନୁପସ୍ଥିତ ରହୁଥିବାରୁ ଏହାର ଶୁଣାଣି ହେବାରେ ବିଳମ୍ବ ଘଟୁଛି।

## ସାନଭାଇ ଛୁରାମାଡ଼ରେ ବଡ଼ ମୃତ

ଆର.ଉଦୟଗିରି, ୧୧।୧୧(ମନୋଜ ପାଢୀ)

ସାନଭାଇର ଛୁରା ମାଡ଼ରେ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ଗଜପତି ଜିଲା ଆର. ଉଦୟଗିରି ଥାନା ଅନ୍ତର୍ଗତ ରେବିଡି ଗାଁରେ ଦେଖିବାକୁ ମିଳିଛି। ବାପାଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୪୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘଟଣା ପରେ ସାନଭାଇ ଫେରାର ହୋଇଯାଇଛନ୍ତି।

ଖବରରୁ ଜଣାପଡିଛି, ରେବିଡି ଗାଁରେ ସୁଜୟ ଦଳବେହେରାଙ୍କ ପରିବାର ବସବାସ କରନ୍ତି। ସୁଜୟ ଗୁଣପୁରରେ ରହୁଥିବା ବେଳେ ଗାଁରେ ତାଙ୍କ ଦୁଇ ପୁଅ ଅଞ୍ଜି ଅରେମ୍ ଦଳବେହେରା (୨୭) ଓ ସାନ ସୁଦୀପ ଦଳବେହେରା (୨୪) ରହୁଥିଲେ। ସୋମବାର ବଡଭାଇ ଅଞ୍ଜି ଅରେମ୍, ସାନଭାଇ ସୁଦୀପ ଓ ତାଙ୍କ ସ୍ତ୍ରୀ ବିଲକୁ ଧାନ କାଟିବାକୁ ଯାଇଥିଲେ। ଅପରାହ୍ଣ ୪ଟାରେ ଘରକୁ ଫେରିବା ପରେ ଦୁଇଭାଇ ମିଶି ଗାଧୋଇବାକୁ ବାଥ୍‌ରୁମ୍‌କୁ ଯାଇଥିଲେ। ଏହି ସମୟରେ ଅଞ୍ଜି ଅରେମ୍ ଓ ସୁଦୀପଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସାନ ସୁଦୀପ ଏକ ଛୁରି ଆଣି ବଡ଼ଭାଇ ଅଞ୍ଜି ଅରେମ୍‌ଙ୍କୁ ଭୁସି ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ସୁଦୀପଙ୍କ ସ୍ତ୍ରୀ ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀ ଏ ସମ୍ପର୍କରେ ଗୁଣପୁରରେ ରହୁଥିବା ସୁଜୟଙ୍କୁ ଖବର ଦେଇଥିଲେ। ରାତିରେ ଯାଇ ଗୁଣପୁରରୁ ସୁଜୟଙ୍କୁ ଗ୍ରାମବାସୀ ଗାଁକୁ ଆଣିବା ପରେ ଏନେଇ ସୁଜୟ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଆର. ଉଦୟଗିରି ଥାନା ଦାୟିତ୍ୱରେ ଥିବା ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ମଙ୍ଗଳବାର ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସୂଚନାଯୋଗ୍ୟ ଅଞ୍ଜି ଅରେମ୍ ଅବିବାହିତ ଥିଲେ।

BUSINESS

# ପ୍ରତ୍ୟକ୍ଷ କର ସଂଗ୍ରହରେ ୭% ବୃଦ୍ଧି

ଭୁବନେଶ୍ୱର,୧୧।୧୧

■ ୧୨.୯୨ ଲକ୍ଷ କୋଟି ଟଙ୍କା ଅତିକ୍ରମ

■ ରିଫଣ୍ଡ ୧୮% କମି ୨.୪୨ ଲକ୍ଷ କୋଟିରେ ସୀମିତ

ଚଳିତ ଆର୍ଥିକ ବର୍ଷରେ ଦେଶର ପ୍ରତ୍ୟକ୍ଷ କର ସଂଗ୍ରହରେ ବଡ଼ ସକାରାତ୍ମକ ଖବର ସାମ୍ନାକୁ ଆସିଛି। ଏପ୍ରିଲ ୧ରୁ ନଭେମ୍ବର ୧୦ ଯାଏଁ ନେଟ୍ ପ୍ରତ୍ୟକ୍ଷ କର ସଂଗ୍ରହ ବାର୍ଷିକ ଭିତ୍ତିରେ ପ୍ରାୟ ୭% ବୃଦ୍ଧି ପାଇ ୧୨.୯୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ସରକାରଙ୍କ ତରଫରୁ ଜାରି ହୋଇଥିବା ସଦ୍ୟତମ ତଥ୍ୟ ଅନୁଯାୟୀ, ଏହି ଅବଧିରେ ରିଫଣ୍ଡ ଜାରି ହାର ବାର୍ଷିକ ଭିତ୍ତିରେ ୧୮ ପ୍ରତିଶତ ହ୍ରାସ ପାଇ ୨.୪୨ ଲକ୍ଷ କୋଟି ଟଙ୍କା ରହିଛି। ଏହି ଅବଧିରେ ନେଟ୍ କର୍ପୋରେଟ୍ ଟ୍ୟାକ୍ସ ସଂଗ୍ରହ ୫.୩୭ ଲକ୍ଷ କୋଟି ଟଙ୍କା ରହିଛି, ଯାହା ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୫.୦୮ ଲକ୍ଷ କୋଟି ଟଙ୍କା ଥିଲା। ଏହା କର୍ପୋରେଟ କ୍ଷେତ୍ରରେ ସ୍ଥିରତା ଓ ଲାଭରେ ଉନ୍ନତିର ସଂକେତ ଦେଉଛି। ଅନ୍ୟପଟେ ବ୍ୟକ୍ତିଗତ କରଦାତା ଓ ହିନ୍ଦୁ ଅବିଭକ୍ତ ପରିବାର (ଏଚ୍‌ୟୁଏଫ୍)ଠାରୁ ସଂଗ୍ରହ ୭.୧୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ଗତବର୍ଷ ୬.୬୨ ଲକ୍ଷ କୋଟି ଟଙ୍କା ଥିଲା। ଏହା ବ୍ୟକ୍ତିଗତ ଆୟ ସ୍ତରରେ ଦୃଢ଼ତା ଓ ଟ୍ୟାକ୍ସ ଅନୁପାଳନରେ ଉନ୍ନତିକୁ ପ୍ରତିଫଳିତ କରୁଛି। ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ ଟ୍ୟାକ୍ସ (ଏସ୍‌ଟିଟି) ସମୀକ୍ଷାଧୀନ ଅବଧିରେ ଏସ୍‌ଟିଟିଠାରୁ ସରକାରଙ୍କୁ ୩୫,୬୮୨ କୋଟି ଟଙ୍କା ମିଳିଛି। ଗତବର୍ଷ ଏହା ୩୫,୯୨୩ କୋଟି ଟଙ୍କା ଥିଲା, ଯାହା ସାମାନ୍ୟ ହ୍ରାସ ଦେଖାଉଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏସ୍‌ଟିଟିଠାରୁ ୭୮,୦୦୦ କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ ନିର୍ଦ୍ଧାରଣ କରାଯାଇଛି। ରିଫଣ୍ଡ ସମାୟୋଜନ ପୂର୍ବରୁ ମୋଟ ଗ୍ରସ୍ ଡାଇରେକ୍ଟ ଟ୍ୟାକ୍ସ ସଂଗ୍ରହ ୧୫.୩୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି, ଯାହା ଗତବର୍ଷ ଅପେକ୍ଷା ୨.୧୫ ପ୍ରତିଶତ ଅଧିକ। ଚଳିତ ଆର୍ଥିକ ବର୍ଷ (୨୦୨୫-୨୬) ପାଇଁ ସରକାର ୨୫.୨୦ ଲକ୍ଷ କୋଟି ଟଙ୍କା ପ୍ରତ୍ୟକ୍ଷ କର ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି, ଯାହା ଗତବର୍ଷ ଅପେକ୍ଷା ୧୨.୭% ଅଧିକ। ବିଶେଷଜ୍ଞଙ୍କ ମତାନୁସାରେ, ସୁଧ ହାର ହ୍ରାସ ସତ୍ତ୍ୱେ ଅଣକର୍ପୋରେଟ ଟ୍ୟାକ୍ସ ସଂଗ୍ରହରେ ଦ୍ରୁତ ବୃଦ୍ଧି ଦେଖାଯାଇଛି। ଏହା ଭାରତୀୟ ଅର୍ଥନୀତିରେ ଆୟ ସ୍ତର ଓ ଟ୍ୟାକ୍ସ ଅନୁପାଳନରେ ଉନ୍ନତିର ପ୍ରମାଣ। ଦେଶର ଟ୍ୟାକ୍ସ ସଂଗ୍ରହ ବ୍ୟବସ୍ଥା ନିରନ୍ତର ମଜଭୁତ ହେଉଛି। କର୍ପୋରେଟ ଓ ବ୍ୟକ୍ତିଗତ ଟ୍ୟାକ୍ସ ଉଭୟରେ ବୃଦ୍ଧି ଅର୍ଥନୀତିରେ ଆୟ ବୃଦ୍ଧି, ଔପଚାରିକତା ଓ ନିବେଶର ସ୍ତର ଉନ୍ନତ ହେଉଥିବାର ସଂକେତ ଦେଉଛି।

## ଭୁବନେଶ୍ୱରରେ ଏସ୍‌ବିଆଇ ଏଫ୍‌ପିଓ କନେକ୍ଟ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୧।୧୧
(ଅନୁରାଧା ମହାରଣା)

ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ଭୁବନେଶ୍ୱର ସର୍କଲ, ଏପିଏମ୍‌ଏଏସ୍ ଏବଂ ସିୱାଇଏସ୍‌ଡି ପକ୍ଷରୁ ଏସ୍‌ବିଆଇ ଏଫ୍‌ପିଓ କନେକ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଇନ୍‌ଷ୍ଟିଚ୍ୟୁଟ ଫର୍ ଲର୍ନିଂ ଆଣ୍ଡ ଡେଭଲପମେଣ୍ଟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ବିଆଇର ୨୦ରୁ ଅଧିକ ଅଧିକାରୀଙ୍କ ସହିତ ମୋଟ ୪୯ଟି ଏଫ୍‌ପିଓ ଏବଂ ୧୬ ଜଣ ଏଫ୍‌ପିଓ ପ୍ରମୋଟର ପ୍ରତିନିଧି ଯୋଗଦେଇଥିଲେ। ୪୭ଟି ଏଫ୍‌ପିଓର ଡେସ୍କ ଆକଳନ କରାଯାଇଥିଲା ଏବଂ ୪୫ଟି ଏଫ୍‌ପିଓକୁ ନୀତିଗତ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଭାରତରେ ଏଫ୍‌ପିଓଗୁଡ଼ିକର ଏକ ସଂକ୍ଷିପ୍ତ ବିବରଣୀ ଏବଂ ଏଫ୍‌ପିଓଗୁଡ଼ିକୁ କିଭଳି ଭାବେ ବ୍ୟବସାୟିକ ସଂଗଠନରେ ବିକଶିତ କରାଯାଇପାରିବ ସେ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ସୂଚନା ଦିଆଯାଇଥିଲା। ଏଫ୍‌ପିଓଗୁଡିକ ପାଣି ଯୋଗାଣକୁ ପ୍ରଭାବଶାଳୀ ଭାବରେ ବ୍ୟବହାରକରିବା ପାଇଁ ସଦସ୍ୟ ମାଲିକାନା, ସେମାନଙ୍କର ଆକାଉଣ୍ଟିଂ ଏବଂ ବୁକ୍‌କିପିଂ ପ୍ରଣାଳୀ ତଥା ବ୍ୟବସାୟ ଯୋଜନା ଓ ବଜାର ସଂଯୋଗ ସହ ସେମାନଙ୍କର ବ୍ୟବସାୟ ପ୍ରସ୍ତୁତିରେ ଉନ୍ନତି ଆଣିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା।

## ୟୁପିଇଏସ୍ ସ୍କୁଲ ଅଫ୍ ବିଜ୍‌ନେସ୍‌ର ଦୀକ୍ଷାନ୍ତ ସମାରୋହ




ଭୁବନେଶ୍ୱର,୧୧।୧୧
(ଅନୁରାଧା ମହାରଣା)

**ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କୁ ଡକ୍ଟରେଟ୍ ପ୍ରଦାନ**

ଉତ୍ତରାଖଣ୍ଡର ୟୁନିଭର୍ସିଟି ଅଫ୍ ପେଟ୍ରୋଲିୟମ ଆଣ୍ଡ ଏନର୍ଜି ଷ୍ଟଡିଜ୍(ୟୁପିଇଏସ୍)ର ସ୍କୁଲ ଅଫ୍ ବିଜ୍‌ନେସ୍‌ର ୨୩ତମ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ପତଞ୍ଜଳି ଯୋଗପୀଠର ମହାମନ୍ତ୍ରୀ ଆଚାର୍ଯ୍ୟ ବାଲକ୍ରିଷ୍ଣା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ତାଙ୍କୁ ଡକ୍ଟର ଅଫ୍ ଫିଲୋଶଫି ପ୍ରଦାନକରି ସମ୍ମାନିତ କରିଛି। ଏହି ଅବସରରେ ଆଚାର୍ଯ୍ୟ ବାଲକ୍ରିଷ୍ଣା ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, "ସେବାରେ ନିରନ୍ତରତା, ସେବାରେ ସମର୍ପଣ ଏବଂ ସେବାରେ ସଂଲଗ୍ନତା ହିଁ ଆମର ପ୍ରକୃତ ଶକ୍ତି। କାର୍ଯ୍ୟକ୍ରମରେ ୟୁପିଇଏସ୍ କୁଳପତି ଡ. ରାମ ଶର୍ମା ମାନବ ସେବାରେ ଆଚାର୍ଯ୍ୟଙ୍କ ନିଃସ୍ୱାର୍ଥ ଅବଦାନକୁ ପ୍ରଶଂସା କରିଥିଲେ। ଏହି ସମ୍ମାନ ପାଇଁ ଆଚାର୍ଯ୍ୟ ବାଲକ୍ରିଷ୍ଣା ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ସୁନୀଲ ରାୟ, କୁଳପତି ଡ. ରାମ ଶର୍ମା, ପ୍ରତିକୁଳପତି ଡ. ଜୟଶଙ୍କର, କୁଳସଚିବ ପ୍ରଫେସର ମନୀଷ ମଦାନ, ସ୍କୁଲ ଅଫ୍ ବିଜ୍‌ନେସ୍‌ର ନିର୍ଦ୍ଦେଶକ ପ୍ରଫେସର ରାହୁଲ ନୈନୱାଲ, ଡିନ୍-ରିସର୍ଚ୍ଚ ଡ. ଅଶ୍ୱିନୀ ନାଙ୍ଗିଆ, ସ୍କଲମ୍ବର୍ଗର ଏମ୍‌ଡି ଲଳିତ ଅଗ୍ରୱାଲ, ଏକାଡେମିକ କାଉନସିଲ ଓ ଗଭର୍ନିଂ ବଡି ସଦସ୍ୟମାନଙ୍କୁ ଏବଂ ସମସ୍ତ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଟାଟା ପାୱାରର ୨ୟ ତ୍ରୈମାସିକ ଫଳାଫଳ ପ୍ରକାଶ

ଭୁବନେଶ୍ୱର,୧୧।୧୧

ଟାଟା ପାୱାର କମ୍ପାନୀ ଲିମିଟେଡ୍ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଫଳାଫଳ ପ୍ରକାଶ କରିଛି। କମ୍ପାନୀର ଆୟ ୧୫,୫୪୪.୯୧ କୋଟି ଟଙ୍କା ହୋଇଛି, ଯାହା ଗତ ବର୍ଷର ସମାନ ତ୍ରୈମାସିକରେ ୧୫,୬୯୭.୬୭ କୋଟି ଟଙ୍କା ଥିଲା। ନେଟ୍ ଲାଭ ୧,୨୪୫.୩୯ କୋଟି ଟଙ୍କା ରହିଛି, ଯାହା ଗତ ତ୍ରୈମାସିକର ୧,୨୬୨ କୋଟି ଟଙ୍କା ନିକଟବର୍ତ୍ତୀ ରହିଛି। ଏହା ଦର୍ଶାଉଛି ଯେ କମ୍ପାନୀର ଲାଭ ବୃଦ୍ଧି ସୀମିତ ରହିଥିଲେ ମଧ୍ୟ କାର୍ଯ୍ୟକାରୀ ସ୍ଥିରତା ବଜାୟ ରହିଛି। ଟାଟା ପାୱାରର ନବୀକରଣୀୟ ଊର୍ଜା ବିଭାଗ ବର୍ତ୍ତମାନ କମ୍ପାନୀର ବୃଦ୍ଧିର ଏକ ବଡ଼ ଅଂଶ ହୋଇପାରିଛି। ଏହି ତ୍ରୈମାସିକରେ ନବୀକରଣୀୟ ଊର୍ଜା ଡିଭିଜନ ୩,୬୧୩ କୋଟି ଟଙ୍କାର ଆୟ ଉତ୍ପାଦନ କରିଛି, ଯାହା ଗତ ବର୍ଷର ୧,୯୧୩ କୋଟି ଟଙ୍କାରୁ ପ୍ରାୟ ୯୦% ଅଧିକ। ସେହିପରି ଥର୍ମାଲ ଏବଂ ହାଇଡ୍ରୋ ବିଭାଗରୁ ୨,୩୩୫ କୋଟି ଟଙ୍କାର ଯୋଗଦାନ ରହିଛି। କମ୍ପାନୀର ଟ୍ରାନ୍ସମିସନ ଆଣ୍ଡ ଡିଷ୍ଟ୍ରିବ୍ୟୁଶନ (ଟି ଆଣ୍ଡ ଡି) ବ୍ୟବସାୟ ମଧ୍ୟ ଦୃଢ଼ ରହିଛି, ଯାହା ୧୦,୯୩୫ କୋଟି ଟଙ୍କାର ଆୟ କରିଛି। ଟାଟା ପାୱାର ଇଭି ଚାର୍ଜିଂ, ରୁଫ୍‌ଟପ ସୋଲାର ଏବଂ ସୋଲାର ଉତ୍ପାଦନ ସମ୍ବନ୍ଧୀୟ ପ୍ରୋଜେକ୍ଟଗୁଡ଼ିକରେ ଧ୍ୟାନ ଦେଇଚାଲିଛି। ଏହି ତ୍ରୈମାସିକରେ ଟାଟା ପାୱାରର ମୋଟ ଖର୍ଚ୍ଚ ୧୪,୭୨୪ କୋଟି ଟଙ୍କା ରହିଛି। ସବୁଠାରୁ ଅଧିକ ଖର୍ଚ୍ଚ ପାୱାର କ୍ରୟ (୫,୬୬୩ କୋଟି ଟଙ୍କା) ଏବଂ ଇନ୍ଧନ ଖର୍ଚ୍ଚ (୧,୩୪୭ କୋଟି ଟଙ୍କା)ରେ ହୋଇଛି। ୧,୬୮୫ କୋଟି ଟଙ୍କା ଅନ୍ୟାନ୍ୟ ଖର୍ଚ୍ଚରେ ବ୍ୟୟ ହୋଇଛି। ଟ୍ୟାକ୍ସ ପରିଶୋଧ ପରେ କମ୍ପାନୀର ଲାଭ ୧,୨୪୫.୩୯ କୋଟି ଟଙ୍କା ରହିଛି। ପ୍ରତି ଶେୟାରର ଆୟ (ଇପିଏସ୍) ୨.୭୨ ଟଙ୍କା ରହିଛି, ଯାହା ଗତ ବର୍ଷର ୨.୯୦ ଟଙ୍କାରୁ ସାମାନ୍ୟ କମ୍ ରହିଛି।



ରାସ୍ତା ସୁରକ୍ଷା ପ୍ରତି ଛୋଟ ପିଲାଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ଭୁବନେଶ୍ୱର ଟ୍ରାଫିକ୍ ଟ୍ରେନିଂ ପାର୍କରେ 'କିଡ୍‌ସ କାର୍ନିଭାଲ' ଆୟୋଜନ କରିଛି। ଏହି କାର୍ଯ୍ୟକ୍ରମରେ ମହିମା ଜ୍ଞାନ ମନ୍ଦିରର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣକରି ରାସ୍ତା ସୁରକ୍ଷା ନିୟମ ବିଷୟରେ ଶିକ୍ଷା ଲାଭ କରିଥିଲେ।

## ବଡ଼ବିଲ ଖଣି ଅଞ୍ଚଳ ପରିଦର୍ଶନକଲେ ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ



ଭୁବନେଶ୍ୱର,୧୧।୧୧

ଓଡ଼ିଶା ଖଣିନିଗମ(ଓଏମସି)ର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ବଡ଼ବିଲ ଅଞ୍ଚଳରେ ଅବସ୍ଥିତ ନିଗମର ଲୁହା ପଥର ଖଣିଗୁଡ଼ିକର ଦୁଇ ଦିନିଆ ସମୀକ୍ଷା ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଲୋକ କୁମାର ପାଲ, ନିର୍ଦ୍ଦେଶକ (ଅର୍ଥ) ବନ ବିହାରୀ ପାଣି ଏବଂ ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ପରିଦର୍ଶନରେ ସାମଲ ଓଏମସିର ଲୁହା ପଥର ଖଣି ଗୁଡ଼ିକରେ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଥମ ଦିନରେ, ଗୁଆଲି, ବାଂଶପାଣି ଏବଂ ଜିଲିଙ୍ଗ-ଲାଙ୍ଗାଲୋଟା ଲୁହା ପଥର ଖଣିରେ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହା ପରେ ବଡ଼ବିଲ ଅଞ୍ଚଳରେ ଓଏମସିର ସମସ୍ତ ଖଣି ପରିଚାଳକମାନଙ୍କ ସହିତ ଆଲୋଚନା କରିଥିଲେ। ଚଳିତ ଆର୍ଥିକ ବର୍ଷରେ ଉତ୍ପାଦନ ବୃଦ୍ଧି ବଜାୟ ରଖି ଗତ ଆର୍ଥିକ ବର୍ଷ ତୁଳନାରେ ଲୁହା ପଥର ଉତ୍ପାଦନରେ ଅଧିକ ଅଭିବୃଦ୍ଧି ସୁନିଶ୍ଚିତ କରି ନୂତନ ରେକର୍ଡ ସ୍ଥାପନ କରିବା ସହ ସ୍ୱଚ୍ଛ ପ୍ରକ୍ରିୟାରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୀକ୍ଷା ବୈଠକରେ ଗୁଆଲି, ବାଂଶପାଣି, ଜିଲିଙ୍ଗ-ଲାଙ୍ଗାଲୋଟା, ଗନ୍ଧମାର୍ଦ୍ଦନ, ଡିରିଂପାହାଡ, ରୋଇଡା-ସି, ଉଞ୍ଚାବାଲି, ଖଣ୍ଡବନ୍ଧ ଏବଂ ଡୁବୁନା- ସେକ୍ରାଡିହି ସମେତ ବଡ଼ବିଲ ଅଞ୍ଚଳର ଖଣି ପରିଚାଳକମାନଙ୍କ ସହିତ ଆଲୋଚନା କରିଥିଲେ। ଦ୍ୱିତୀୟ ଦିନରେ, ପରିଚାଳନା ନିର୍ଦ୍ଦେଶକ ରୋଇଡା ସି, ଡିରିଂପାହାଡ, ଖଣ୍ଡବନ୍ଧ, ଉଞ୍ଚାବଲି ଏବଂ ଡୁବୁନା-ସେକ୍ରାଡିହି ଖଣିରେ କାର୍ଯ୍ୟକ୍ଷମତା ସ୍ଥିତି ସମୀକ୍ଷା କରିଥିଲେ।



GOVERNMENT OF JHARKHAND
Jharkhand 25
EXPLORE INFINITE OPPORTUNITIES
Celebrating
Jharkhand
25 years
Industries | Tourism | Education | Healthcare | Infrastructure...
Explore
Infinite
Opportunities
Hemant Soren
Chief Minister, Jharkhand
Information & Public Relations Department, Jharkhand
PR 365815 (IPRD) 25-26

# ଚିଲିକାର ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ

## ଚେନ୍ନାଇ ଆଇଆଇଟି ବିଶେଷଜ୍ଞ କରିବେ ଡିପିଆର୍ ପ୍ରସ୍ତୁତ

ଖୋର୍ଦ୍ଧା,୧୧।୧୧ (ପ୍ରଭାତ ପାଣିଗ୍ରାହୀ)

ଚିଲିକାର ପୁନର୍ବିକାଶ ଏବଂ ଉନ୍ନତୀକରଣ ସମ୍ପର୍କରେ ଏକ ବୈଠକ ଭୁବନେଶ୍ୱର ଲୋକସେବା ଭବନଠାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଲିକାର ସୌନ୍ଦର୍ଯ୍ୟକରଣ, ଜୀବଜନ୍ତୁ, ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଆଗାମୀ କେନ୍ଦ୍ରୀୟ ବଜେଟରେ ନିର୍ଦ୍ଦିଷ୍ଟଭାବେ ବିଶେଷ ଅନୁଦାନ ମଞ୍ଜୁର ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ନିକଟକୁ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର୍) ଦିଆଯିବ। ଏହାର ଡିପିଆର୍ ପ୍ରସ୍ତୁତ ପାଇଁ ଚେନ୍ନାଇସ୍ଥିତ ଆଇଆଇଟି ବିଶେଷଜ୍ଞ ଦଳଙ୍କ ସହ ପରାମର୍ଶ କରାଯାଇଛି। ଚିଲିକା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ଚିଲିକାରେ ପଙ୍କ, ପଟୁମାଟି, ରାଜଦଳ ମାଡ଼ିଚାଲିଛି। ତେବେ ଚିଲିକାକୁ ଦଳମୁକ୍ତ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ଚାଲିଛି। ଆଧୁନିକ ଗୋଦାମ, କୋଲ୍ଡ ଷ୍ଟୋରେଜ୍, ଯାନବାହନ ବ୍ୟବସ୍ଥା ସହିତ ଫିଶ୍ ଲ୍ୟାଣ୍ଡିଂ କେନ୍ଦ୍ର ବିକାଶକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ମାଛଧରାଳି ପରିବାରଙ୍କ ପାଇଁ କୌଶଳ କେନ୍ଦ୍ର, ଆୟ ବୃଦ୍ଧି, ମୂଲ୍ୟରେ ବୃଦ୍ଧି ପାଇଁ ପ୍ରଶିକ୍ଷଣ ଶିବିର ତଥା ସମନ୍ୱିତ ବିକାଶ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା।

ଚିଲିକାର ନୀଳ ଜଳରାଶି ଏବଂ ପକ୍ଷୀଙ୍କ କଳରବ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ ପରିବେଶ ମିତ୍ର, କ୍ରୁଜ୍, କାଳିଜାଈ ପୀଠରେ ସୌର ଆଲୋକ, ସାତପଡ଼ା ସହ ରାସ୍ତାର ସଂଯୋଗ, ଇକୋ-ଫ୍ରେଣ୍ଡଲି ହାଉସ୍‌ବୋଟ୍, ସି-ପ୍ଲେନ୍ ପ୍ରଚଳନ ପ୍ରସ୍ତାବ ନିମନ୍ତେ ଆଲୋଚନା କରାଯାଇଛି। ଆଗାମୀ ତିନିଦିନ ମଧ୍ୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ଆଇଆଇଟି ଚେନ୍ନାଇ ବିଶେଷଜ୍ଞ ଦଳଙ୍କ ସହ ପ୍ରାରମ୍ଭିକ ପ୍ରକଳ୍ପ ପ୍ରସ୍ତାବର ରୂପରେଖ ଉପରେ ଆଲୋଚନା ହେବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ପୁରୀ ଏମ୍‌ପି ଡା. ସମ୍ବିତ୍ ପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ଯୋଗଜୟାନନ୍ଦ, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ଅମ୍ଳାନ୍ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏମ୍‌ପି, ବିଧାୟକ ଏବଂ ବିଭାଗୀୟ ଅଧିକାରୀ।

# ପିଏନ୍ କଲେଜ କ୍ୟାମ୍ପସରେ ଅଣଛାତ୍ରଙ୍କ ଆତଙ୍କ



କଲେଜ ପଡ଼ିଆରେ ଅଣଛାତ୍ରମାନେ କାର୍ ଏବଂ ବାଇକ୍‌ରେ ଷ୍ଟଣ୍ଟ ଦେଖାଉଛନ୍ତି।

- ଖେଳପଡ଼ିଆରେ କାର୍, ବାଇକ୍‌ରେ ଷ୍ଟଣ୍ଟ୍ ଦେଖାଇଲେ
- କର୍ତ୍ତୃପକ୍ଷ-ଅଣଛାତ୍ର ମୁହାଁମୁହିଁ, ଜଣେ ଅଟକ

ଖୋର୍ଦ୍ଧା,୧୧।୧୧(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ(ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ ଅଣଛାତ୍ରଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅନେକ ସମୟରେ ଅଣଛାତ୍ର ଏବଂ ଅସାମାଜିକ ବ୍ୟକ୍ତି କ୍ୟାମ୍ପସ ପରିସରରେ ପଶି ଆତଙ୍କ ସୃଷ୍ଟି କରୁଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏହିକ୍ରମରେ ମଙ୍ଗଳବାର ମଧ୍ୟାହ୍ନରେ କେତେଜଣ ଅଣଛାତ୍ର ଦୁଇଟି କାର୍ ଏବଂ ଦୁଇଟି ବାଇକ୍ ଧରି ମହାବିଦ୍ୟାଳୟ ପଛପଟ ଗେଟ୍ ଦେଇ କ୍ୟାମ୍ପସ ପରିସରକୁ ପ୍ରବେଶ କରିଥିଲେ। ଏହା ପରେ ସେମାନେ ଖେଳପଡ଼ିଆରେ ଓପନ କାର୍ ଓ ବାଇକ୍‌ରେ ଷ୍ଟଣ୍ଟ୍ କରିଥିଲେ। ଫଳରେ ଖେଳପଡ଼ିଆରେ ଉପସ୍ଥିତ ଛାତ୍ରୀଛାତ୍ରମାନେ ସେଠାରୁ ଭୟରେ ଦୌଡିବାକୁ ଲାଗିଥିଲେ। ଖବରପାଇ କଲେଜ କର୍ତ୍ତୃପକ୍ଷ ଏବଂ କେତେଜଣ ଛାତ୍ର ସେଠାରେ ପହଞ୍ଚି ଏହାର ବିରୋଧ କରିଥିଲେ। ଏନେଇ କଲେଜ କର୍ତ୍ତୃପକ୍ଷ ଏବଂ ଅଣଛାତ୍ରଙ୍କ ମଧ୍ୟରେ ଯୁକ୍ତିତର୍କ ଏବଂ ମୁହାଁମୁହିଁ ପରସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଭ୍ୟାନ୍ ପହଞ୍ଚିବା ଖବରପାଇ ଅଣଛାତ୍ରମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ପୋଲିସକୁ ଖବରଦେଲେ କିମ୍ବା କ୍ୟାମ୍ପସ ଭିତରକୁ ଆସିବାକୁ ମନାକଲେ ପରିସ୍ଥିତି ଭୟାନକ ହେବ ବୋଲି ଚେତାବନୀ ଦେଇ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କ ଅଭିଯୋଗକ୍ରମେ ଶିଳ୍ପାଞ୍ଚଳ ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା। କେତେଜଣ ଛାତ୍ରୀଛାତ୍ର କହିଛନ୍ତି ଯେ, କ୍ୟାମ୍ପସ ଆଗ ଏବଂ ପଛପଟ ମୁକୁଳା ପଡ଼ିଥିବାରୁ ସବୁ ସମୟରେ ଅଣଛାତ୍ର ଏବଂ ନିକଟସ୍ଥ ଅଞ୍ଚଳର କେତେଣ ଅସମାଜିକ ବ୍ୟକ୍ତି କ୍ୟାମ୍ପସ ଭିତରେ ପଶି ଆତଙ୍କ ସୃଷ୍ଟି କରୁଛନ୍ତି। ଏହା ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି। ଏମାନଙ୍କ ଉପରେ ଅଙ୍କୁଶ ଲାଗିବା ଜରୁରୀ। ଅନ୍ୟପକ୍ଷରେ ଶିଳ୍ପାଞ୍ଚଳ ଥାନାଧିକାରୀ ଉମେଶ ସାହୁ କହିଛନ୍ତି ଯେ, ଅଭିଯୋଗ ପାଇ ତୁରନ୍ତ ଏକ ପୋଲିସ ଭ୍ୟାନ ପହଞ୍ଚିଥିଲା। ଖେଳପଡ଼ିଆରେ ଷ୍ଟଣ୍ଟ୍ କରୁଥିବା କାର୍ ଏବଂ ବାଇକ୍ ନମ୍ବରକୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଧରାଯାଇଛି। କ୍ୟାମ୍ପସ ଭିତରେ ଅଣଛାତ୍ର ପ୍ରବେଶ ଏବଂ ଅସାମାଜିକ ବ୍ୟକ୍ତି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଅପହରଣ ପରେ ଆକ୍ରମଣ ଘଟଣା

# ଫେରାର ଅଭିଯୁକ୍ତ ଗିରଫ

ବୋଲଗଡ଼,୧୧।୧୧(ଦେବବ୍ରତ ହୋତା)

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ଏକ କଲେଜର ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଥିବା ପୂର୍ବବିବାଦକୁ ନେଇ ଗତ ସେପ୍ଟେମ୍ବରରେ ଦୁଇଜଣଙ୍କୁ ଅପହରଣ କରି ବନ୍ଧୁକ ଓ ଖଣ୍ଡାରେ ଆକ୍ରମଣ ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବଙ୍କୋଇ ବାରିକ ସାହିର ଚନ୍ଦ୍ରକାନ୍ତ ଜୟସିଂହ ଓରଫ ନାଲୁ(୨୩)। ଏହି ଘଟଣାରେ ପୂର୍ବରୁ ଦୁଇ ଜଣ ଗିରଫ ହୋଇଥିବା ବେଳେ ଥାନାରେ ଏକ ମାମଲା (ନଂ.୨୦୭/୨୫) ରୁଜୁ ହୋଇଥିଲା। ମୁଖ୍ୟ ଅଭିଯୁକ୍ତଙ୍କ ସହିତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି କହିଛନ୍ତି।

ସୂଚନାଥାଉ କି, ଘଟଣାଦିନ ରାତି ସାଢ଼େ ୭ଟାରେ ୧୦ରୁ ୧୨ଜଣ ଯୁବକ ୬ଟି ବାଇକ୍‌ରେ ଆସି ହାଟବସ୍ତ ଗ୍ରାମ ଛକରେ ଗୁଳି ଫୁଟାଇଥିଲେ। ସେଠାରେ ଥିବା ବଡ଼କୁମାରୀ ଗ୍ରାମର ମାନସ ଜେନା ଓ ଦୀପକ ପରିଡ଼ାଙ୍କୁ ଅପହରଣ କରି ପାଟବନ୍ଧ ଡ୍ୟାମ୍ ଆଡ଼କୁ ନେଇ ଉଭୟଙ୍କୁ ଉଲଗ୍ନ କରି ଖଣ୍ଡା ଓ ବିଅର ବୋତଲରେ ମରଣାତ୍ମକ ଆକ୍ରମଣ କରିଥିଲେ। ଏପରିକି ମାନସଙ୍କ ଅଣ୍ଟାତଳକୁ ଗୁଳିମାଡ଼ କରିଥିଲେ। ଖବରପାଇ ପୋଲିସ ସେମାନଙ୍କୁ ଅନୁସରଣ କରିବାରୁ ପୋଲିସ ଉପରକୁ ମଧ୍ୟ ଗୁଳିଚାଳନା କରିଥିଲେ। ପରେ ଫତେଗଡ଼ ଥାନା ବାଲିଆପଟା ଜଙ୍ଗଲ ଅଞ୍ଚଳରେ ମାନସ ଏବଂ ଦୀପକଙ୍କୁ ଛାଡ଼ି ଖସି ପଳାଇଥିଲେ।

# ଜିଲାରେ ୧୭ରୁ କୁଷ୍ଠରୋଗ ଚିହ୍ନଟ ଅଭିଯାନ



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଖୋର୍ଦ୍ଧା,୧୧।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଓ ଆଣ୍ଡ ପିଏଚ୍)ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର କୁଷ୍ଠରୋଗୀ ଚିହ୍ନଟ ଅଭିଯାନ ସଂକ୍ରାନ୍ତ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ ଅଧ୍ୟକ୍ଷତା କରିଥିଲେ। ଜିଲା କୁଷ୍ଠରୋଗ ପରାମର୍ଶଦାତା ଡା. ସୌମ୍ୟକାନ୍ତ କୁଷ୍ଠରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। କୁଷ୍ଠରୋଗୀଙ୍କ ନାକରୁ ଜୀବାଣୁ ବାହାରି ବାୟୁମଣ୍ଡଳରେ ଘୂରି ବୁଲୁଛି। ରୋଗୀଙ୍କ ନିକଟରେ ଚଳପ୍ରଚଳ କରୁଥିବା ପରିବାର ଲୋକଙ୍କ ନିଃଶ୍ୱାସ ପ୍ରଶ୍ୱାସରେ କୁଷ୍ଠରୋଗୀଙ୍କ ଜୀବାଣୁ ଶରୀରରେ ପ୍ରବେଶ କରିଥାଏ। ବହୁ ବର୍ଷ ପରେ ଏହାର ଲକ୍ଷଣ ଦେଖିବାକୁ ମିଳିଥାଏ। ଯେଉଁ ବ୍ୟକ୍ତିଙ୍କୁ କୁଷ୍ଠରୋଗ ହୋଇଛି, ସେ ଏମ୍‌ଡିଟି ବଟିକା ଖାଇଲେ ରୋଗ ପ୍ରତିଷେଧକ ଶକ୍ତି ବଢ଼ାଇଥାଏ ଏବଂ ୯୯% ଜୀବାଣୁ ମରିଯାଇଥାନ୍ତି। ଯଦ୍ୱାରା କୁଷ୍ଠରୋଗ ସଂକ୍ରମଣକୁ ଏଡ଼ାଇ ଦିଆଯାଇପାରିବ। ଏହି ରୋଗ ବଂଶଗତ ନୁହେଁ, ଏହା ବାୟୁଜନିତ ସଂକ୍ରମିତ ରୋଗ। ଆକ୍ରାନ୍ତ ବ୍ୟକ୍ତି ଏମ୍‌ଡିଟି ବଟିକା ଖାଇବା ସହ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ। ରୋଗୀ ପ୍ରତିଷେଧକ ଟିକା ଗ୍ରହଣ ନ କଲେ ଧୀରେ ଧୀରେ ଆଙ୍ଗୁଠି ବଙ୍କା ହୋଇ ଛିଡିପଡ଼େ। ମୁହଁ ଅସୁନ୍ଦର ଦେଖାଯିବା ସହ ରୋଗ ମାଡ଼ି ଚାଲିଥାଏ। ଆସନ୍ତା ୧୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଜିଲାରେ କୁଷ୍ଠରୋଗ ଚିହ୍ନଟ ଅଭିଯାନ କରାଯିବ। ସମସ୍ତ ସିଏଚ୍‌ସି ଏବଂ ପିଏଚ୍‌ସି ସ୍ତରରେ ଏହି ଅଭିଯାନକୁ ତ୍ୱରାନ୍ୱିତ କରାଯିବ। ଜିଲା କୁଷ୍ଠସେବା ସ୍ୱାସ୍ଥ୍ୟ ନିରୀକ୍ଷକ ସୁନୀଲ ଦତ୍ତ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ ପ୍ରହରାଜ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ ହିଆଲଙ୍କ ସମେତ ବିଭାଗୀୟ ବିଶେଷଜ୍ଞ, ସମସ୍ତ ସିଏଚ୍‌ସି ଓ ପିଏଚ୍‌ସିର ମେଡିକାଲ ଅଫିସର, ଆଶା, ଅଙ୍ଗନୱାଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ହେବ ଚକ୍ଷୁ ପରୀକ୍ଷା

### ବେଗୁନିଆ ବ୍ଲକ୍‌ସ୍ତରୀୟ ତାଲିମ ଶିବିର

ବେଗୁନିଆ,୧୧।୧୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅଧୀନ ସମସ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ମାଗଣାରେ ଚକ୍ଷୁ ପରୀକ୍ଷା କରାଯିବ। ରାଜ୍ୟ ଗଣଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ସୁରେନ୍ଦ୍ର ସାଏ ଦିବ୍ୟଜ୍ୟୋତି ଯୋଜନା ଜରିଆରେ ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଦୃଷ୍ଟିଦୋଷ ଚିହ୍ନଟ କରାଯାଇ ଔଷଧ, ଚଷମା ବଣ୍ଟନ କରାଯିବ। ରାଜ୍ୟର ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟସେବା ପୃଷ୍ଠଭୂମିରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଗୁରୁତ୍ୱ ଦେବାକୁ ବେଗୁନିଆ ବ୍ଲକ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆଭିମୁଖ୍ୟ ରଖାଯାଇଛି। ଏନେଇ ମଙ୍ଗଳବାର ବ୍ଲକସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା.ଦେବାଶିଷ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ ପରିସରରେ ଆୟୋଜିତ ଶିବିରରେ ବିଡିଓ ସନ୍ତୋଷ କୁମାର ଜେନା ସଭାପତିତ୍ୱ କରିଥିଲେ। ଏଥିରେ ବ୍ଲକର ସମସ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଆର୍‌ସିସି, ଡାକ୍ତରୀ ଦଳ ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ପଦାଧିକାରୀମାନେ ଯୋଗଦେଇ ତାଲିମ ନେଇଛନ୍ତି। ତେବେ କାର୍ଯ୍ୟକ୍ରମ କିପରି ସଫଳତାର ସହିତ ସମ୍ପାଦନା ହେବ, ସେନେଇ ବିଡିଓ ଜେନା ଆହ୍ୱାନ ଦେଇଥିଲେ। ଶେଷରେ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ପ୍ରଭାସିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସେମିରେ ପପୁଲାର କ୍ଲବ୍ ଢେଙ୍କାନାଳ

### ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ଯାଁଳା,୧୧।୧୧(ବୁଲା ବାରିକ)

ଖୋର୍ଦ୍ଧା ଜିଲା ଶବର କ୍ରୀଡ଼ା ସଂଘ ଆନୁକୂଲ୍ୟରେ ରାଧାଚରଣପୁର ଖେଳପଡ଼ିଆରେ ଚାଲିଥିବା ୨୭ତମ ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ପପୁଲାର କ୍ଲବ୍ ଢେଙ୍କାନାଳ ଏବଂ ୟୁନାଇଟେଡ୍ କ୍ଲବ୍ ଗଣ୍ଡରପୁର କଟକ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧର ୨୦ ମିନିଟ୍‌ରେ ପପୁଲାର କ୍ଲବ ଗୋଟିଏ ଗୋଲ ଦେଇଥିଲା। ସେହିପରି ଦ୍ୱିତୀୟାର୍ଦ୍ଧରେ ୟୁନାଇଟେଡ୍ କ୍ଲବ ମଧ୍ୟ ଗୋଟିଏ ଗୋଲ ଦେଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୟୁନାଇଟେଡ୍ କ୍ଲବ୍‌କୁ ୭-୬ ଗୋଲରେ ହରାଇ ପପୁଲାର କ୍ଲବ୍ ଢେଙ୍କାନାଳ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ସେଖାବତ୍ ଖାନ୍, ବିଦେଶୀ ନାଏକ, ପ୍ରଫୁଲ୍ଲ ବେହେରା ଏବଂ ସୁବାସ ସିଂ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଉତ୍କଳ ସ୍ପୋର୍ଟିଂର ମ୍ୟାନେଜର ସୁରେନ୍ଦ୍ର ମହାରଣା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଉତ୍କଳ ସ୍ପୋର୍ଟିଂ ଜଟଣୀ ଏବଂ ଖୋର୍ଦ୍ଧା ଜିଲା ଶବର କ୍ରୀଡା ସଂଘ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ପାତିମାଙ୍କଡ଼ କାମୁଡ଼ାରେ ମହିଳା ଗୁରୁତର

ନିରାକାରପୁର,୧୧।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁରରେ ପାତି ମାଙ୍କଡ଼ କାମୁଡ଼ାରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗଳାଯୋଡ଼ି ଗ୍ରାମର ପ୍ରଭାସିନୀ ବେହେରା। ସୂଚନା ମୁତାବକ, ନିରାକାରପୁର ଗେଟ୍ ବଜାରଠାରେ ଏକ ନୂତନ ଦୋକାନ ଗୃହ ଉଦ୍‌ଘାଟନ ହେଉଥିବା ବେଳେ ହଠାତ୍ ଏକ ପାତି ମାଙ୍କଡ଼ ପଲ୍ଲ ନୂତନ ଦୋକାନ ଗୃହ ଭିତରେ ପଶିଯାଇଥିଲେ। ମାଙ୍କଡ଼ଙ୍କୁ ଦେଖି ଦୋକାନ ଭିତରେ ଥିବା ଭୋଗ ସାମଗ୍ରୀ ଲୁଚାଇବା ବେଳେ ହଠାତ୍ ଏକ ପାତି ମାଙ୍କଡ଼ ପ୍ରଭାସିନୀଙ୍କୁ କାମୁଡ଼ି ଦେଇଥିଲା। ଏହା ଦେଖି ଦୋକାନୀ ମାଲିକଙ୍କ ସହ ଅନ୍ୟ କର୍ମଚାରୀ ଘଉଡ଼ାଇବାରେ ମାଙ୍କଡ଼ମାନେ ସେଠାରୁ ପଳାଇଥିଲେ। ପରେ ଚିକିତ୍ସା ପାଇଁ ପ୍ରଭାସିନୀଙ୍କୁ ନିରାକାରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

# ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି



ବୈଠକରେ କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନର କର୍ମକର୍ତ୍ତା।

ଟାଙ୍ଗୀ,୧୧।୧୧(ରଘୁନାଥ ସାହୁ)

କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଜନତା ଷ୍ଟାଡିୟମଠାରେ ଆସନ୍ତା ଡିସେମ୍ବର ୧୮ରୁ ୨୮ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଆସୋସିଏଶନ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଆଇନଜୀବୀ ହୃଷୀକେଶ ପ୍ରଧାନ ସଭାପତିତ୍ୱ କରିଥିଲେ। ଆସୋସିଏଶନ ସମ୍ପାଦକ ମନୋଜ କୁମାର ମାନସିଂହ ଟୁର୍ଣ୍ଣାମେଣ୍ଟର ରୂପରେଖ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଟୁର୍ଣ୍ଣାମେଣ୍ଟକୁ କିଭଳି ଶାନ୍ତିଶୃଙ୍ଖଳାର ସହିତ କରିବା, ସଭ୍ୟ ଚାନ୍ଦା ଆଦାୟ, ପଞ୍ଚାୟତସ୍ତରୀୟ ବୈଠକ, ସଭ୍ୟ ରେଜିଷ୍ଟ୍ରେଶନ ଆଦି ବିଷୟରେ ସଦସ୍ୟମାନେ ଆଲୋଚନା କରିଥିଲେ। ଉପସଭାପତି ରାଜକିଶୋର ବୈରିଗଞ୍ଜନ, ସହ ସମ୍ପାଦକ ରମେଶ ଚନ୍ଦ୍ର ନାଇଡୁ, କୋଷାଧ୍ୟକ୍ଷ ତ୍ରିନାଥ ପାତ୍ର, ଶ୍ରୀବତ୍ସ ପରିଡ଼ା, ପବିତ୍ର ମୋହନ ଭୁଜବଳ, ଦୀପକ କୁମାର ମହାନ୍ତି, ଜୟରାମ ବେହେରା, ଆନନ୍ଦ ରାଓ, ସଚ୍ଚିଦାନନ୍ଦ ପ୍ରଧାନ, ବିପିନ ଉଦୟସିଂହ, ହେମନ୍ତ ଜେନା, କେଦାର ପାତଳସିଂହ, ବିଭୂତି ଚମ୍ପତି, ଚନ୍ଦ୍ରଶେଖର ଆଚାର୍ଯ୍ୟ, ଶ୍ୱେତ କୁମାର ମେକାପ, ସଞ୍ଜୟ ସ୍ୱାଇଁ, ଲକ୍ଷ୍ମଣ ପାତ୍ର, କାଳିଆ ନାୟକ, ବିଶ୍ୱଜିତ୍ ସାହୁ, କୋଟିରାମ ନାଇଡୁ, ଲକ୍ଷ୍ମୀଧର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

# ଖଣି ପୋଖରୀରେ ବୁଡ଼ି ଜଣେ ମୃତ

ବାଘମାରୀ,୧୧।୧୧ (ମିହିର ରଞ୍ଜନ ମହାପାତ୍ର)

ସିମୋର ପଞ୍ଚାୟତ ପଞ୍ଚୁଦୋଳ ପଡ଼ିଆ ନିକଟ ଖଣି ପୋଖରୀରେ ବୁଡ଼ିଯିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସିମୋର ଗ୍ରାମର ପ୍ରଶାନ୍ତ ବେହେରା(୫୨)। ସୂଚନା ମୁତାବକ, ସବୁଦିନ ପରି ମଙ୍ଗଳବାର ଭୋରୁ ପ୍ରଶାନ୍ତ ଫୁଲ ତୋଳିବା ପରେ ଶୌଚ ହେବାକୁ ଖଣି ପୋଖରୀକୁ ଯାଇଥିଲେ। ତାଙ୍କ ଗୋଡ଼ ଖସିଯିବାରୁ ଗଭୀର ପାଣିକୁ ଚାଲିଯାଇଥିଲେ। ତେବେ ସେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଖଣି ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପରେ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଖବରପାଇ ବାଘମାରୀ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଧୁଡୁକି ମାଧ୍ୟମରେ ସାଇବର ସୁରକ୍ଷା ସଚେତନତା

ନିରାକାରପୁର, ୧୧।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ସାଇବର ଅପରାଧ ରୋକିବା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ରାଜ୍ୟରେ ସାଇବର ରଥ ମାଧ୍ୟମରେ ସଚେତନ କରାଯାଉଛି। ଖୋର୍ଦ୍ଧା ପୋଲିସ ପ୍ରଶାସନର ନିର୍ଦ୍ଦେଶକ୍ରମେ ମଙ୍ଗଳବାର ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ନେତୃତ୍ୱରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିରାକାରପୁର ଗେଟ୍ ବଜାରଠାରେ ବିଭାଗ ପକ୍ଷରୁ ଧୁଡୁକି ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କୁ ସାଇବର ଅପରାଧ ସମ୍ପର୍କିତ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସବ୍‌ଇନ୍ସପେକ୍ଟର ଦୀପାଳିଶା ନାୟକ ପରିଚାଳନା କରିଥିଲେ। ଏଏସ୍‌ଆଇ ଗୁପ୍ତ ପ୍ରସାଦ ମହାନ୍ତି, ଏଏସ୍‌ଆଇ ଶରତ ଚନ୍ଦ୍ର ବେହେରା, ଏଏସ୍‌ଆଇ ମିନତି ମଲ୍ଲିକ, ହାବିଲଦାର ରତ୍ନାକର ବେହେରାଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।



ଧୁଡୁକି ମାଧ୍ୟମରେ ସଚେତନତା ବାର୍ତ୍ତା।

# ୧୦ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ

ଟାଙ୍ଗୀ,୧୧।୧୧(ରଘୁନାଥ ସାହୁ)

ଟାଙ୍ଗୀ ଅବକାରୀ ଥାନା ପକ୍ଷରୁ ପୁରୁଣା ଜାତୀୟ ରାଜପଥଠାରୁ ବାଇପାସ୍ ପର୍ଯ୍ୟନ୍ତ କଲେଜ ପାର୍ଶ୍ୱରେ ଯାଇଥିବା ରାସ୍ତାରେ ଚଢ଼ାଉ କରାଯାଇ ୧୦ କେଜି ୨୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ପଥରବନ୍ଧ ଗ୍ରାମର ଦିବାକର ବେହେରା। ଏନେଇ ଏକ ମାମଲା (ନଂ.୧୫୫/୨୫) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଅବକାରୀ ଥାନା ଇନ୍‌ସ୍ପେକ୍ଟର ଅଜିତ କୁମାର ପାତ୍ର କହିଛନ୍ତି। ଏହି ଚଢ଼ାଉରେ ସବ୍‌ଇନ୍‌ସ୍ପେକ୍ଟର ରମେଶ ଚନ୍ଦ୍ର ବାରିକ, ଏଏସ୍‌ଆଇ ଶମ୍ଭୁନାଥ ପାତ୍ର, କନ୍‌ଷ୍ଟେବଲ ମନୋଜ କୁମାର ଜୟସିଂ, ଅନିଲ କୁମାର ପ୍ରଧାନ, ସସ୍ମିତା ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

# ଡକାୟତି ଯୋଜନା ବେଳେ ୪ ଧରାପଡ଼ିଲେ

### ବୋମା, ବନ୍ଧୁକ, ଖଣ୍ଡା, ବୁଲେଟ୍ ଜବତ

ବୋଲଗଡ଼,୧୧।୧୧(ଦେବବ୍ରତ ହୋତା)

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ ଆରିକମା ନିକଟ କୋଶଳାସୁଣି ଜଙ୍ଗଲ ଉପତ୍ୟକାରେ ମଙ୍ଗଳବାର ସକାଳେ ୪ଜଣ ଯୁବକ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୋଲିସ ସେଠାରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ସାନକୁମାରୀ ଗ୍ରାମର ବ୍ରହ୍ମାନନ୍ଦ ଖଣ୍ଡାଇ(୨୩) ଓ ଗଣେଶ କୁମାର ଖଣ୍ଡାଇ(୩୬), ବଡ଼କୁମାରୀ ଗ୍ରାମର ସିଲୁ ନାୟକ (୨୪) ଏବଂ ବେଗୁନିଆ ଥାନା ଦେଉଳି ଗ୍ରାମର ସୋମନାଥ ପରିଡ଼ା। ଏମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୁଳି, ଦୁଇଟି ଦେଶୀ ବୋମା, ଖଣ୍ଡା, ଲୁହାଛଡ଼, ଲୁହାକଟା ଯନ୍ତ୍ର, ଆରିପାତିଆ, ସାଇକେଲ ଚେନ, ଲଙ୍କା ଗୁଣ୍ଡ ପ୍ୟାକେଟ, ଦୁଇଟି ମଦ ବୋତଲ, ୫ଟି ମୋବାଇଲ ଫୋନ ଏବଂ ବୁଲେଟ୍(ଓଡି ୦୨ଡିଇ ୯୫୬୫) ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(୨୬୩/୨୫) ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ମଙ୍ଗଳବାର ସକାଳ ୯ଟା ୩୦ରେ ବୋଲଗଡ଼ ଥାନାଧିକାରୀଣୀ ସ୍ନିଗ୍ଧାମୟୀ ବରାଡ଼ ପାଟ୍ରୋଲିଂ କରୁଥିବା ବେଳେ କୋଶଳାସୁଣି ମନ୍ଦିର ନିକଟ ଜଙ୍ଗଲରେ ୪ଜଣ ଯୁବକ ମାରଣାସ୍ତ୍ର ସହ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ନେଇ ଖବର ପାଇଥିଲେ। ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ଏକ ପୋଲିସ ଟିମ୍ ଗଠନ କରି ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଧରିବା ସହ ମାରଣାସ୍ତ୍ର ଏବଂ ଅନ୍ୟ ସାମଗ୍ରୀ ଜବତ କରି ଥାନାକୁ ଆଣିଥିଲେ। ଥାନାରେ ପଚରାଉଚରା ବେଳେ ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ସେଠାରେ ଏକତ୍ରିତ ହୋଇଥବା ସ୍ୱୀକାର କରିଥିଲେ। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଡକାୟତି, ରାହାଜାନୀ, ହତ୍ୟା ଉଦ୍ୟମ ଭଳି ମାମଲା ରହିଥିବା ନେଇ ତଦନ୍ତକାରିଣୀ ଇନ୍‌ସ୍ପେକ୍ଟର ଲିଲି ପାଢ଼ୀ ସୂଚନା ଦେଇଛନ୍ତି। ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଥାନାଧିକାରୀଣୀ ବରାଡ଼ଙ୍କ ସମେତ ଇନ୍‌ସ୍ପେକ୍ଟର ପାଢ଼ୀ, ଏଏସ୍‌ଆଇ ପ୍ରସନ୍ନ ଦଳାଇ, ଉମାଶଙ୍କର ନାୟକ, ଯଶୋଦା ଦେଇ, ତୁଷାରକାନ୍ତ ନାୟକ, କନ୍‌ଷ୍ଟେବଲ ଏମ୍.କେ ମଲ୍ଲିକ, ଏସ୍. ସାମନ୍ତରାୟ, ରମେଶ ପ୍ରଧାନ ପ୍ରମୁଖ ସାମିଲ ଥିଲେ।



ଗିରଫ ୪ ଅଭିଯୁକ୍ତ ଏବଂ ଜବତ ହୋଇଥିବା ମାରଣାସ୍ତ୍ର।

# ଜେଲ ଗଲେ ଅଭିଯୁକ୍ତ ଡ୍ରାଇଭର

**ଟ୍ରକ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର ଘଟଣା**

ଭୁବନେଶ୍ୱର,୧୧।୧୧(ସତ୍ୟଜିତ ରାଉତ)

୧୬ ନଂ ଜାତୀୟ ରାଜପଥର ପାହାଳ ଓଭର ବ୍ରିଜ ଉପରେ ସୋମବାର ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ ଏବଂ ସ୍ୱାମୀ ଗୁରୁତର ଘଟଣାରେ ପାହାଳ ଥାନା ପୋଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ ମହାରାଷ୍ଟ୍ର ଲତୁର ଜିଲାର ସଫଦର୍ ହମଜସବ୍ ଆମ୍ଭେୱାଲେ (୪୦)। ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ପୋଲିସ ଜବତ କରିଛି। ଅଭିଯୁକ୍ତ ସଫଦର୍‌ଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ସୁରେନ୍ଦ୍ର ବେହେରା (୪୫) ଏବଂ ତାଙ୍କ ସ୍ତ୍ରୀ ନେତା (୪୫) ଜଗତ୍‌ସିଂହପୁରରୁ ନିଜ ପୈତୃକ ଗାଁ ପାଖିମୁଣ୍ଡାକୁ ହୋଣ୍ଡା ଆକ୍ଟିଭା ସ୍କୁଟିରେ ଫେରୁଥିଲେ। ଦିନ ପ୍ରାୟ ୧୧ଟା ୫୦ବେଳେ ପାହାଳ ଓଭରବ୍ରିଜ୍ ପାରହେବା ସମୟରେ ଟ୍ରକ୍‌ଟି ପଛପାର୍ଶ୍ୱରୁ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଉଭୟ ରାସ୍ତାରେ ଛିଟିକି ପଡ଼ିଥିଲେ। ସୁରେନ୍ଦ୍ରଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବାବେଳେ ନେତାଙ୍କୁ ଉକ୍ତ ଟ୍ରକ୍‌ଟି ୧୦୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ବଡ଼ଭାଇ ରବିନାରାୟଣ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୪୨୭/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# 'ଜନପଥ'ର ହେବ ଉନ୍ନତୀକରଣ

ଭୁବନେଶ୍ୱର, ୧୧।୧୧ (ବନ୍ଦନା ସେଠୀ)

ଜନସାଧାରଣଙ୍କ ସୁବିଧା ପାଇଁ ଜନପଥର ଉନ୍ନତୀକରଣ କରାଯିବ। ମାଷ୍ଟରକ୍ୟାଣ୍ଟିନଠାରୁ ବାଣୀବିହାର ପର୍ଯ୍ୟନ୍ତ ବାଉଁଶ ନିର୍ମିତ ବାଡ଼ ଘେରକୁ ଇସ୍ପାତ ନିର୍ମିତ ଗ୍ରିଲ୍‌ରେ ପରିବର୍ତ୍ତନ କରାଯିବା ସହିତ ସେଥିରେ ସହର ପରିକଳ୍ପନା ଉପାଦାନଗୁଡ଼ିକୁ ସମ୍ମିଳିତ କରାଯିବ। ସେହିପରି ସ୍ମାର୍ଟସିଟି ମିଶନ୍ ଅନ୍ତର୍ଗତ ଭବିଷ୍ୟତର କାର୍ଯ୍ୟ ପରିଚାଳନା ପାଇଁ ସ୍ଥାୟୀ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯିବା ପର୍ଯ୍ୟନ୍ତ ସ୍ମାର୍ଟ ସିଟି ସ୍ୱତନ୍ତ୍ର ସହର ଉନ୍ନୟନ ଯୋଜନା (ଏସ୍‌ପିଭି) ଚାଲୁ ରହିବ। ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ)ର ୩୦ତମ ବୋର୍ଡ ଅଫ୍ ଡାଇରେକ୍ଟର୍ସ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ମାର୍ଟସିଟିର ପ୍ରମୁଖ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏଥିସହିତ ନାଗରିକ–କୈନ୍ଦ୍ରିକ ସହର ପରିଚାଳନା ଏବଂ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ଦୃଢ଼ କରିବା ନେଇ ମୁଖ୍ୟ ପଦକ୍ଷେପକୁ ଅନୁମୋଦନ କରାଯାଇଥିଲା। ସେହିପରି ବିଏସ୍‌ସିଏଲ୍



ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍‌ର ବୋର୍ଡ ବୈଠକ**

- ହଟିବ ବାଉଁଶ ବାଡ଼, ଲାଗିବ ଇସ୍ପାତ ଗ୍ରୀଲ
- ଏଆଇ ସିସି କ୍ୟାମେରା, ଆଡାପ୍ଟିଭ ଟ୍ରାଫିକ ସିଗ୍‌ନାଲ ସିଷ୍ଟମ କାର୍ଯ୍ୟକାରୀ ହେବ

ଦ୍ୱାରା ୨୪ ଘଣ୍ଟିଆ କଲ୍ ସେଣ୍ଟର 'ସହରସାଥୀ' ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ବୈଷୟିକ ଜ୍ଞାନକୌଶଳ ପରିଚାଳନାଭିତ୍ତିକ ପ୍ରମୁଖ ପଦକ୍ଷେପଗୁଡିକ ସମୀକ୍ଷା କରାଯାଇଥିଲା। ଏହିକ୍ରମରେ ସହରରେ ୩୦୦୦ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସକ୍ଷମ ସିସିଟିଭି କ୍ୟାମେରା, ଆଡାପ୍ଟିଭ ଟ୍ରାଫିକ ସିଗ୍‌ନାଲ ସିଷ୍ଟମ ଏବଂ ସହରବ୍ୟାପୀ ପବ୍ଲିକ ଆଡ୍ରେସ ସିଷ୍ଟମ ସଂସ୍ଥାପନକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହା ସହରର ସୁରକ୍ଷା, ମହିଳାଙ୍କ ସୁରକ୍ଷା, ଗତିବିଧି ଏବଂ ରିଅଲ–ଟାଇମ ପର୍ଯ୍ୟବେକ୍ଷଣକୁ ସୁଦୃଢ଼ କରିବ। ସ୍ମାର୍ଟ ସିଟି ମିଶନରେ ସୌରଶକ୍ତି ବ୍ୟବସ୍ଥା ଉପଯୋଗ କରାଯିବା, ଛାତ ଉପରେ ବର୍ଷା ଜଳ ସଞ୍ଚୟ ଏବଂ ଶିଶୁମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ସାର୍ବଜନୀନ ସ୍ଥଳ (ପାର୍କ) ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ସୁବିଧାଜନକ ଭାବେ ସ୍ୱଚ୍ଛ ସାର୍ବଜନୀନ ଶୌଚାଳୟ ସୁନିଶ୍ଚିତ କରିବା ଓ ସାର୍ବଜନୀନ ପାର୍କଗୁଡିକ ଭଲରୂପେ ରକ୍ଷଣାବେକ୍ଷଣ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ, ବିଏସ୍‌ସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଚଞ୍ଚଳ ରାଣା, ପୋଲିସ କମିଶନର ଏସ. ଦେବଦତ୍ତ ସିଂହ, କୁଟ୍‌ର ମ୍ୟାନେଜିଂ ଡାଇରେକ୍ଟର ସଞ୍ଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# 'ବାପା' ଶବ୍ଦର ତୁଳନା ନାହିଁ କି ଅନ୍ତ ନାହିଁ

ଭୁବନେଶ୍ୱର, ୧୧।୧୧(ବନ୍ଦନା ସେଠୀ)

'ବାପା' ଶବ୍ଦର ତୁଳନା ନାହିଁ କି ଅନ୍ତ ନାହିଁ। ପିଲାମାନଙ୍କ ମଙ୍ଗଳ ପାଇଁ ବାପା ସବୁ ଦୁଃଖ କଷ୍ଟ ସହି ପାରନ୍ତି। ବାପାଙ୍କ ହାତ ପିଲାର ମୁଣ୍ଡରେ ରହିଲେ, ତାକୁ କେହି ହରାଇ ପାରନ୍ତି ନାହିଁ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଟାଇମ୍ ଟୁ ସାଇନ୍ ଅନୁଷ୍ଠାନ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ବାପା! ଭାରି ମନେପଡେ ତୁମ କଥା' ମଙ୍ଗଳବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଲିନା ନନ୍ଦିତା ପରିଡା ଓ ମୁଖ୍ୟ ସଂଯୋଜକ ବାବୁ ରାଜାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଗିରିଜା ମେମୋରିଆଲ ଟ୍ରଷ୍ଟ ମୁଖ୍ୟ ଅମିୟବାଳା ପରିଡା, ଅଭିନେତା ଜୀବନ ପଣ୍ଡା, ସତ୍ୟଭାମା ଦେବୀ କଲେଜ ଅଧ୍ୟକ୍ଷ ନିରୋଜା ଲକ୍ଷ୍ମୀ ମହାପାତ୍ର, ଯୋଗ ଗୁରୁ ଡ. ସୁଶୀଲ କୁମାର ପଟ୍ଟନାୟକ, ଜୟ ଓଡ଼ିଶା ସଭାପତି ରୁଦ୍ର ସାମନ୍ତରାୟ, କମେଡିଆନ ସ୍ମୃତି ଓରଫ ନଟିଆ, ଲେଡି ପ୍ରୋଟେକ୍ଟ ଟିମ୍ ସଭାପତି ରମାକାନ୍ତ ସ୍ୱାଇଁ ଯୋଗଦେଇ ବାପାଙ୍କ ସମ୍ପର୍କରେ କହିଥିଲେ। ଖବରଦାତା ଜ୍ୟୋତି ରଞ୍ଜନ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।




ବାପାଙ୍କୁ ନେଇ ଟାଇମ୍ ଟୁ ସାଇନ୍ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଗଣଶିକ୍ଷା ସଚିବଙ୍କୁ ପକ୍ଷ ରଖିବାକୁ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୧୧(ସୁଚିସ୍ମିତା ସାହୁ)

**ଘରୋଇ ବିଦ୍ୟାଳୟରେ ଅହେତୁକ ସ୍କୁଲ ଫି' ବୃଦ୍ଧି ମାମଲା**

ବେସରକାରୀ ବିଦ୍ୟାଳୟଗୁଡ଼ିକ ମନଇଚ୍ଛା ସ୍କୁଲ ଫି' ବୃଦ୍ଧି କରୁଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଅଭିଭାବକମାନେ ଶୋଷଣର ସମ୍ମୁଖୀନ ହେବା ସହିତ ବାରମ୍ବାର ଆନ୍ଦୋଳନ କରୁଛନ୍ତି। ଫି' ନିର୍ଦ୍ଧାରଣ କମିଟି ରିପୋର୍ଟକୁ ତୁରନ୍ତ ଲାଗୁ କରିବା ପାଇଁ ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍‌ଆର୍‌ସି)ଙ୍କ ନିକଟରେ ମାମଲା ରୁଜୁ ହୋଇଛି। ଏହାର ଶୁଣାଣି କରି ଆୟୋଗ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ପକ୍ଷ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଭାବକ ମହାସଂଘ ସଭାପତି ଭୂମୋହନ ବେବର୍ତ୍ତା ପଟ୍ଟନାୟକ ଓଏଚ୍‌ଆର୍‌ସିରେ ଏହି ଅଭିଯୋଗ କରିଛନ୍ତି। ମନଇଚ୍ଛା ଫି' ବୃଦ୍ଧି ନେଇ ଘରୋଇ ବିଦ୍ୟାଳୟ ଉପରେ ଅଙ୍କୁଶ ଲଗାଇବାକୁ ୨୦୧୮ରେ ରାଜ୍ୟ ସରକାର ଏକ ଫି' ନିର୍ଦ୍ଧାରଣ କମିଟି ଗଠନ କରିଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ବେସରକାରୀ ବିଦ୍ୟାଳୟ ଅଧ୍ୟକ୍ଷ, ଅଂଶୀଦାର, ଅଭିଭାବକ, ଆଇନ ବିଭାଗ ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ସଦସ୍ୟ ଥିଲେ। କମିଟିର ନିୟମକୁ ରାଜ୍ୟରେ କଡାକଡି ଭାବେ ପାଳନ କରାଯାଉ ନ ଥିବାରୁ ଭୂମୋହନ ଆୟୋଗର ଦ୍ୱାରସ୍ଥ ହୋଇଥିଲେ। ଦେଶର ପ୍ରାୟ ୨୦ରୁ ଅଧିକ ରାଜ୍ୟରେ ବେସରକାରୀ ବିଦ୍ୟାଳୟ ଫି ନିର୍ଦ୍ଧାରଣ ଏବଂ ନିୟନ୍ତ୍ରଣାଧୀନ ଆଇନ ଲାଗୁ ହୋଇଥିବା ବେଳେ ଓଡ଼ିଶାରେ ଅଣାୟତ୍ତ ହେଉଥିବା ନେଇ ଫେଡେରେଶନର ଉପଦେଷ୍ଟା ନାଗାର୍ଜୁନ ସେଠୀ, ସ୍ୱପ୍ନେନ୍ଦୁ ସାମନ୍ତରାୟ, ରମେଶ ଭାରତୀ, ନିର୍ମଳ ରାଉତ ଏବଂ ସଞ୍ଜୟ ମହାନ୍ତି ପ୍ରମୁଖ ପ୍ରଶ୍ନ କରିଛନ୍ତି।

# 'ସଚେତନତାରେ ଜିରୋ ଆକ୍ସିଡେଣ୍ଟ ଭିଜନ ସମ୍ଭବ'

ବାଲିଅନ୍ତା ୧୧।୧୧(ନୀଳମାଧବ ସାହୁ)

- 'ଜିରୋ ଆକ୍ସିଡେଣ୍ଟ ଭିଜନ' ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନାଚକ୍ର
- ମାନବ ସମ୍ବଳ ବିକାଶ ଉପରେ ବୁଝାମଣାପତ୍ର ସ୍ୱାକ୍ଷରିତ

ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନରେ ମଙ୍ଗଳବାର 'ଆଡପ୍ଟ ଜିରୋ ଆକ୍ସିଡେଣ୍ଟ ଭିଜନ' ଶୀର୍ଷକ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆଇଜିଏଫ୍‌ସି, ସିଏଚ୍‌ଡିଏଲ୍‌ଆର୍ ଓ ସ୍ୱଚ୍ଛଭୂମି ପ୍ରାଇଭେଟ୍ ଲିମିଟେଡ ମିଳିତ ଭାବେ ଆୟୋଜନ କରିଥିଲେ। ଆଇଜିଏଫ୍‌ସିର ପ୍ରତିଷ୍ଠାତା ନିର୍ଦ୍ଦେଶକ ବି. କେ. ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସ୍ଥା ସ୍କୁଲର ଅଧ୍ୟକ୍ଷା ଡ. ଶର୍ମିଳା ସୁବ୍ରମଣିୟମ୍ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିରୋ ଆକ୍ସିଡେଣ୍ଟ ଭିଜନ କେବଳ ସଚେତନତା ଦ୍ୱାରା ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଆସ୍ଥା ସ୍କୁଲ ଅଫ ମ୍ୟାନେଜ୍‌ମେଣ୍ଟ ଓ ସିଏଚ୍‌ଡିଏନ୍‌ଏଲଆର ମଧ୍ୟରେ ମାନବ ସମ୍ବଳ ବିକାଶ ଉପରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଏଚ୍‌ଡିଏଲ୍‌ଆର୍‌ର ମ୍ୟାନେଜିଂ ଡାଇରେକ୍ଟର ପ୍ରଫେସର ଡ. ଆର.କେ.ଏସ୍ ମଙ୍ଗେସ ଦାଶ ଓ ସ୍ୱର୍ଣ୍ଣ ହସ୍ପିଟାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ. ଘନଶ୍ୟାମ ବିଶ୍ୱାସ ଅତିଥିଭାବେ ଯୋଗଦେଇ ଜିରୋ ଆକ୍ସିଡେଣ୍ଟ ଭିଜନର ନିୟମ ଗୁଡିକ ଉପରେ ଆଲୋକପାତ କରିଥିଲେ। ଆସ୍ଥା ସ୍କୁଲର ଦ୍ୱିତୀୟ ବର୍ଷ ଛାତ୍ରୀ ନିଶିତା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ. ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ଓ ସିଏଚ୍‌ଡିଏନ୍‌ଏଲଆର ମଧ୍ୟରେ ମାନବ ସମ୍ବଳ ବିକାଶ ଉପରେ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଉଛି।




ଭୁବନେଶ୍ୱର ସୂଚନା ଭବନରେ ମଙ୍ଗଳବାର ଅନୁଷ୍ଠିତ ଆଶାବରୀ ସାଂସ୍କୃତିକ ସମାଜର ଏକବିଂଶତମ ବାର୍ଷିକ ଉତ୍ସବରେ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଉଛି।

# 'କୁନିକଳାକାର'କୁ ଶ୍ରେଷ୍ଠ ପ୍ରଯୋଜନା, ନାଟକ 'ମଶା ଉବାଚ' ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶନା ପୁରସ୍କାର

ଭୁବନେଶ୍ୱର,୧୧।୧୧(ସୁଚିସ୍ମିତା ସାହୁ)

**ନାରାୟଣ ନାଟ୍ୟ ମହୋତ୍ସବ, ଶିଶୁ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ**

ସୃଜନୀ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ନାରାୟଣ ନାଟ୍ୟ ମହୋତ୍ସବ ଓ ଶିଶୁ ନାଟ୍ୟ ମହୋତ୍ସବ ମଙ୍ଗଳବାର ଭଞ୍ଜକଳା ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟସ୍ତରୀୟ ଶିଶୁ ନାଟକ ପ୍ରତିଯୋଗିତାରେ ଜଗତ୍‌ସିଂହପୁରର କୁନିକଳାକାର ଅନୁଷ୍ଠାନକୁ ଶ୍ରେଷ୍ଠ ପ୍ରଯୋଜନା ଓ ନାଟକ 'ମଶା ଉବାଚ' ଶ୍ରେଷ୍ଠ ନିର୍ଦ୍ଦେଶନା ପୁରସ୍କାର ପାଇଥିବା ବେଳେ ବାଲେଶ୍ୱରର କଳାକାର ଅନୁଷ୍ଠାନ ଦ୍ୱିତୀୟ ଶ୍ରେଷ୍ଠ ପ୍ରଯୋଜନା ପୁରସ୍କାର ପାଇଛି। ସେହିପରି ନାଟକ 'ହଂସଶିକାର' ପାଇଁ ଗୌତମ ଡ୍ରାମା ଷ୍ଟୁଡିଓ ଭୁବନେଶ୍ୱର ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶନା ପୁରସ୍କାର, ବାଲେଶ୍ୱର କଳାକାର ଅନୁଷ୍ଠାନକୁ ଶ୍ରେଷ୍ଠ ଶୃଙ୍ଖଳିତ ନାଟ୍ୟ ପୁରସ୍କାର ଓ ଏହି ଅନୁଷ୍ଠାନର ନାଟକ 'ରୀନାର ସ୍ୱପ୍ନ'କୁ ଶ୍ରେଷ୍ଠ ପାଣ୍ଡୁଲିପି ପୁରସ୍କାର ମିଳିଛି। ଶ୍ରେଷ୍ଠ ଅଭିନେତା ଭାବେ ବିନ୍ମୟ କୁମାର ସାହୁ ଓ ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା ଭାବେ ଶୁଭସ୍ମିତା ସିଂଙ୍କୁ ପୁରସ୍କୃତ କରାଯାଇଥିବାବେଳେ ସୁନିତା ସାହୁ ଶ୍ରେଷ୍ଠ ଅଭିନେତ୍ରୀ ଏବଂ ଶ୍ରଦ୍ଧା ସୁମନ ବାରିକ ଦ୍ୱିତୀୟ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଥିଲେ। ଇଂ.ଶ୍ରୀତମ କୁମାର ସିଂହଙ୍କୁ ପ୍ରଥମ ବିଚାରପତି ଏବଂ ଅରୁଣ ବାରିକଙ୍କୁ ଦ୍ୱିତୀୟ ବିଚାରପତି ପୁରସ୍କାର ଦିଆଯାଇଛି। ଜଗତ୍‌ସିଂହପୁରର କୁନିକଳାକାର ଅନୁଷ୍ଠାନ ଏବଂ ସୃଜନୀ ଅନୁଷ୍ଠାନ ତରଫରୁ ବଦ୍ରି ନାରାୟଣ ଜେନାଙ୍କୁ ସ୍ୱତନ୍ତ୍ର ପୁରସ୍କାର ଦିଆଯାଇଥିବା ବେଳେ ଶିବାନୀ ସ୍ୱାଇଁଙ୍କୁ ଦ୍ୱିତୀୟ ସ୍ୱତନ୍ତ୍ର ପୁରସ୍କାର ମିଳିଛି। ନାଟ୍ୟ ନିର୍ଦ୍ଦେଶକ ଇଂ. ପ୍ରୀତି ରଞ୍ଜନ ମିଶ୍ର ଓ ଡ. ବନବିହାରୀ ମହାପାତ୍ର ଶିଶୁ ନାଟ୍ୟ ମହୋତ୍ସବର ବିଚାରପତି ଥିଲେ।

ବିଶିଷ୍ଟ ନାଟ୍ୟକାର ଓ ସଂଗଠକ ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତିରେ ସମର୍ପିତ ଏହି ଦୁଇ ମହୋତ୍ସବରେ ଅତିଥି ଭାବେ ବାଚସ୍ପତି ସୁରମା ପାଢୀ, ଭାଜପା ଜିଲା ସଭାପତି ନିରଞ୍ଜନ ମିଶ୍ର ଓ ଜଗନ୍ନାଥ ପ୍ରଧାନ ଯୋଗଦେଇଥିଲେ। ସୃଜନୀର ଉପଦେଷ୍ଟା ଭୁପିନ୍ଦର ସିଂଙ୍କୁ ସଭାପତିତ୍ୱରେ ସମ୍ପାଦକ ଚିତ୍ତରଞ୍ଜନ ରାୟମହାପାତ୍ରଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସୃଜନୀର ଉପସଭାପତି ପ୍ରସନ୍ନ ରଥ, ମାନସ ରଞ୍ଜନ ରାୟ ମହାପାତ୍ର, ସଭ୍ୟା ସରଳା ସ୍ୱାଇଁ, ଶଶିପ୍ରଭା ଦାସ, ସୌଭାଗ୍ୟଲକ୍ଷ୍ମୀ, ପ୍ରଜ୍ଞା ରଥ, ରାଜଲକ୍ଷ୍ମୀ ଏବଂ ସଭ୍ୟ ବଳରାମ, ଅନିଲ ପଣ୍ଡା, ଅରୁଣ ମଲ୍ଲିକ ଉପସ୍ଥିତ ଥିଲେ।

# ବିଜ୍ଞାନ ମେଳାରେ ୧୦୦ ପ୍ରକଳ୍ପ ପ୍ରଦର୍ଶିତ



ମୀନା ବଜାର ଷ୍ଟଲକୁ ସାମାଜିକ କର୍ମୀ ଲକ୍ଷ୍ମୀପ୍ରିୟା ପ୍ରଧାନ ଉଦ୍‌ଘାଟନ କରୁଛନ୍ତି।

ବାଲିଅନ୍ତା ୧୧।୧୧ (ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପକ୍ଷରୁ ମଙ୍ଗଳବାର ଏକ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଓ ମୀନା ବଜାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ମନ୍ଦିରର ୨୪ତମ ବାର୍ଷିକ ବିଜ୍ଞାନ ମେଳାରେ ୧୦୦ଟି ବିଜ୍ଞାନ ଓ ପରିବେଶଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଛାତ୍ରୀଛାତ୍ରମାନେ ସ୍ମାଟ ରାସ୍ତା, ସ୍ମାଟ ବିଜୁଳି ଶକ୍ତି, ଟ୍ରାଫିକ ସିଗ୍ନାଲ ଓ ପ୍ରାକୃତିକ ଉପାୟରେ ଜଳ ବିଶୋଧନ ଆଦି ବିଷୟବସ୍ତୁ ଉପରେ ପ୍ରକଳ୍ପମାନ ପ୍ରଦର୍ଶନ କରିଥିଲେ। ଏଥିରେ ଅଞ୍ଜିତ ମହାନ୍ତି ଓ ରମାକାନ୍ତ ମହାରଣା ଅତିଥିଭାବେ ଯୋଗଦେଇ ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ମୀନା ବଜାରରେ ଛାତ୍ରୀଛାତ୍ରମାନେ ୩୫ଟି ଖାଦ୍ୟ ଷ୍ଟଲ ଖୋଲିଥିଲେ। ଏହି ମୀନା ବଜାର ଷ୍ଟଲ୍‌କୁ ସାମାଜିକ କର୍ମୀ ଲକ୍ଷ୍ମୀପ୍ରିୟା ପ୍ରଧାନ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ବାର୍ଷିକ ବିଜ୍ଞାନ ଓ ମୀନା ବଜାରକୁ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର, ଗୁରୁମା ମଧୁମିତା ରାୟ, ମମତା ସାମଲ, ନମିତା ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପାଣ୍ଡରାରେ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର, ୧୧।୧୧(ବନ୍ଦନା ସେଠୀ)

ରାଜଧାନୀର ଅଧିକାଂଶ ସରକାରୀ ଜମି ଜବରଦଖଲରେ ରହିଥିବାବେଳେ ବିଡିଏ ପକ୍ଷରୁ ନିୟମିତ ଭାବେ ଉଚ୍ଛେଦ ଜାରି ରହିଛି। ଏହି କ୍ରମରେ ମଙ୍ଗଳବାର ପାଣ୍ଡରା ମୌଜା ଅନ୍ତର୍ଗତ ପ୍ଲଟ ନଂ. ୩୮୯୧ ଓ ୩୯୯୯ରେ ଥିବା ସରକାରୀ ଜମିରୁ ଜବରଦଖଲ ହଟାଯାଇଛି। ସମ୍ପୃକ୍ତ ଅଞ୍ଚଳର ପ୍ରାୟ ୨ଏକର ୭୮୦ ଡିସିମିଲ ଜମି ଜବରଦଖଲରେ ଥିବାବେଳେ ପ୍ରଥମ ଦିନରେ ୧ ଏକର ଜମିକୁ ଜବରଦଖଲମୁକ୍ତ କରାଯାଇଛି। ୮ଟି ଟିଣ/ଆଜ୍‌ବେଷ୍ଟସ ଦୋକାନ, ୧୦ଟି ଆଜବେଷ୍ଟସ ଘର, ୮ଟି ଶୌଚାଳୟ, ଗୋଟିଏ ଗେଟ୍, ଗୋଟିଏ ପାଣିଟାଙ୍କି ଓ ପ୍ରାୟ ୨୦୦ଫୁଟ ଲମ୍ବର ପାଚେରି ଭଙ୍ଗା ଯାଇଥିଲା। ସମୟ ଅଭାବରୁ ଉଚ୍ଛେଦ ଆଂଶିକ ଭାବରେ କରାଯାଇଥିଲା। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର (ଓଏସ୍‌ଡି) ଦେବରାଜ ସେଠୀ, ଜିଏର ଉପନିର୍ଦ୍ଦେଶକ (ସର୍ଭେ ଏନ୍‌ଫୋର୍ସମେଣ୍ଟ) ଅମିୟ କୁମାର ଦାସ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଟିମ୍ ୧, ୨, ୩, ୪, ୫ ଏବଂ ୬ ଉଚ୍ଛେଦ କରିଥିଲେ। ଉଚ୍ଛେଦ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ତରଫରୁ ଗୋଟିଏ ପ୍ଲାଟୁନ୍ ପୁରୁଷ ପୋଲିସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା।



ଜବରଦଖଲରେ ରହିଥିବା ଘର ଓ ଦୋକାନଗୁଡ଼ିକୁ ଭଙ୍ଗାଯାଉଛି।

# ରାଜେନ୍ଦ୍ର ପ୍ରସାଦ ନାୟକଙ୍କୁ 'ଯାନ୍ତ୍ରିକ ସମ୍ମାନ'

ଭୁବନେଶ୍ୱର, ୧୧।୧୧ (ବନ୍ଦନା ସେଠୀ)

**ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ୧୬ତମ ପ୍ରତିଷ୍ଠା ଦିବସ**

ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ୧୬ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଯାନ୍ତ୍ରିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ସଂଘର ମୁଖ୍ୟ ଉପଦେଷ୍ଟା ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଜନସ୍ୱାସ୍ଥ୍ୟ (ସହରାଞ୍ଚଳ)ର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ବିରଞ୍ଚି ନାରାୟଣ ପ୍ରଧାନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ରତ୍ନାକର ଶିଆଳ, ୱାଟ୍‌କୋ ପରିଚାଳନା ନିର୍ଦ୍ଦେଶକ ଇଂ. ଦେବବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ କରିବା ସହ ବଳକା ୱାର୍କ–ଚାର୍ଜ କର୍ମଚାରୀଙ୍କୁ ସ୍ଥାୟୀ କରି ପେନସନ୍ ପ୍ରଦାନ କରିବା ଦାବି ଉପରେ ଆଲୋକପାତ କରାଯାଇଥିଲା।




ଅତିଥିମାନେ ରାଜେନ୍ଦ୍ର ପ୍ରସାଦ ନାୟକଙ୍କୁ 'ଯାନ୍ତ୍ରିକ ସମ୍ମାନ' ପ୍ରଦାନ କରୁଛନ୍ତି।

ଏହି ଅବସରରେ ୱାଟ୍‌କୋ ଡିଭିଜନ–୨ର ମହାପ୍ରବନ୍ଧକ ରାଜେନ୍ଦ୍ର ପ୍ରସାଦ ନାୟକଙ୍କୁ ତାଙ୍କର ଉତ୍ସର୍ଗୀକୃତ ସେବାପାଇଁ 'ଯାନ୍ତ୍ରିକ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ଏସ୍.କେ. ନାଇମୁଲ ଅମିନଙ୍କୁ 'ଇଂ. କାହ୍ନୁଚରଣ ମହାପାତ୍ର ଦକ୍ଷ ଇଞ୍ଜିନିୟର ସମ୍ମାନ' ଏବଂ ପଦ୍ମ ଚରଣ ପାଢ଼ୀଙ୍କୁ 'ଦକ୍ଷ ସଂଗଠକ ପ୍ରତାପ ମିଶ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ସଦାଶିବ ବିଷୋଇ ଓ ଅନିଲ କୁମାର ପ୍ରଧାନଙ୍କୁ ଅବସରକାଳୀନ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଅଶୀଳ କୁମାର ବ୍ରହ୍ମ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୧୧।୨୦୨୫

| | |
|---|---|
| ୫,୩୫,୬୯୩ ଟଙ୍କା | |
| ସୁନା | ୧୬୦ ଗ୍ରାମ୍ |
| ରୁପା | ୧୦୧ ଗ୍ରାମ୍ |

## ପୁରୀର ସୁରକ୍ଷା ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଡିଆଇଜି

### ଲାଲ୍‌କିଲାରେ ବିସ୍ଫୋରଣ ଘଟଣା

ପୁରୀ,୧୧।୧୧(ଅଜିତ୍ କୁମାର ମହାନ୍ତି)

ଦିଲ୍ଲୀର ଲାଲକିଲ୍ଲା ମେଟ୍ରୋ ଷ୍ଟେଶନର ଗେଟ୍ ନମ୍ବର ୧ ନିକଟରେ ଭୟଙ୍କର ବିସ୍ଫୋରଣ ପରେ ସାରା ଦେଶରେ ହାଇଆଲର୍ଟ ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ପୁରୀକୁ ମଧ୍ୟ ହାଇ ଆଲର୍ଟରେ ରଖାଯାଇଛି। ପୁରୀ ଅଭିମୁଖେ ଆସିଥିବା ସମସ୍ତ ଗାଡ଼ିଗୁଡ଼ିକୁ ପ୍ରବେଶ ପଥରେ ଚେକିଂ କରାଯାଇ ଛଡ଼ାଯାଉଛି। ସମୁଦ୍ରକୂଳ, ବଡ଼ଦାଣ୍ଡ, ଶ୍ରୀମନ୍ଦିର ଚାରିପାଖ, ରେଲ୍‌ୱେ ଷ୍ଟେଶନ ସହ ବସ୍‌ଷ୍ଟାଣ୍ଡ ଆଦି ଅଞ୍ଚଳରେ ହାଇଆଲର୍ଟରେ ରଖାଯାଇଛି। ମନ୍ଦିର ଚାରିପାଖରେ ଚେକିଂ ସହ ନଜର ରଖାଯାଇଛି। ମଙ୍ଗଳବାର କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ପୁରୀ ଆସି ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ ସହିତ ସମୀକ୍ଷା କରିଛନ୍ତି। ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରି ଶ୍ରୀମନ୍ଦିର ସମେତ ପୁରୀ ସହରରେ କଡ଼ା ସୁରକ୍ଷା ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସମୀକ୍ଷା ବୈଠକରେ ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଶ୍ରୀମନ୍ଦିର ସୁରକ୍ଷା ବାହିନୀର କମାଣ୍ଡାଣ୍ଟ, ସ୍ପେଶାଲ ବ୍ରାଞ୍ଚର ଅତିରିକ୍ତ ଏସପି, ଅଗ୍ନିଶ୍ରମ ଅଧିକାରୀ, କୋଷ୍ଟଗାର୍ଡ ଅଧିକାରୀ, ଜିଆର୍‌ପି ଅଧିକାରୀଙ୍କ ସହ ସୁରକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସମୀକ୍ଷାରେ ଶ୍ରୀମନ୍ଦିର ସହିତ ପୁରୀ ସହରରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କିଭଳି ସୁଦୃଢ଼ କରାଯାଇ ପାରିବ ସେନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ କେନ୍ଦ୍ରାଞ୍ଚଳ ଡିଆଇଜି ନାୟକ କହିଛନ୍ତି, ଶ୍ରୀମନ୍ଦିର ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଦିଲ୍ଲୀ ଠାରେ ହୋଇଥିବା ବିସ୍ଫୋରଣ ପରେ ପୁରୀରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇ ଶ୍ରୀମନ୍ଦିର ଭିତର ଓ ବାହାର ସୁରକ୍ଷା ସହ କୋଷ୍ଟଗାର୍ଡ ସୁରକ୍ଷା ଭକ୍ତ ଏବଂ ପର୍ଯ୍ୟଟକଙ୍କ ସୁରକ୍ଷା ଓ ସେଫ୍ଟି ଉପରେ ଗୁରୁତ୍ୱ ଦିଆଯାଇଛି। ପୋଲିସ ବ୍ୟବସ୍ଥା ଅଧିକ କରାଯିବ। ବିଭିନ୍ନ ଯନ୍ତ୍ରପାତି ଯାଞ୍ଚ, ବୋମା ନିଷ୍କ୍ରିୟ ଦଳ, ଡ୍ରଗ୍ ସ୍କ୍ୱାଡ୍ ସହ ବିଭିନ୍ନ ଟିମ୍‌କୁ ଆଲର୍ଟ କରାଯାଇଛି। ବିଭିନ୍ନ ସ୍ଥାନରେ ନଜର ରଖିବେ। ପାଟ୍ରୋଲିଂ, ନାକା, ଗାଡ଼ି ଚେକିଂ, କୋଷ୍ଟଗାର୍ଡ ଆଦି ଉପରେ ଆଲୋଚନା କରାଯାଇଛି। ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଫୁଟ୍ ପାଟ୍ରୋଲିଂ ନିୟମିତ କରାଯାଇଛି। ରାତି ୧୦ଟା ପରଠାରୁ ଶ୍ରୀମନ୍ଦିର ଯାଏଁ ନୋ ଭେହିକିଲ୍ ଜୋନ୍ କରାଯାଇଛି। ଶ୍ରୀମନ୍ଦିର ପାଖକୁ କୌଣସି ଚାରିଚକିଆ ଯାନର ପ୍ରବେଶ ନେଇ କଟକଣା ଜାରି କରାଯାଇଛି। ସହରର ସମସ୍ତ ପ୍ରବେଶ ପଥରେ ପୋଲିସ ପକ୍ଷରୁ ନାକା ଲଗାଯାଇ ଗାଡ଼ିଗୁଡ଼ିକ ଯାଞ୍ଚ କରାଯାଉଛି। ପୁରୀ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ସିସିଟିଭି କ୍ୟାମେରା ଲଗାଯିବା ନେଇ ପଦକ୍ଷେପ ନିଆଯାଉଛି। ସମୁଦ୍ର ପଥକୁ ସୁରକ୍ଷିତ ରଖିବା ପାଇଁ କୋଷ୍ଟ ଗାର୍ଡ ସହିତ ସମନ୍ୱୟ ରଖାଯାଇ ମେରାଇନ ଥାନା ପୋଲିସ ମିଳିତ ଭାବେ ପାଟ୍ରୋଲିଂ କରୁଛନ୍ତି। ପୁରୀ ରେଲ୍‌ୱେ ଷ୍ଟେଶନରେ ଜିଆର୍‌ପି ଓ ଆର୍‌ପିଏଫ ପକ୍ଷରୁ କଡ଼ା ନଜର ରଖାଯାଇଛି। ଆଣ୍ଟି ଡ୍ରୋନ୍ ସିଷ୍ଟମ ବ୍ୟବସ୍ଥା ପ୍ରୋସେସ୍‌ରେ ରହିଛି। ବର୍ତ୍ତମାନ ୧୨ ପ୍ଲାଟୁନ ପୋଲିସ ଫୋର୍ସ ଶ୍ରୀମନ୍ଦିରକୁ ଜଗୁଛନ୍ତି। ଏଥିସହ ଆର୍ମ ଫୋର୍ସ ରହିଛନ୍ତି। ସିଂହଦ୍ୱାର ଠାରେ ୫ ଟି ମେଟାଲ ଡିଟେକ୍ଟର ରହିଛି। ଅନ୍ୟଦ୍ୱାରରେ ମଧ୍ୟ ଆର୍ମ ଫୋର୍ସ ମୁତୟନ କରାଯାଇଛି। ସମସ୍ତ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି ବୋଲି କେନ୍ଦ୍ରାଞ୍ଚଳ ଡିଆଇଜି ସୂଚନା ଦେଇଛନ୍ତି।



ଡିଆଇଜି ସତ୍ୟଜିତ୍ ନାୟକ ସମୀକ୍ଷା କରୁଛନ୍ତି ।

## ଲୁଟିନେଲେ ଲକ୍ଷାଧିକ ଟଙ୍କା, ସୁନାଗହଣା

ଡେଲାଙ୍ଗ,୧୧।୧୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଅଞ୍ଚଳରେ ଦିନକୁ ଦିନ ବିଭିନ୍ନ ସ୍ଥାନରୁ ଚୋରି ବୃଦ୍ଧି ପାଉଥିବା ବେଳେ ପୋଲିସ ଚୋରଙ୍କ ପ୍ରାଦୁର୍ଭାବ ରୋକିବାରେ ବିଫଳ ହୋଇଛି । ଗତ ସୋମବାର ରାତିରେ ଭାଜପା ଦଳର ଘୋରଡ଼ିଆ ମଣ୍ଡଳର ସାଧାରଣ ସମ୍ପାଦକ ଲିଳେନ୍ଦ୍ର ଜେନାଙ୍କ ଘରୁ କେତେଜଣ ଦୁର୍ବୃତ୍ତ କଳାକନା ବୁଲାଇ ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ପୋଲିସ ନଂ.୪୩୨/୨୫ରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ସାଉରିଆ ପଞ୍ଚାୟତ ଅଧୀନ କୁଆପଦା ଗ୍ରାମର ଲିଳେନ୍ଦ୍ର ଓ ତାଙ୍କ ମା'ବାପା ଘରେ ନ ଥିବାବେଳେ କେତେଜଣ ଦୁର୍ବୃତ୍ତ ଏହାର ସୁଯୋଗ ନେଇ ଝରକା ଭାଙ୍ଗି ଘରେ ପଶିଥିଲେ। ବିଭିନ୍ନ ଆସବାବ ଓ ଗଡ୍‌ରେଜ୍ ଭଙ୍ଗାରୁଜା କରିବା ସହିତ ଘରେ ଥିବା ସୁନାଅଳଙ୍କାର(ଆନୁମାନିକ ୫ ଲକ୍ଷ ଟଙ୍କାର) ଓ ନଗଦ ଟଙ୍କା ୨ ଲକ୍ଷ ୨୦ ହଜାର, ବାସନକୁସନ ଓ ଜରୁରୀ କାଗଜପତ୍ର ଲୁଟି ନେଇଯାଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ତାଙ୍କ ପୋଷାକୁକୁରକୁ କୌଣସି ଔଷଧ ସ୍ପ୍ରେ କରିଦେଇଥିବାରୁ କୁକୁରଟି ସକାଳ ୮ ପର୍ଯ୍ୟନ୍ତ ଶୋଇରହିଥିବା ଲିଳେନ୍ଦ୍ର କହିଛନ୍ତି । ଖବରପାଇ ଡେଲାଙ୍ଗ ଥାନା ଏଏସ୍‌ଆଇ କୁଳମଣି ବେହେରାଙ୍କ ସହିତ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚିଥିଲେ। ଘରଠାରୁ କିଛିଦୂର ଜଙ୍ଗଲିଆ ସ୍ଥାନରେ ଭଙ୍ଗା ଟ୍ରଙ୍କ୍ ଓ କାଗଜପତ୍ର ପଡ଼ିଥିବା ସନ୍ଧାନ ପାଇବା ପରେ ପୋଲିସ ସେଗୁଡ଼ିକୁ ଜବତ କରିଛି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଶ୍ୟାମଘନ ବାରିକ୍ ସୂଚନା ଦେଇଛନ୍ତି ।

## ନଦୀ ମୁହାଣ ନିକଟରେ ଯାଆଁଳ ମାଫିଆଙ୍କ ଦୌରାତ୍ମ୍ୟ

- ଅସ୍ତରଙ୍ଗ ମତ୍ସ୍ୟ ବିଭାଗ ଓ ସାମୁଦ୍ରିକ ଥାନା ପୋଲିସର ଅଚାନକ ଚଢ଼ାଉ
- ୮ ପଶ୍ଚିମବଙ୍ଗ ଯାଆଁଳ ମାଫିଆ ଥାନାରେ ଅଟକ

କାକଟପୁର/ଅସ୍ତରଙ୍ଗ,୧୧।୧୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ କେଲୁଣୀ ମୁହାଣ ସମେତ ଦେବୀ ମୁହାଣ ନିକଟରେ ଯାଆଁଳ ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ମୁହାଣ ନିକଟରେ ଯାଆଁଳ ଧରିବା ସମ୍ପୂର୍ଣ୍ଣ ବେଆଇନ ହୋଇଥିଲେ ବି ମାଫିଆମାନେ ଦୈନିକ ଲକ୍ଷାଧିକ ଟଙ୍କା ଯାଆଁଳ ଧରି ନେଉଥିବା ସ୍ଥାନୀୟ ମତ୍ସ୍ୟଜୀବୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ପଶ୍ଚିମବଙ୍ଗରୁ ଲୋକ ଆଣି ସ୍ୱତନ୍ତ୍ର ଜାଲ ସାହାଯ୍ୟରେ ଯାଆଁଳ ଧରାହେଉଛି। ଖଅଙ୍ଗା ମାଛ ଯାଆଁଳକୁ ରଖି ଅନ୍ୟସବୁକୁ ନଷ୍ଟ କରିଦେଉଛନ୍ତି। ପଶ୍ଚିମବଙ୍ଗରେ ଖଅଙ୍ଗା ମାଛ ଚାଷ କରାଯାଉଥିବାରୁ ସେଠାରେ ଏହି ଯାଆଁଳର ବେଶ୍ ଚାହିଦା ରହିଛି। ତେବେ ଯାଆଁଳକୁ ଛାଣି ନିଆଯାଉଥିବାରୁ ସମୁଦ୍ରରେ ମାଛର ପରିମାଣ ବହୁମାତ୍ରାରେ ହ୍ରାସ ପାଉଛି। ଫଳରେ ମାଛ ଧରି ଜୀବିକା ନିର୍ବାହ କରୁଥିବା ଅସ୍ତରଙ୍ଗ ଅଞ୍ଚଳର ୨୦ ହଜାରରୁ ଅଧିକ ମତ୍ସ୍ୟଜୀବୀଙ୍କ ପେଟପାଟଣା ପ୍ରଭାବିତ ହେଉଛି। ପଶ୍ଚିମବଙ୍ଗର କେତେଜଣ ମାଛ ଚାଷୀ ଅସ୍ତରଙ୍ଗ ଅଞ୍ଚଳର କିଛି ମୁନାଫାଖୋର୍ ମାଫିଆଙ୍କ ସହାୟତାରେ ମୁହାଣ ମୁହଁ ନାସୀ ନିକଟରେ ଯାଆଁଳ ଧରୁଛନ୍ତି, ଯାହା ସମ୍ପୂର୍ଣ୍ଣ ବେଆଇନ। ଏନେଇ ମଙ୍ଗଳବାର ଅସ୍ତରଙ୍ଗ ମତ୍ସ୍ୟ ବିଭାଗ ଓ ସାମୁଦ୍ରିକ ଥାନା ପୋଲିସର ମିଳିତ ସହାୟତାରେ ମୁହାଣ ମୁହଁ ନାସୀ ନିକଟରେ ଅଚାନକ ୭ଟି ସ୍ଥାନରେ ଚଢ଼ାଉ କରିବା ସହ ପଶ୍ଚିମବଙ୍ଗର ୮ଜଣ ବ୍ୟକ୍ତିଙ୍କୁ ଧରି ତାଙ୍କ ନିକଟରୁ ହାପା ଜାଲ, ପଲିଥିନ, ଖଅଙ୍ଗା ଯାଆଁଳ ସହ ଅନେକ ସାମଗ୍ରୀ ଜବତ କରିଛନ୍ତି। ସେମାନଙ୍କଠାରୁ ଅସ୍ତରଙ୍ଗ ମତ୍ସ୍ୟ ବିଭାଗ ଲିଖିତ ଆକାରରେ ଲେଖି ରଖିବା ସହ ଜବତ ଜିନିଷକୁ ସାମୁଦ୍ରିକ ଥାନାରେ ଦାଖଲ କରିଥିଲେ ଓ ୮ ଜଣ ପଶ୍ଚିମବଙ୍ଗ ବ୍ୟକ୍ତି ଥାନାରେ ଅଟକ ଅଛନ୍ତି। ଜବତ ଖଅଙ୍ଗା ଯାଆଁଳକୁ ନୂଆଗଡ଼ ଜେଟି ନିକଟରେ ସର୍ବସମ୍ମୁଖରେ ନଦୀରେ ଛାଡ଼ିଦିଆଯାଇଥିଲା। ଆଗାମୀ ଦିନରେ ଏପରି ବେଆଇନ ଯାଆଁଳ ଧରୁଥିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅସ୍ତରଙ୍ଗ ସହକାରୀ ମତ୍ସ୍ୟାଧିକାରୀ ସତ୍ୟବ୍ରତ ଦାସ ସୂଚନା ଦେଇଛନ୍ତି। ଏହି ଚଢ଼ାଉ କାର୍ଯ୍ୟରେ ସାଗର ମିତ୍ର କୃଷ୍ଣ, ଓମ୍, କ୍ଷୀରୋଦ, ବିଶ୍ୱଜିତ୍‌ଙ୍କ ସମେତ ନଗର ଗ୍ରାମର ମାୟାଧର ବେହେରା, ରମେଶ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

ଡେଲାଙ୍ଗ,୧୧।୧୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଞ୍ଚଳରେ ଚୋରାମଦ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଏହା ସ୍ଥାନୀୟ ପୋଲିସର ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଚୋରାମଦ ରୋକିବାକୁ ଡେଲାଙ୍ଗ ପୋଲିସ ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ ପାଟ୍ରୋଲିଂ ଆରମ୍ଭ ହୋଇଛି । ଏହାଦ୍ୱାରା ଚୋରାମଦ ବେପାରୀମାନେ ଏବେ ବଜାରଘାଟ ଓ ଛକ ସ୍ଥାନ ଛାଡ଼ି ଘରେ ବେପାର କରିବାକୁ ବସିଲେଣି। ଜେନାପୁର ଗ୍ରାମର ଦୋଳଗୋବିନ୍ଦ ବେହେରା ତାଙ୍କ ଘରେ ଚୋରାମଦ ରଖି ବ୍ୟବସାୟ କରୁଥିବା ଡେଲାଙ୍ଗ ପୋଲିସ ଖବର ପାଇଥିଲା। ଡେଲାଙ୍ଗ ଥାନା ଏଏସ୍‌ଆଇ ମହମ୍ମଦ୍ ଅଲେନୁର ସଦଳବଳ ପହଞ୍ଚି ୧୪ ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତ ଦୋଳଗୋବିନ୍ଦ(୫୫)ଙ୍କୁ ଗିରଫ କରିଥିଲା। ଏନେଇ ଡେଲାଙ୍ଗ ଥାନାରେ ନଂ.୪୩୦/୨୫ରେ ଏକ ମାମଲା ରୁଜୁ କରାଯାଇ ଦୋଳଗୋବିନ୍ଦଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

### ମାପଚୁପ ଆରମ୍ଭ, ଭଙ୍ଗାହେବ ଅଟ୍ଟାଳିକା

ଅସ୍ତରଙ୍ଗ,୧୧।୧୧(ମମତା ଜେନା/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଦୀର୍ଘଦିନ ଧରି ଅସ୍ତରଙ୍ଗ ମୁଖ୍ୟ ବଜାରର କେତେଜଣ ଅସାଧୁ ବ୍ୟକ୍ତି ସରକାରୀ ଜାଗା ମାଡ଼ିବସି ମାର୍କେଟ କମ୍ପ୍ଲେକ୍ସ ଗଢ଼ି ଭଡ଼ା ଆଦାୟ କରୁଥିବା ନେଇ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଘଟଣାକୁ ଗୁରୁତ୍ୱର ସହ ନେଇ ମାପଚୁପ କରି ପୂର୍ତ୍ତ ବିଭାଗ ରାସ୍ତା ଖାଲି କରି ବେଆଇନ ମାର୍କେଟ କମ୍ପ୍ଲେକ୍ସ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ ବିଭାଗ ନିମାପଡ଼ା ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶଳ ହେମ୍ବ୍ରମ ଓ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପତିଙ୍କ ମିଳିତ ସହଯୋଗରେ ଏକ ୫ ଜଣିଆ ଟିମ୍ ମଙ୍ଗଳବାର ଅସ୍ତରଙ୍ଗ ରାଜସ୍ୱ କାର୍ଯ୍ୟାଳୟଠାରୁ ମାପଚୁପ ଆରମ୍ଭ କରିଛି।

### ଜାତୀୟ ଶିକ୍ଷା ଦିବସ ପାଳିତ

ଡେଲାଙ୍ଗ,୧୧।୧୧(ରଶ୍ମିରଞ୍ଜନ ପ୍ରଧାନ)

ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲ କଲାମ ଆଜାଦଙ୍କ ଜୟନ୍ତୀ ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ୨୦୦୮ ମସିହାରୁ ତାଙ୍କ ଜନ୍ମଦିବସକୁ ଭରତ ସରକାରଙ୍କ ନିଷ୍ପତ୍ତିକ୍ରମେ ସମଗ୍ର ଦେଶରେ ନଭେମ୍ବର ୧୧ ତାରିଖକୁ ଜାତୀୟ ଶିକ୍ଷା ଦିବସ ପାଳିନ କରାଯାଉଛି। ପ୍ରଧାନ ଶିକ୍ଷକ ଅଭୟଚରଣ ସାହୁଙ୍କ ସଭାପତିତ୍ୱରେ ସାଧାରଣ ସଭାରେ ଶିକ୍ଷକ ଟିକେଇ ଦଳାଇ, ମାନସ ସ୍ୱାଇଁ, ଅଜୟ ପ୍ରଧାନ, ଶିକ୍ଷୟିତ୍ରୀ ପାପଲିନ ପ୍ରଧାନ, ରୋଜାଲିନ ମହାରଣା ପ୍ରମୁଖ ଉପସ୍ଥିତ ରହି ପ୍ରାଥମିକସ୍ତରରୁ ୧୪ ବର୍ଷ ପର୍ଯ୍ୟନ୍ତ ମାଗଣା ବାଧ୍ୟତାମୂଳକ ଶିକ୍ଷା, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପ୍ରତିଷ୍ଠାନରେ ତାଙ୍କର ଭୂମିକା ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

## ଦିଲ୍ଲୀରେ ବିସ୍ଫୋରଣ ପରେ ଜଳପଥରେ କଡ଼ା ପାଟ୍ରୋଲିଂ

ଅସ୍ତରଙ୍ଗ,୧୧।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଦିଲ୍ଲୀ ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେଶନ ନିକଟରେ ସୋମବାର ସନ୍ଧ୍ୟାରେ ଏକ କାର୍‌ରେ ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ବିସ୍ଫୋରଣ ଯୋଗୁ ଭୟ ଓ ଆତଙ୍କ ଖେଳିଯାଇଛି। ଆତଙ୍କବାଦୀଙ୍କ ସମ୍ଭାବ୍ୟ ଆକ୍ରମଣ କିମ୍ବା ଆତ୍ମଘାତୀ ବିସ୍ଫୋରଣ ଘଟାଇ ଧନଜୀବନ ହାନିର ଆଶଙ୍କା ଥିବାରୁ ଏହାକୁ ପ୍ରତିହତ କରିବା ନିମନ୍ତେ ପୋଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ପୁରୀ ଏସ୍‌ପି ସୋମବାର ରାତିରୁ ସଜାଗ ହୋଇଛନ୍ତି। ଅସ୍ତରଙ୍ଗ ଠାରୁ ସାତପଡ଼ା ପର୍ଯ୍ୟନ୍ତ ୧୫୦ କି.ମି. ଉପକୂଳ ସୁରକ୍ଷା ପାଟ୍ରୋଲିଂ ମଧ୍ୟ କଡ଼ାକଡ଼ି ହୋଇଛି। ସୋମବାର ରାତିରୁ ନୂଆଗଡ଼ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନ କ୍ରମେ ନୂଆଗଡ଼ ଜେଟି ନିକଟରୁ ସମୁଦ୍ର ମଧ୍ୟରେ ଦୁଇଟି ବୋଟ୍ ମାଧ୍ୟମରେ ଟେକ୍ନିକାଲ ଷ୍ଟାଫ୍ ଓ ସାମୁଦ୍ରିକ ଥାନା ପୋଲିସ ୨୪ ଘଣ୍ଟିଆ ପାଟ୍ରୋଲିଂ ଜାରି ରଖିଛନ୍ତି। ସନ୍ଦିଗ୍ଧ ବ୍ୟକ୍ତି ବା ଜିନିଷ ଦେଖିଲେ ତତ୍କାଳ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ ତରଫରୁ ସୂଚନା ମିଳିଛି। ଲୋକମାନଙ୍କୁ ସଚେତନ କରାଯାଉଛି। ଅନୁପ୍ରବେଶକାରୀଙ୍କୁ ପ୍ରତିହତ ପାଇଁ ସାମୁଦ୍ରିକ ଥାନା ପୋଲିସ ନିକଟରେ ସେମିତି କିଛି ଆନୁଷଙ୍ଗିକ ବ୍ୟବସ୍ଥା ନାହିଁ। ଅନୁପ୍ରବେଶକାରୀଙ୍କୁ ରୋକିବାକୁ ସାମୁଦ୍ରିକ ଥାନା ପୋଲିସ ପାଖରେ ଯଥେଷ୍ଟ ପରିମାଣର ଅସ୍ତ୍ରଶସ୍ତ୍ର ନାହିଁ। ସମୁଦ୍ର ଜଳପଥରେ ପୁରୀ, ବାଲେଶ୍ୱର, ପାରାଦୀପ ସମେତ ସଂଲଗ୍ନ ଦେବୀ ଓ ଶାଖା ନଦୀ ଦେଇ ବିଭିନ୍ନ ଜିଲାକୁ ବାଟ ଖୋଲିଛି। ଆତଙ୍କବାଦୀ ଓ ବାଂଲାଦେଶୀ ଅନୁପ୍ରବେଶକାରୀ ଜଳପଥ ଦେଇ ପଶିଆସିଲେ ସେମାନଙ୍କୁ ସାମ୍ନା କରିବାକୁ ସର୍ବନିମ୍ନ ବ୍ୟବସ୍ଥା ମଧ୍ୟ ନାହିଁ।

## ଜଳବାୟୁ ପରିବର୍ତ୍ତନ ସହ ମୁକାବିଲା ସମ୍ପର୍କରେ ଆଲୋଚନା ଚକ୍ର

ପୁରୀ,୧୧।୨୫(ଅଜିତ୍ କୁମାର ମହାନ୍ତି)

ସାମ୍ପ୍ରତିକ ବିଶ୍ୱରେ ଜଳବାୟୁର ପରିବର୍ତ୍ତନ ଏକ ବଡ଼ ସମସ୍ୟା ଆକାରରେ ଉଭା ହୋଇଛି। ଏ ସମ୍ପର୍କରେ ବିଶ୍ୱସ୍ତରରେ ମଧ୍ୟ ଅନେକ ବୈଠକ ଓ ପଦକ୍ଷେପ ନିଆଯାଉଛି। କିନ୍ତୁ ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ ଏହାର ସମାଧାନ କରିବାରେ ସହାୟକ ହେବ ବୋଲି ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି। ମଙ୍ଗଳବାର ପୂର୍ବାହ୍ନରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ 'ଏକ ନିରନ୍ତର ବିକାଶ ଓ ସ୍ଥାୟୀ ଭବିଷ୍ୟତ ପାଇଁ ଜଳବାୟୁ ପରିବର୍ତ୍ତନ ସହିତ ମୁକାବିଲା' ଶୀର୍ଷକ ଆଲୋଚନାଚକ୍ର ଜିଲା ପ୍ରଶାସନ ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିଲା।

ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୃଷ୍ଟି ପୂର୍ବ ତୁଳନାରେ ବର୍ତ୍ତମାନର ବିଶ୍ୱ ଉତ୍ତପ୍ତ ହେବା ସହ ପ୍ରତ୍ୟେକଙ୍କ ବ୍ୟବହାରରେ ଅନେକ ପରିବର୍ତ୍ତନ ଘଟି ଚାଲିଛି। ଏହା ବିଶ୍ୱ ପ୍ରତି ବଡ଼ସମସ୍ୟା ହୋଇଛି। ଏହାର ନିରାକରଣ ପାଇଁ ବ୍ୟାପକ ସଚେତନତା, ସାମୂହିକ ଉଦ୍ୟମ ଓ ଆନ୍ତରିକ ସମନ୍ୱୟ ଜରୁରୀ ବୋଲି କହିବା ସହ ପିଲାମାନେ ହିଁ ଏହି ପରିବର୍ତ୍ତନକୁ ଆଗେଇ ନେବେ ବୋଲି ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡା ଚିତ୍ତରଞ୍ଜନ ଦ୍ୱିବେଦୀ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ ପାଇଁ ପିଲାଙ୍କ ପାଠ୍ୟପୁସ୍ତକ ରେ ବର୍ତ୍ତମାନ ପରିବେଶ ସମ୍ପର୍କରେ ବିଷୟ ସ୍ଥାନିତ ହୋଇଛି। ମଣିଷଙ୍କର ଲୋଭ, ଅହେତୁକ ଆବଶ୍ୟକତାର ପୂରଣ ପାଇଁ ସମଗ୍ର ଜୀବଜଗତ କ୍ଷତିଗ୍ରସ୍ତ ହେଉଛି। ଏହାକୁ ପ୍ରତିହତ ପାଇଁ ସାମୁହିକ ଚେଷ୍ଟା ପାଇଁ ସେ ପରାମର୍ଶ ଦେଇଥିଲେ। ବିଷୟ ବିଶାରଦ ଭାବେ ସହକାରୀ ପ୍ରଫେସର ଡା ପ୍ରମୋଦ କୁମାର ତ୍ରିପାଠୀ ଓ ଦି ବେଲ ଅନୁଷ୍ଠାନର ପ୍ରତିଷ୍ଠାତା ସିଦ୍ଧାର୍ଥ ରାୟ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ବିସ୍ତୃତ ସୂଚନା ଦେଇ ଜଳବାୟୁ ପରିବର୍ତ୍ତନର କାରଣ ଓ ନିରାକରଣ, ବର୍ତ୍ତମାନ ବିଶ୍ୱରେ ଜଳବାୟୁର ସ୍ଥିତି, ମଣିଷ ସମାଜ ର ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାଧ୍ୟାପିକା ଡା ସଙ୍ଗୀତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

## ପ୍ରଶାସନିକ ଅଚଳାବସ୍ଥାକୁ ନେଇ କଂଗ୍ରେସର ନିନ୍ଦା

### ଜିଲା କଂଗ୍ରେସ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ

ପୁରୀ,୧୧।୧୧(ଅଜିତ୍ କୁମାର ମହାନ୍ତି)



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମୀମାନେ ।

ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କ୍ଷେତ୍ରରେ ପ୍ରଶାସନିକ ଅଚଳାବସ୍ଥା, ଦର୍ଶନ ବ୍ୟବସ୍ଥା, ଗତ ରଥଯାତ୍ରା ସମୟରେ ଦଳାଚକଟାରେ ସରକାରଙ୍କ ତଦନ୍ତ ରିପୋର୍ଟ ସହ ପୁରୀ ସହରରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଇନ୍ଦିରା ଭବନ ଜିଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି, ଦୀର୍ଘଦିନ ଧରି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କ୍ଷେତ୍ରରେ ପ୍ରଶାସନିକ ଅଚଳାବସ୍ଥା ଦେଖାଯାଉଛି। ରତ୍ନଭଣ୍ଡାର ମରାମତି କରାଯାଇଛି, କିନ୍ତୁ ଗଚ୍ଛିତ ରତ୍ନ ଅଳଙ୍କାର ଗଣତି ମଣତି ଏବଂ ମୂଲ୍ୟାଙ୍କନମୂଳକ କାର୍ଯ୍ୟ କରାଯାଇ ନାହିଁ, ତେଣୁ ମାସକ ମଧ୍ୟରେ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ। ଗତ ନିର୍ବାଚନ ସମୟରେ ଜଗନ୍ନାଥଙ୍କ ଦର୍ଶନ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଏବଂ ସୁସଙ୍ଗଠିତ କରିବା ପାଇଁ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୁଃଖର ଏବଂ ପରିତାପର ବିଷୟ, କେବଳ ଚାରିଦ୍ୱାର ପ୍ରବେଶ ବ୍ୟତୀତ ଏହା ମଧ୍ୟରେ ଦର୍ଶନ ବ୍ୟବସ୍ଥାରେ କିଛି ଠୋସ ପଦକ୍ଷେପ ନେଇପାରି ନାହି। ଏପରିକି ଦିନକୁ ଦିନ ଦର୍ଶନ ବ୍ୟବସ୍ଥାରେ ବ୍ୟାପକ ଅସଙ୍ଗତି ଦେଖିବାକୁ ମିଳୁଛି। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ନିରାଶ ହୋଇ ଫେରୁଛନ୍ତି ଏବଂ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରୀ ଏବଂ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ଯେଉଁମାନଙ୍କ ଦୈନନ୍ଦିନ ଜୀବନ ପରିଚର୍ଯ୍ୟା ପ୍ରଭୁ ଜଗନ୍ନାଥଙ୍କ ସହିତ ସମ୍ପର୍କିତ ଏବଂ ଏଥିପାଇଁ ବର୍ଷସାରା ସବୁସମୟରେ ପ୍ରଶାସନକୁ ସହଯୋଗ କରିଛନ୍ତି ଏବଂ ଅନେକ କିଛି ତ୍ୟାଗ କରିଛନ୍ତି, ସେମାନଙ୍କ ସବୁ ସମୟରେ ଅବାଧ ସୁସଂଗଠିତ ଦର୍ଶନ ସୁଯୋଗ ପାଇଁ ସରକାର ଅନେକବାର ଦାବି ସତ୍ତ୍ୱେ କିଛି ଠୋସ ପଦକ୍ଷେପ ନେଇ ପାରିନାହାନ୍ତି । ସମସ୍ୟା ପ୍ରତି ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ।

ପୁରୀ ସଦର ଅଞ୍ଚଳରେ ଦୀର୍ଘଦିନ ଧରି ମହାପ୍ରଭୁଙ୍କ ନାମରେ ଥିବା ଜମି ଜମା ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଆଇନ ମନ୍ତ୍ରୀ ଆହୁରି ସରଳୀକରଣ ସମାନ ନୀତି ମାଧ୍ୟମରେ ପୂର୍ବ ନିର୍ଦ୍ଧାରିତ ଦର ଠାରୁ ଆହୁରି କମ୍ ଦରରେ ବିକ୍ରି କରିବା ପାଇଁ କହୁଥିବା ବେଳେ ମୁଖ୍ୟ ପ୍ରଶାସକ ଇଞ୍ଚେ ଜଗନ୍ନାଥଙ୍କ ଜମି ମଧ୍ୟ ବେଞ୍ଚମାର୍କ ଦରରେ ବିକ୍ରି ହେବ ବୋଲି ବୟାନ ଦେଉଛନ୍ତି। ଆଇନ ମନ୍ତ୍ରୀ ୩ ମାସ ମଧ୍ୟରେ ନୂତନ ନୀତି ପ୍ରଣୟନ ହେବ କହୁଥିବା ସମୟରେ ମନ୍ଦିର ପ୍ରଶାସନ ଉପଯୁକ୍ତ ଦଖଲରେ ବର୍ଷ ବର୍ଷ ଧରି ଘରଦ୍ୱାର କରି ରହୁଥିବା ଲୋକଙ୍କୁ ବେଆଇନ ଦଖଲ ବୋଲି କହି ନୋଟିସ୍ ଦେଇ ଡରାଉଛନ୍ତି।

ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟି, ସଭାପତି ଇଂ ରାଜେଶ କୁମାର ମିଶ୍ରଙ୍କ ସହ ବରିଷ୍ଠ କଂଗ୍ରେସ ନେତା ଉତ୍ତମ ଆଚାର୍ଯ୍ୟ, ପୂର୍ବତନ ଜିଲା କଂଗ୍ରେସ ସଭାପତି ଜୟନାରାୟଣ ପଟ୍ଟନାୟକ, ବିନାୟକ ଦାସ ମହାପାତ୍ର, ବିଦ୍ୟୁତଲତା ଆଚାର୍ଯ୍ୟ, ପୂର୍ବତନ ଏଆଇସିସି ସଭ୍ୟ ସୁଜିତ ମହାପାତ୍ର, ଆଇନ ସେଲ୍ ଅଧ୍ୟକ୍ଷ କାଳୀ ପ୍ରସାଦ ନାୟକ, ନିରଞ୍ଜନ ରଥ, ସରସ୍ୱତୀ ପାତ୍ର, ସୀତାକାନ୍ତ ମହାନ୍ତି, ଅମରେନ୍ଦ୍ର ପାଇକରାୟ, ସୁକାନ୍ତ କୁମାର ପ୍ରଧାନ, ବିଭୁଦତ୍ତ ମିଶ୍ର, ସ୍ୱାଧୀନ କୁମାର ପଣ୍ଡା, ଅମିୟ ମହାପାତ୍ର, ଆଶୁତୋଷ ମିଶ୍ର, ଅବିନାଶ ମିଶ୍ର, ବିଶ୍ୱରଞ୍ଜନ ସାମନ୍ତରାୟ, ଉମାକାନ୍ତ ବେହେରା ଓ ଦୁର୍ଗାପ୍ରସାଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର



କାଶୀର ସନାତନୀ ସଂସ୍ଥା ପକ୍ଷରୁ ପୁରୀ ପୌରସଦନ ଠାରେ ଅନୁଷ୍ଠିତ ରାଷ୍ଟ୍ରୀୟ ସନାତନ ଅଧିବେଶନ ଅନୁଷ୍ଠିତ।



ମଙ୍ଗଳବାର ସନ୍ଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟଙ୍କ ଶ୍ରୀମନ୍ଦିରରେ ମନଲୋଭା ଦୃଶ୍ୟ।



ଶ୍ରୀମନ୍ଦିରକୁ ସଶସ୍ତ୍ର ବଳ ଜଗି ରହିଛନ୍ତି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)



ଗଣକବି ବୈଷ୍ଣବ ପାଣି ମଞ୍ଚରେ ପରିବେଷିତ ଓଡ଼ିଶୀ ନୃତ୍ୟ। **(ଫଟୋ: ରାଜକିଶୋର ମହାନ୍ତି)**

## ବାଲିଯାତ୍ରାରେ 'ଲାବୁବୁ' କ୍ରେଜ୍

ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାରେ ରହିଆସିଥିବା 'ଲାବୁବୁ ଡଲ୍' ଏବେ କଟକ ଐତିହାସିକ ବାଲିଯାତ୍ରାରେ ନିଜ ଚାହିଦା ବଢାଇଛି। ସାରା ବିଶ୍ୱରେ ଏହି କଣ୍ଢେଇର ଲୋକପ୍ରିୟତା ଅଧିକ ରହିଛି। ବଲିଉଡ୍ ଅଭିନେତ୍ରୀଙ୍କଠାରୁ ନେଇ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜର 'ଲାବୁବୁ ଡଲ୍' କଲେକ୍ସନ ଦେଖାଇବାରେ ବ୍ୟସ୍ତ। ଏହା ଏକ ଫ୍ୟାଶନରେ ପରିଣତ ହୋଇଛି। କଣ୍ଢେଇଟିର ଲୋକପ୍ରିୟତା ଯୋଗୁ ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ଛୁଇଁଛି। ଚଳିତବର୍ଷ ବାଲିଯାତ୍ରାରେ ଏହି କଣ୍ଢେଇ ଦେଖିବାକୁ ମିଳୁଛି। ତାହାକୁ କିଣିବାକୁ ଯୁବପିଢ଼ି ଆଗ୍ରହ ଦେଖାଉଛନ୍ତି। ତେବେ ବାଲିଯାତ୍ରାରେ ଏହାର ଦାମ୍ ମାତ୍ର ୧୦୦ରୁ ୨୦୦ ଟଙ୍କା ରହିଛି। ଏତେ କମ୍ ଦାମ୍ ଯୋଗୁ ଏହାର ଚାହିଦା ମଧ୍ୟ ଅଧିକ। ଯୁବତୀ ଯୁବକ ଓ କିଶୋରୀ କିଶୋରମାନେ ଏହାକୁ କିଣୁଥିବା ଦେଖିବାକୁ ମିଳିଛି।



## କଂସାଥାଳି ମସାଜ୍

ବାଲିଯାତ୍ରା ବୁଲି ବୁଲି ଲୋକେ ଥକ୍କା ଅନୁଭବ କରି କେଉଁଠି ନାଁ କେଉଁଠି ବସିପଡ଼ୁଥାନ୍ତି। ଯାତ୍ରା ପଡ଼ିଆ ବୁଲିବା ଦ୍ୱାରା ପାଦରେ ପୀଡ଼ା ଅନୁଭବ କରିଥାନ୍ତି। ଏହାକୁ ନଜରରେ ରଖି ବାଲିଯାତ୍ରାର ଓର୍ମାସ୍ ପରିସରରେ ପୁରୀ ଜିଲାର ମାନସ ରଞ୍ଜନ ଦାସ କଂସାଥାଳି ଫୁଟ୍ ମସାଜ ଷ୍ଟଲ ଖୋଲିଛନ୍ତି। କଂସାଥାଳି ବ୍ୟବହାର କରାଯାଇ ଇଲେକ୍ଟ୍ରି ଦ୍ୱାରା ଏକ ମେସିନ ପ୍ରସ୍ତୁତି କରାଯାଇଛି, ଯେଉଁଥିରେ ଖାଲିପାଦ ରଖିବେ। ସେଥିରେ ଘିଅ କିମ୍ବା ସୋରିଷ ତେଲ ପକାଗଲେ, ମେସିନଟି ପାଦକୁ ମସାଜ କରିଦେବ। ଫଳରେ ପୀଡ଼ା ଲାଘବ ହୋଇ ଆରାମ ଲାଗିବ। ମାତ୍ର ୧୦ ମିନିଟ ସମୟ ପର୍ଯ୍ୟନ୍ତ ଏହି ମେସିନର ମଜା ନେଇପାରିବେ ଏବଂ ଦର ମାତ୍ର ୯୯ ଟଙ୍କା ରହିଛି। ଗତ ୭ ଦିନରେ ହଜାର ହଜାର ଲୋକ ଏହାକୁ ବ୍ୟବହାର କରିବା ସହ ମସାଜ ଦ୍ୱାରା ଖୁସି ପ୍ରକାଶ କରିଥିବା ମାନସ କହିଛନ୍ତି।



# ଝୁମାଇଲେ ଦୀପ୍ତିରେଖା, ମାନସୀ

**କଟକ,୧୧।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

ବାଲିଯାତ୍ରାର ସପ୍ତମ ସନ୍ଧ୍ୟାରେ ମଙ୍ଗଳବାର ଉଭୟ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗଣକବି ବୈଷ୍ଣବ ପାଣି ମଞ୍ଚରେ ମୁଖ୍ୟ ଆକର୍ଷଣ ଥିଲେ ଓଲିଉଡ୍ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ। ଶୀତୁଆ ସନ୍ଧ୍ୟାରେ ଦୀପ୍ତିରେଖା ପ୍ରଥମେ 'ଅଭିମାନିନୀ ସେ ଅମାନିଆ ଢେଉ' ଗୀତରୁ ଓଲିଉଡ୍ ନାଇଟ ଆରମ୍ଭ କରିଥିଲେ। ପରେ ପରେ ମଞ୍ଜୁରୀ– ଜୀବନ ଠୁ ତୁ ମୋର ଭାରି ଜରୁରୀ, ଗଜଲ ଗଜଲ, ହାଏ ତୋ ପ୍ରେମର ରଙ୍ଗୋଲି, ପରଜାପତି, ଲାଲଗୁଲାବୀ, ତୁ ମୋ ଡାର୍ଲିଂ, ଚାଲ କରିବା ଠିଆ ପାଲା ଆଦି ଅନେକ ଗୀତ ପରିବେଷଣ କରିଥିଲେ। ସେହିପରି କଣ୍ଠଶିଳ୍ପୀ କୁମାର ବାପି ପ୍ରଥମେ 'ଚିଠି ଲେଖିଛି ମୋ ନୀଳମଣିକୁ' ଜଗନ୍ନାଥ ଭଜନରୁ ଗୀତ ଆରମ୍ଭ କରିଥିଲେ। ପରେ 'ମୁଁ ତମକୁ ଭଲ ପାଏ', 'ଝିଅ ନୁହେଁ ତୁ ଅପ୍‌ସରୀ' ଆଦି ଗୀତ ଗାଇଥିଲେ। ଦୀପ୍ତିରେଖା ଓ କୁମାର ବାପିଙ୍କ ଯୁଗଳବନ୍ଦୀ ସଙ୍ଗୀତରେ ଦର୍ଶକ ଝୁମି ଉଠିଥିଲେ। ଉଭୟ 'ଆଇ ଲଭ ୟୁ' ଗୀତ ଗାଇ ଦର୍ଶକଙ୍କ ମନରେ ରୋମାଞ୍ଚ ଭରିଥିଲେ। ଏଥିସହ ପୁଣେର ନଭ୍‌ରୂପ ଅନୁଷ୍ଠାନ ପକ୍ଷରୁ କଥକ ପରିବେଷଣ କରାଯାଇଥିଲା। ସେହିପରି କଟକର ସାଇଗୁରୁ ପ୍ରଦ୍ୟୁମ୍ନ କିଶୋର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭଜନ, ଭୁବନେଶ୍ୱର ଉପାସନା କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ସଙ୍ଗୀତ, କଟକର ସିଂଘମ ଡ୍ୟାନ୍ସ ଅନୁଷ୍ଠାନ ପକ୍ଷରୁ ଫ୍ୟୁଜନ ନୃତ୍ୟ, ମଣିପୁରୀ ଡ୍ୟାନ୍ସ ଅନୁଷ୍ଠାନ ପକ୍ଷରୁ ଫାୟାର ଓ ଢୋଲ ଚଲମ ନୃତ୍ୟ, କଟକର ନଟରାଜ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରାଜସ୍ଥାନୀ ନୃତ୍ୟ, କଟକର ଜନତା ରଙ୍ଗ ମଞ୍ଚ ପକ୍ଷରୁ ଚଇତି ନୃତ୍ୟ ଆଦି ପରିବେଷଣ କରାଯାଇଥିଲା।

ମନମୋହିଲା କଥକ, ଓଡ଼ିଶୀ ନୃତ୍ୟ

ଅନ୍ୟପଟେ ଅକ୍ଷୟ ମହାନ୍ତି ମଞ୍ଚରେ ବଲିଉଡ୍ କଣ୍ଠଶିଳ୍ପୀ ମାନସୀ ଘୋଷ ପ୍ରଥମେ 'ରଙ୍ଗବତୀ ରଙ୍ଗବତୀ' ଏବଂ 'କ୍ରେଜି କିଆ'ରେ ଭଳି ଅନେକ ସଙ୍ଗୀତ ପରିବେଷଣ କରିଥିଲେ। ପରେ କଟକର ଅମୃତ ମ୍ୟୁଜିକ ଓଡ଼ିଆ ପକ୍ଷରୁ ଅକ୍ଷୟ ମହାନ୍ତି ଭକ୍ତି ସଙ୍ଗୀତ, ବାଙ୍କୀ ସାଇରାମ ନାଟ୍ୟ ସଂସଦ ପକ୍ଷରୁ ଲଉଡ଼ି ଖେଳ, ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ୍ ପକ୍ଷରୁ ନାଟକ, ପୁରୀର ଚାରୁ ନର୍ତ୍ତନ ପକ୍ଷରୁ ଦେବୀ ନାଟକ, କନ୍ଧମାଳ ଡିସିସି ପକ୍ଷରୁ ଆଦିବାସୀ ଲୋକନୃତ୍ୟ, ଢେଙ୍କାନାଳ ମୀରାବାଈ କଳା ବିକାଶ କେନ୍ଦ୍ର ପକ୍ଷରୁ ଲୋକନୃତ୍ୟ, କଟକର ସଂସ୍କୃତି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା।



ମାନସୀ ଘୋଷ

ଦୀପ୍ତିରେଖା ପାଢ଼ୀ



ପୁଣେ କଳାକାରଙ୍କ ଦ୍ୱାରା କଥକ ନୃତ୍ୟ ପରିବେଷଣ।

## ଦର୍ଶକଙ୍କୁ ବିଭୋର କଲେ 'ନୃତ୍ୟଶାଳା' ଶିଳ୍ପୀ

**ଭୁବନେଶ୍ୱର,୧୧।୧୧(ଅନୁରାଧା ମହାରଣା):** ଐତିହାସିକ କଟକ ବାଲିଯାତ୍ରା ସାଂସ୍କୃତିକ ମଞ୍ଚରେ କଟକ 'ନୃତ୍ୟଶାଳା' ସଂସ୍କୃତି କେନ୍ଦ୍ରର ନୃତ୍ୟଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନରେ ଦର୍ଶକ ବିଭୋର ହୋଇଛନ୍ତି। ନୃତ୍ୟଶାଳା ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହାଣୀଙ୍କ ସହ ନୃତ୍ୟଶାଳାର ବରିଷ୍ଠ ନୃତ୍ୟଶିଳ୍ପୀ ମୋନାଲ ମନିଷା ସାହୁ, ଦେବୀପ୍ରିୟା ଆଞ୍ଚଲ ସାମଲ, ଶ୍ରେୟାଶ୍ରୀ ପ୍ରଧାନ, ଯଶସ୍ୱିନୀ ସ୍ୱାଇଁ, ରୋଜାଲିନ ପାତ୍ର, ଦିବ୍ୟାଶା ପଟ୍ଟନାୟକ, ଶ୍ରୀୟା ମିଶ୍ର, କୀର୍ତ୍ତିକା ମହାନ୍ତି, ଆଦ୍ୟାଶା ବସନ୍ତ ରାୟ ମନଲୋଭା ନୃତ୍ୟ ପ୍ରଦର୍ଶନ କରିଥିଲେ। ଓଡ଼ିଶୀ ନୃତ୍ୟରେ ଶିବପଞ୍ଚାକ୍ଷର ଓ ଗୀତଗୋବିନ୍ଦ ନୃତ୍ୟରେ ଆଧ୍ୟାତ୍ମିକତା ଦର୍ଶକଙ୍କ ମନକୁ ଛୁଇଁଥିଲା। ଏହି ଅବସରରେ ଉପଜିଲାପାଳ ପ୍ରଣୟ କୁମାର ବେହେରା ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନଙ୍କ ସହ ସମସ୍ତ ନୃତ୍ୟ ଶିଳ୍ପୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଏବଂ ବାଲିଯାତ୍ରା କଟକର ସ୍ମୃତିଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।



## ରକ୍ତଦାନ ଶିବିର

**ଚୌଦ୍ୱାର,୧୧।୧୧(ଆଶୁତୋଷ ଦାସ)**

ଚୌଦ୍ୱାର ପୌରପାଳିକା ୧୩ନଂ. ୱାର୍ଡ ପରିଷଦ ସଦସ୍ୟା ସୁଜାତା ସାହୁଙ୍କ ଶ୍ୱଶୁର ଗଗନ ବିହାରୀ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ ପାଇକରାପୁରସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ଶୋକସଭା ସହ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ସ୍ୱର୍ଗତ ଗଗନ ଶିକ୍ଷକ ଭାବେ ଚାକିରି ଜୀବନ ଆରମ୍ଭ କରି ଶେଷରେ ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ସେ ଏକଧାରାରେ ଜଣେ ଆଦର୍ଶ ଶିକ୍ଷକ, ସନାତନ ଧର୍ମର ପ୍ରଚାର ଓ ଶିବଜ୍ଞାନ ଜୀବସେବାରେ ନିଜକୁ ନିୟୋଜିତ କରିଥିଲେ। ବିଭିନ୍ନ ପତ୍ରପତ୍ରିକାରେ ସନାତନ ଧର୍ମ ସମ୍ବଳିତ ବିଭିନ୍ନ ପ୍ରବନ୍ଧ, କବିତା ଇତ୍ୟାଦି ପ୍ରକାଶ କରୁଥିଲେ। ସାହୁଙ୍କ ମୃତ୍ୟୁ ପରେ ମଧ୍ୟ ସମାଜସେବାରେ ନିଜକୁ ଉତ୍ସର୍ଗ କରିବା ଉଦ୍ଦେଶ୍ୟ ରଖି ସେ ନିଜ ଶରୀରର ଅଙ୍ଗଦାନ କରି ଚୌଦ୍ୱାର ଅଞ୍ଚଳବାସୀଙ୍କ ମନରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ।

## ପାଣି ପାଇପ୍ ଫାଟି ଯାତାୟାତ ବାଧାପ୍ରାପ୍ତ



**ଚୌଦ୍ୱାର,୧୧।୧୧(ଆଶୁତୋଷ ଦାସ)**

ଚୌଦ୍ୱାର କଳିଙ୍ଗ ଛକ ନିକଟରେ ମଙ୍ଗଳବାର ଏକ ପାନୀୟ ଜଳ ପାଇପ୍ ଲାଇନ ଫାଟିଯିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଫଳରେ ପଥଚାରୀଙ୍କ ଅସନ୍ତୋଷ ଦେଖାଦେଇଥିଲା। ଖବରପାଇ ଜଳଯୋଗାଣ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପାଣିକୁ ଆୟତ କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୧ଟା ସମୟରେ ଛକ ନିକଟରେ ଏଆରସି ଭିତରକୁ ଯାଇଥିବା ପାନୀୟ ଜଳ ପାଇପ୍ ଲାଇନଟି କୌଣସି କାରଣରୁ ଫାଟିଯାଇଥିଲା। ଫଳରେ ପାଣିର ପ୍ରେସର ଏତେ ଜୋରରେ ଥିଲା ଯେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଦ୍ୱାରା ଉପରେ ଯାଇଥିବା ୧୧କେଭି ଲାଇନ ତାର କଟାଯାଇଥିଲା। ଅନ୍ୟପଟେ ଜାତୀୟ ରାଜପଥ ସର୍ଭିସ ରୋଡରେ କିଛି ସମୟ ପାଇଁ ଯାନବାହନ ଚଳାଚଳରେ ବାଧା ଉପୁଜିଥିଲା।

## ୨ ବାଇକ୍ ମଧ୍ୟରେ ଧକ୍କା: ଜଣେ ମୃତ

**କଟକ ସଦର,୧୧।୧୧(ସୁଶାନ୍ତ କୁମାର ଜେନା)**

କଟକ-ପାରାଦୀପ ରାସ୍ତାର ଅର୍ଚ୍ଛିଲୀ ନିକଟରେ ମଙ୍ଗଳବାର ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହୋଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କିଶନନଗର ଥାନା ଅନ୍ତର୍ଗତ ତେଲଦିଆ ଗ୍ରାମର ପ୍ରଶାନ୍ତ ସେଠୀ(୫୮)। ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ପ୍ରଶାନ୍ତ ଏକ ବାଇକ୍ (ନଂ -ଓଆର୍ ୦୫ ଏକ୍ସ ୪୨୮୩)ରେ ଅର୍ଚ୍ଛିଲୀର ଏକ ପେଟ୍ରୋଲ ପମ୍ପରେ ତେଲ ପକାଇ ରାସ୍ତାକୁ ଆସୁଥିବା ବେଳେ କଟକ ପଟୁ ଆସୁଥିବା ଅନ୍ୟ ଏକ ବାଇକ୍ (ନଂ. ଓଡି ୨୧ଏସ୍ ୬୦୦୮) ସହ ଧକ୍କା ହୋଇଥିଲା। ଫଳରେ ବିରିଡ଼ି ଥାନା ଅନ୍ତର୍ଗତ କଳନ୍ତିରା ଗ୍ରାମର ସତ୍ୟଜିତ ଦାସ (୨୨) ଓ ରାଜେଶ ଭୋଇ (୧୮) ଗୁରୁତର ହୋଇଥିଲେ। ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ପ୍ରଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ।

## ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**କଟକ,୧୧।୧୧(କାର୍ତ୍ତିକ ସାହୁ)**

କଟକର ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ମଙ୍ଗଳବାର ରାୟ ପ୍ରକାଶ କରିଛନ୍ତି। କୋର୍ଟ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କାର ଜରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ଦାଖଲ କରି ନ ପାରିଲେ ଅଧିକ ୨ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ମଙ୍ଗଳବାଗ ଥାନା ଅଧୀନ ଖଣ୍ଡାୟତ ସାହିର ବିଘ୍ନେଶ୍ୱର ଦାସ(୨୧)। ଏଥିସହ ପୀଡ଼ିତାଙ୍କୁ

### ନାବାଳିକା ବଳାତ୍କାର ମାମଲା

୪ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ କୋର୍ଟ ଆଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରମେଶ ଚନ୍ଦ୍ର ମହାନ୍ତି ଏହି ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀ ଅନୁଯାୟୀ, ନାବାଳିକା ଜଣକ ଜଗତ୍‌ପୁର ଅଞ୍ଚଳର ଏକ ଘରୋଇ ସ୍କୁଲ୍‌ରେ ପଢୁଥିବାବେଳେ ଅଭିଯୁକ୍ତଙ୍କ ସହ ତାଙ୍କର ସମ୍ପର୍କ ହୋଇଥିଲା। ଅଭିଯୁକ୍ତ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କୁ ବିଭିନ୍ନ ହୋଟେଲ୍ ଓ ଲଜ୍‌କୁ ନେଇ ଶାରୀରିକ ସମ୍ପର୍କ ରଖିଥିଲେ। ସେ ନାବାଳିକାଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ପରେ ସେସବୁକୁ ଦେଖାଇ ବ୍ଲାକ୍‌ମେଲ୍ କରିଥିଲେ। ଏଥିସହ ନାବାଳିକାଙ୍କୁ ୨ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ନ ପାଇବାରୁ ସେ ଫଟୋଗୁଡ଼ିକୁ ବିଭିନ୍ନ ସୋସିଆଲ୍ ମିଡିଆରେ ଛାଡ଼ିଥିଲେ। ୨୦୨୪ ଜାନୁଆରୀ ୧୭ ତାରିଖରେ ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଜଗତ୍‌ପୁର ଥାନାରେ ଏତଲା ଦିଆଯିବା ପରେ ମାମଲା ରୁଜୁ କରାଯାଇଥିଲା। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୋଲିସ୍ ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ୨୦୨୪ ଏପ୍ରିଲ୍ ୧୦ରେ ଅଭିଯୋଗପତ୍ର ଦାଖଲ କରିଥିଲା। କୋର୍ଟ ୨୦୨୪ ଅକ୍ଟୋବର ୨୮ରେ ଚାର୍ଜଫ୍ରେମ୍ କରିଥିଲେ।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍, ଜରିମାନା

**କଟକ,୧୧।୧୧(କାର୍ତ୍ତିକ ସାହୁ)**

ବଡ଼ମ୍ବା ଥାନା ଅଞ୍ଚଳର ଏକ ନାବାଳିକା ବଳାତ୍କାର ମାମଲାରେ ମଙ୍ଗଳବାର କଟକର ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ବଡ଼ମ୍ବା ଥାନା ଅଞ୍ଚଳର ତପନ ନାୟକ ଓରଫ ଲିପୁ (୨୫)। ଏଥିସହ କୋର୍ଟ ଅଭିଯୁକ୍ତଙ୍କୁ ୨୦ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦୟେ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ସୂଚନାନୁସାରେ, ୨୦୨୨ ମେ ୭ରେ ଉକ୍ତ ଘଟଣା ଘଟିଥିଲା। ନାବାଳିକା ଜଣକ ଟିଉଶନ୍ କରିବାକୁ ଯାଉଥିବାବେଳେ ଅଭିଯୁକ୍ତ ତାଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିଲେ। ପରେ ନାବାଳିକାଙ୍କ ପରିବାର ଏନେଇ ବଡ଼ମ୍ବା ଥାନାରେ ଏତଲା ଦେଇଥିଲେ। ପୋଲିସ୍ ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବା ପରେ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲା ପୋଲିସ। ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ଏହି ମାମଲାର ଶୁଣାଣି ଚାଲିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରମେଶ ଚନ୍ଦ୍ର ମହାନ୍ତି ଉକ୍ତ ମାମଲା ପରିଚାଳନା କରୁଥିଲେ।

ଅପହରଣ ଓ ବଳାତ୍କାର ମାମଲା

# 'ଶିକ୍ଷା ହିଁ ରାଷ୍ଟ୍ର ବିକାଶର ଚାବିକାଠି'

### ଡ୍ରିମ୍‌ସରେ ଜାତୀୟ ଶିକ୍ଷା ଦିବସ

**କଟକ,୧୧।୧୧(କାର୍ତ୍ତିକ ସାହୁ)**

ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ତଥା ରାଷ୍ଟ୍ରନିର୍ମାତା ଡ. ମୌଲାନା ଅବୁଲ କଲାମ ଆଜାଦ୍‌ଙ୍କ ଜନ୍ମଦିନକୁ ଜାତୀୟ ଶିକ୍ଷା ଦିବସ ଭାବେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ପାଳନ କରାଯାଇଛି। ଏହି ଅବସରରେ ଇନ୍‌ଷ୍ଟିଚ୍ୟୁଶନ୍ ଇନୋଭେଶନ କାଉନ୍‌ସିଲ (ଆଇଆଇସି) ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଯୋଗଦେଇ ଶିକ୍ଷା ହିଁ ରାଷ୍ଟ୍ର ବିକାଶର ଚାବିକାଠି ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଦେଶର ଶିକ୍ଷା ବ୍ୟବସ୍ଥା ଓ 'ଜାତୀୟ ଶିକ୍ଷା ନୀତି–୨୦୨୦'ର ବିଭିନ୍ନ ଦିଗ ଏବଂ ଗ୍ରାମାଞ୍ଚଳରେ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ବିସ୍ତାର କ୍ଷେତ୍ରରେ 'ଡ୍ରିମ୍‌ସ'ର ଅଗ୍ରଣୀ ଭୂମିକା ଉପରେ ଆଲୋକପାତ କରିଥିଲେ। ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ଜାତୀୟ ଶିକ୍ଷା ନୀତି ଉପରେ ବକ୍ତାମାନେ ଆଲୋଚନା କରିଥିଲେ। ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ସୁଶାନ୍ତ କୁମାର ଦାସ, ଆଇକ୍ୟୁଏସିର ନିର୍ଦ୍ଦେଶକ ଡ. ଆଲୋକ ରଞ୍ଜନ ବିଶ୍ୱାଳ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଡେପୁଟି ରେଜିଷ୍ଟ୍ରାର ଶିଶିର କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଡିନ୍, ବିଭାଗୀୟ ମୁଖ୍ୟ, ଅଧ୍ୟାପିକା ଅଧ୍ୟାପକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଇଆଇସି ସଂଯୋଜକ ଡ. ଦୀପକ ରଞ୍ଜନ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଏବଂ ଡିନ୍ (ରିସର୍ଚ୍ଚ) ଡ. ବିଶ୍ୱରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।





ଡ୍ରିମ୍‌ସରେ ଜାତୀୟ ଶିକ୍ଷା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିଙ୍କ ସହ ବରିଷ୍ଠ ଅଧିକାରୀ।

## ଦେଶୀମଦ ଜବତ, ୨ ମହିଳା ଗିରଫ

ବେଗୁନିଆ (ସନ୍ଧ୍ୟାରାଣୀ ମିଶ୍ର): ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଏବଂ ସଦର ରେଞ୍ଜ୍ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇ ୩୪ ଲିଟର ଦେଶୀମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ୨ ମହିଳାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ମାଣିକଗୋଡ଼ା ଗ୍ରାମର ମଞ୍ଜୁ ପ୍ରଧାନ ଏବଂ ବେଗୁନିଆର ରୂପାଲି ସାହୁ। ତେବେ ମଞ୍ଜୁଙ୍କଠାରୁ ୨୫ ଲିଟର ଏବଂ ରୂପାଲିଙ୍କ ନିକଟରୁ ୯ ଲିଟର ଦେଶୀମଦ ଜବତ କରାଯାଇଥିବା ଜଣାପଡ଼ିଛି।

## ଧାନ ଫସଲ ନଷ୍ଟକଲେ ହାତୀ



ବାଘମାରୀ,୧୧।୧୧(ମିହିର ରଞ୍ଜନ ମହାପାତ୍ର): ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ବାମଡ଼ିହ କାଜୁଜଙ୍ଗଲ ନିକଟରେ ଦୁଇଟି ହାତୀ କ୍ଷେତରେ ପଶି ଧାନଫସଲ ନଷ୍ଟ କରିଛନ୍ତି। ଖବରପାଇ ଫରେଷ୍ଟର ପ୍ରିୟଦର୍ଶିନୀ ସେଠୀଙ୍କ ସହିତ ୧୨ଜଣ କର୍ମଚାରୀ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି। ପ୍ରତିବର୍ଷ ଏହି ସମୟରେ ଖାଦ୍ୟ ଅନ୍ୱେଷଣରେ ହାତୀମାନେ ଆସିବା ସହ ଧାନଫସଲ ନଷ୍ଟ କରିଥାନ୍ତି। ଫଳରେ ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଥାଏ। ତେଣୁ ଶୀଘ୍ର ହାତୀମାନଙ୍କୁ ଘଉଡ଼ାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ‘ଦକ୍ଷ ମାନବ ସମ୍ବଳ ପାଇଁ ଉପଯୁକ୍ତ ଶିକ୍ଷା ଅପରିହାର୍ଯ୍ୟ’

### ବେଗୁନିଆରେ ଜାତୀୟ ଶିକ୍ଷା ଦିବସ ପାଳିତ

ବେଗୁନିଆ,୧୧।୧୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମା ନୂଆସାହି ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ମଙ୍ଗଳବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀ ସ୍ମୃତି ସଂସଦ ଏବଂ ସାମାଜିକ କର୍ମୀ ଦୁଃଖିଶ୍ୟାମ ମହାପାତ୍ର ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମୌଲାନା ଅବୁଲ କଲାମ ଆଜାଦଙ୍କ ୧୩୭ତମ ଜନ୍ମତିଥି ପାଳନ ସମାରୋହରେ ସଂସଦର ସଭାପତି ପ୍ରଫେସର ଡ.ହରିପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ବିଷ୍ଣୁ ପ୍ରସାଦ କର ଓ ଗାୟକ ବସନ୍ତ କୁମାର ଦାସଙ୍କ ଦ୍ୱାରା ବେଦ ପାଠ ଓ ମୌଲାନା ରମଜାନ ଆଜାଦଙ୍କ ଦ୍ୱାରା କୋରାନ ପାଠ ସହ ମୌଲାନା ଏବଂ ସାମାଜିକ କର୍ମୀ ଦୁଃଖିଶ୍ୟାମ ମହାପାତ୍ରଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ଆବାହକ ନାଟ୍ୟକାର ଡ.ବନବିହାରୀ ମହାପାତ୍ର ସ୍ୱାଗତ ଭାଷଣ ଏବଂ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ସୁଶ୍ରୀ ସଙ୍ଗୀତା ଓ ବୀଣାପାଣି ମିଳିତ ସ୍ୱରରେ ଶିକ୍ଷା ସଙ୍ଗୀତ ଗାନ କରିଥିଲେ। ‘ଅଭିଜ୍ଞତାର ନିରବଚ୍ଛିନ୍ନ ପୁନର୍ଗଠନ ହିଁ ଶିକ୍ଷା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଡ. କମଳା ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଏବଂ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପୂର୍ବାଞ୍ଚଳ କ୍ଷେତ୍ର ଅଭିଲେଖାଗାର ସହାୟକ ନିର୍ଦ୍ଦେଶକ ଡ.ସତ୍ୟନାରାୟଣ ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଦକ୍ଷ ମାନବ ସମ୍ବଳ ପାଇଁ ଉପଯୁକ୍ତ ଶିକ୍ଷା ଅପରିହାର୍ଯ୍ୟ। ତେଣୁ ଶିକ୍ଷା ବିକଶିତ ମାର୍ଗରେ ଯେତିକି ଗତିରେ ସେହିଭଳି ଭାବେ ମାନବ ସମ୍ବଳ ବିକାଶ ହୋଇଥାଏ। ସେହିପରି ଅନେକ ଅଭିଜ୍ଞତା ହିଁ ମଣିଷକୁ ଉଚିତ ଶିକ୍ଷା ଦେଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ପ୍ରାଧ୍ୟାପକ ଡ.ଅଖିଳେଶ ପ୍ରସାଦ ପଣ୍ଡା, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ଅଧ୍ୟାପକ ରଙ୍କନିଧି ବଳିୟାରସିଂହ, କବିକେତନ ଗୌରଚରଣ ସାମନ୍ତସିଂହାର, କବି ଦିବ୍ୟଲୋଚନ ଭାରିମଲ୍ଲ, ଲୁଣ୍ଡୁ ତ୍ରିପାଠୀ, ଡ.ଗୀତାଞ୍ଜଳି ମହାପାତ୍ର, ଶ୍ରୀନିବାସ ବାଘସିଂହ, ସୁରେନ୍ଦ୍ର ପାଲଟାସିଂହ, ଶିକ୍ଷାବିତ୍ ଶରତ କୁମାର ପଣ୍ଡା, ପ୍ରଧାନଶିକ୍ଷକ ଦିବାକର ସାହୁ, ଶିକ୍ଷକ ବିଜୟ କୁମାର ପ୍ରଧାନ, ହରିବନ୍ଧୁ ପଣ୍ଡା, ବ୍ରଜବନ୍ଧୁ ପଣ୍ଡା, ସାମାଜିକ କର୍ମୀ ମହିଉଦ୍ଦିନ ଅହମ୍ମଦଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। କବୟିତ୍ରୀ ମାନସୀ ଦାସ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଡା. ଅମରେନ୍ଦ୍ର ନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଜାତୀୟ ଶିକ୍ଷା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

## ଗଣଶିକ୍ଷା ସଚିବଙ୍କୁ ପକ୍ଷ ରଖିବାକୁ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ

### ଘରୋଇ ବିଦ୍ୟାଳୟରେ ସ୍କୁଲ ଫି' ବୃଦ୍ଧି ମାମଲା

ଭୁବନେଶ୍ୱର,୧୧।୧୧(ସୁଚିସ୍ମିତା ସାହୁ): ବେସରକାରୀ ବିଦ୍ୟାଳୟଗୁଡ଼ିକ ମନଇଚ୍ଛା ସ୍କୁଲ ଫି' ବୃଦ୍ଧି କରୁଛନ୍ତି। ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଅଭିଭାବକମାନେ ଶୋଷଣର ସମ୍ମୁଖୀନ ହେବା ସହିତ ବାରମ୍ବାର ଆନ୍ଦୋଳନ କରୁଛନ୍ତି। ଫି' ନିର୍ଦ୍ଧାରଣ କମିଟି ରିପୋର୍ଟକୁ ତୁରନ୍ତ ଲାଗୁ କରିବା ପାଇଁ ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍ଆର୍‌ସି)ଙ୍କ ନିକଟରେ ମାମଲା ରୁଜୁ ହୋଇଛି। ଏହାର ଶୁଣାଣି କରି ଆୟୋଗ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ପକ୍ଷ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଭାବକ ମହାସଂଘ ସଭାପତି ଭୂମୋହନ ବେବର୍ତ୍ତା ପଟ୍ଟନାୟକ ଓଏଚ୍ଆର୍‌ସିରେ ଏହି ଅଭିଯୋଗ କରିଛନ୍ତି। ମନଇଚ୍ଛା ଫି' ବୃଦ୍ଧି ଉପରେ ଅଙ୍କୁଶ ଲଗାଇବାକୁ ୨୦୧୮ରେ ରାଜ୍ୟ ସରକାର ଏକ ଫି' ନିର୍ଦ୍ଧାରଣ କମିଟି ଗଠନ କରିଥିଲେ। କମିଟିର ନିୟମକୁ କଡାକଡି ଭାବେ ପାଳନ କରାଯାଉ ନ ଥିବାରୁ ଭୂମୋହନ ଆୟୋଗର ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶାରେ ବେସରକାରୀ ବିଦ୍ୟାଳୟ ଫି' ନିର୍ଦ୍ଧାରଣ ଏବଂ ନିୟନ୍ତ୍ରଣାଧୀନ ଆଇନ ଅଣାୟତ ହେଉଥିବା ଫେଡେରେଶନର ଉପଦେଷ୍ଟା ନାଗାର୍ଜୁନ ସେଠୀ, ସ୍ୱପ୍ନେନ୍ଦୁ ସାମନ୍ତରାୟ, ରମେଶ ଭାରତୀ, ନିର୍ମଳ ରାଉତ ଏବଂ ସଞ୍ଜୟ ମହାନ୍ତି ପ୍ରମୁଖ ଅଭିଯୋଗ ଆଣିଛନ୍ତି।

## ମହିଳା ପାଇକ ଆଖଡ଼ା ଦଳ ଗଠିତ



ଜଟଣୀ,୧୧।୧୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀର ନୀଳଶୈଳ ସଙ୍ଗୀତ ଏକାଡେମୀ ପକ୍ଷରୁ ମହିଳା ପାଇକ ଆଡ଼ଖା ଦଳ ଗଠିତ ହୋଇଛି। ଏହି ଦଳ ଗଠନ ପୂର୍ବରୁ ମା'ବରୁଣେଇଙ୍କ ପୀଠରେ ଅସ୍ତ୍ରଶସ୍ତ୍ର ପୂଜା କରାଯାଇଥିଲା। ପରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ନୂତନ ମହିଳା ପାଇକ ଦଳ ୫ମାସ ପର୍ଯ୍ୟନ୍ତ ଆଖଡ଼ାରେ ବିଭିନ୍ନ ସମର କଳା ଶିକ୍ଷା କରିବା ପରେ ସମ୍ପୂର୍ଣ୍ଣ ପାଇକ ଇତିହାସକୁ ନେଇ ମଞ୍ଚରେ କାର୍ଯ୍ୟକ୍ରମ ପରିବେଷିତ କରାଯିବ ବୋଲି ଅନୁଷ୍ଠାନର ମୁଖ୍ୟ ଗୁରୁ ଶୁକଦେବ ସେଠୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଖଡ଼ା ଦଳର ପ୍ରତିଷ୍ଠାତା ସସ୍ମିତା ସେଠୀ, ଗୁରୁ କାଶୀନାଥ ନାୟକ, ଶୁକଦେବ ସେଠୀ, ସୁରେନ୍ଦ୍ର ପୁଷ୍ପାଳକ, ହିମାଂଶୁ ସାହୁ, ସଂସ୍କୃତି ପ୍ରେମୀ ରାମହରି ମହାରଣା, ମିନାକ୍ଷୀ ମିଶ୍ର, ମୁନ୍ନା ସାରଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଏହି ଆଖଡ଼ାରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀଙ୍କୁ ବିଶିଷ୍ଟ ପାଇକ ଆଖଡ଼ା ଗୁରୁ କାଶୀନାଥ ନାୟକ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଦେଉଳିରେ ବାଳିକା ରାମନାଟକ ଦଳ ଗଠିତ



ବୋଲଗଡ଼,୧୧।୧୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳି ଗ୍ରାମ ମଝି ଛକଠାରେ କୃତ୍ତେଶ୍ୱର ଦେବ ବାଳିକା ରାମନାଟକ ଦଳ ପକ୍ଷରୁ ଲବକୁଶ ଜନ୍ମବୃତ୍ତାନ୍ତ ମଞ୍ଚସ୍ଥ ହୋଇଛି। ଦେଉଳି ଗ୍ରାମବାସୀଙ୍କ ମିଳିତ ସହଯୋଗରେ ନୂତନଭାବେ ଗଠିତ ଏହି ବାଳିକା ରାମନାଟକ ଦଳର କୁନି କୁନି କଳାକାରମାନେ ଆକର୍ଷଣୀୟ ନୃତ୍ୟାଭିନୟ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ସମିତିସଭ୍ୟ ତଥା ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇ ମଞ୍ଚ ଉଦ୍‌ଘାଟନ କରି ରାମନାଟକ ଦଳର ଉତ୍ତରୋତ୍ତର ଉନ୍ନତି କାମନାକରି ଉତ୍ତମ ପ୍ରଦର୍ଶନ ମାଧ୍ୟମରେ ଗ୍ରାମ ପାଇଁ ଗୌରବ ଆଣିବାକୁ କଳାକାର ଓ ପରିଚାଳନା ଦଳକୁ ପରାମର୍ଶ ଦେଇଥିଲେ। ନିର୍ଦ୍ଦେଶକ ସର୍ବେଶ୍ୱର ସାହୁ, ପରିଚାଳକ ଲକ୍ଷ୍ମୀଧର ସାହୁ, ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସୁରେଶ ମହାପାତ୍ର ମଞ୍ଚ ପରିଚାଳନା ଏବଂ ଲିପୁ ସାହୁ, ଭଗବାନ୍ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ପର୍ଯ୍ୟାବରଣ ସହ ଗୋସେବାକୁ ପ୍ରାଥମିକତା

### ଶ୍ରୀରାମକୃଷ୍ଣ ଗୋସେବା କେନ୍ଦ୍ର

ଖୋର୍ଦ୍ଧା,୧୧।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା-ନୟାଗଡ ରୋଡ୍ ପୁରୁସାହିଠାରେ ରହିଛି ଶ୍ରୀରାମକୃଷ୍ଣ ଗୋସେବା କେନ୍ଦ୍ର। ଏହି କେନ୍ଦ୍ର ଅସହାୟ ଏବଂ ଦୁର୍ଘଟଣାଗ୍ରସ୍ତ ଗୋରୁଙ୍କ ଆଶ୍ରୟସ୍ଥଳ ପାଲଟିଛି। ଏଥିସହ ଏଠାରେ ଦୁର୍ଘଟଣାଗ୍ରସ୍ତ ଗୋରୁଙ୍କ ଚିକିତ୍ସା ମଧ୍ୟ କରାଯାଉଛି। ଉକ୍ତ ଗୋସେବା କେନ୍ଦ୍ର ସହ ଜଡ଼ିତ ଗୋସେବକମାନେ ଗୋରୁଙ୍କ ସେବାକୁ ଜୀବନରେ ବ୍ରତଭାବେ ଗ୍ରହଣ କରିନେଇଛନ୍ତି। ଅଦ୍ୟାବଧି ୩ହଜାରରୁ ଊର୍ଦ୍ଧ୍ୱ ଦୁର୍ଘଟଣାଗ୍ରସ୍ତ ଗୋରୁ, ଷଣ୍ଢ, ବାଛୁରିଙ୍କୁ ଏଠାରେ ସେବା ଯୋଗାଇଥିବା ଗୋସେବକମାନେ କହିଛନ୍ତି। ଚିକିତ୍ସା ସମୟରେ ପ୍ରାଣ ହରାଉଥିବା ଗୋରୁଙ୍କୁ ଗୋଶାଳା ପରିସରରେ ପୋତାଯିବା ସହ ତାଙ୍କ ସ୍ମୃତିରେ ଚାରାରୋପଣ କରାଯାଉଛି। ଦେଢ଼ଶହରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ସମାଧି ଦିଆଯାଇଛି। ଦୈନିକ ସମାଧି ସ୍ଥଳରେ ପୂଜାର୍ଚ୍ଚନା ସହ ଜଳ ଅର୍ପଣ କରାଯାଉଛି। ଗୋସେବା ସହିତ ପର୍ଯ୍ୟାବରଣ, ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି।

ଗୋସେବା କେନ୍ଦ୍ରର ଆବାହକ ବିକାଶ ସ୍ୱାଇଁ କହିଛନ୍ତି ଯେ, ଗ୍ରାମର ଗୋରୁମାନେ ରାଜରାସ୍ତାକୁ ଆସିବା ସହ ବିଶ୍ରାମ ନେଇଥାନ୍ତି। ଅନେକ ସମୟରେ ଗାଡ଼ି ଧକ୍କାରେ ଗୋରୁ ଖଣ୍ଡିଆ ଖବରା ହୋଇ ଆହତ ହୋଇଥାନ୍ତି। ଏପରିକି ଦୁର୍ଘଟଣାରେ ଗୋରୁଙ୍କ ମୃତ୍ୟୁବରଣ କରୁଥିଲେ। ସକାଳେ ମର୍ଣ୍ଣିଂୱାକ ଯିବା ସମୟରେ ରାସ୍ତା ଉପରେ ଗୋରୁ ଆହତ ହୋଇ ଛଟପଟ ହେଉଥିବା ଦେଖି ବିଚଳିତ କରୁଥିଲା। ଏକ ଘଟଣାକ୍ରମେ କୌଣସି ଭାରିଯାନ ଧକ୍କାରେ ଗୋରୁ ରାସ୍ତାପାର୍ଶ୍ୱରେ ଆହତ ହୋଇ ପଡିଥିବା ଦେଖି ସେହିଦିନ ଗୋରୁଙ୍କ ସେବା ପାଇଁ ସଂକଳ୍ପ ନେଇଥିଲୁ। ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ଗୋରୁଙ୍କ ସେବା ଚାଲିଛି। ଖୋର୍ଦ୍ଧା-ନୟାଗଡ଼ ଜାତୀୟ ରାଜପଥ ନୁହଁ, ଏହାର ଆଖପାଖ ଅଞ୍ଚଳ, ଖୋର୍ଦ୍ଧା, ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ପିତାପଲ୍ଲୀଠାରୁ ମଳିପଡା ପର୍ଯ୍ୟନ୍ତ ଗୋସେମାକନ୍ଦ୍ର ପକ୍ଷରୁ ସେବା ଯୋଗାଇ ଦିଆଯାଉଛି। ଏହି ସେବା ପାଇଁ ଅନେକ ଯୁବକ ଯୋଡ଼ି ହୋଇଛନ୍ତି। କୌଣସି ସ୍ଥାନରୁ ଖବର ଆସିଲେ, ବିଳମ୍ବ ନ କରି ଆହତ ଗୋରୁଙ୍କ ସେବା ପାଇଁ ବାହାରି ପଡୁଛନ୍ତି। ଏହାର କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନାହିଁ। ଏହି ସେବା ୨୪ ଘଣ୍ଟା ଚାଲିଛି। ଦୁର୍ଘଟଣାଗ୍ରସ୍ତ ଗୋରୁଙ୍କୁ ଉକ୍ତ କେନ୍ଦ୍ରକୁ ଆଣି ସେବା ଦିଆଯାଉଛି। ଏହି ଗୋଶାଳାରେ ଏବେ ୫୦ରୁ ଊର୍ଦ୍ଧ୍ୱ ଗୋରୁ ରହୁଥିବା ବେଳେ ଏମାନଙ୍କ ସେବା ପାଇଁ ୧୫ରୁ ଊର୍ଦ୍ଧ୍ୱ ଯୁବକ ରହିଛନ୍ତି।



ଶ୍ରୀରାମକୃଷ୍ଣ ଗୋସେବା କେନ୍ଦ୍ରର ଗୋସେବକମାନେ ଗୋରୁଙ୍କ ସେବା କରୁଛନ୍ତି।


**IFFCO** — **ଚାଷୀଭାଇମାନଙ୍କୁ ନିବେଦନ**

International Year of Cooperatives 2025

ଶ୍ରଦ୍ଧେୟ ଚାଷୀଭାଇ,

ଦୟାକରି ଇଫ୍‌କୋର ଉନ୍ନତ ଉତ୍ପାଦ - ନାନୋ ୟୁରିଆ, ନାନୋ ଡିଏପି, ନାନୋ ଜିଙ୍କ୍, ନାନୋ କପର୍ ଆଦିକୁ କୌଣସି ବାଧବାଧକତାରେ କିମ୍ବା ଅନୁପଯୁକ୍ତ ଟ୍ୟାଗିଂ କାରଣରୁ କିଣନ୍ତୁ ନାହିଁ। ସେଗୁଡ଼ିକୁ କେବଳ ନିଜର ସ୍ୱଇଚ୍ଛାରେ କିଣନ୍ତୁ।

ଯଦି ସେଥିପାଇଁ କେହି ଆପଣଙ୍କୁ ବାଧ କରିବାର ଚେଷ୍ଟା କରନ୍ତି ତେବେ ସେ ବିଷୟରେ ତୁରନ୍ତ ଇଫ୍‌କୋର ଆଞ୍ଚଳିକ କାର୍ଯ୍ୟାଳୟ ଅଥବା ଜିଲ୍ଲା କୃଷି ଅଧିକାରୀଙ୍କୁ ସୂଚନା ଦିଅନ୍ତୁ ନ ହେଲେ ତଳେ ଦିଆଯାଇଥିବା ଟୋଲ୍-ଫ୍ରି ନମ୍ବରରେ କଲ୍ କରନ୍ତୁ। ଆପଣଙ୍କ ସତର୍କତା ହିଁ ଆମର ସାମୂହିକ ସମୃଦ୍ଧିକୁ ସୁନିଶ୍ଚିତ କରିବ।

ଆମେ ଆପଣଙ୍କୁ ଏହା ମଧ୍ୟ ସୂଚିତ କରିବାକୁ ଚାହୁଁଅଛୁ ଯେ, ଯଦି କୌଣସି ଡିଲର୍, ରିଟେଲର୍ କିମ୍ବା ସାର ବିକ୍ରେତା ଏପରି ଟ୍ୟାଗିଂ କାର୍ଯ୍ୟରେ ସଂଶ୍ଳିଷ୍ଟ ଥାଆନ୍ତି ତେବେ ଇଫ୍‌କୋ ସେମାନଙ୍କ ସହିତ ସମସ୍ତ ବ୍ୟବସାୟ ସମ୍ପର୍କକୁ ଛିନ୍ନ କରିବା ସହ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ଟୋଲ୍ ଫ୍ରି ନମ୍ବର: 1800 103 1967 — ମୁଖ୍ୟ ପ୍ରବନ୍ଧକ ଜନସମ୍ପର୍କ



**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED :** A reputed Trading house at BBSR needs
- Jr. Accountant - with min. 2-3 yrs. exp. in Tally
- Office Asst. - with Computer Knowledge

Attractive Salary & other benefits with immediate recruitment
Apply by mail : singhi.motor@gmail.com Mob-9078339020

See Career Appointment on every Wednesday & Saturday

**SB SAHOO & CO PVT LTD** BHUBANESWAR
We are hiring **Marketing Executive** and **Accounting Professional**.
Salary is not a barrier for the right talent
Email : sbsahoo2005@yahoo.co.in
Mobile : 9124560515

**WE ARE HIRING**
Career Point Rayagada is conducting a Walk-in-interview from 16th November 2025 10 A.M. to 5 P.M.
Since : 1993
**Business Development Exec (10 pos)** Qualification : B.B.A/M.B.A Experience : 1-2 years
**Counseling (Tele Caller)(2 pos)** Qualification : Graduate/M.B.A Experience : Experience / Fresher
**Manager (2 pos)** Qualification : M.B.A Experience : 3-5 years
Preferred Language : Eng, Hindi, Odia & Telegu
**CAREER POINT**
Raniguda Farm, 7th Lane, Near Mangala Mandir, Fire Station Square
Phone No. - 9692828512 / 8144328512 / 7846868512

**ଧରିତ୍ରୀ** DHARITRI Oriya daily — **WANTED** — ଧରିତ୍ରୀ 51 Years

| POSITION | ELIGIBILITY | LOCATION |
| --- | --- | --- |
| CIRCULATION EXECUTIVES | ▸ 2-3 years sales experience in print media. ▸ Oversee distribution to subscribers, retailers & customers. ▸ Willingness to travel & keep in touch with agents. Collection of outstanding dues. Own bike or transport will be preferred. ▸ Proficiency in MS-Office. | BHUBANESWAR, ANGUL & SAMBALPUR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com


## ନାରାୟଣ ନାଟ୍ୟ ମହୋତ୍ସବ, ଶିଶୁ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

### ‘କୁନିକଳାକାର’କୁ ଶ୍ରେଷ୍ଠ ପ୍ରଯୋଜନା, ନାଟକ ‘ମଶା ଉବାଚ’ ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶନା ପୁରସ୍କାର

ଭୁବନେଶ୍ୱର,୧୧।୧୧(ସୁଚିସ୍ମିତା ସାହୁ)

ସୃଜନୀ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ନାରାୟଣ ନାଟ୍ୟ ମହୋତ୍ସବ ଓ ଶିଶୁ ନାଟ୍ୟ ମହୋତ୍ସବ ମଙ୍ଗଳବାର ଭଞ୍ଜକଳା ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟସ୍ତରୀୟ ଶିଶୁ ନାଟକ ପ୍ରତିଯୋଗିତାରେ ଜଗତ୍‌ସିଂହପୁରର କୁନିକଳାକାର ଅନୁଷ୍ଠାନକୁ ଶ୍ରେଷ୍ଠ ପ୍ରଯୋଜନା ଓ ନାଟକ ‘ମଶା ଉବାଚ’ ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶନା ପୁରସ୍କାର ପାଇଥିବା ବେଳେ ବାଲେଶ୍ୱରର କଳାକାର ଅନୁଷ୍ଠାନ ଦ୍ୱିତୀୟ ଶ୍ରେଷ୍ଠ ପ୍ରଯୋଜନା ପୁରସ୍କାର ପାଇଛି। ସେହିପରି ନାଟକ ‘ହଂସଶିକାର’ ପାଇଁ ଗୌତମ ଡ୍ରାମା ଷ୍ଟୁଡିଓ ଭୁବନେଶ୍ୱର ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶନା ପୁରସ୍କାର, ବାଲେଶ୍ୱର କଳାକାର ଅନୁଷ୍ଠାନକୁ ଶ୍ରେଷ୍ଠ ଶୃଙ୍ଖଳିତ ନାଟ୍ୟ ପୁରସ୍କାର ଓ ଏହି ଅନୁଷ୍ଠାନର ନାଟକ ‘ରୀନାର ସ୍ୱପ୍ନ’କୁ ଶ୍ରେଷ୍ଠ ପାଣ୍ଡୁଲିପି ପୁରସ୍କାର ମିଳିଛି। ଶ୍ରେଷ୍ଠ ଅଭିନେତା ଭାବେ ବିନ୍ମୟ କୁମାର ସାହୁ ଓ ଦ୍ୱିତୀୟଶ୍ରେଷ୍ଠ ଅଭିନେତା ଭାବେ ଶୁଭସ୍ମିତା ସିଂଙ୍କୁ ପୁରସ୍କୃତ କରାଯାଇଥିବାବେଳେ ସୁନିତା ସାହୁ ଶ୍ରେଷ୍ଠ ଅଭିନେତ୍ରୀ ଏବଂ ଶ୍ରଦ୍ଧା ସୁମନ ବାରିକ ଦ୍ୱିତୀୟଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଥିଲେ। ଇଂ.ଶ୍ରୀତମ କୁମାର ସିଂହଙ୍କୁ ପ୍ରଥମ ବିଚାରପତି ଏବଂ ଅରୁଣ ବାରିକଙ୍କୁ ଦ୍ୱିତୀୟ ବିଚାରପତି ପୁରସ୍କାର ଦିଆଯାଇଛି। ଜଗତ୍‌ସିଂହପୁରର କୁନିକଳାକାର ଅନୁଷ୍ଠାନ ଏବଂ ସୃଜନୀ ଅନୁଷ୍ଠାନ ତରଫରୁ ବଦ୍ରି ନାରାୟଣ ଜେନାଙ୍କୁ ସ୍ୱତନ୍ତ୍ର ପୁରସ୍କାର ଦିଆଯାଇଥିବା ବେଳେ ଶିବାନୀ ସ୍ୱାଇଁଙ୍କୁ ଦ୍ୱିତୀୟ ସ୍ୱତନ୍ତ୍ର ପୁରସ୍କାର ମିଳିଛି। ନାଟ୍ୟ ନିର୍ଦ୍ଦେଶକ ଇଂ. ପ୍ରୀତି ରଞ୍ଜନ ମିଶ୍ର ଓ ଡ. ବନବିହାରୀ ମହାପାତ୍ର ଶିଶୁ ନାଟ୍ୟ ମହୋତ୍ସବର ବିଚାରପତି ଥିଲେ। ବିଶିଷ୍ଟ ନାଟ୍ୟକାର ଓ ସଂଗଠକ ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତିରେ ସମର୍ପିତ ଏହି ଦୁଇ ମହୋତ୍ସବରେ ଅତିଥି ଭାବେ ବାଚସ୍ପତି ସୁରମା ପାଢୀ, ଭାଜପା ଜିଲା ସଭାପତି ନୀରଞ୍ଜନ ମିଶ୍ର ଓ ଜଗନ୍ନାଥ ପ୍ରଧାନ ଯୋଗଦେଇଥିଲେ। ସୃଜନୀର ଉପଦେଷ୍ଟା ଭୁପିନ୍ଦର ସିଂ ସଭାପତିତ୍ୱରେ ସମ୍ପାଦକ ଚିତ୍ତରଞ୍ଜନ ରାୟମହାପାତ୍ରଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସୃଜନୀର ଉପସଭାପତି ପ୍ରସନ୍ନ ରଥ, ମାନସ ରଞ୍ଜନ ରାୟ ମହାପାତ୍ର, ସଭ୍ୟା ସରଳା ସ୍ୱାଇଁ, ଶଶିପ୍ରଭା ଦାସ, ସୌଭାଗ୍ୟଲକ୍ଷ୍ମୀ, ପ୍ରଜ୍ଞା ରଥ, ରାଜଲକ୍ଷ୍ମୀ ଏବଂ ସଭ୍ୟ ବଳରାମ, ଅନିଲ ପଣ୍ଡା, ଅରୁଣ ମଲ୍ଲିକ ଉପସ୍ଥିତ ଥିଲେ।

## ଡିସେମ୍ବର ୩ରୁ ଶ୍ରମିକ କର୍ମଚାରୀଙ୍କ ଗଣଧାରଣା

ଭୁବନେଶ୍ୱର,୧୧।୧୧(ବନ୍ଦନା ସେଠୀ): ଶ୍ରମିକଙ୍କ ଦୈନିକ ୧୦ଘଣ୍ଟା କାର୍ଯ୍ୟ ବାତିଲ ଓ ରାତିରେ ମହିଳାମାନଙ୍କୁ କାର୍ଯ୍ୟରେ ଲଗାଯିବା ଆଦେଶକୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ଡିସେମ୍ବର ୩ରୁ ଧାରଣା ଦିଆଯିବ। ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଶ୍ରମ ମନ୍ତ୍ରୀଙ୍କୁ ସ୍ମାରକ ପତ୍ର ଦିଆଯିବା ସହ ବିଭିନ୍ନ ରାଜନୈତିକ ଦଳ ଓ କୃଷକ ସଂଗଠନର ନେତାମାନଙ୍କୁ ଗଣଧାରଣାରେ ସାମିଲ କରାଯିବ। ଗାନ୍ଧୀ ମାର୍ଗରେ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନେ ଏହି ଧାରଣା ଦେବେ ବୋଲି ରାଷ୍ଟ୍ରୀୟ ମଜଦୂର କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ନିଷ୍ପତ୍ତି ହୋଇଛି। ମଙ୍ଗଳବାର ଆଇଏନ୍‌ଟିୟୁସିର ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ୮ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନର ନେତାମାନେ ଯୋଗଦେଇ ଏହି ନିଷ୍ପତ୍ତି ଗ୍ରହଣ କରିବା ସହ ଏହି କେନ୍ଦ୍ରୀୟ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମଦନ ମୋହନ ଧଳ, ବିଜୟ ଜେନା, ସତ୍ୟ ତ୍ରିପାଠୀ, ବିଷ୍ଣୁ ମହାନ୍ତି, ସନ୍ତୋଷ ଦାସ, ମହେନ୍ଦ୍ର ପରିଡା ପ୍ରମୁଖ ବୈଠକରେ ବକ୍ତବ୍ୟ ରଖିଥିଲେ।




## ଡ.ସୁଲୋଚନା ଦାସ ପାଇବେ ରବି ରାୟ ସ୍ମୃତି ସମ୍ମାନ

ବାଲିପାଟଣା,୧୧।୧୧(ଅଭିମନ୍ୟୁ ନାୟକ)

ଆସନ୍ତା ୨୬ ତାରିଖରେ ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ରାଜ୍ୟସ୍ତରୀୟ ଶତବାର୍ଷିକୀ ଜୟନ୍ତୀ କୋଣାର୍କ ଯାତ୍ରୀ ନିବାସରେ ପାଳନ କରାଯିବ। ଏନେଇ ରବି ରାୟ ସ୍ମୃତି ସଂସଦ ପକ୍ଷରୁ ବାଲିପାଟଣାଠାରେ ଅନୁଷ୍ଠିତ ବୈଠକରେ ସ୍ଥିର ହୋଇଥିବା ସମ୍ପାଦକ ଭଗବାନ ସାହୁ ସୂଚନା ଦେଇଛନ୍ତି। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ସାହିତ୍ୟିକା ତଥା ସମାଲୋଚିକା ଡ.ସୁଲୋଚନା ଦାସଙ୍କୁ ରବି ରାୟ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ସେହିପରି ସ୍ୱାସ୍ଥ୍ୟ ସେବା ପାଇଁ ଡା.ଦେବାଶିଷ ଜ୍ୟୋଷ୍ଟୀ, ସମାଜସେବା ପାଇଁ ଡ.କୈଳାସ ଚନ୍ଦ୍ର ସ୍ୱାଇଁ, ରବି ରାୟ ସାରସ୍ୱତ ସମ୍ମାନ ଗୀତାଶ୍ରୀ ପ୍ରିୟମ୍ବଦା, ଆଦର୍ଶ ଶିକ୍ଷକ ସମ୍ମାନ ରବୀନ୍ଦ୍ର ନାଥ ବାହିନୀପତି ଏବଂ ବହୁମୁଖୀ ପ୍ରତିଭା ପାଇଁ ଏନ୍.ଏ.ଶାହ ଅନସାରୀଙ୍କୁ ସମ୍ମାନିତ କରାଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ରାଜନୈତିଜ୍ଞ, ଶିକ୍ଷାବିତ୍ ଏବଂ ସମାଜସେବୀଙ୍କ ସମେତ ଅନେକ ବରିଷ୍ଠ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଦର୍ଶକଙ୍କୁ ଝୁମାଇଲେ ଅନ୍ତରା, ପପୁ ପମ୍‌ପମ୍

## ଏକାମ୍ର କ୍ଷେତ୍ର ବାଲିଯାତ୍ରାର ୭ମ ସନ୍ଧ୍ୟା

ପୁରୁଣା ଭୁବନେଶ୍ୱର,୧୧।୧୧(ସୁବାସ ଚନ୍ଦ୍ର ପ୍ରଧାନ)




ଏକାମ୍ର ନିର୍ବାଚନମଣ୍ଡଳୀ ଅଧୀନ ବାଙ୍କୁଆଳସ୍ଥିତ କୁଆଖାଇ ନଦୀପଠାରେ ଚାଲିଥିବା ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବର ମଙ୍ଗଳବାର ୭ମ ସନ୍ଧ୍ୟାରେ ଦର୍ଶକଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ମୁଖ୍ୟ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଭାଜପା ନେତା ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ୬୭ ନମ୍ବର ୱାର୍ଡ କର୍ପୋରେଟର ମଧୁସ୍ମିତା ପ୍ରଧାନ, ରାଣା ପ୍ରତାପ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସାଇସ୍ମୃତି କଳା କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ଗୀତରେ ଦର୍ଶକ ଝୁମିଥିଲେ। ଏହାପରେ ହାସ୍ୟ ଅଭିନେତା ପପୁ ପମ୍‌ପମ୍ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନ ମୋହିଥିଲେ। କାର୍ଯ୍ୟକ୍ରମକୁ ଇଂ.ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ। ତେବେ ପ୍ରାତଃରେ ଆୟୋଜକଙ୍କ ପକ୍ଷରୁ ରକ୍ତଦାନ କାର୍ଯ୍ୟକ୍ରମରେ ମୋଟ୍୬୦ୟୁନିଟ୍‌ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁନୀଲ ସ୍ୱାଇଁ ପରିଚାଳନା କରିଥିଲେ। ବୁଧବାର ଏହି ମହୋତ୍ସବର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ।

## ଲାଞ୍ଚ ମାମଲାରେ ରାଜସ୍ଥାନରୁ ଅଜିତ୍‌ଙ୍କୁ ଗିରଫ କଲା ସିବିଆଇ

- ନିଜକୁ ବଡ଼ ଅଧିକାରୀ କହି ଲାଞ୍ଚ କାରବାର କରୁଥିଲେ
- ୩.୭କୋଟି, ୧କେଜି ସୁନା, ୨୬ ଜମି ଦସ୍ତାବିଜ ଜବତ

ଭୁବନେଶ୍ୱର,୧୧।୧୧(ତ୍ରିନାଥ ମହାନ୍ତି)

ଲାଞ୍ଚ କାରବାର ଅଭିଯୋଗରେ ଓଡ଼ିଶାର ଅଜିତ କୁମାର ପାତ୍ରଙ୍କୁ ସିବିଆଇ(କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା) ସୋମବାର ରାଜସ୍ଥାନରୁ ଗିରଫ କରିଛି। ଚଢାଉ ସମୟରେ ସିବିଆଇ ୩.୭ କୋଟି ଟଙ୍କା, ୧କେଜି ସୁନା, ୨୬ଟି ଦାମୀ ପ୍ଲଟ୍‌ର କାଗଜପତ୍ର, ୪ଟି ଦାମୀ ଗାଡ଼ି ଏବଂ ୧୨ଟି ଅନ୍ୟ ଗାଡି ଜବତ କରିଛି। ଅଜିତ୍‌ଙ୍କୁ ଗିରଫ ପରେ ସିବିଆଇ ଦିଲ୍ଲୀ ଏବଂ ଓଡ଼ିଶାରେ ଚଢାଉ କରି ଛାନଭିନ୍ କରୁଛି।

ସିବିଆଇ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ଅଜିତ ନିଜକୁ ଜଣେ ବରିଷ୍ଠ ସରକାରୀ ଅଧିକାରୀ ପରିଚୟ ଦେଇ ଲାଞ୍ଚ କାରବାର କରୁଥିଲେ। ଗତ ୪ ତାରିଖରେ ରାଜସ୍ଥାନ ଜୟପୁରର ଜିଏସ୍‌ଟି ଗୋଇନ୍ଦା ନିର୍ଦ୍ଦେଶକଙ୍କ ପକ୍ଷରୁ 'ସାଇବଦୀର ନେଟ୍‌ୱର୍କ' ନାମକ ଏକ ଘରୋଇ ସଂସ୍ଥା ଉପରେ ଚଢାଉ କରାଯାଇଥିଲା। ସଂସ୍ଥାର ସିଇଓ ବିନୋଦ ପରିହରଙ୍କୁ ଗିରଫଦାରିରୁ ବଞ୍ଚାଇବା ସହ ଜିଏସ୍‌ଟି ଠକେଇ ମାମଲାର ରଫାଦଫା କରିଦେବାକୁ ଅଜିତ୍ କହିଥିଲେ। ଅଜିତ ନିଜକୁ କେନ୍ଦ୍ରୀୟ ଜିଏସ୍‌ଟି ଅଧିକାରୀ ବୋଲି କହିଥିଲେ। ସୋମବାର ମିଙ୍କୁ ଲାଲ୍ ଜୈନ ନାମକ ଜଣେ ସହଯୋଗୀଙ୍କ ସହ ଅଜିତ ରାଜସ୍ଥାନକୁ ଯାଇଥିଲେ। ସେଠାରେ ବିନୋଦଙ୍କ ସହଯୋଗୀ ଜଗଜିତ୍ ସିଂ ଗିଲ୍‌ଙ୍କ ଠାରୁ ୧୮ ଲକ୍ଷ ଟଙ୍କା ନେବା ବେଳେ ସିବିଆଇ ଅଧିକାରୀ ତାଙ୍କୁ କାବୁ କରିଥିଲେ।

## ଆଜିଠୁ ଟ୍ରାଫିକ୍ ପୋଲିସର ସ୍ପେଶାଲ ଡ୍ରାଇଭ୍

### ରଙ୍ଗିନ୍ ନମ୍ବରପ୍ଲେଟ୍ ଲଗାଉଥିବା ଗାଡି ଚାଳକ ହେବେ ସାବାଡ଼

ଭୁବନେଶ୍ୱର, ୧୧। ୧୧(ତ୍ରିନାଥ ମହାନ୍ତି)

ଗାଡ଼ି ପଛରେ ରଙ୍ଗିନ୍ ନମ୍ବର ପ୍ଲେଟ୍ ମାରି ବୁଲୁଥିବା ଅମାନିଆ ହେବେ ସାବାଡ। କାରଣ ବୁଧବାରଠାରୁ ଟ୍ରାଫିକ୍ ପୋଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ୍ କରାଯାଇ ଯାଞ୍ଚ କରାଯିବ। ଯେଉଁମାନେ ରଙ୍ଗିନ ନମ୍ବର ପ୍ଲେଟ୍ ମାରି ବୁଲୁଥିବେ ସେମାନଙ୍କୁ ଧରି ଜରିମାନା କରିବ କମିଶନରେଟ୍ ପୋଲିସ। ବିଶେଷ କରି ସହରର ୧୦ଟି ସ୍ଥାନରେ ଟ୍ରାଫିକ୍ ପୋଲିସ ଯାଞ୍ଚ କରିବ। ଅନେକ ସମୟରେ ରଙ୍ଗିନ୍ ନମ୍ବର ପ୍ଲେଟ୍ ବ୍ୟବହାର କରି ଅମାନିଆମାନେ ଅପରାଧ ଘଟାଉଛନ୍ତି। ଏହା ଟ୍ରାଫିକ ନିୟମକୁ ଉଲ୍ଲଂଘନ କରୁଛି। ତେଣୁ ସ୍ପେଶାଲ ଡ୍ରାଇଭ କରାଯାଇ ଯାଞ୍ଚ କରାଯିବ ବୋଲି ଟ୍ରାଫିକ୍ ଡିସିପି ତପନ ମହାନ୍ତି ସୂଚନା ଦେଇଛନ୍ତି।

ଅନେକ ଯୁବକ ଗାଡି ନମ୍ବର ପ୍ଲେଟ୍ ବିଭିନ୍ନ ଫ୍ୟାନ୍ସି ନମ୍ବରରେ ଲେଖୁଛନ୍ତି, ଯାହାକି ସମ୍ପୂର୍ଣ୍ଣ ଭାବେ ବେଆଇନ୍। ତେଣୁ ଏହି ଡ୍ରାଇଭ୍ ସମୟରେ ସେମାନେ ମଧ୍ୟ ଧରାଯିବେ। ଅନେକ ଗାଡି ଚାଳକ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଛନ୍ତି। ବିଭିନ୍ନ ଛକରେ ଲାଗିଥିବା କ୍ୟାମେରାରେ ଧରାପଡ଼ି ଚାଲାଣ ନ ଆସିବା ପାଇଁ ସେମାନେ ନମ୍ବର ପ୍ଲେଟ୍‌କୁ ଘୋଡ଼ାଇ ଦେଉଛନ୍ତି। ଏପରି କି ଅନେକ ଅମାନିଆ ଲେମ୍ବୁ ଏବଂ ଶଙ୍ଖାକୁ ସାଲୁ କପଡ଼ାରେ ବାନ୍ଧି ଗାଡ଼ି ନମ୍ବର ପ୍ଲେଟ୍‌କୁ ଲୁଚାଇ ଦେଉଛନ୍ତି। ଆଉ କିଏ ଷ୍ଟିକ୍‌ର ସାହାଯ୍ୟରେ ଗୋଟିଏ ନମ୍ବରକୁ ଲୁଚାଇ ଦେଉଛନ୍ତି। ତେଣୁ ଏଭଳି କରୁଥିବା ବ୍ୟକ୍ତିଙ୍କୁ ଏବେ ଧରାଯିବ। ଯେଉଁମାନେ ଏଭଳି କରି ଧରାପଡ଼ିବେ ସେମାନଙ୍କୁ ଗାଡିକୁ ଟ୍ରାଫିକ୍ ପୋଲିସ ଜବତ କରିବ ବୋଲି ଡିସିପି କହିଛନ୍ତି। ଅନ୍ୟପଟେ ସହର ଭିତରେ ୪୫ ବେଗରୁ ଅଧିକ ବେଗରେ ଗାଡି ଚଲାଇବାକୁ ବାରଣ କରାଯାଇଛି। ଧରପଗଡ଼ କରାଯାଉ ନ ଥିବାରୁ ଅନେକ ଦ୍ରୁତଗତିରେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଉଛନ୍ତି। ସୋମବାର ଏଜି ଛକରେ କାର୍ ଧକ୍କାରେ ଜଣେ ବ୍ୟବସାୟୀଙ୍କ ଜୀବନ ଯିବା ଏହାର ସଦ୍ୟ ଉଦାହରଣ। ତେଣୁ ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ଅମାନିଆଙ୍କୁ ଧରାଯିବ ବୋଲି ଟ୍ରାଫିକ୍ ଡିସିପି କହିଛନ୍ତି।

# ଦର୍ଶକଙ୍କୁ ବିଭୋର କଲେ ନୃତ୍ୟଶାଳା ଶିଳ୍ପୀ



ଡ. ଚିତ୍ତରଞ୍ଜନ ସାହାଣୀଙ୍କ ସହ ନୃତ୍ୟଶାଳାର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୧୧।୧୧(ଅନୁରାଧା ମହାରଣା)

ଐତିହାସିକ କଟକ ବାଲିଯାତ୍ରା ସାଂସ୍କୃତିକ ମଞ୍ଚରେ କଟକ 'ନୃତ୍ୟଶାଳା' ସଂସ୍କୃତି କେନ୍ଦ୍ରର ନୃତ୍ୟଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନରେ ଦର୍ଶକ ବିଭୋର ହୋଇଛନ୍ତି। ନୃତ୍ୟଶାଳା ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହାଣୀଙ୍କ ସହ ନୃତ୍ୟଶାଳାର ବରିଷ୍ଠ ନୃତ୍ୟଶିଳ୍ପୀ ମୋନାଲ ମନିଷା ସାହୁ, ଦେବୀପ୍ରିୟା ଆଞ୍ଚଲ ସାମଲ, ଶ୍ରେୟାଶ୍ରୀ ପ୍ରଧାନ, ଯଶସ୍ୱିନୀ ସ୍ୱାଇଁ, ରୋଜାଲିନ ପାତ୍ର, ଦିବ୍ୟାଶା ପଟ୍ଟନାୟକ, ଶ୍ରୀୟା ମିଶ୍ର, କୀର୍ତ୍ତିକା ମହାନ୍ତି, ଆଦ୍ୟାଶା ବସନ୍ତ ରାୟ ମନଲୋଭା ନୃତ୍ୟ ପ୍ରଦର୍ଶନ କରିଥିଲେ। ଓଡ଼ିଶୀ ନୃତ୍ୟରେ ଶିବପଞ୍ଚାକ୍ଷର ଓ ଗୀତଗୋବିନ୍ଦ ନୃତ୍ୟରେ ଆଧ୍ୟାତ୍ମିକତା ଦର୍ଶକଙ୍କ ମନକୁ ଛୁଇଁଥିଲା। ଏହି ଅବସରରେ ଉପଜିଲାପାଳ ପ୍ରଣୟ କୁମାର ବେହେରା ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନଙ୍କ ସହ ସମସ୍ତ ନୃତ୍ୟ ଶିଳ୍ପୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଏବଂ ବାଲିଯାତ୍ରା କଟକର ସ୍ମୃତିଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

## ଥାର୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା

### ୫ କି.ମି. ପିଛା କରି ଗାଡ଼ିକୁ କାବୁ କଲା ପିସିଆର୍

ଭୁବନେଶ୍ୱର,୧୧।୧୧(ସତ୍ୟଜିତ ରାଉତ)



ରାଜଧାନୀରେ ବୁଧବାର ପୂର୍ବାହ୍ନ ୧୧ଟାରେ ଜଣେ ଥାର୍ ଚାଳକ ବେପରୁଆ ଗାଡ଼ି ଚାଳନା କରି ଏଜି ଛକରେ ଏକ ଡିଭାଇଡର୍‌କୁ ପିଟି ଦେଇଥିଲେ। ଡିଭାଇଡରକୁ ପିଟିବା ପରେ ଥାର୍ ଚାଳକ ଗାଡ଼ିକୁ ନ ଅଟକାଇ ଫେରାର ହୋଇଯାଇଥିଲେ। ଉକ୍ତ ଥାର୍(ଓଡି୦୨-ଡିଏଫ୍-୨୩୪୫) ଗାଡ଼ିକୁ ୧୫ ନମ୍ବର ପିସିଆର୍ ପିଛା କରି ଆଚାର୍ଯ୍ୟ ବିହାର ଛକରେ କାବୁ କରିଥିଲା। ଚାଳକ ଜଣକ ଏଜି ଛକରେ ଦୁର୍ଘଟଣା ଘଟାଇ ସଚିବାଳୟ ମାର୍ଗ ହୋଇ ଦ୍ରୁତଗତିରେ ଆଚାର୍ଯ୍ୟ ବିହାର ଯାଏ ଚାଲି ଆସିଥିଲେ। ଆଚାର୍ଯ୍ୟ ବିହାରରେ ତାଙ୍କର ଗାଡ଼ିର ଆଗ ଚକା ଫାଟି ଯାଇଥିଲା। ଯାଞ୍ଚ ପରେ ସେ ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବା ଜଣାପଡ଼ିଥିଲା। ଶହୀଦନଗର ପୋଲିସ ତାଙ୍କୁ ନୋଟିସ୍ ଦେଇ ଛାଡିଛି। ଜରିମାନା ଭରିଲେ ଜବତ ଗାଡ଼ିକୁ ଚାଳକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

IFFCO
ଚାଷୀଭାଇମାନଙ୍କୁ ନିବେଦନ
International Year of Cooperatives 2025
ଶ୍ରଦ୍ଧେୟ ଚାଷୀଭାଇ,
ଦୟାକରି ଇଫ୍‌କୋର ଉନ୍ନତ ଉତ୍ପାଦ - ନାନୋ ୟୁରିଆ, ନାନୋ ଡିଏପି, ନାନୋ ଜିଙ୍କ୍, ନାନୋ କପର୍ ଆଦିକୁ କୌଣସି ବାଧବାଧକତାରେ କିମ୍ବା ଅନୁପଯୁକ୍ତ ଟ୍ୟାଗିଂ କାରଣରୁ କିଣନ୍ତୁ ନାହିଁ। ସେଗୁଡ଼ିକୁ କେବଳ ନିଜର ସ୍ୱଇଚ୍ଛାରେ କିଣନ୍ତୁ।
ଯଦି ସେଥିପାଇଁ କେହି ଆପଣଙ୍କୁ ବାଧ କରିବାର ଚେଷ୍ଟା କରନ୍ତି ତେବେ ସେ ବିଷୟରେ ତୁରନ୍ତ ଇଫ୍‌କୋର ଆଞ୍ଚଳିକ କାର୍ଯ୍ୟାଳୟ ଅଥବା ଜିଲ୍ଲା କୃଷି ଅଧିକାରୀଙ୍କୁ ସୂଚନା ଦିଅନ୍ତୁ ନ ହେଲେ ତଳେ ଦିଆଯାଇଥିବା ଟୋଲ୍-ଫ୍ରି ନମ୍ବରରେ କଲ୍ କରନ୍ତୁ। ଆପଣଙ୍କ ସତର୍କତା ହିଁ ଆମର ସାମୂହିକ ସମୃଦ୍ଧିକୁ ସୁନିଶ୍ଚିତ କରିବ।
ଆମେ ଆପଣଙ୍କୁ ଏହା ମଧ୍ୟ ସୂଚିତ କରିବାକୁ ଚାହୁଁଅଛୁ ଯେ, ଯଦି କୌଣସି ଡିଲର୍, ରିଟେଲର୍ କିମ୍ବା ସାର ବିକ୍ରେତା ଏପରି ଟ୍ୟାଗିଂ କାର୍ଯ୍ୟରେ ସଂଶ୍ଳିଷ୍ଟ ଥାଆନ୍ତି ତେବେ ଇଫ୍‌କୋ ସେମାନଙ୍କ ସହିତ ସମସ୍ତ ବ୍ୟବସାୟ ସମ୍ପର୍କକୁ ଛିନ୍ନ କରିବା ସହ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।
ଟୋଲ୍ ଫ୍ରି ନମ୍ବର: 1800 103 1967
ମୁଖ୍ୟ ପ୍ରବନ୍ଧକ ଜନସମ୍ପର୍କ

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED : A reputed Trading house at BBSR needs
• Jr. Accountant - with min. 2-3 yrs. exp. in Tally
• Office Asst. - with Computer Knowledge
Attractive Salary & other benefits with immediate recruitment
Apply by mail : singhi.motor@gmail.com Mob-9078339020

See Career Appointment on every Wednesday & Saturday

SB SAHOO & CO PVT LTD
BHUBANESWAR
We are hiring Marketing Executive and Accounting Professional.
Salary is not a barrier for the right talent
Email : sbsahoo2005@yahoo.co.in
Mobile : 9124560515

WE ARE HIRING
Career Point Rayagada is conducting a Walk-in-interview from 16th November 2025 10 A.M. to 5 P.M.
Since : 1993
Business Development Exec (10 pos)
Qualification : B.B.A/M.B.A
Experience : 1-2 years
Counseling (Tele Caller)(2 pos)
Qualification : Graduate/M.B.A
Experience : Experience / Fresher
Manager (2 pos)
Qualification : M.B.A
Experience : 3-5 years
Preferred Language : Eng, Hindi, Odia & Telegu
CAREER POINT
Raniguda Farm, 7th Lane, Near Mangala Mandir, Fire Station Square
Phone No. - 9692828512 / 8144328512 / 7846868512

## ଭିଜିଲାନ୍ସ ପକ୍ଷରୁ ଏଆଇ ସମ୍ପର୍କିତ କର୍ମଶାଳା



ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ ଜେଠୱା

**ଭୁବନେଶ୍ୱର,୧୧।୧୧(ସତ୍ୟଜିତ ରାଉତ):** ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ତଦନ୍ତକାରୀ ଅଫିସର ଓ ପ୍ରସିକ୍ୟୁଟରଙ୍କ ପାଇଁ ଭ୍ରଷ୍ଟାଚାର ବିରୋଧୀ କାର୍ଯ୍ୟରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ବ୍ୟବହାର ଉପରେ ମଙ୍ଗଳବାର ଏକ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ରାଜ୍ୟ ଭିଜିଲାନ୍ସ ଏକାଡେମୀରେ ଆୟୋଜିତ ଏହି କର୍ମଶାଳାରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ସମସ୍ତ ଅଧିକାରୀମାନେ ବ୍ୟକ୍ତିଗତ ଏବଂ ଭିଡିଓ କଲ୍ ଜରିଆରେ ଯୋଗ ଦେଇଥିଲେ। ଏହି କର୍ମଶାଳାକୁ ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ ଜେଠୱା ଉଦ୍‌ଘାଟନ କରି ଭ୍ରଷ୍ଟାଚାର ବିରୋଧରେ ଏଆଇ ଉପକରଣଗୁଡ଼ିକର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଅତିଥିଭାବେ ଓକାକ୍ ଆଡଭାଇଜର୍ ସଞ୍ଜୟ ମହାପାତ୍ର, ଭୁବନେଶ୍ୱର ନ୍ୟାଶନାଲ ଇନ୍‌ଫରମେଟିକ୍ସ ସେଣ୍ଟର(ଏନ୍‌ଆଇସି) ବରିଷ୍ଠ ନିର୍ଦ୍ଦେଶକ ସମ୍ବିତ ପଣ୍ଡା, ଭୁବନେଶ୍ୱର ଆଇଆଇଟି କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ଦେବୀପ୍ରସାଦ ଡୋଗ୍ରା, ଭୁବନେଶ୍ୱରସ୍ଥିତ ଇଣ୍ଟରନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫରମେଶନ୍ ଟେକ୍ନୋଲୋଜି (ଆଇଆଇଆଇଟି)ର ନିର୍ଦ୍ଦେଶକ ଆଶିଷ ଘୋଷ ଏବଂ ଭୁବନେଶ୍ୱର କୃପାଜଳ ଇଞ୍ଜିନିୟରିଂ କଲେଜର ପ୍ରିନ୍ସିପାଲ୍ ଶୁଭେନ୍ଦୁ କୁମାର ପାଣି ଯୋଗ ଦେଇ ଏଆଇ ସମ୍ପର୍କରେ ଆଲୋଚନା କରିଥିଲେ। ଏଆଇ ଉପକରଣଗୁଡ଼ିକ ଭ୍ରଷ୍ଟାଚାର ବିରୋଧୀ ମାମଲାଗୁଡ଼ିକର ତଦନ୍ତ ଏବଂ ଅନୁସନ୍ଧାନକୁ ନିଖୁଣ ଭାବରେ ସହାୟତା କରିପାରିବ ଏବଂ ଭିଜିଲାନ୍ସକୁ ଅଧିକ ମଜଭୁତ କରିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ଏକ ଏଆଇ ସେଲ୍ କାମ କରୁଥିବା ସୂଚନା ଦିଆଯାଇଛି। ଏହି ସେଲ୍ ଦ୍ୱାରା ଦୁର୍ନୀତି ବିରୋଧ ସଂକ୍ରାନ୍ତରେ ଭିଜିଲାନ୍ସର ସମସ୍ତ ପ୍ରକାର ତଦନ୍ତ ଓ ତଥ୍ୟ ସଂଗ୍ରହ କରାଯାଉଛି।

## ସଜାଗ ହେଲା ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ସଂଘ

### ଦିଲ୍ଲୀରେ ବିସ୍ଫୋରଣ ଘଟଣା

**ଭୁବନେଶ୍ୱର,୧୨।୧୧(ସତ୍ୟଜିତ ରାଉତ):** ଦିଲ୍ଲୀରେ ଭୟଙ୍କର ବିସ୍ଫୋରଣ ଘଟଣା ପରେ ଦେଶବ୍ୟାପୀ ସୁରକ୍ଷାକୁ ବଢ଼ାଇ ଦିଆଯାଇଛି। ପୋଲିସ ପକ୍ଷରୁ କଡ଼ାକଡି ଚେକିଂ କରାଯାଉଥିବା ବେଳେ ପାଟ୍ରୋଲିଂକୁ ମଧ୍ୟ ବ୍ୟାପକ କରାଯାଇଛି। ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ମଧ୍ୟ ହାଇଆଲର୍ଟ ଘୋଷଣା କରାଯାଇଛି। ଏପଟେ ସୁରକ୍ଷା ଦିଗକୁ ନେଇ ଓଡ଼ିଶାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ମଧ୍ୟ ରାଜ୍ୟ ପୋଲିସ ପକ୍ଷରୁ ହାଇଆଲର୍ଟ ଘୋଷଣା କରାଯାଇ ସତର୍କ ନଜର ରଖାଯାଇଛି। ଏଭଳି ସ୍ଥିତିରେ ହୋଟେଲ ଅପରାଧୀଙ୍କ ରହଣିସ୍ଥଳ ହୋଇଥିବାରୁ ରାଜ୍ୟ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ସଂଘ (ହାରୋ) ସଜାଗ ହୋଇଛି। ଏନେଇ ସଂଘ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ଜାରି କରାଯାଇ ସବୁ ହୋଟେଲ ମାଲିକଙ୍କୁ ସତର୍କ ଓ ସଚେତନ କରାଯାଇଛି। ହାରୋ ପକ୍ଷରୁ କୁହାଯାଇଛି ଯେ, ଅସାମାଜିକ ତତ୍ତ୍ୱମାନେ ପର୍ଯ୍ୟଟନ ସ୍ଥଳୀ ଓ ହୀରାକୁଦ ଡ୍ୟାମ୍ ଆଦି ବଡ଼ ବଡ଼ ସ୍ଥାନ ଓ ପ୍ରତିଷ୍ଠାନକୁ ଟାର୍ଗେଟ୍ କରିପାରନ୍ତି। ହୋଟେଲ ହିଁ ସେମାନଙ୍କର ରହଣି ସ୍ଥଳ ହେବାର ଆଶଙ୍କା ଥିବାରୁ ଏନେଇ ଚେକିଂ କଡାକଡି କରିବାକୁ କୁହାଯାଇଛି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ସନ୍ଦେହ ଉପୁଜୁଛି, ତୁରନ୍ତ ସ୍ଥାନୀୟ ପୋଲିସକୁ ଜଣାଇବାକୁ ପରାମର୍ଶ ଦିଆଯାଇଛି। ଏପରିକି ହୋଟେଲ୍ କର୍ମଚାରୀଙ୍କୁ ଅତିଥି ଯାଞ୍ଚରେ ସହଯୋଗ କରିବାକୁ ସଂଘ ପକ୍ଷରୁ ଅପିଲ୍ କରାଯାଇଛି। ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ତଥା ଅତିଥି, କର୍ମଚାରୀ ଓ ସମ୍ପତ୍ତିର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ହାରୋ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି।

ଧରିତ୍ରୀ DHARITRI Oriya daily
51 Years
WANTED

| POSITION | ELIGIBILITY | LOCATION |
| --- | --- | --- |
| CIRCULATION EXECUTIVES | • 2-3 years sales experience in print media.<br>• Oversee distribution to subscribers, retailers & customers.<br>• Willingness to travel & keep in touch with agents. Collection of outstanding dues. Own bike or transport will be preferred.<br>• Proficiency in MS-Office. | BHUBANESWAR, ANGUL & SAMBALPUR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com




**ଟ୍ରକ୍ ଧକ୍କାରେ ଯୁବକ ମୃତ**

ଟିଗିରିଆ,(ଜାଫର ଖାଁ) ଟିଗିରିଆ ଥାନା ଅନ୍ତର୍ଗତ ଭେଜିଆ ସଂରକ୍ଷିତ ଜଙ୍ଗଲ ରାସ୍ତାରେ ସୋମବାର ଅପରାହ୍ଣରେ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଜିଲାର ରିତେଶ ମଣ୍ଡଳ(୨୪) । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରିତେଶ ସ୍ଥାନୀୟ ଅଞ୍ଚଳରେ ଏକ କ୍ରଶରରେ କାର୍ଯ୍ୟ କରନ୍ତି। କୌଣସି କାର୍ଯ୍ୟ ପାଇଁ ସେ ବାହାରକୁ ଆସିଥିବା ବେଳେ ଟ୍ରକ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି।

## ସଂକ୍ଷେପରେ

### ୧୮୩ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ମଙ୍ଗୁଳି-ଜଗତପୁର,୧୧।୧୧ (ମାନସ ସାମଲ): କଟକ ଇଆଇ ଏବଂ ଇବିର ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଚୌଦ୍ୱାର ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୧୮୩ ଗ୍ରାମର ବ୍ରାଉନସୁଗାର ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ଏହି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଉକ୍ତ ଥାନା ଅଧୀନ ଗଉଡ଼ ସାହି ଅଂଚଳର ସନ୍ତୋଷ ପରିଡ଼ା (୪୨)। ସନ୍ତୋଷ ଏକ ବାଇକ୍‌ରେ ବ୍ରାଉନସୁଗାର ଚାଲାଣ କରୁଥିଲେ। ଏହି ସମୟରେ ଖବର ପାଇ କଟକ ଇଆଇ ଏବଂ ଇବିର ଫ୍ଲାଇଂ ସ୍କ୍ୱାଡ୍ ବାଇକ୍‌କୁ ଅଟକାଇଥିଲା। ଯାଞ୍ଚ ପରେ ତାଙ୍କ ନିକଟରୁ ବ୍ରାଉନସୁଗାର ସହ ଗାଡ଼ିକୁ ପୋଲିସ ଜବତ କରିଥିଲା। ତେବେ ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୧୯ଲକ୍ଷ ଟଙ୍କାର ହେବ ବୋଲି ଅନୁମାନ କରାଯାଉଛି। ଏହି ଚଢ଼ାଉରେ ଇନ୍‌ସ୍ପେକ୍ଟର ସୁଶାନ୍ତ କୁମାର ମହାପାତ୍ର, ଏଏସଆଇ ଦିଲ୍ଲୀପ କୁମାର ନନ୍ଦ, ଆଲୋକ ଖଟୁଆ, କନ୍‌ଷ୍ଟେବଲ୍ ରୋଜାଲିନ ପଟ୍ଟନାୟକ, ଶିବାନନ୍ଦ ଷଡ଼ଙ୍ଗୀ, ଶଙ୍କର୍ଷଣ ରାଉତ, ରଞ୍ଜୀତ କୁମାର ସାହୁ ଓ ସୁମିତ୍ କୁମାର ନାଏକ ସାମିଲ ହୋଇଥିଲେ।

# ଗ୍ରାମର ହିତ ପାଇଁ ହାତ ମିଳାଇଲେ ୨ ଗୋଷ୍ଠୀ

- ତୁଟିଲା ବେଲଅଣ୍ଟା ବିବାଦ
- ଶାନ୍ତି ବଜାୟ ରଖିବାକୁ ପ୍ରତିଶ୍ରୁତି

ଟିଗିରିଆ,୧୧।୧୧(ଜାଫର ଖାଁ):


ଗ୍ରାମବାସୀ ଓ ଦୁଇ ଗୋଷ୍ଠୀର ସଦସ୍ୟମାନେ ଆଲୋଚନା କରୁଛନ୍ତି।

ଟିଗିରିଆ ବ୍ଲକ ଅନ୍ତର୍ଗତ ଭୋଗଡ଼ା ପଞ୍ଚାୟତସ୍ଥିତ ବେଲଅଣ୍ଟା ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ୨ ବର୍ଷ ଧରି ଚାଲିଥିବା ବିବାଦର ଅନ୍ତ ଘଟିଛି। ମଙ୍ଗଳବାର ଭଦ୍ରଲୋକଙ୍କ ଉପସ୍ଥିତିରେ ଏହି ବିବାଦର ସମାଧାନ ହୋଇଛି। ପ ଞ୍ଚ । ୟ ତ ସରପଞ୍ଚଙ୍କ ପ୍ରତିନିଧି ଅରୁଣ ନାୟକ ଓ ଗ୍ରାମର ଭାବଗ୍ରାହୀ ପଣ୍ଡାଙ୍କ ମଧ୍ୟରେ ଥିବା ବ୍ୟକ୍ତିଗତ ଗଣ୍ଡଗୋଳ ପରେ ଗୋଷ୍ଠୀ ବିବାଦର ରୂପ ନେଇଥିଲା। ଏଥିଯୋଗୁ ଉଭୟ ଗୋଷ୍ଠୀର ସଦସ୍ୟଙ୍କ ନାମରେ ଗତ ୨ ବର୍ଷରେ ପ୍ରାୟ ୧୫ଟି ମାମଲା ରୁଜୁ ହେବା ସହ ଗ୍ରାମର ଶତାଧିକ ଲୋକଙ୍କ ନାମରେ ମାମଲା ରୁଜୁ ହୋଇ ମାର୍‌ପିଟ୍ ଓ ଘରପୋଡ଼ି ଇତ୍ୟାଦି ଘଟଣା ଘଟିଥିଲା। ଉକ୍ତ ମାମଲାଗୁଡିକରେ ଉଭୟ ଅରୁଣ ଓ ଭାବଗ୍ରାହୀ ଏକାଧିକଥର ଗିରଫ ହୋଇ ଜେଲ ଯାଇଥିବାବେଳେ ସେମାନଙ୍କ ଗୋଷ୍ଠୀର ଅନେକ ସଦସ୍ୟ ମଧ୍ୟ ଜେଲ ଯାଇଛନ୍ତି। ଏଥିସହ ଅନେକେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଫେରାର ଅଛନ୍ତି। ଏହାକୁ ନେଇ ଗ୍ରାମର ୨ ଗୋଷ୍ଠୀ ଦୀର୍ଘ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଛକାପଞ୍ଝା ଅବସ୍ଥାରେ ଥିଲେ। ଫଳରେ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହେଉଥିଲା। ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଅନେକ ସମୟରେ ପୋଲିସ ମୁତୟନ କରାଯାଇଥିଲା। ଏହା ଗ୍ରାମର ସୁନାମରେ ଆଞ୍ଚ୍ ଆଣିବା ସହ ଗ୍ରାମର ୩ଟି ୱାର୍ଡରେ ବସବାସ କରୁଥିବା ୧୩୬ ପରିବାରଙ୍କ ପାଇଁ ଅତ୍ୟନ୍ତ କଠିନ ସମୟ ଥିଲା।

ତେଣୁ ଉଭୟ ପକ୍ଷ ମଧ୍ୟରେ ଏହି ଘଟଣାର ସମାଧାନ ପାଇଁ ଗ୍ରାମବାସୀଙ୍କ ତରଫରୁ ପ୍ରୟାସ ଆରମ୍ଭ ହୋଇଥିଲା। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ସ୍ଥାନୀୟ ସରପଞ୍ଚ ଶର୍ମିଳା ନାୟକ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ସ୍ଥାନୀୟ ଅଞ୍ଚଳର ବରିଷ୍ଠ ମୁରବି ରାମଚନ୍ଦ୍ର ବାରିକ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦତ୍ତ, ଆଇନଜୀବୀ ଶ୍ରୀକାନ୍ତ କୁମାର ସାହୁ, ଆଇନଜୀବୀ ସଞ୍ଜୟ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ।

ସଭାରେ ମୁରବି ଓ ଜନପ୍ରତିନିଧିମାନେ ଉଭୟ ଗୋଷ୍ଠୀଙ୍କୁ ସଂଯମତା ରକ୍ଷା କରିବାକୁ ପରାମର୍ଶ ଦେବା ସହ ଗ୍ରାମର ବୃହତ୍ତର ସ୍ୱାର୍ଥକୁ ଆଖିରେ ରଖି ନିଜ ଭିତରେ ଥିବା ଦୋଷକୁ ଭୁଲି ଏକାଠି ହେବାକୁ କହିଥିଲେ। ତାହାକୁ ଉଭୟ ଗୋଷ୍ଠୀ ମାନିନେବା ସହ ଏକାଠି ଚଳିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପରେ ମୁରବିଙ୍କ ତରଫରୁ ଗ୍ରାମକୁ ସୁରୁଖୁରୁରେ ଚଳାଇବା ପାଇଁ ଏକ ୧୨ ଜଣିଆ ଶାନ୍ତି କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ଗ୍ରାମର ପ୍ରମୋଦ ମଲ୍ଲ ସଭାପତି, ପବିତ୍ର ରାଉତ ଉପସଭାପତି, ଦେବରାଜ ମଲ୍ଲ କୋଷାଧ୍ୟକ୍ଷ, ଧୀର ସୁନ୍ଦର ପଣ୍ଡା ସମ୍ପାଦକ, ପଙ୍କଜ ନାୟକ ସହସମ୍ପାଦକ, ଅଶୋକ କୁମାର ରାଉତ ସହ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏହି ଅବସରରେ ୨ ଗୋଷ୍ଠୀ ଗ୍ରାମରେ ଏକତା ବଜାୟ ରଖିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ଓ ମିଳାମିଶା ସମୟରେ ଟିଗିରିଆ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ସ୍ୱାଧୀନ ଭାରତରେ ଶିକ୍ଷାନୀତି ପ୍ରଣୟନ କରିଥିଲେ ଆଜାଦ୍

**ବାଙ୍କୀ କଲେଜ ଶିକ୍ଷାବିଭାଗ ଆନୁକୂଲ୍ୟରେ ଜାତୀୟ ଶିକ୍ଷା ଦିବସ ପାଳିତ**

ବାଙ୍କୀ,୧୧।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର) : ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜାତୀୟ ଶିକ୍ଷା ଦିବସ ଓ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ୍ କଲାମ ଆଜାଦ୍‌ଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱର୍ଗତ ଆଜାଦ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ମହାପାତ୍ର ସଭାପତିତ୍ୱ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ମୌଲାନା ଆଜାଦ୍‌ଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଶିକ୍ଷା ଦିବସର ତାତ୍ପର୍ଯ୍ୟ ଉପରେ କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ଭାବେ ସ୍ୱର୍ଗତ ଆଜାଦ ଶିକ୍ଷାନୀତି ପ୍ରଣୟନ କରିଥିଲେ। ଶିକ୍ଷା ବିଭାଗ ହେଉଛି ଏକମାତ୍ର ବିଭାଗ, ଯାହାଦ୍ୱାରା ଜାତୀୟ ଶିକ୍ଷା ନୀତି ପ୍ରଣୟନ କରାଯାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ପ୍ରଶାସନିକ ଅଧିକାରୀ ଡ. ଶଶିଭୂଷଣ ମହାପାତ୍ର, ଡ.ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅଧ୍ୟାପିକା ଜ୍ୟୋତିର୍ମୟୀ ପାଢୀ, ଅଧ୍ୟାପିକା ଶିବାନୀ ଦେବଦର୍ଶିନୀ ପ୍ରଧାନ, ଅଧ୍ୟାପକ ବିପ୍ରବର ରାଉତ, ଅଧ୍ୟାପିକା ଶୁଭଲକ୍ଷ୍ମୀ ପଣ୍ଡା ପ୍ରମୁଖ ଯୋଗଦେଇ ଶିକ୍ଷା ଦିବସ ଓ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ସ୍ୱର୍ଗତ ଆଜାଦଙ୍କ ଆଦର୍ଶ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଦୀପ୍ତିସରାଣୀ ବେହେରା ପରିଚାଳନା କରିଥିବା ବେଳେ ପାଠଚକ୍ର ସମ୍ପାଦକ ଦେବାଶିଷ ବେହେରା ଧନ୍ୟବାଦ ଦେଇଥିଲେ ।

## ଆଜି ପ୍ରଥମାଷ୍ଟମୀ : ହଳଦୀପତ୍ର ବାସ୍ନାରେ କମ୍ପୁଛି ବଜାର

ବାଙ୍କୀ,୧୧।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ବୁଧବାର ପ୍ରଥମାଷ୍ଟମୀ ପାଳିତ ହେବାକୁ ଯାଉଛି। ଘରର ପ୍ରଥମ ତଥା ଜ୍ୟେଷ୍ଠ ସନ୍ତାନଙ୍କ ସମ୍ମାନ ଲାଗି ଏହି ପର୍ବ ସାରା ରାଜ୍ୟରେ ପାଳିତ ହେବ। ଏହି ପରିପ୍ରେକ୍ଷୀରେ ଜ୍ୟେଷ୍ଠ ସନ୍ତାନମାନଙ୍କ ନିମନ୍ତେ ନୂଆ ଡ୍ରେସ୍ କିଣିବା ପାଇଁ ବାଙ୍କୀ ବଜାରରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି । ଏହି ପର୍ବରେ ହଳଦୀପତ୍ରର ସ୍ୱତନ୍ତ୍ରତା ରହିଛି। ବିଶେଷକରି ଏହି ହଳଦୀପତ୍ରରେ ଏଣ୍ଡୁରି ପିଠା ପ୍ରସ୍ତୁତ କରିବାର ବିଧି ରହିଛି ବୋଲି ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର କହିଛନ୍ତି। ଏନେଇ ବାଙ୍କୀର ବିଭିନ୍ନ ଛକରେ ହଳଦୀପତ୍ର ବିକ୍ରି ହେଉଛି। ଗୋଟିଏ ବିଡ଼ା ହଳଦୀପତ୍ରର ମୂଲ୍ୟ ୧୦ରୁ ୨୦ ଟଙ୍କା ରହିଛି। ଘର ହେଉ କି ବଜାର ଚାରିଆଡ଼େ ହଳଦୀପତ୍ରର ମହକ ରହିଛି । ପରମ୍ପରା ଅନୁଯାୟୀ, ଘରର ବଡ଼ ପୁଅ ଓ ଝିଅଙ୍କୁ ସମ୍ମାନ ଜଣାଇ ହଳଦୀପତ୍ରରେ ପ୍ରସ୍ତୁତ ଏଣ୍ଡିରି ପିଠାକୁ ଖୁଆଇ ଦିଆଯାଇଥାଏ ଓ ଏହି ପିଠା ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି କବି କୌଶିକ ନାୟକ ପ୍ରକାଶ କରିଛନ୍ତି।

## ୧୫ ଦିନ ଭିତରେ ସରିବ ଜାତୀୟ ରାଜପଥ କାର୍ଯ୍ୟ

ଚୌଦ୍ୱାର,୧୧।୧୧(ଆଶୁତୋଷ ଦାସ):

ଗତ ୭ବର୍ଷରୁ ଊର୍ଦ୍ଧ୍ୱ ଧରି ଚାଲିଥିବା ୫୫ ନଂ. ଜାତୀୟ ରାଜପଥ ମଙ୍ଗୁଳିଠାରୁ ଧୁମାବତୀ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ପୂର୍ବରୁ ହୋଇଥିବା ରାସ୍ତା କାମ ନିମ୍ନମାନର ହୋଇଥିବାରୁ ଅନେକ ସ୍ଥାନରେ ରାସ୍ତାରୁ ପିଚୁ ଉଠିଗଲାଣି । ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହେଲାଣି। ଏପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱର ଡ୍ରେନ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ରାସ୍ତା ସମସ୍ୟା, ନିମ୍ନ ମାନର କାମ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ଚୌଦ୍ୱାର ଜାଗରଣ ମଞ୍ଚ ପକ୍ଷରୁ ଗତ ୬ତାରିଖରେ ଭୁବନେଶ୍ୱରସ୍ଥିତ ଜାତୀୟ ରାଜପଥ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ରାସ୍ତା କାମ କେବେ ସମ୍ପୂର୍ଣ୍ଣ ହେବ ବୋଲି ଧାରଣାରତ ଜାଗରଣ ମଞ୍ଚର କର୍ମକର୍ତ୍ତାମାନେ ଜାତୀୟ ରାଜପଥ ଆଞ୍ଚଳିକ ନିର୍ଦ୍ଦେଶକ(ରିଜିଓନାଲ୍ ଡାଇରେକ୍ଟର) ବୀରେନ୍ଦ୍ର ସିଂଙ୍କୁ ପ୍ରଶ୍ନ କରିଥିଲେ। ତେବେ ଘଟଣାସ୍ଥଳ ପରିଦର୍ଶନ ପରେ ପ୍ରତିଶ୍ରୁତି ଦେବେ ବୋଲି ବୀରେନ୍ଦ୍ର ସିଂ କହିବା ପରେ ଧାରଣାକାରୀମାନେ ଧାରଣାରୁ ହଟିଥିଲେ। ମଙ୍ଗଳବାର ଆଞ୍ଚଳିକ ନିର୍ଦ୍ଦେଶକ ବୀରେନ୍ଦ୍ର ସିଂ, ଢେଙ୍କାନାଳସ୍ଥିତ କାର୍ଯ୍ୟାଳୟର ପ୍ରୋଜେକ୍ଟ ମ୍ୟାନେଜର ବି.କେ. ସିଂ, ୨ଟି ଠିକା ସଂସ୍ଥାର କର୍ମଚାରୀ ଓ ଜାଗରଣ ମଞ୍ଚର ସଦସ୍ୟମାନେ ମିଳିତ ଭାବେ ଚୌଦ୍ୱାରର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ତେବେ ପୂର୍ବରୁ କେତେକ ସ୍ଥାନୀୟ ଲୋକଙ୍କ ବିରୋଧ ଓ ବର୍ଷା ହେତୁ ରାସ୍ତା ନିର୍ମାଣ କାର୍ଯ୍ୟରେ ବିଳମ୍ବ ହୋଇଥିବା ପ୍ରକଳ୍ପ ମ୍ୟାନେଜର ପ୍ରକାଶ କରିବା ସହ ଆସନ୍ତା ୧୫ଦିନ ଭିତରେ ବାକି ଥିବା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ‘ଆଠଗଡ଼ରେ ସାଂସ୍କୃତିକ, ବୌଦ୍ଧିକତାର ବିକାଶ ପାଇଁ ଏକତ୍ରିତ ହୁଅ’



ସମାବେଶରେ ସଂଗଠନର ସଭାପତି ବିଭୂତି ଭୂଷଣ ମିଶ୍ର,ସମ୍ପାଦିକା ଅସୀମା ପଟ୍ଟନାୟକଙ୍କ ସମେତ ଅନ୍ୟ ଅତିଥିମାନେ।

**‘ଅଭିନବ ଭାରତ’ ପକ୍ଷରୁ ପ୍ରୟାସ ସମାବେଶ**

ଆଠଗଡ଼,୧୧।୧୧(ସତ୍ୟ ପ୍ରସାଦ ରଥ):

ଏକଦା ସାହିତ୍ୟ, ସଂସ୍କୃତି ପାଇଁ ଓଡ଼ିଶାରେ ସମ୍ମାନିତ ହେଉଥିବା ଆଠଗଡ଼ ଏବେ ଅବହେଳିତ। ଏଠାରେ ସାମାଜିକ ସାଂସ୍କୃତିକ, ବୌଦ୍ଧିକତା ଅବକ୍ଷୟ ହୋଇଛି। ଏହାର ବିକାଶ ପାଇଁ ବୁଦ୍ଧିଜୀବିମାନେ ଏକତ୍ରିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସାମାଜିକ ସଙ୍ଗଠନ ‘ଅଭିନବ ଭାରତ’ ପକ୍ଷରୁ ଆୟୋଜିତ ପ୍ରୟାସ ସମାବେଶରେ ମଙ୍ଗଳବାର ଅପରାହ୍ଣରେ ବୁଦ୍ଧିଜୀବୀମାନେ କହିଛନ୍ତି। ଏଥିରେ ଆଠଗଡ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଆଠଗଡ଼ ସହରସ୍ଥିତ ମହାବୀର ପ୍ଲାଜାଠାରେ ସଙ୍ଗଠନର ସମ୍ପାଦିକା ଅସୀମା ପଟ୍ଟନାୟକଙ୍କ ସଂଯୋଜନା କରି କହିଥିଲେ, ଅଭିନବ ଭାରତ କେବଳ ଏକ ସଂଗଠନ ନୁହେଁ, ଏହା ହେଉଛି ଆଗାମୀ ପୀଢ଼ୀ ପାଇଁ ଆହ୍ୱାନ। ଦରିଦ୍ର, ନିଷ୍ପେସିତ ଓ ଦଳିତମାନସାମାଜିକ ନ୍ୟାୟ ପ୍ରଦାନ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ହେଉଛି ସଂଗଠନର ଉଦ୍ଦେଶ୍ୟ। ସଙ୍ଗଠନର ସଭାପତି ବିଭୂତି ଭୂଷଣ ମିଶ୍ର ଏଥିରେ ସଭାପତିତ୍ୱ କରି ଆଠଗଡର ବିକାଶ ପାଇଁ ସଭିଏଁ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ବରିଷ୍ଠ ସାହିତ୍ୟିକ ପ୍ରଦୋଷ କୁମାର ମିଶ୍ର, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ ପୂର୍ବତନ ପ୍ରାଧ୍ୟାପକ ଡ. ପ୍ରମୋଦ କୁମାର ଦାସ, ରାଜ୍ୟର ବିଶିଷ୍ଟ ସାମାଜିକ କର୍ମୀ ରବିନାରାୟଣ ମହାରଣା, ଦୀପ୍ତିରେଖା ପଟ୍ଟନାୟକ, ସିତା ମିଶ୍ର, ରାଜ୍ୟ ରେଡକ୍ରସ ସମ୍ପାଦିକା ସିତା ପଣ୍ଡା, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଦୁର୍ଗା ପ୍ରସାଦ ମିଶ୍ର, ପ୍ରଦ୍ୟୋତ କୁମାର ମିଶ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସାମାଜିକ କର୍ମୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ତ୍ରିଦିବସୀୟ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି: ୧୧।୧୧(ଅଶୋକ କୁମାର ମହାପାତ୍ର):

ପଞ୍ଚାୟତ ପ୍ରହଲ୍ଲାଦ କଲେଜରେ ମଙ୍ଗଳବାର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କ ତ୍ରିଦିବସିୟ ଅନ୍ତଃଜିଲାସ୍ତରୀୟ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ତରୁଲତା ଦେବୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ସଂଗୀତା ମିଶ୍ର ଯୋଗଦେଇ ଯୁବ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ତମ ଚରିତ୍ର ଗଠନ, ସ୍ୱେଚ୍ଛାସେବୀମାନେ କଠୋର ପରିଶ୍ରମ ଓ ନିଷ୍ଠାପର ଉଦ୍ୟମ ସହ ନିଜର ବ୍ୟକିତ୍ୱ ବିକାଶ ଓ ସମାଜ ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ତଥା ପରାମର୍ଶଦାତା ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ତିନି ଦିନ ବ୍ୟାପି ଏହି ଶିବିରରେ ସାମାଜିକ ଗଣ ମାଧ୍ୟମ ବ୍ୟବହାର ଓ ଅପବ୍ୟବହାର, ଜାତୀୟ ସେବା ଯୋଜନା ମୌଳିକ ଧାରଣା, ଯୁବ ନେତୃତ୍ୱ, ତମାଖୁ ମୁକ୍ତ ପରିସର, ଆତ୍ମହତ୍ୟା ନିବାରଣ ସଚେତନତା ଓ ପରିଚାଳନା ଆଦି ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଡ. ପ୍ରଭାସ ଆଚାର୍ଯ୍ୟ, ଡ. ମନୋରଞ୍ଜନ ମହାନ୍ତି, ଲୋପାମୁଦ୍ରା ବଳ, ରତ୍ନାକର ରାୟ ପ୍ରମୁଖ ବିଶେଷଜ୍ଞଭାବେ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ଓ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଶିଶିର କୁମାର ସାହୁ ଶିବିର ବିବରଣୀ ପାଠ କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଶିବିରରେ କଟକ ଓ କେନ୍ଦ୍ରାପଡ଼ା ଜିଲାର ୨୦ଟି ମହାବିଦ୍ୟାଳୟର ୧୨୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ମହିଳା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଡ. ପଦ୍ମପ୍ରଭା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୨୦ ଲିଟର ଦେଶୀମଦ ଜବତ, ୩ ଗିରଫ

ମଙ୍ଗୁଳି-ଜଗତପୁର,୧୧।୧୧(ମାନସ ସାମଲ):

ଚୌଦ୍ୱାର ଅବକାରୀ ବିଭାଗ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୨୦ ଲିଟର ଦେଶୀମଦ ସହ ଗୋଟିଏ ସ୍କୁଟି ଜବତ କରାଯାଇଛି। ଏହି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଉକ୍ତ ବ୍ଲକ ଅଧୀନ ବାଣୀପଦା ଗ୍ରାମର ପ୍ରଫୁଲ୍ଲ ସାମଲ, ପଦାଗାଁର ଦୁଃଶାସନ ଲେଙ୍କା ଓ ଡାଲୁଆ ଗ୍ରାମର ଘନଶ୍ୟାମ ସମାଦ। ଏ ନେଇ ଅବକାରୀ ବିଭାଗ ୩ଟି ପୃଥକ୍ ମାମଲା ଯଥା (୧୫୯, ୧୬୦, ୪୮/୨୫)ରୁଜୁ କରିଛି। ବିଶେଷ ସୂତ୍ରରୁ ଖବର ପାଇ କଟକ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଯାଞ୍ଚ ପରେ ପଦାଗାଁ ଓ ବାଣୀପଦା ଗ୍ରାମରୁ ଦେଶୀମଦ ମିଳିଥିଲା। ଏହି ସମୟରେ ମଦ ବ୍ୟବସାୟୀମାନଙ୍କୁ ପୋଲିସ ଧରିବାରେ ସଫଳ ହୋଇଛି।

**IFFCO** — ଚାଷୀଭାଇମାନଙ୍କୁ ନିବେଦନ
International Year of Cooperatives 2025

ଶ୍ରଦ୍ଧେୟ ଚାଷୀଭାଇ,
ଦୟାକରି ଇଫ୍‌କୋର ଉନ୍ନତ ଉତ୍ପାଦ - ନାନୋ ୟୁରିଆ, ନାନୋ ଡିଏପି, ନାନୋ ଜିଙ୍କ୍, ନାନୋ କପର୍ ଆଦିକୁ କୌଣସି ବାଧବାଧକତାରେ କିମ୍ବା ଅନୁପଯୁକ୍ତ ଟ୍ୟାଗିଂ କାରଣରୁ କିଣନ୍ତୁ ନାହିଁ। ସେଗୁଡ଼ିକୁ କେବଳ ନିଜର ସ୍ୱଇଚ୍ଛାରେ କିଣନ୍ତୁ।
ଯଦି ସେଥିପାଇଁ କେହି ଆପଣଙ୍କୁ ବାଧ କରିବାର ଚେଷ୍ଟା କରନ୍ତି ତେବେ ସେ ବିଷୟରେ ତୁରନ୍ତ ଇଫ୍‌କୋର ଆଞ୍ଚଳିକ କାର୍ଯ୍ୟାଳୟ ଅଥବା ଜିଲ୍ଲା କୃଷି ଅଧିକାରୀଙ୍କୁ ସୂଚନା ଦିଅନ୍ତୁ ନ ହେଲେ ତଳେ ଦିଆଯାଇଥିବା ଟୋଲ୍-ଫ୍ରି ନମ୍ବରରେ କଲ୍ କରନ୍ତୁ। ଆପଣଙ୍କ ସତର୍କତା ହିଁ ଆମର ସାମୂହିକ ସମୃଦ୍ଧିକୁ ସୁନିଶ୍ଚିତ କରିବ।
ଆମେ ଆପଣଙ୍କୁ ଏହା ମଧ୍ୟ ସୂଚିତ କରିବାକୁ ଚାହୁଁଅଛୁ ଯେ, ଯଦି କୌଣସି ଡିଲର୍, ରିଟେଲର୍ କିମ୍ବା ସାର ବିକ୍ରେତା ଏପରି ଟ୍ୟାଗିଂ କାର୍ଯ୍ୟରେ ସଂଶ୍ଳିଷ୍ଟ ଥାଆନ୍ତି ତେବେ ଇଫ୍‌କୋ ସେମାନଙ୍କ ସହିତ ସମସ୍ତ ବ୍ୟବସାୟ ସମ୍ପର୍କକୁ ଛିନ୍ନ କରିବା ସହ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।
ଟୋଲ୍ ଫ୍ରି ନମ୍ବର: 1800 103 1967
ମୁଖ୍ୟ ପ୍ରବନ୍ଧକ ଜନସମ୍ପର୍କ

**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

**WANTED :** A reputed Trading house at BBSR needs
- Jr. Accountant - with min. 2-3 yrs. exp. in Tally
- Office Asst. - with Computer Knowledge

Attractive Salary & other benefits with immediate recruitment
Apply by mail : singhi.motor@gmail.com Mob-9078339020

See Career Appointment on every Wednesday & Saturday

**SB SAHOO & CO PVT LTD**
BHUBANESWAR
We are hiring **Marketing Executive** and **Accounting Professional**.
Salary is not a barrier for the right talent
Email : sbsahoo2005@yahoo.co.in
Mobile : 9124560515

**WE ARE HIRING**
Career Point Rayagada is conducting a Walk-in-interview from 16th November 2025 10 A.M. to 5 P.M.
Since : 1993
Business Development Exec (10 pos) — Qualification : B.B.A/M.B.A, Experience : 1-2 years
Counseling (Tele Caller)(2 pos) — Qualification : Graduate/M.B.A, Experience : Experience / Fresher
Manager (2 pos) — Qualification : M.B.A, Experience : 3-5 years
Preferred Language : Eng, Hindi, Odia & Telegu
**CAREER POINT**
Raniguda Farm, 7th Lane, Near Mangala Mandir, Fire Station Square
Phone No. - 9692828512 / 8144328512 / 7846868512

ଧରିତ୍ରୀ DHARITRI Oriya daily
ଧରିତ୍ରୀ 51 Years
**WANTED**

| POSITION | ELIGIBILITY | LOCATION |
| --- | --- | --- |
| CIRCULATION EXECUTIVES | ▸ 2-3 years sales experience in print media.<br>▸ Oversee distribution to subscribers, retailers & customers.<br>▸ Willingness to travel & keep in touch with agents. Collection of outstanding dues. Own bike or transport will be preferred.<br>▸ Proficiency in MS-Office. | BHUBANESWAR, ANGUL & SAMBALPUR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com



**ସଂକ୍ଷେପରେ**

## ଲକ୍ଷ୍ମୀଧର ସାର୍‌ଙ୍କ ସ୍ମୃତିରେ ଗୀତା ଯଜ୍ଞ ବେଦ ପାଠ

ଅସ୍ତରଙ୍ଗ,୧୧।୧୧(ମମତା ଜେନା)

କାକଟପୁର ବ୍ଲକ କଣ୍ଟାପଡ଼ା ପଞ୍ଚାୟତ ଗମ୍ଭାରୀପଦା ଗ୍ରାମର ଆଦର୍ଶ ଶିକ୍ଷକ ଲକ୍ଷ୍ମୀଧର ସାର୍‌ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ସାର୍‌ଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅତିଥି ଭାବେ ବରିଷ୍ଠ ଆଇନଜୀବି ପ୍ରଫୁଲ୍ଲ ନାୟକ, ଇଂ. ଇନ୍‌ଚିଫ ଗତିକୃଷ୍ଣ ପ୍ରସାଦ, ସୁପର ଟେଣ୍ଡିଂ ଇଂ. ନିରୋଜ କୁମାର ଦାଶ, ସମରେନ୍ଦ୍ର ଦୀକ୍ଷିତ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ବାସନ୍ତୀ ନାୟକ, ନଳିନୀ କାନ୍ତ ଦୀକ୍ଷିତ, ବିଶ୍ୱଜିତ ଦାଶ, ଦୀପକ ଶତପଥି, ଜଳନ୍ଧର ନାୟକ, ଅଭୟ ଖୁଣ୍ଟିଆ, ଅରକ୍ଷିତ କାଣ୍ଡି, ଅବଧୂତ ସ୍ୱାଇଁ, ଯଶୋବନ୍ତ ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଲକ୍ଷ୍ମୀଧର ସାର୍‌ଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ସତ୍‌ସଙ୍ଗ ମେଳା ଶୁକପୋଖରୀ ପକ୍ଷରୁ ଶରତ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଗୀତା ଯଜ୍ଞ, ବେଦ ଧ୍ୱନି ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଗ୍ରାମବାସୀଙ୍କ ସମେତ ପରିବାର ବନ୍ଧୁବର୍ଗ ଓ ଆତ୍ମୀୟ ସ୍ୱଜନ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦର ତ୍ରିଦିବସୀୟ ଅଧିବେଶନ

### ପ୍ରତିନିଧିତ୍ୱ କଲେ ଯୁବକବି ସର୍ବାଣୀ ଦାସ

ପୁରୀ,୧୧।୧୧(ଅଜିତ୍ କୁମାର ମହାନ୍ତି)

ମଧ୍ୟପ୍ରଦେଶର ରେବାଠାରେ ୭ରୁ ୯ ତାରିଖ ପର୍ଯ୍ୟନ୍ତ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ତ୍ରିଦିବସୀୟ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଭାରତର ପୂର୍ବତନ ରାଷ୍ଟ୍ରପତି ଉକ୍ତ ଅଧିବେଶନକୁ ଉଦ୍ଘାଟନ କରି ଆତ୍ମବୋଧରୁ ବିଶ୍ୱବୋଧ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସମଗ୍ର ଭାରତ ବର୍ଷରୁ ୫ ଶହରୁ ଊର୍ଦ୍ଧ୍ୱ ସାହିତ୍ୟିକ, ସାମ୍ବାଦିକ, ସାମାଜିକ କର୍ମୀ ଏବଂ ବିଦ୍ୱାନ ଅଧିବେଶନରେ ଯୋଗଦେଇ ଏକ ବିଶାଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପୁରୀ ଶାଖାର ସଂଯୋଜିକା -ସର୍ବାଣୀ ଦାସ ପୁରୀକୁ ପ୍ରତିନିଧିତ୍ୱ କରିଥିଲା ବେଳେ ପୁରୀରୁ ପ୍ରବାସିନୀ ମିଶ୍ର, ପୌର୍ଣ୍ଣମାସୀ ଦେବୀ, ମିନତି ମିଶ୍ର, ଶରତ ମିଶ୍ର, ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ବହୁଭାଷୀ କବିତା ପାଠ କରିଥିଲେ।

# ଶ୍ରୀମନ୍ଦିର ପ୍ରବେଶରେ ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯାଉ

- ଆଜି ଅନୁଷ୍ଠିତ ହେବ ବୈଠକ
- ସାମିଲ ହେବେ ବିଭିନ୍ନ ସଂଗଠନ ସହ ପୁରୀ ବାସିନ୍ଦା

ପୁରୀ,୧୧।୧୧(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରତ୍ୟେକ ଓଡ଼ିଆଙ୍କ ଆରାଧ୍ୟ ତଥା ପ୍ରାଣର ଠାକୁର। ମହାପ୍ରଭୁଙ୍କ ଟିକିଏ ଦର୍ଶନ ନିମନ୍ତେ ଭକ୍ତ ଆକୁଳ ହୋଇଥାଏ। ମାତ୍ର ଦିନକୁ ଦିନ ମହାପ୍ରଭୁଙ୍କ ଦର୍ଶନ କରିବାରେ ଭକ୍ତଙ୍କ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି। ବିଶେଷ କରି ପୁରୀ ସ୍ଥାୟୀ ବାସିନ୍ଦାଙ୍କ ଦୁଃଖ ନ କହିଲେ ଭଲ। ପର୍ବପର୍ବାଣୀ ଦିନ ନ କହିବା ଭଲ ଏପରିକି ସାଧାରଣ ଦିନରେ ମଧ୍ୟ ପୁରୀବାସୀ ଶ୍ରୀମନ୍ଦିର ପ୍ରବେଶ କରିବା ପାଇଁ ସମସ୍ୟା ଭୋଗୁଛନ୍ତି। ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ତେଣୁ ପୁରୀବାସୀ ସେମାନଙ୍କ ହକ୍ ପାଇଁ ଏବେ ଅଣ୍ଟା ଭିଡ଼ିଛନ୍ତି। ଏଥିରେ ସେବାୟତଙ୍କର ମଧ୍ୟ ସମର୍ଥନ ରହିଥିବା ଦେଖିବାକୁ ମିଳିଛି। ପୁରୀବାସୀ ଯେପରି ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ନେଇ ସେବାୟତମାନେ ମଧ୍ୟ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଖାଲି ସେବାୟତ କାହିଁକି ବିଭିନ୍ନ ସଂଗଠନ ଠାରୁ ଆରମ୍ଭ କରି ବ୍ୟକ୍ତିବିଶେଷ ଏନେଇ ସ୍ୱର ଉତ୍ତୋଳନ ଆରମ୍ଭ କରିଛନ୍ତି। ପ୍ରଶାସନର ମନମୁଖୀ କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ପ୍ରତ୍ୟେକ କାର୍ଯ୍ୟରେ ପୁରୀବାସୀ ଶ୍ରୀମନ୍ଦିରକୁ ଯାଇଥାନ୍ତି। ମଙ୍ଗଳ ଆଳତୀ ଠାରୁ ଆରମ୍ଭ କରି ରାତ୍ରପହୁଡ଼ ପର୍ଯ୍ୟନ୍ତ ପୁରୀର ଅନେକ ବାସିନ୍ଦା ପ୍ରତ୍ୟହ ଯାଇଥାନ୍ତି। ଏପରିକି ମାଙ୍ଗଳିକ କାର୍ଯ୍ୟରେ ମହାପ୍ରଭୁଙ୍କ ମହାପ୍ରସାଦରୁ ଆରମ୍ଭ କରି ଲଡ୍ଡୁ ମାହାର୍ଦ୍ଦର ଆବଶ୍ୟକତା ପଡ଼ିଥାଏ। ପୁରୀବାସିନ୍ଦା ଶ୍ରୀମନ୍ଦିରକୁ ଏକାଧିକ ଥର ଦର୍ଶନ ପାଇଁ ଯାଇଥାନ୍ତି। ଶ୍ରୀମନ୍ଦିର ପୁରୀ ଅଧିବାସୀ ଶ୍ରୀମନ୍ଦିର ସହ ଓତଃପ୍ରୋତ ଭାବେ ଜଡ଼ିତ, ମାତ୍ର ପ୍ରଶାସନ ବ୍ୟବସ୍ଥା ଫଳରେ ପୁରୀବାସୀ ଶ୍ରୀମନ୍ଦିରକୁ ଯିବାଆସିବାରେ ସମସ୍ୟା ଭୋଗୁଛନ୍ତି। ଶ୍ରୀମନ୍ଦିର ପ୍ରବେଶରେ ତାଙ୍କୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ ଲାଗି ସହରବାସୀ ଏକାଠି ହେଉଛନ୍ତି। ଏଥିପାଇଁ ପୁରୀବାସୀଙ୍କ ପକ୍ଷରୁ ସ୍ୱତନ୍ତ୍ର ପ୍ରବେଶ ଅଭିଯାନ ନାମକ ଏକ ୱାର୍ଟସ ଗ୍ରୁପ କରାଯିବା ସହ ବୁଧବାର ଏକ ସଭା ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସେବାୟତ, ମଠାଧୀଶ, ସଂଗଠନ, ସାମାଜିକ କର୍ମୀ, ଖବରଦାତା, ବରିଷ୍ଠ ନାଗରିକ, ଅଧିବକ୍ତା, ମହିଳା ଏବଂ ସମସ୍ତ ପୁରୀ ଅଧିବାସୀଙ୍କୁ ଉପସ୍ଥିତ ରହିବାକୁ ନିବେଦନ କରାଯାଇଛି।



ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ 'ହୃଦୟର କଳାକାର' କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଜ୍ଞାନ ମେଳା

ପିପିଲି,୧୧।୧୧(ଦୁର୍ଗା ମାଧବ ମିଶ୍ର)

ଗୋବିନ୍ଦପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସମନ୍ୱିତ ବିଜ୍ଞାନ ମେଳା ସେକ୍ସାମ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବିଭୂତି ଭୂଷଣ ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ପିପିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ରାଉତ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ପିପିଲି ମହାବିଦ୍ୟାଳୟ ଅଧ୍ୟାପକ ସତ୍ୟନାରାୟଣ ସାମନ୍ତରାୟ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସତ୍ୟବ୍ରତ ଜେନା, ପିପିଲି ସାଂସ୍କୃତିକ ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର, ଅନ୍ତର୍ଜାତୀୟ କ୍ଷେତ୍ରରେ ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରଦର୍ଶନୀରେ ମୋଟ ୧୨୮ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ହେମନ୍ତ ପ୍ରଧାନ, ସୁଚରିତା ସାହୁ, ମହେନ୍ଦ୍ର ଡାଙ୍ଗୁଆ, ରାମକୃଷ୍ଣ ବାରିକ, ମହାତ୍ମା ମହାରଣା, ଜୟନ୍ତ ମଲ୍ଲିକ ଯୋଗ ଦେଇଥିଲେ। ଏହି ମେଳାକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକ ପରିଚାଳନା କରିଥିବାବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ଆସନ୍ତା ବାର୍ଷିକ ଉତ୍ସବରେ ସମ୍ମାନିତ କରାଯିବ ବୋଲି ବିଦ୍ୟାଳୟ ଅଧକ୍ଷ ସୂଚନା ଦେଇଛନ୍ତି।

## ପଞ୍ଚତୀର୍ଥ ପରିକ୍ରମା ଭଜନ ସନ୍ଧ୍ୟା-୨୦୨୫

ପୁରୀ,୧୧।୧୧ (ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ପରିକ୍ରମା ଉପଲକ୍ଷେ ସିଦ୍ଧମହାବୀର ଆଞ୍ଚଳିକ ପରିଷଦ ପକ୍ଷରୁ ସୋମବାର ସନ୍ଧ୍ୟାରେ ପଞ୍ଚତୀର୍ଥ ପରିକ୍ରମା ଭଜନ ସନ୍ଧ୍ୟା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ହନୁମାନ ଭଜନରେ ପ୍ରକମ୍ପିତ ହୋଇଛି ସିଦ୍ଧମହାବୀର ମାଟି। ସିଦ୍ଧମହାବୀର ଦେବଙ୍କ ମୁଖ୍ୟ ପୂଜକ ବିଜୁପ୍ରସାଦ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସିଦ୍ଧମହାବୀର ଦେବଙ୍କ ନିକଟରୁ ଆଜ୍ଞାମାଳ ଆସିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଆରମ୍ଭ ହୋଇଥିଲା। ଅତିଥି ଭାବେ ରାକେଶ ମିଶ୍ର, ଚକ୍ରଧର ମହାପାତ୍ର, ବଦ୍ରି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚତୀର୍ଥ ପରିକ୍ରମା ଭଜନ ସନ୍ଧ୍ୟା-୨୦୨୫ରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ସୌରଭ ନାୟକ, ସତ୍ୟପ୍ରିୟ ମହାପାତ୍ର, ରାଜେନ୍ଦ୍ର ମିଶ୍ର, ଦେବସ୍ମିତା ଆଚାର୍ଯ୍ୟ, ପ୍ରଜ୍ଞା ପାରମିତା, ଆୟୁଷ୍ମାନ୍ ପଣ୍ଡା, ବ୍ରହ୍ମମୋହନ ଜୀ, ସୌଭାଗ୍ୟ ମିଶ୍ର, ଦର୍ଶନା କର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ସିଦ୍ଧମହାବୀର ଆଞ୍ଚଳିକ ପରିଷଦର ଆବାହକ ବିଜୟ ତ୍ରିପାଠୀ, ଅମରେନ୍ଦ୍ର ପାଇକରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ଭୂୟାଁ, ନୃସିଂହ ପ୍ରଧାନ, କିଶୋର ପାଢ଼ୀ, ବିଷ୍ଣୁ ପ୍ରସାଦ ମିଶ୍ର, ଜଗନ୍ନାଥ ମିଶ୍ର, ସ୍ୱାଧୀନ ପଣ୍ଡା, ସୁକାନ୍ତ ପ୍ରଧାନ, ଅମରେନ୍ଦ୍ର ପାଇକରାୟ, ବିଜୟ ପଟ୍ଟନାୟକ, ରଜତ ରାମ, ଅଭିଷେକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପିଏନ୍ କଲେଜ କ୍ୟାମ୍ପସ୍‌ରେ ଅଣଛାତ୍ରଙ୍କ ଆତଙ୍କ

ଖୋର୍ଦ୍ଧା,୧୧।୧୧(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ(ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ ଅଣଛାତ୍ରଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅନେକ ସମୟରେ ଅଣଛାତ୍ର ଏବଂ ଅସାମାଜିକ ବ୍ୟକ୍ତି କ୍ୟାମ୍ପସ ପରିସରରେ ପଶି ଆତଙ୍କ ସୃଷ୍ଟି କରୁଛନ୍ତି। ଫଳରେ ଛାତ୍ରଛାତ୍ରୀମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏହିକ୍ରମରେ ମଙ୍ଗଳବାର ମଧ୍ୟାହ୍ନରେ କେତେଜଣ ଅଣଛାତ୍ର ଦୁଇଟି କାର୍ ଏବଂ ଦୁଇଟି ବାଇକ୍ ଧରି ମହାବିଦ୍ୟାଳୟ ପଛପଟ ଗେଟ୍ ଦେଇ କ୍ୟାମ୍ପସ ପରିସରକୁ ପ୍ରବେଶ କରିଥିଲେ। ଏହା ପରେ ସେମାନେ ଖେଳପଡ଼ିଆରେ ଓପନ କାର୍ ଓ ବାଇକ୍‌ରେ ଷ୍ଟଣ୍ଟ କରିଥିଲେ। ଫଳରେ ଖେଳପଡ଼ିଆରେ ଉପସ୍ଥିତ ଛାତ୍ରଛାତ୍ରୀମାନେ ସେଠାରୁ ଭୟରେ ଦୌଡ଼ିବାକୁ ଲାଗିଥିଲେ। ଖବରପାଇ କଲେଜ କର୍ତ୍ତୃପକ୍ଷ ଏବଂ କେତେଜଣ ଛାତ୍ର ସେଠାରେ ପହଞ୍ଚି ଏହାର ବିରୋଧ କରିଥିଲେ। ଏନେଇ କଲେଜ କର୍ତ୍ତୃପକ୍ଷ ଏବଂ ଅଣଛାତ୍ରଙ୍କ ମଧ୍ୟରେ ଯୁକ୍ତିତର୍କ ଏବଂ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଭ୍ୟାନ୍ ପହଞ୍ଚିବା ଖବରପାଇ ଅଣଛାତ୍ରମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ପୋଲିସକୁ ଖବରଦେଲେ କିମ୍ବା କ୍ୟାମ୍ପସ ଭିତରକୁ ଆସିବାକୁ ମନାକଲେ ପରିସ୍ଥିତି ଭୟାନକ ହେବ ବୋଲି ଚେତାବନୀ ଦେଇ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ମହାବିଦ୍ୟାଳୟ ଅଧକ୍ଷଙ୍କ ଅଭିଯୋଗକ୍ରମେ ଶିକ୍ଷାଞ୍ଚଳ ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା। କେତେଜଣ ଛାତ୍ରଛାତ୍ରୀ କହିଛନ୍ତି ଯେ, କ୍ୟାମ୍ପସ ଆଗ ଏବଂ ପଛପଟ ମୁକୁଳା ପଡ଼ିଥିବାରୁ ସବୁ ସମୟରେ ଅଣଛାତ୍ର ଏବଂ ନିକଟସ୍ଥ ଅଞ୍ଚଳର କେତେଜଣ ଅସାମାଜିକ ବ୍ୟକ୍ତି କ୍ୟାମ୍ପସ ଭିତରେ ପଶି ଆତଙ୍କ ସୃଷ୍ଟି କରୁଛନ୍ତି। ଏହା ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି। ଏମାନଙ୍କ ଉପରେ ଅଙ୍କୁଶ ଲାଗିବା ଜରୁରୀ। ଅନ୍ୟପକ୍ଷରେ ଶିକ୍ଷାଞ୍ଚଳ ଥାନାଧିକାରୀ ଉମେଶ ସିଂହ କହିଛନ୍ତି ଯେ, ଅଭିଯୋଗ ପାଇ ତୁରନ୍ତ ଏକ ପୋଲିସ ଭ୍ୟାନ ପଠାଯାଇଥିଲା। ଖେଳପଡ଼ିଆରେ ଷ୍ଟଣ୍ଟ କରୁଥିବା କାର୍ ଏବଂ ବାଇକ୍ ନମ୍ବରକୁ ଚିହ୍ନଟ କରାଯାଉଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଧରାଯାଇଛି। କ୍ୟାମ୍ପସ ଭିତରେ ଅଣଛାତ୍ର ପ୍ରବେଶ ଏବଂ ଅସାମାଜିକ ବ୍ୟକ୍ତି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ନିଖୋଜ ନାବାଳିକା ଝିଅଙ୍କୁ ଉଦ୍ଧାର କଲା ପୋଲିସ

ପୁରୀ,୧୧।୧୧(ଅଜିତ୍ କୁମାର ମହାନ୍ତି)

ଗତ ମାସ ୩୧ ତାରିଖରେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣ ହରିଜନ ବସ୍ତି ଅଞ୍ଚଳର ନିଖୋଜ ଥିବା ୧୪ ବର୍ଷୀୟ ନାବାଳିକାକୁ ପୋଲିସ ଉଦ୍ଧାର କରିଛି। ନାବାଳିକା ନିଖୋଜ ହୋଇଥିବା ନେଇ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ୫୧୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। କୁମ୍ଭାରପଡ଼ା ଥାନା ପୋଲିସ ଦ୍ୱାରା ତଦନ୍ତ ଆଧାରରେ ନିଖୋଜ ନାବାଳିକାକୁ ମଙ୍ଗଳବାର ଉଦ୍ଧାର କରିବାରେ ସଫଳ ହୋଇଛି। ଉଦ୍ଧାର ହୋଇଥିବା ଝିଅଙ୍କୁ ନିୟମ ଅନୁଯାୟୀ ମେଡିକାଲ ପରୀକ୍ଷା ପରେ ତାଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଛି।

IFFCO
**ଚାଷୀଭାଇମାନଙ୍କୁ ନିବେଦନ**
ଶ୍ରଦ୍ଧେୟ ଚାଷୀଭାଇ,
ଦୟାକରି ଇଫ୍‌କୋର ଉନ୍ନତ ଉତ୍ପାଦ - ନାନୋ ୟୁରିଆ, ନାନୋ ଡିଏପି, ନାନୋ ଜିଙ୍କ୍, ନାନୋ କପର୍ ଆଦିକୁ କୌଣସି ବାଧ୍ୟବାଧକତାରେ କିମ୍ବା ଅନୁପଯୁକ୍ତ ଟ୍ୟାଗିଂ କାରଣରୁ କିଣନ୍ତୁ ନାହିଁ। ସେଗୁଡ଼ିକୁ କେବଳ ନିଜର ସ୍ୱଇଚ୍ଛାରେ କିଣନ୍ତୁ।
ଯଦି ସେଥିପାଇଁ କେହି ଆପଣଙ୍କୁ ବାଧ୍ୟ କରିବାର ଚେଷ୍ଟା କରନ୍ତି ତେବେ ସେ ବିଷୟରେ ତୁରନ୍ତ ଇଫ୍‌କୋର ଆଞ୍ଚଳିକ କାର୍ଯ୍ୟାଳୟ ଅଥବା ଜିଲ୍ଲା କୃଷି ଅଧିକାରୀଙ୍କୁ ସୂଚନା ଦିଅନ୍ତୁ ନଚେତ୍ ତଳେ ଦିଆଯାଇଥିବା ଟୋଲ୍-ଫ୍ରି ନମ୍ବରରେ କଲ୍ କରନ୍ତୁ। ଆପଣଙ୍କ ସତର୍କତା ହିଁ ଆମର ସାମୂହିକ ସମ୍ପତ୍ତିକୁ ସୁନିଶ୍ଚିତ କରିବ।
ଆମେ ଆପଣଙ୍କୁ ଏହା ମଧ୍ୟ ସୂଚିତ କରିବାକୁ ଚାହୁଁଅଛୁ ଯେ, ଯଦି କୌଣସି ଡିଲର, ରିଟେଲର କିମ୍ବା ସାର ବିକ୍ରେତା ଏପରି ଟ୍ୟାଗିଂ କାର୍ଯ୍ୟରେ ସଂଶ୍ଳିଷ୍ଟ ଥାଆନ୍ତି ତେବେ ଇଫ୍‌କୋ ସେମାନଙ୍କ ସହିତ ସମସ୍ତ ବ୍ୟବସାୟ ସମ୍ପର୍କକୁ ଛିନ୍ନ କରିବା ସହ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।
ଟୋଲ୍ ଫ୍ରି ନମ୍ବର: 1800 103 1967
ମୁଖ୍ୟ ପ୍ରବନ୍ଧକ ଜନସମ୍ପର୍କ

CAREER APPOINTMENT
B/W : ₹ 350 per sq.cm
Colour : ₹ 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com
ON EVERY WEDNESDAY & SATURDAY

WANTED : A reputed Trading house at BBSR needs
- Jr. Accountant - with min. 2-3 yrs. exp. in Tally
- Office Asst. - with Computer Knowledge
Attractive Salary & other benefits with immediate recruitment
Apply by mail : singhi.motor@gmail.com Mob-9078339020

See Career Appointment on every Wednesday & Saturday

SB SAHOO & CO PVT LTD
BHUBANESWAR
We are hiring Marketing Executive and Accounting Professional.
Salary is not a barrier for the right talent
Email : sbsahoo2005@yahoo.co.in
Mobile : 9124560515

WE ARE HIRING
Career Point Rayagada is conducting a Walk-in-interview from 16th November 2025 10 A.M. to 5 P.M.
Business Development Exec (10 pos) Qualification : B.B.A/M.B.A Experience : 1-2 years
Counseling (Tele Caller)(2 pos) Qualification : Graduate/M.B.A Experience : Experience / Fresher
Manager (2 pos) Qualification : M.B.A Experience : 3-5 years
Preferred Language : Eng, Hindi, Odia & Telegu
CAREER POINT
Ranguda Farm, 7th Lane, Near Mangala Mandir, Fire Station Square
Phone No. - 9692828512 / 8144328512 / 7846868512

# ଆପତ୍ତିଜନକ ଫଟୋ ଭାଇରାଲ କରି ଯୁବକ ଗିରଫ

କାକଟପୁର/ଅସ୍ତରଙ୍ଗ,୧୧।୧୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

କାକଟପୁର ଥାନା ଅଞ୍ଚଳର ଜଣେ ଝିଅଙ୍କର ଆପତ୍ତିଜନକ ଫଟୋ ଭାଇରାଲ୍ କରିଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗୁଡ଼ୁ ଦଳାଇ(୨୦)। ସୂଚନାଯୋଗ୍ୟ, କାକଟପୁର ଥାନା ଅଞ୍ଚଳର ୧୮ ବର୍ଷୀୟ ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ସେ ପଢ଼ୁଥିବା ସମୟରୁ ଗୁଡ଼ୁଙ୍କ ସହ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। କିଛିଦିନ ପରେ ଉଭୟ ଭିଡିଓ କଲ୍‌ରେ କଥା ହେବା ସମୟରେ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫଟୋ ଦେଖାଇବା ପାଇଁ ପ୍ରେମିକ ଜଣକ ବାଧ୍ୟ କରିଥିଲେ। ଏମିତିକି ବିଷ ଖାଇଦେବେ ବୋଲି ଧମକାଇଥିଲେ। ଶେଷରେ ଉପାୟଶୂନ୍ୟ ହୋଇ ଭିଡିଓ କଲ୍‌ରେ କଥା ହୋଇଥିଲେ। କିନ୍ତୁ ବିଶ୍ୱାସଘାତକ ସାଜିଥିବା ପ୍ରେମିକ ଫୋନ୍‌ରେ ଆପତ୍ତିଜନକ ଫଟୋ ସ୍କ୍ରିନ ସଟ୍ ମାରି ଭାଇରାଲ୍ କରିଥିଲେ। ଏଥିସହ କିଛି ଫଟୋ ଓ ଭିଡିଓ ଭାଇରାଲ୍ ହୋଇଥିବା ଜାଣିବା ପରେ ପ୍ରେମିକା ଜଣକ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ୍ ନମ୍ବର ୩୧୮/୨୫ରେ ମାମଲା ରୁଜୁ କରିବା ସହ ଗୁଡ଼ୁ ଦଳାଇ ଓରଫ ବର୍ଷ (୨୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା କାକଟପୁର ଥାନାଧିକାରୀ ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ପରିକ୍ରମା ମାର୍ଗ ପାର୍ଶ୍ୱ ଅଳିଆ ଗଦାରେ ନିଆଁ

ପୁରୀ,୧୧।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ନିକଟ ଏମାର ମଠ ପାର୍ଶ୍ୱରେ ପଡ଼ିଥିବା ଅଳିଆ ଗଦାରେ ନିଆଁ ଲାଗିଥିବା ନେଇ ସୂଚନା ମିଳିଛି ଅଗ୍ନିକାଣ୍ଡରେ କୌଣସି କ୍ଷୟକ୍ଷତି ହୋଇ ନ ଥିବାବେଳେ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିଶମ କର୍ମଚାରୀଙ୍କ ପାଇଁ ବଡ଼ ଅଗ୍ନିକାଣ୍ଡକୁ ରୋକାଯାଇ ପାରିଛି। ସୂଚନାଯୋଗ୍ୟ, ମଙ୍ଗଳବାର ସନ୍ଧ୍ୟାରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଏମାରମଠ ନିକଟରେ ପଡ଼ିଥିବା ଅଳିଆ ଗଦାରେ ନିଆଁ ଲାଗିଥିଲା। ନିଆଁ ଲାଗି ପ୍ରବଳ ଧୂଆଁ ଉଠୁଥିଲା। ଅଳିଆ ଗଦାରେ ନିଆଁ ଲାଗିଥିବା ଜଣାପଡ଼ିବା ପରେ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ। କିଛି ସମୟ ପରେ ନିଆଁକୁ ଆୟତ କରିବାରେ ଅଗ୍ନିଶମ କର୍ମଚାରୀ ସଫଳ ହୋଇଥିଲେ। ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପାର୍ଶ୍ୱରେ ପ୍ରତିଦିନ ଅଳିଆ ଅଣାଯାଇ ପକାଯାଉଛି। ଶ୍ରୀମନ୍ଦିର ଚାରିପାଖକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ଦୃଷ୍ଟି ଦିଆଯାଉ ବୋଲି ବିଭିନ୍ନ ମହଲରେ ଦାବି କରାଯାଉଛି।

## ହଷ୍ଟେଲ୍‌ରେ ଛାତ୍ରୀଙ୍କ ଆତ୍ମହତ୍ୟା

ପୁରୀ,୧୧।୧୧(ଅଜିତ୍ କୁମାର ମହାନ୍ତି)

କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଦଣ୍ଡଠୋଟା ଅଞ୍ଚଳରେ ଥିବା ଏକ ହଷ୍ଟେଲ୍‌ରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଛାତ୍ରୀ ଜଣଙ୍କ ହେଲେ ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ରେ ଅଧ୍ୟୟନ କରୁଥିବା ଡେଲାଙ୍ଗ ଜୁଙ୍ଗର ଅଞ୍ଚଳର ସୁଜାତା ପ୍ରଧାନ(୧୯)। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ମୃତ ଛାତ୍ରୀଙ୍କ ମା' ସସ୍ମୀରାଣୀ ପ୍ରଧାନ କହିଛନ୍ତି, ଝିଅ ଗାଁକୁ ଯାଇଥିବା ବେଳେ ଅନ୍ୟମନସ୍କ ରହୁଥିଲେ। କିଛି ଟଙ୍କା ନେଇ ଘରୁ ଆସିଥିଲେ। ସୋମବାର ସନ୍ଧ୍ୟାରେ ଫୋନ୍‌ରେ ଝିଅ ସହ କଥା ହୋଇଥିଲୁ। ଟଙ୍କା କାରବାରକୁ ନେଇ ଆତ୍ମହତ୍ୟା କରିଥାଇପାରେ ବୋଲି ଅନୁମାନ କରଯାଉଛି। ଆଗରୁ ଝିଅ ଘରୁ ଯିବାଆସିବା କରୁଥିଲା, ମାତ୍ର ୪ମାସ ହେବ ଆସି ପୁରୀରେ ହଷ୍ଟେଲରେ ରହୁଥିଲେ।

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
| --- | --- | --- |
| CIRCULATION EXECUTIVES | • 2-3 years sales experience in print media.<br>• Oversee distribution to subscribers, retailers & customers.<br>• Willingness to travel & keep in touch with agents. Collection of outstanding dues. Own bike or transport will be preferred.<br>• Proficiency in MS-Office. | BHUBANESWAR, ANGUL & SAMBALPUR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com





ଐତିହାସିକ 'ବାଲିଯାତ୍ରା କଟକ'ର ୭ମ ଦିନରେ ମଙ୍ଗଳବାର ଆୟୋଜିତ ମହାନଦୀ ବୋଇତ ପ୍ରତିଯୋଗିତା।

# ମହାନଦୀ ବୋଇତ ପ୍ରତିଯୋଗିତା ଉଦ୍‌ଘାଟିତ

## ଆକର୍ଷଣ ପାଲଟିଲା ଜେଟ୍ ସ୍କି ଶୋ'

କଟକ,୧୧।୧୧(ଶିଳ୍ପା ପ୍ରିୟଦର୍ଶିନୀ)

'ଐତିହାସିକ ବାଲିଯାତ୍ରା କଟକ'ର ସପ୍ତମ ଦିନ ମଙ୍ଗଳବାର ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ କଟକ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ମହାନଦୀ ବୋଇତ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରି କହିଛନ୍ତି ଯେ, ମହାନଦୀ ବୋଟ୍ ରେସିଂ ଏକ ପ୍ରତିଯୋଗିତା ଅପେକ୍ଷା ଅଧିକ। ଏହା ଆମ ପୂର୍ବପୁରୁଷଙ୍କ ସାହସ ଓ ଉଦ୍ୟୋଗ ପ୍ରତି ଏକ ଶ୍ରଦ୍ଧାଞ୍ଜଳି, ଯେଉଁମାନେ ସମୁଦ୍ରରେ ନୌଚାଳନା କରିବା ସହ ଓଡ଼ିଶାର ନୌବାଣିଜ୍ୟ ଐତିହ୍ୟକୁ ଋଦ୍ଧିମନ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ଆମର ଗୌରବମୟ ଅତୀତକୁ ଆଜିର ଏକ ସ୍ପନ୍ଦନଶୀଳ ଓ ଯୁବ ଓଡ଼ିଶାର ଆକାଂକ୍ଷା ସହିତ ସଂଯୋଗ କରେ ବୋଲି ସେ ପ୍ରକାଶ କରିଥିଲେ। ଗଡ଼ଗଡ଼ିଆ ଘାଟ ଓ ସିଲ୍‌ଭର ସିଟି ବୋଟ୍ କ୍ଲବ୍ ପରିସରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ପ୍ରଥମକରି ଆୟୋଜିତ ଏହି ପ୍ରତିଯୋଗିତା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ୧୦୦୦ ମିଟର, ୫୦୦ ମିଟର ଏବଂ ୨୦୦ ମିଟରର ପ୍ରତିଯୋଗିତାମୂଳକ ଫର୍ମାଟ ରହିଥିଲା। ଦେଶର ମୋଟ ୧୫ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ବିହାର, ଦିଲ୍ଲୀ, ହରିୟାଣା, ଝାଡ଼ଖଣ୍ଡ, ପଞ୍ଜାବ, ରାଜସ୍ଥାନ, ଉତ୍ତରପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ୧୦ ପୁରୁଷ ଦଳ ଓ ୫ ମହିଳା ଦଳ ଅନ୍ତର୍ଭୁକ୍ତ ଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜେଟ୍ ସ୍କି ଶୋ' ପ୍ରାୟ ୩୦ ମିନିଟ ଧରି ଚାଲିଥିଲା, ଯେଉଁଥିରେ ମହାନଦୀରେ ସ୍ପିଡ୍ ବୋଟ୍ ଓ ୱାଟର ପାଇପ୍ ଯୋଗେ ମନୋରମ ଜଳକ୍ରୀଡ଼ା ପ୍ରଦର୍ଶନ କରାଯାଇଥିଲା। ଅନ୍ୟପଟେ ବୁଧବାର ସନ୍ଧ୍ୟାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଦଳକୁ ପୁରସ୍କୃତ କରିବେ।



ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଅନ୍ୟମାନଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

## ଗୋଟିଏ ଦିନ ବଢ଼ିପାରେ 'ବାଲିଯାତ୍ରା କଟକ'

କଟକ,୧୧।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଐତିହାସିକ 'ବାଲିଯାତ୍ରା କଟକ' ଗତ ୭ଦିନ ଧରି ଚାଲିଥିବାବେଳେ ବୁଧବାର ଉଦ୍‌ଯାପନ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଲୋକଙ୍କ ଆଗ୍ରହ ତଥା ଉତ୍ସାହକୁ ଦୃଷ୍ଟିରେ ରଖି ବାଲିଯାତ୍ରାକୁ ଆଉ ଅଧିକ ଗୋଟିଏ ଦିନ ଅର୍ଥାତ ୧୩ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ। ଏନେଇ ବୁଧବାର ସରକାରଙ୍କ ପକ୍ଷରୁ ଘୋଷଣା କରାଯିବାର ସମ୍ଭାବନା ରହିଛି। ନଭେମ୍ବର ୧୩ରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ୍‌ର ପ୍ରସିଦ୍ଧ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ ସଙ୍ଗୀତ ପରିବେଷଣ କରିବେ ବୋଲି ସୂଚନା ମିଳିଛି।

# ଶିଶୁଙ୍କ ଭିତରେ ଓଡ଼ିଶାର ଭବିଷ୍ୟତ ଲୁଚିରହିଛି



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ କଫି ଟେବୁଲ ପୁସ୍ତକ 'ଷ୍ଟୋରିଜ୍ ଅଫ୍ କେୟାର, କରେଜ ଆଣ୍ଡ ଚେଞ୍ଜ୍'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୧।୧୧(ସୁଚିସ୍ମିତା ସାହୁ)

## ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ-ଉତ୍ସାହ' ଉଦ୍‌ଘାଟିତ

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ-ଉତ୍ସାହ' ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ରାଜ୍ୟ ଶିଶୁ ସୁରକ୍ଷା ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ କଳିଙ୍ଗ ଷ୍ଟାଡିୟମଠାରେ ୫ଦିନ ଧରି ଚାଲିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମନ୍ୱିତ ଶିଶୁ ବିକାଶ ଯୋଜନାର ନିର୍ଦ୍ଦେଶକ ମୋନିଷା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ କୃତ୍ତିବାସ ରାଉତ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରତ୍ୟେକ ଶିଶୁ ମଧ୍ୟରେ ଭରି ରହିଥିବା ପ୍ରତିଭାର ପରିପ୍ରକାଶ ନିମନ୍ତେ 'ମହକ' ଏକ ପ୍ରକୃଷ୍ଟ ମଞ୍ଚ ହେବ। ରାଜ୍ୟର ଶିଶୁମାନଙ୍କ ମଧ୍ୟରେ ଓଡ଼ିଶାର ଆଗାମୀ ଦିନର ଭବିଷ୍ୟତ ସୁପ୍ତ ଭାବେ ରହିଛି। ଉପଯୁକ୍ତ ମାର୍ଗଦର୍ଶନ ଜରିଆରେ ଶିଶୁମାନେ ଉତ୍ତମ ନାଗରିକ ହୋଇପାରିବେ। ସେମାନେ ସଂସ୍କୃତି ନିର୍ମାଣ କରିବା ସହ ଦେଶ ଓ ଜାତିର ବିକାଶରେ ଭାଗୀଦାର ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟର ସମସ୍ତ ଜିଲାରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଶିଶୁ ଅଂଶଗ୍ରହଣ କରିଛନ୍ତି। ଶିଶୁମାନେ ଗୀତ, ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା, ସାଧାରଣ ଜ୍ଞାନ ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପ୍ରତିଭା ପ୍ରଦର୍ଶନ କରିବେ। ଏହି ଅବସରରେ ମିଶନ ବାତ୍ସଲ୍ୟର ସଫଳତା ଉପରେ ଏକ ବୃତ୍ତଚିତ୍ର ପରିବେଷିତ ହୋଇଥିଲା। ଏଥିସହ ଓଡ଼ିଶାରେ ଶିଶୁ ସୁରକ୍ଷା ଯାତ୍ରା ଉପରେ ଆଧାରିତ ଏକ କଫି ଟେବୁଲ ପୁସ୍ତକ 'ଷ୍ଟୋରିଜ୍ ଅଫ୍ କେୟାର, କରେଜ ଆଣ୍ଡ ଚେଞ୍ଜ୍'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ଅବଦୁର ରହେମାନଙ୍କ ଜାମିନ ଆବେଦନ ଖାରଜ

କଟକ,୧୧।୧୧(କାର୍ତ୍ତିକ ସାହୁ)

## ଆତଙ୍କବାଦୀ ଲିଙ୍କ୍ ଅଭିଯୋଗରେ ଗିରଫ ମାମଲା

ଆତଙ୍କବାଦୀ ଲିଙ୍କ୍ ଅଭିଯୋଗରେ ଗିରଫ ହୋଇଥିବା ଅବଦୁର ରହେମାନ୍‌ଙ୍କ ଜାମିନ ଆବେଦନକୁ ପୁଣି ହାଇକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଉଗ୍ରବାଦୀ ସଂଗଠନ ଅଲ୍‌କାଏଦାର ସଦସ୍ୟ ରହି ରହେମାନ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଭଳି ଗୁରୁତର ଅଭିଯୋଗ ଉପରେ ଗୁରୁତ୍ୱ ଦେଇ ହାଇକୋର୍ଟ ରହେମାନଙ୍କ ଜାମିନ ଆବେଦନ ଖାରଜ କରିଛନ୍ତି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ରହେମାନ୍‌ଙ୍କ ପକ୍ଷରୁ ଆଗତ ନିୟମିତ ଜାମିନ ଆବେଦନର ଶୁଣାଣି କରି ଏହି ରାୟ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଆତଙ୍କବାଦୀ ସଂଗଠନ ଅଲ୍‌କାଏଦା ସହ ସମ୍ପର୍କ ଥିବା ଅଭିଯୋଗ ମାମଲାରେ ଦିଲ୍ଲୀର ଏକ ଅଦାଲତ ୨୦୨୩ ଫେବୃଆରୀ ୧୪ରେ ଶୁଣାଣି କରିଥିଲେ। ଅଦାଲତ ଉକ୍ତ ମାମଲାରେ ରହେମାନଙ୍କ ସମେତ ୪ଜଣ ଅଭିଯୁକ୍ତଙ୍କୁ ୭ବର୍ଷ ୫ମାସ ଲେଖାଏ ସଶ୍ରମ କାରାଦଣ୍ଡ ଆଦେଶ ଦେଇଥିଲେ। ତେବେ, କମିଶନରେଟ ପୋଲିସ ସହାୟତାରେ ଦିଲ୍ଲୀ ପୋଲିସ ଅଭିଯୁକ୍ତ ରହେମାନଙ୍କୁ ଜଗତପୁର ଥାନା ଅନ୍ତର୍ଗତ ପଶ୍ଚିମକଚ୍ଛରୁ ୨୦୧୫ ଡିସେମ୍ବର ୧୬ ତାରିଖ ବିଳମ୍ବିତ ରାତିରେ ଗିରଫ କରି ଦିଲ୍ଲୀ ନେଇଥିଲା। ସେଠାରେ ବିଭିନ୍ନ ରାଜ୍ୟର ପୋଲିସ ରହେମାନଙ୍କୁ ଜେରା କରି ତଥ୍ୟ ହାସଲ ପାଇଁ ଉଦ୍ୟମ କରିଥିଲେ। ସେ କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ବିଲତେରୁଆଁ ଅଞ୍ଚଳରେ ଏକ ମଦ୍ରାସା ଖୋଲି ଝାଡ଼ଖଣ୍ଡ, ବିହାର ଅଞ୍ଚଳର ପିଲାଙ୍କୁ ଆଣି ଶିକ୍ଷା ଦେଉଥିଲେ। ଓଡ଼ିଶା ଲିଙ୍କ୍ ସମ୍ପର୍କରେ ଖୋଳତାଡ଼ ପାଇଁ କ୍ରାଇମବ୍ରାଞ୍ଚ ତାଙ୍କୁ ଦୁଇଟି ପର୍ଯ୍ୟାୟରେ ୧୭ ଦିନ ରିମାଣ୍ଡରେ ଆଣି ଜେରା କରିଥିଲା। କ୍ରାଇମବ୍ରାଞ୍ଚ ସାଲେପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ରହେମାନଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ଆତଙ୍କବାଦୀ କାର୍ଯ୍ୟ ପାଇଁ ପାଣ୍ଠି ଓ ଲୋକ ସଂଗ୍ରହ, ଆତଙ୍କବାଦୀ ଷଡ଼ଯନ୍ତ୍ର, ରାଜଦ୍ରୋହ ସୃଷ୍ଟିକାରୀ ଭାଷଣ ଦେବା ଓ ସନ୍ତ୍ରାସବାଦ ସଂଗଠନର ସଦସ୍ୟତା ଗ୍ରହଣ ଅଭିଯୋଗ ରହେମାନଙ୍କ ବିରୋଧରେ ରହିଛି। ଏହି ସବୁ ଦଫାରେ ରୁଜୁ ମାମଲା ଦୌରାଜଜ୍‌ଙ୍କ କୋର୍ଟରେ ବିଚାରଯୋଗ୍ୟ ହୋଇଥିବାବେଳେ କଗ୍‌ନିଜାନ୍ସ ଗ୍ରହଣ ପରେ ମାମଲାଟି ସାଲେପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରୁ କଟକ ଜିଲା ଓ ଦୌରା ଜଜ୍ ଅଦାଲତକୁ ଶୁଣାଣି ପାଇଁ ସ୍ଥାନାନ୍ତର ହୋଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଭଗୀରଥ



@ ସାନିଆ



@ ପଙ୍କଜ



@ ବାପୁ



@ ଶଶୀକାନ୍ତ



@ ବାବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପରିଚୟ ଦେଉଛି ନିମ୍ବ, ଅଳସି, ଜୁଆଣି ମହୁ

## ସଫଳ ଯୁବ ମହୁ ଚାଷୀ ବିବେକାନନ୍ଦ

ଭୁବନେଶ୍ୱର,୧୧।୧୧(ସୁଚିସ୍ମିତା ସାହୁ)

ମହୁ ସାଧାରଣତଃ ବଜାରରେ ଗୋଟିଏ ପ୍ରକାର ଉପଲବ୍ଧ ହୋଇଥାଏ। ହେଲେ ନିମ୍ବ, ଅଳସି, ଆମ୍ବ, ଜୁଆଣି, ଧନିଆ, କରଞ୍ଜ ମହୁ କଥା ଶୁଣିଲେ ନିଶ୍ଚିତ ଆଶ୍ଚର୍ଯ୍ୟ ଲାଗିବ। ମଧୁମେୟ ରୋଗୀଙ୍କ ପାଇଁ ନିମ୍ବ ମହୁ ଓ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଅଳସି ମହୁ। ଋତୁ ଓ ଆବଶ୍ୟକତା ଅନୁସାରେ ଏଭଳି ସ୍ୱାସ୍ଥ୍ୟପ୍ରଦ ଓ ସ୍ୱାଦିଷ୍ଟ ମହୁ ତିଆରି କରି ଏବେ ସ୍ୱତନ୍ତ୍ର ପରିଚୟ ପାଇଛନ୍ତି ଯୁବ ଚାଷୀ ବିବେକାନନ୍ଦ ସାହୁ।

ପାଣିରେ ମହୁ ମିଶାଇ ନିୟମିତ ପିଇଲେ ମୋଟାପଣ ଦୂର ହୋଇଥାଏ। ତୁଳସୀ ସହ ଖାଇଲେ ଥଣ୍ଡା ଭଲ ହୋଇଥାଏ। ଏଭଳି ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟଗତ ଆବଶ୍ୟକତା ଲାଗି ବିବେକାନନ୍ଦ ଦୋକାନ ଓ ଇଣ୍ଟରନେଟ୍‌ରୁ ଶୁଦ୍ଧ ମହୁ ଖୋଜିବୁଲି ଥିଲେ। ହେଲେ ଭଲ ମହୁ ନ ମିଳିବାରୁ ତାଙ୍କ ମନରେ ମହୁ ଚାଷ କରିବାର ଇଚ୍ଛା ଜାଗ୍ରତ ହୋଇଥିଲା। ନିଜ ସ୍ୱପ୍ନ ଆଉ ଜିଦ୍ ପୂରଣ ପାଇଁ ସେ ପାଠପଢ଼ା ସମୟରୁ ହିଁ ମହୁ ଚାଷ କରିବା ଆରମ୍ଭ କରିଥିଲେ। ଏବେ ଏହି ଚାଷ ତାଙ୍କୁ ବର୍ଷକୁ ୫ ଲକ୍ଷ ଟଙ୍କାର ଆୟ ଦେବା ସହ ଜଣେ ସଫଳ ଚାଷୀର ମାନ୍ୟତା ଦେଇଛି। ବିବେକାନନ୍ଦଙ୍କ ବାପା ରମେଶ ଚନ୍ଦ୍ର ସାହୁ ଜଣେ ବହି ବ୍ୟବସାୟୀ ଓ ମାଆ ରୀନା ସାହୁ ଗୃହିଣୀ। ବିବେକାନନ୍ଦ ଯୁକ୍ତ୩ ବିଜ୍ଞାନ ପ୍ରଥମ ବର୍ଷରେ ପଢୁଥିବା ବେଳେ ୨୦୨୦ ମସିହାରୁ ମହୁ ଚାଷ ଆରମ୍ଭ କରିଥିଲେ। ବଡ଼ବାପାଙ୍କ ଭଙ୍ଗା ମହୁ ବାକ୍ସ ଥିଲା ମହୁ ଚାଷ କରିବାର ବଡ଼ ସାହାରା। ଏହି ଚାଷରେ ଦକ୍ଷ ହେବା ସହ ଅଧିକରୁ ଅଧିକ ଜ୍ଞାନ ହାସଲ ଲାଗି ସେ ଯାଜପୁର କୃଷି ବିଜ୍ଞାନ କେନ୍ଦ୍ରଠାରେ ୫ ଦିନିଆ ତାଲିମ ନେଇଥିଲେ। ଏହାପରେ ଭୁବନେଶ୍ୱର ଓୟୁଏଟିରେ ମଧ ପ୍ରଶିକ୍ଷଣ ନେଇଥିଲେ। ତାଲିମ ମାଧ୍ୟମରେ ସେ ମହୁ ବାକ୍ସ ବ୍ୟବହାର, ମହୁ ଚାଷର ଠିକ ଯତ୍ନ, ସମୟୋପଯୋଗୀ ପରିଚାଳନା ଓ ମହୁ ସଂଗ୍ରହ ପ୍ରକ୍ରିୟା ଶିଖିଲେ। ତାଙ୍କର ଉଦ୍ୟମ ଓ ଚେଷ୍ଟା ଯୋଗୁ ବର୍ତ୍ତମାନ ସେ ୩୦୦ରୁ ଊର୍ଦ୍ଧ୍ୱ ବାକ୍ସରେ ମହୁ ଚାଷ କରୁଛନ୍ତି। ଏଥିରୁ ବର୍ଷକୁ ୪ରୁ ୫ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି। ଚାଷରେ ତାଙ୍କୁ ସାନ ଭାଇ ସହଯୋଗ କରୁଛନ୍ତି।

ବର୍ତ୍ତମାନ ସେ ବିଭିନ୍ନ ତାଲିମକେନ୍ଦ୍ରରେ ଲୋକଙ୍କୁ ତାଲିମ ଦେଉଛନ୍ତି। ନିଜ ବିବେକାନନ୍ଦ ସିଦ୍ଧେଶ୍ୱର ହନି ଫାର୍ମ ନାମରେ ଉତ୍ପାଦିତ ମହୁକୁ ଉନ୍ନତମାନର ପାକେଜିଙ୍ଗ କରି ବିକ୍ରି କରୁଛନ୍ତି। ମହୁ ବ୍ୟତୀତ, ମହୁ ବାକ୍ସ, ମହୁ ମାଛିଠାରୁ ଆରମ୍ଭ କରି ଚାଷ ପାଇଁ ଅନ୍ୟାନ୍ୟ ଉପକରଣ ମଧ ବିକ୍ରି କରୁଛନ୍ତି। ତାଙ୍କ ମହୁର ଭଲ ବଜାର ଚାହିଦା ରହୁଥିବା ବିବେକାନନ୍ଦ କହିଛନ୍ତି।





ଯୁବ ଚାଷୀ ବିବେକାନନ୍ଦ ଓ ତାଙ୍କ ସାନ ଭାଇ ବାକ୍ସରୁ ମହୁ ସଂଗ୍ରହ କରୁଛନ୍ତି।

# ମହାପ୍ରଭୁଙ୍କ ପାଇଁ ଆସିଲା ପହୁଆଁ ଭାର

ପୁରୀ/କଣାସ/ନିଆଳି,୧୧।୧୧(ଅଜିତ୍ କୁମାର ମହାନ୍ତି/ଶିଶିର ସ୍ୱାଇଁ/ସୁକାନ୍ତ କୁମାର ସିଂ)

ମାର୍ଗଶିର କୃଷ୍ଣପକ୍ଷ ଅଷ୍ଟମୀକୁ ପ୍ରଥମାଷ୍ଟମୀ ଭାବେ ପାଳନ କରାଯାଏ। ପରମ୍ପରା ଅନୁସାରେ ଉକ୍ତ ଦିନ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କୁ ପହୁଆଁ କରାଯିବ ବା ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ନୀତି ପାଳନ ହେବ। ତେଣୁ ମଙ୍ଗଳବାର ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପାଇଁ ଭାର ପୁରୀ ଆସିଛି। ନିଆଳି ମାଧବ ମନ୍ଦିରରୁ ମାଧବାନନ୍ଦ ଜୀଉ ବିକାଶ ପରିଷଦ ପକ୍ଷରୁ ଏହି ଭାର ଶ୍ରୀକ୍ଷେତ୍ରକୁ ଆସିଛି। ଭାରରେ ଅରୁଆ ଚାଉଳ, ବିରି, ନଡ଼ିଆ, ଗୁଡ଼, ଡାଲି, ପାଚିଲା କଦଳୀ, ଘିଅ, ଚନ୍ଦନ କାଠ, ପାନ, ଗୁଆ, ଅଳେଇଚ, ଲବଙ୍ଗ, ନୂଆ ଲୁଗା ଆଦି ଆସିଥିବା ବେଳେ ମହାପ୍ରଭୁଙ୍କ ଗୋପାଳବଲ୍ଲଭ ପାଇଁ ଫଳମୂଳ, ତୁଳସୀ ଓ ପଦ୍ମଫୁଲ ମାଳ ମଧ ଆସିଛି। ଭାର ସହ ନିଆଳିରୁ ପ୍ରଭୁ ମାଧବାନନ୍ଦ ଜୀଉଙ୍କ ସେବାୟତ ଓ ସ୍ଥାନୀୟ ଲୋକ ଏବଂ ପରିଷଦର ସଦସ୍ୟମାନେ ଆସି ମଙ୍ଗଳବାର ଅପରାହ୍ନରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ସେବକ ଓ ଭକ୍ତମାନେ ପତାକା ଓ ପାରମ୍ପରିକ ବାଦ୍ୟ, ନୃତ୍ୟରେ ପାଇକଆଖଡ଼ା, ବାଡ଼ିଖେଳ, ଲଉଡ଼ି, ସଂକୀର୍ତ୍ତନ ମଣ୍ଡଳୀଙ୍କ ସଂକୀର୍ତ୍ତନରେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଫଳରେ ଶ୍ରୀକ୍ଷେତ୍ରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ପହୁଆଁ ଭାର ଆଣି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦିଆଯାଇଥିଲା। ମଙ୍ଗଳା ପୁରାଣରେ ମହାପ୍ରଭୁଙ୍କ ମାମୁଘର ନିଆଳିର ମାଧବାନନ୍ଦ ଜୀଉ ବୋଲି ଉଲ୍ଲେଖ ରହିଥିବା ପରିଷଦ ପକ୍ଷରୁ ପ୍ରକାଶ କରାଯାଇଛି। ପୂର୍ବରୁ ପହୁଆଁ ଭାର ଆସୁଥିଲା। ତେବେ କେତେକ ସମସ୍ୟା ଯୋଗୁ ଏହା ଆସିପାରି ନ ଥିଲା। ଗତ ୨୦୧୯ ମସିହାରେ ସ୍ଥାନୀୟ ଲୋକମାନେ ଏକାଠି ହୋଇ ପୁଣି ଏହି ପରମ୍ପରା ଆରମ୍ଭ କରିଛନ୍ତି। ଚଳିତ ବର୍ଷ ଏହି ଭାର ସପ୍ତମ ବର୍ଷରେ ପହଞ୍ଚିଛି।



ନିଆଳରୁ ପହୁଆଁ ଭାର ଧରି ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଅଭିମୁଖେ ଯାଉଛନ୍ତି।

# ନୂଆପଡ଼ା: ଭୋଟ ଜାଲିଆତି ଅଭିଯୋଗ ଆଣିଲା ବିଜେଡି

**ଭୁବନେଶ୍ୱର,୧୧।୧୧(ପୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନରେ ନକଲି ଭୋଟର। ନୂଆପଡ଼ାର ଅସଲି ଭୋଟରଙ୍କ ଜାଗାରେ ଛତିଶଗଡ଼ରୁ ଆସିଥିବା ଲୋକ ଭୋଟ ଦେଉଛନ୍ତି। ମଙ୍ଗଳବାର ମତଦାନକୁ ନେଇ ଏପରି ସାଙ୍ଘାତିକ ଅଭିଯୋଗ ଆଣି ଭାଜପା ଉପରେ ବିଜେଡି ଆକ୍ରମଣ କରିଛି। ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ବିଜେଡି ପକ୍ଷରୁ ଅଭିଯୋଗ ଦାଖଲ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ନୂଆପଡ଼ା ଉପନିର୍ବାଚନରେ ବ୍ୟାପକ ହେରଫେରରେ ଭାଜପା ସାମିଲ ଅଛି। ଏକ ବଡ଼ ଷଡ଼ଯନ୍ତ୍ରକ୍ରମେ ଭାଜପା ଛତିଶଗଡ଼ ଓ ଅନ୍ୟାନ୍ୟ ସ୍ଥାନରୁ ଲୋକଙ୍କୁ ଆଣି ସଙ୍ଗଠିତ ଭାବେ ବିଭିନ୍ନ ବୁଥ୍ ନିକଟରେ ରଖିଥିଲା। ସେମାନେ ନକଲି ପରିଚୟପତ୍ର ବଳରେ ବିଭିନ୍ନ ବୁଥରେ ପଶି ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କ ସପକ୍ଷରେ ଭୋଟ ଦେଉଛନ୍ତି। କ୍ଷମତା ହାତେଇବା ନିଶାରେ ଭାଜପା ନେତାମାନେ ଗଣତନ୍ତ୍ରକୁ ଅପମାନରେ ପରିଣତ କରିଛନ୍ତି। ନୂଆପଡ଼ାବାସୀଙ୍କ ଆକ୍ରୋଶ ଭୋଟରେ ପ୍ରତିଫଳିତ ହେଉଥିବା ଦେଖି ଭାଜପା ବିରାଟ ଷଡ଼ଯନ୍ତ୍ରକ୍ରମେ ନକଲି ଭୋଟରଙ୍କ ସହାୟତା ନେଇ ଗଣତନ୍ତ୍ରକୁ ହତ୍ୟାକରିବା ପାଇଁ ପଞ୍ଚାଶନାହିଁ ସୁଚିନ୍ତିତ ଯୋଜନାକ୍ରମେ ଅପରାହ୍ନ ୩.୩୦ ପରେ ନକଲି ଭୋଟରଙ୍କୁ ବିଭିନ୍ନ ବୁଥରେ ପଶିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଦୂରଦୂରାନ୍ତରୁ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ କାହିଁ କେତେ ସାଧାରଣ ଭୋଟର ଧାଇଁ ଆସିଥିଲେ। କିନ୍ତୁ ଏହା ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ।

## 'ଭାଜପାକୁ ଭୋଟଦେବାକୁ ଚାପ ପକାଯାଇଛି'

**ଭୁବନେଶ୍ୱର,୧୧।୧୧ (ପୁନିତ୍ ମିଶ୍ର)**

ନୂଆପଡ଼ାରେ ମତଦାନ ବେଳେ ଆଦର୍ଶ ଆଚରଣ ବିଧିକୁ ଭାଜପା ମାନିନାହିଁ। ଭାଜପା କର୍ମୀମାନେ ବୁଥ୍ ଭିତରେ ପଶି ଜୟ ଢୋଲକିଆଙ୍କୁ ଭୋଟ ଦେବା ପାଇଁ ଲୋକଙ୍କ ଉପରେ ବଳପୂର୍ବକ ଚାପ ପକାଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ସେହିପରି ମତଦାନ କେନ୍ଦ୍ର ଆଗରେ ଭାଜପା କର୍ମୀମାନେ ଭୋଟରଙ୍କୁ ଖାଦ୍ୟପୁଡ଼ିଆ ଦେଇ ପ୍ରଭାବିତ କରୁଛନ୍ତି ବୋଲି ନୂଆପଡ଼ା ଜିଲା ବିଜେଡି ସଭାପତି ଅବନୀ ଜୋଷୀ ଜିଲା ନିର୍ବାଚନ ଅଧିକାରୀଙ୍କୁ ସ୍ମାରକପତ୍ର ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଭୋଟ ଗ୍ରହଣ ଚାଲିଥିବା ବେଳେ ସବୁ ନୀତିନିୟମ ଓ କଟକଣାକୁ ବି ଭାଜପା ନେତାମାନେ ମାନୁନାହାନ୍ତି। ବୁଥ୍ ଭିତରେ ବଳପୂର୍ବକ ଉପସ୍ଥିତ ରହି ଭୋଟରଙ୍କୁ ଭୟଭୀତକରି ଜୟଙ୍କ ସପକ୍ଷରେ ଭୋଟଦେବାକୁ ଚାପ ପକାଉଛନ୍ତି। ଖରିଆର ରୋଡ୍ ଏନ୍ଏସିରେ ଥିବା ବୁଥ୍ ନଂ. ୩,୪,୫,୧୩,୧୪,୧୫ ଆଗରେ ଏପରି ସାଙ୍ଘାତିକ ଚିତ୍ର ସାମ୍ନାକୁ ଆସିଛି। ସେଠାରେ ଉପସ୍ଥିତ ସରକାରୀ ଅଧିକାରୀ ସବୁ ଦେଖି ବି କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଭାଜପା ପ୍ରାର୍ଥୀଙ୍କୁ ସୁହାଇବା ଭଳି କାର୍ଯ୍ୟରେ ସେମାନେ ଲିପ୍ତ ଅଛନ୍ତି ବୋଲି ସେ କହିଛନ୍ତି।

# ପିଲାଙ୍କ ସୁରକ୍ଷାକୁ ପ୍ରାଥମିକତା

**ଆଜି ବିଶ୍ୱ ନିମୋନିଆ ଦିବସ**



ବିଶେଷଭାବରେ ଛୋଟ ପିଲାମାନେ ନିମୋନିଆ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି, ସମଗ୍ର ବିଶ୍ୱରେ ୫ ବର୍ଷରୁ କମ୍ ବୟସ୍କ ପ୍ରାୟ ୧୨କୋଟି ଶିଶୁ ନିମୋନିଆ ଯୋଗୁ ପ୍ରାଣ ହରାଉଛନ୍ତି। ତେଣୁ ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୧୨ ରେ ପାଳିତ ହୋଇଆସୁଛି ବିଶ୍ୱ ନିମୋନିଆ ଦିବସ। ଏହି ଦିବସ ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି 'ପିଲାଙ୍କ ସୁରକ୍ଷା'। ମିଳିତ ଜାତିସଂଘ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଏହି ଦିବସ ପାଳନ କରାଯାଇଥାଏ। ଏହି ରୋଗରୁ ରକ୍ଷା ପାଇବା ଲାଗି ପ୍ରତିଷେଧକ ବ୍ୟବସ୍ଥା ରହିଛି ତେଣୁ ଏ ବିଷୟରେ ଆମେ ଅବଗତ ହେବା ନିହାତି ଜରୁରୀ। କେବଳ ଶିଶୁ ନୁହନ୍ତି, ୬୫ ବର୍ଷ ବୟସର ବ୍ୟକ୍ତିଙ୍କୁ ଏହି ରୋଗ ଆକ୍ରାନ୍ତ କରିପାରେ। ନିମୋନିଆର କେତୋଟି ପ୍ରମୁଖ ଲକ୍ଷଣ ଜାଣିବା ଦରକାର। ସେଗୁଡ଼ିକ ମଧ୍ୟରେ ରହିଛି ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା, ଛାତି କାଟିବା, ଶୁଷ୍କ କଫ ଏବଂ ଜ୍ୱର। ଏହି ରୋଗ ହେମୋଫିଲ୍ସ ଏନ୍‌ଫ୍ଲୁଏଞ୍ଜା ଟାଇପ-ବି ଏବଂ ଷ୍ଟ୍ରେପ୍ଟୋକୋକସ ନିମୋନିଆ ଦ୍ୱାରା ହୋଇଥାଏ। ଏହାର ପ୍ରତିଷେଧକ ରୂପେ ପିଲାମାନଙ୍କୁ ଅର୍ଥୋମାଇକ୍ରୋଭାଇରିଡ଼ା ଟିକା ଦିଆଯାଇଥାଏ। ଏହି ରୋଗ ବିଷୟରେ ଅଧିକ ଜନସଚେତନତା ସୃଷ୍ଟି ସକାଶେ ୨୦୦୯ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ୟୁନିସେଫ୍ ପକ୍ଷରୁ ଏକ ଆକ୍ସନ ପ୍ଲାନ୍‌ର ଆରମ୍ଭ କରାଯାଇଥିଲା।

# ୨୦୨୬ କ୍ୟାଲେଣ୍ଡରରେ ୨୯ ଦିନ ସରକାରୀ ଛୁଟି

**ଭୁବନେଶ୍ୱର,୧୧।୧୧**
**(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬ ବର୍ଷ ଲାଗି କ୍ୟାଲେଣ୍ଡର ଜାରି କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଆସନ୍ତାବର୍ଷ କ୍ୟାଲେଣ୍ଡରରେ ୨୯ଟି ସାଧାରଣ ଛୁଟି ତଥା ସରକାରୀ ଛୁଟି ରହିଛି। ୨୦୨୬ ବର୍ଷ ପାଇଁ କ୍ୟାଲେଣ୍ଡରରେ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ୯ଟି ଇଚ୍ଛାଧୀନ (ଅପ୍‌ଶନାଲ)ଛୁଟିରେ ବ୍ୟବସ୍ଥା ରହିଛି। ବିଜ୍ଞପ୍ତି ଅନୁଯାୟୀ, ମକର ସଂକ୍ରାନ୍ତି (୧୪ ଜାନୁଆରୀ)ରୁ ସରକାରୀ ଛୁଟି ଆରମ୍ଭ ହେଉଛି। ଏହାପରେ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କ ଜୟନ୍ତୀ/ବସନ୍ତ ପଞ୍ଚମୀ ପାଇଁ ୨୩ ଜାନୁଆରୀ ଛୁଟି ଘୋଷଣା କରାଯାଇଥିବାବେଳେ ଗଣତନ୍ତ୍ର ଦିବସ(୨୬ ଜାନୁଆରୀ), ଦୋଳପୂର୍ଣ୍ଣିମା(୩ ମାର୍ଚ୍ଚ), ହୋଲି(୪ ମାର୍ଚ୍ଚ), ଇଦ୍-ଉଲ୍-ଫିତର(୨୧ ମାର୍ଚ୍ଚ), ଶ୍ରୀରାମନବମୀ(୨୭ ମାର୍ଚ୍ଚ), ଉତ୍କଳ ଦିବସ(୧ ଏପ୍ରିଲ), ଗୁଡ୍ ଫ୍ରାଇଡେ(୩ ଏପ୍ରିଲ), ଡ. ବି.ଆର୍. ଆମ୍ବେଦ୍କର ଜୟନ୍ତୀ/ମହା ବିଷୁବ ସଂକ୍ରାନ୍ତି (୧୪ ଏପ୍ରିଲ), ବୁଦ୍ଧ ପୂର୍ଣ୍ଣିମା(ମେ ୧), ସାବିତ୍ରୀ ଅମାବାସ୍ୟା (ମେ ୧୬), ଇଦ୍-ଉଲ୍-ଜୁହା(ମେ ୨୭), ରଜ ସଂକ୍ରାନ୍ତି(୧୫ ଜୁନ୍), ମହରମ୍(୨୬ ଜୁନ୍), ରଥଯାତ୍ରା(୧୬ ଜୁଲାଇ), ସ୍ୱାଧୀନତା ଦିବସ(୧୫ ଅଗଷ୍ଟ), ପ୍ରୋଫେଟ୍ ମହମ୍ମଦଙ୍କ ଜନ୍ମଦିବସ(୨୬ ଅଗଷ୍ଟ), ଝୁଲଣ ପୂର୍ଣ୍ଣିମା(୨୭ ଅଗଷ୍ଟ), ଜନ୍ମାଷ୍ଟମୀ(୪ ସେପ୍ଟେମ୍ବର), ଗଣେଶ ପୂଜା(୧୪ ସେପ୍ଟେମ୍ବର), ନୂଆଖାଇ(୧୫ ସେପ୍ଟେମ୍ବର), ନୂଆଖାଇ ପରଦିନ(୧୬ ସେପ୍ଟେମ୍ବର), ଗାନ୍ଧୀ ଜୟନ୍ତୀ(ଅକ୍ଟୋବର ୨), ମହାସପ୍ତମୀ(୧୭ ଅକ୍ଟୋବର), ମହାନବମୀ(୧୯ ଅକ୍ଟୋବର), ବିଜୟାଦଶମୀ(୨୦ ଅକ୍ଟୋବର), ରାସ ପୂର୍ଣ୍ଣିମା(୨୪ ନଭେମ୍ବର) ଏବଂ ବଡ଼ଦିନ(୨୫ ଡିସେମ୍ବର) ଅନ୍ତର୍ଭୁକ୍ତ। ସେହିପରି ସରକାରୀ କର୍ମଚାରୀଙ୍କ ଇଚ୍ଛାଧୀନ ଛୁଟି ତାଲିକାରେ ଗୁରୁ ଗୋବିନ୍ଦ ସିଂଙ୍କ ଜନ୍ମଦିବସ(୬ ଜାନୁଆରୀ), ସବ୍-ଏ-କଦର(୧୭ ମାର୍ଚ୍ଚ), ଇଷ୍ଟର ସଟରଡେ(୪ ଏପ୍ରିଲ), ରାଜା ରାମମୋହନ ରାୟଙ୍କ ଜନ୍ମଦିବସ(୨୨ ମେ), ବାହୁଡ଼ା ଯାତ୍ରା (୨୪ ଜୁଲାଇ), ବ୍ରହ୍ମ ସମାଜର ସ୍ଥାପନା ଦିବସ (୨୦ ଅଗଷ୍ଟ), ଅଁଳାନବମୀ (୧୮ ନଭେମ୍ବର), ପ୍ରଥମାଷ୍ଟମୀ (୧ ଡିସେମ୍ବର) ଏବଂ କ୍ରିସ୍‌ମସ୍ ଇଭ୍ (୨୪ ଡିସେମ୍ବର) ରହିଛି। ତେବେ ଆସନ୍ତାବର୍ଷ ସରକାରୀ କର୍ମଚାରୀଙ୍କ ପାଇଁ ୬ ଦିନର ଛୁଟି ଏକପ୍ରକାର ମହଙ୍ଗା ସାବ୍ୟସ୍ତ ହେବାକୁଯାଉଛି। ୫ଟି ଛୁଟି ରବିବାର ପଡୁଥିବାବେଳେ ମହାଳୟା ଦ୍ୱିତୀୟ ଶନିବାର ଛୁଟିଦିନ ପଡୁଛି। ରବିବାର ପଡୁଥିବା ଛୁଟି ମଧ୍ୟରେ ମହାଶିବରାତ୍ରି (୧୫ ଫେବୃଆରୀ), ପହିଲି ରଜ(୧୪ ଜୁନ୍), ମହାଷ୍ଟମୀ(୧୮ ଅକ୍ଟୋବର), କୁମାରପୂର୍ଣ୍ଣିମା(୨୫ ଅକ୍ଟୋବର) ଏବଂ ଦୀପାବଳି(୮ ନଭେମ୍ବର) ରହିଛି।

# ନୂଆପଡ଼ା ଉପନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ: କଂଗ୍ରେସ

**ଭୁବନେଶ୍ୱର,୧୧।୧୧**
**(ରବିନାରାୟଣ ଜେନା)**

ନୂଆପଡ଼ା ଉପନିର୍ବାଚନରେ ଭୟଙ୍କର ଭାବେ ଭୋଟ ଚୋରି ହୋଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଭକ୍ତ କହିଛନ୍ତି, କୋମନାର ଜିତମିତ୍ର ହାଇସ୍କୁଲ ବୁଥ୍‌ରେ ଜଣେ ମହିଳାଙ୍କ ଭୋଟ ଅନ୍ୟ ଜଣେ ଦେଇଦେଇଛନ୍ତି। ତେଣୁ ଭୋଟ ପରିଚାଳନା ଅଧିକାରୀ ସମ୍ପୃକ୍ତ ମହିଳାଙ୍କୁ ଭୋଟ୍ ଦେବାକୁ ବାରଣ କରିଥିଲେ। ସୁନାବେଡ଼ା ଜଙ୍ଗଲ ମଧ୍ୟରେ ଥିବା ଏକ ବୁଥ୍‌କୁ ପୋଲିସ ଛାଉଣି କରି ରଖିଛି। ଝଣ୍ଡା ଲଗାଯାଇ ଲୋକଙ୍କୁ ବୁହାଯାଉଥିଲା। ତାହାକୁ କଂଗ୍ରେସ ଏଜେଣ୍ଟ ବାରଣ କରିବାରୁ ପୋଲିସ ତାଙ୍କୁ ଭୟ ଦେଖାଇଛି। ସମସ୍ତ ଆଭ୍ୟନ୍ତରୀଣ ଅଞ୍ଚଳରେ ଯୋଜନାବଦ୍ଧ ଭାବେ ପୋଲିସ ଭୋଟିଂ କରୁଛି। ଖଡ଼ିଆଳର ଗୋଟିଏ ବୁଥ୍ ପରିସର ମଧ୍ୟରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ନୂଆପଡ଼ା ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କ ଫଟୋଲଗା ଚିରକୁଟ ବଣ୍ଟନ କରାଯାଉଥିଲା। ଭାଲୁକନା ଗ୍ରାମର ୨୫୯ ନମ୍ବର ବୁଥ୍‌ରେ ଜଣେ ବ୍ୟକ୍ତି ଇଭିଏମ୍‌ର ହାତଚିହ୍ନରେ ଟିପିଥିବାବେଳେ ପଦ୍ମଚିହ୍ନରେ ଲାଇଟ୍ ଜଳିଥିଲା। ଏସବୁ ବିଷୟକୁ ରାଜ୍ୟ ନିର୍ବାଚନ ଅଧିକାରୀ ଗୁରୁତ୍ୱର ସହ ନେଇ ପ୍ରତିକାର କରନ୍ତୁ, ନ ହେଲେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ଭକ୍ତ ଚେତାବନୀ ଦେଇଛନ୍ତି। ଅଫିସରଙ୍କ ସହାୟତାରେ ସବୁକ୍ଷେତ୍ରରେ ଭାଜପା ଭୋଟ ଚୋରି କରିଥିବାରୁ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ଉପସଭାପତି ଲଲାଟେନ୍ଦୁ ମହାପାତ୍ର ଦାବି କରିଛନ୍ତି।

# ଘରୋଇ ହଷ୍ଟେଲରେ ୨ୟ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

**ନବରଙ୍ଗପୁର,୧୧।୧୧**
**(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ପୋଡ଼ାଲଗୁଡ଼ା ପଞ୍ଚାୟତ ଅଧୀନ ପୂର୍ଣ୍ଣାପାଣିଗୁଡ଼ା ଗାଁରେ ଥିବା ଏକ ଘରୋଇ ହଷ୍ଟେଲରେ ମଙ୍ଗଳବାର ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ହେଲେ କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ ଅଧୀନ ଝଡ଼ିଆଗୁଡ଼ା ଗାଁର ବାବୁଲା କନ୍ଧପାଣଙ୍କ ଝିଅ ଲିପ୍‌ସା କନ୍ଧପାଣ। ସେ ଘରୋଇ ହଷ୍ଟେଲ ମିରାକଲ୍ ବୋର୍ଡିଂ ସ୍କୁଲରେ ଅନ୍ତେବାସୀ ଭାବେ ରହି ନିକଟସ୍ଥ ପୋଡ଼ାଲଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଥିଲେ। ତେବେ ଗତ ୨ ଦିନ ତଳେ ଲିପ୍‌ସାଙ୍କୁ ଜ୍ୱର ହୋଇଥିଲା। ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କୁ ଜ୍ୱର ଔଷଧ ଖାଇବାକୁ ଦେଇଥିଲେ। ସୋମବାର ରାତିରେ ଲିପ୍‌ସା ଖାଇକି ଶୋଇଥିଲେ। ମଙ୍ଗଳବାର ସକାଳୁ ସେ ନ ଉଠିବାରୁ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ଜିଲା ସଦର ମହକୁମା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ହଷ୍ଟେଲର ନିର୍ଦ୍ଦେଶକ ଜେରମାୟା ହିଆଲ ସୂଚନା ଦେଇଛନ୍ତି। ଲିପ୍‌ସାଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ସେମାନେ ଆସି ପହଞ୍ଚିଥିଲେ। ତେବେ ଚିକିତ୍ସା ଅବହେଳାରୁ ତାଙ୍କ ଝିଅର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ନନ୍ଦାହାଣ୍ଡି ବିଇଓ ଶ୍ରୀକାନ୍ତ ଜାନି, ଏଡିଇଓ କେଶବ ମେହେର, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଅଜନ୍ତା ପ୍ରିୟଦର୍ଶିନୀ, ସଭ୍ୟ ସନ୍ତୋଷ ଷଡ଼ଙ୍ଗୀ, ଚାଇଲ୍ଡ ହେଲ୍ପଲାଇନର ଚିନ୍ମୟୀ ନାୟକ ପ୍ରମୁଖ ସନ୍ଧ୍ୟାରେ ମିରାକଲ୍ ବୋର୍ଡିଂ ସ୍କୁଲ ଯାଇ ତଦନ୍ତ କରିଛନ୍ତି। ତଦନ୍ତ ରିପୋର୍ଟ ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି।


**ରାଞ୍ଚି ଡିଭିଜନରେ ଏସ୍‌ଏଲ୍‌ଆର୍ ପାର୍ସଲ ଭ୍ୟାନ୍ ପାଇଁ ଇ-ନିଲାମ**

ନଂ.: ସି/ଆର୍‌ଏନ୍‌ସି/ଇ-ଅକ୍ସନ୍/୨୦୨୫ — ତାରିଖ: ୧୧।୧୧।୨୦୨୫

ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଦ.ପୂ. ରେଳପଥ, ରାଞ୍ଚି ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ରାଞ୍ଚି ମଣ୍ଡଳରେ ଇ-ନିଲାମ ଆହ୍ୱାନ କରୁଛନ୍ତି। କାଟାଲଗ୍ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍‌ରେ ପ୍ରକାଶିତ ହୋଇସାରିଛି। ବିବରଣୀ ନିମ୍ନ ଅନୁଯାୟୀ ଅଟେ: **ବର୍ଗ:** ପାର୍ସଲ। **କାଟାଲଗ୍ ନଂ.:** ଆର୍‌ଏନ୍‌ସିପିଏଆର୍‌ସିଇଏଲ୍୨୫-୩। **ପରିସମ୍ପତ୍ତିର ବିବରଣୀ:** ରାଞ୍ଚି ଡିଭିଜନରୁ ଆରମ୍ଭ ହେଉଥିବା ୩୩ ଗୋଟି ପାସେଞ୍ଜର/ମେଲ୍ ଏକ୍ସପ୍ରେସ୍ ଟ୍ରେନ୍ ଦ୍ୱାରା ଏସ୍‌ଏଲ୍‌ଆର୍ କମ୍ପାର୍ଟମେଣ୍ଟର ଲିଜିଂ ପାଇଁ ୪୧ ଗୋଟି ପରିସମ୍ପତ୍ତି ଲାଗି ଇ-ନିଲାମ। **ନିଲାମ ଆରମ୍ଭ:** ୧୫।୧୧।୨୦୨୫, ୧୦.୦୦ ଘଣ୍ଟିକା। **ନିଲାମ ସମାପ୍ତି ତାରିଖ:** ୧୫।୧୧।୨୦୨୫, ୧୭.୧୦ ଘଣ୍ଟିକା। **ଦ୍ରଷ୍ଟବ୍ୟ:** ସମ୍ଭାବ୍ୟ ବିଡରମାନଙ୍କୁ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ (www.ireps.gov.in) ରେ ଇ-ନିଲାମ ଲିଜିଂ ମଡ୍ୟୁଲ୍ ପରିଦର୍ଶନ କରିବା ପାଇଁ ଅନୁରୋଧ କରାଯାଉଛି। ଲଟ୍-କ୍ରମିକ ବିବରଣୀ ଉପରୋକ୍ତ କାଟାଲଗ୍‌ରେ ଉପଲବ୍ଧ।

(PR-826) — ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ରାଞ୍ଚି

ଦକ୍ଷିଣ ପୂର୍ବ ରେଳପଥ — ହର୍ଷର ସହିତ ଆମେ ସେବାରତ



**Repco Home Finance — ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍**

ଭୁବନେଶ୍ୱର ଶାଖା: ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ. ୪୨୬/୨୨୬୦, ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨

**ଇ-ନିଲାମ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେଶନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପ୍‌କୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ **ଋଣଗ୍ରହୀତା: ଶ୍ରୀ ସନ୍ତୋଷ କୁମାର ପରିଡ଼ା**, ପିତା: ଶିବ ପରିଡ଼ା, **ସହ-ଋଣଗ୍ରହୀତା: ୧. ଶ୍ରୀମତୀ ଲୋପାମୁଦ୍ରା ମହାପାତ୍ର**, ସ୍ୱାମୀ: ସନ୍ତୋଷ କୁମାର ପରିଡ଼ା, **୨. ଶ୍ରୀ ତପନ କୁମାର ପରିଡ଼ା**, ପିତା: ନବ କିଶୋର ପରିଡ଼ା ଏବଂ **ଗ୍ୟାରେଣ୍ଟିଦାତା (ଦିବଂଗତ): ଶ୍ରୀ ଶ୍ରୀକାନ୍ତ କୁମାର ବିଶ୍ୱାଳ**, **ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ଶାଖାଠାରୁ**, ତଳେ ବିଶଦ ଭାବେ ଦର୍ଶିତ ସ୍ଥାବର ସମ୍ପତ୍ତିର ବନ୍ଧକ ଉପରେ ଋଣ ନେଇଥିଲେ, ଯାହା ନିମ୍ନପ୍ରଦତ୍ତ ଅନୁସୂଚୀରେ ସମ୍ପୂର୍ଣ୍ଣ ରୂପେ ଦର୍ଶିତ ଏବଂ କମ୍ପାନୀ **ସରଫାଏସି ଅଧିନିୟମ, ୨୦୦୨ ର ଧାରା ୧୩(୨) ଅଧୀନରେ** [illegible] **ଡିମାଣ୍ଡ ନୋଟିସ** ଜାରିକରି **ଋଣ ଖାତା ନଂ. ୧୬୮୧୮୬୦୦୦୦୪୭୦** ଅଧୀନରେ ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି [illegible] ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ବ୍ୟୟକୁ ଉକ୍ତ ନୋଟିସ ତାରିଖରୁ **୬୦ ଦିନ ମଧ୍ୟରେ** ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଯେହେତୁ ଋଣଗ୍ରହୀତା, ସହ-ଋଣଗ୍ରହୀତା ଉକ୍ତ ଡିମାଣ୍ଡ ନୋଟିସରେ ଦାବି କରାଯାଇଥିବା କମ୍ପାନୀ ପ୍ରତି ଦେୟରାଶିକୁ ପୈଠ କରିବା ପାଇଁ ବିଫଳ ହୋଇଛନ୍ତି, ତେଣୁ କମ୍ପାନୀ ବନ୍ଧକ ପରିସମ୍ପତ୍ତିର ଦଖଲ ନେଇଛି, ଯାହା ଅନୁସୂଚୀରେ ଅଧିକ ସମ୍ପୂର୍ଣ୍ଣ ରୂପେ ଦର୍ଶାଯାଇଛି ଓ ଏତଦ୍ୱାରା [illegible] ଅଧିନିୟମର ଧାରା ୧୩(୪) ଅଧୀନରେ **ଦଖଲ ନୋଟିସ** ଜାରି କରୁଛି।

ଯେହେତୁ ଋଣଗ୍ରହୀତା ବକେୟା ରାଶିକୁ ସମ୍ପୂର୍ଣ୍ଣ ରୂପେ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ତେଣୁ ସୁରକ୍ଷିତ ଋଣଦାତା **ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍** ନିମ୍ନବର୍ଣ୍ଣିତ ସୁରକ୍ଷିତ ପରିସମ୍ପତ୍ତିକୁ **"ଯେପରି ଅଛି ଯେଉଁଠି ଅଛି ପରିସ୍ଥିତି"ରେ ଏବଂ "ଯେପରି ଅଛି ଯାହା ଅଛି ପରିସ୍ଥିତି"**ରେ କମ୍ପାନୀର ବକେୟା ଦେୟକୁ ଆଦାୟ କରିବା ଲାଗି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଓ ୯ ସହ ପଠନପୂର୍ବକ ଅଧିନିୟମର ଧାରା ୧୩(୪) ଅଧୀନରେ ବିକ୍ରି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। [illegible]

**ଇ-ନିଲାମର ତାରିଖ/ସମୟ: ୧୨।୧୨।୨୦୨୫, ପୂର୍ବାହ୍ନ ୧୧.୦୦ ଘଣ୍ଟିକା - ମଧ୍ୟାହ୍ନ ୧୨.୦୦ ଘଣ୍ଟିକା (୫ ମିନିଟ୍‌ର ଅସୀମିତ ସ୍ୱୟଂଚାଳିତ ସମୟବୃଦ୍ଧି ସହ)**

**ଇ-ଟେଣ୍ଡରର ଦାଖଲର ଶେଷ ତାରିଖ ଓ ସମୟ: ୧୧।୧୨।୨୦୨୫, ଅପରାହ୍ନ ୦୪.୦୦ ଘଣ୍ଟିକା**

**ସମ୍ପତ୍ତିର ବର୍ଣ୍ଣନା:** ଜିଲ୍ଲା - କଟକ, ତହସିଲ - ସାଲେପୁର, ମୌଜା - ଭୀମବାସପୁରଠାରେ ଅବସ୍ଥିତ ଜମି ଓ କୋଠାର ସମସ୍ତ ଭାଗ ଓ ଅଂଶବିଶେଷ, [illegible]

[illegible]

ତାରିଖ: ୦୬.୧୧.୨୦୨୫ — ପ୍ରାଧିକୃତ ଅଧିକାରୀ, ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS 2025053, ତା.05.11.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ - ବଲାଙ୍ଗୀର ନୂତନ ବି.ଜି. ଲାଇନ ପ୍ରକଳ୍ପର ଦଶପଲ୍ଲା - ବୁଗୁଡ଼ା - ବଣୀଗୁଛା ସେକ୍ସନର ମଧ୍ୟବର୍ତ୍ତୀ ସ୍ଥାନରେ AT/SKV ପ୍ରକ୍ରିୟା (ସିଙ୍ଗଲ ସଟ୍ କ୍ରୁସିବଲ୍ ଟେକ୍ନିକ) ଦ୍ୱାରା ରେଲୱେ ସ୍ପେସିଫିକେଶନ ଅନୁଯାୟୀ ଆଲୁମିନୋ ତାପଜ ପ୍ରକ୍ରିୟା ଦ୍ୱାରା 60KG/60EI-R260 ଗ୍ରେଡ୍ ରେଳର ୱେଲ୍ଡିଂ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 42.13 ଲକ୍ଷ, EMD : ₹ 84,300.00, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.11.2025ରିଖ 1200 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୂର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର — PR-158/CI/25-26



**यूनियन बैंक ऑफ इंडिया — Union Bank of India**

କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର

**ସଂଶୋଧନ ପତ୍ର**

ତା୧୧.୧୧.୨୦୨୫ରିଖ ଦୈନିକ ଖବର କାଗଜ "ଧରିତ୍ରୀ"ରେ ପ୍ରକାଶିତ ଆମର "ସୁନା ନିଲାମ ବିଜ୍ଞପ୍ତି"ରେ ଋଣଗ୍ରହୀତା: ପଞ୍ଚୁ ପାତ୍ର (ପୋଲସରା ଶାଖା, କ୍ର. ନଂ. ୨)ଙ୍କ ଦର୍ଶିତ ଠିକଣା- "୧, ମଧୁପଲ୍ଲି, ଗଞ୍ଜାମ, ଓଡ଼ିଶା" ପରିବର୍ତ୍ତେ "ପିତା: ରଘୁନାଥ ପାତ୍ର, ସୁନାରି ବୁଗୁଡ଼ା, ପୋଲସରା, ଗଞ୍ଜାମ, ଓଡ଼ିଶା-୭୬୧୧୦୫" ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।

ତା.୧୧.୧୧.୨୦୨୫ / କ୍ଷମତାପ୍ରାପ୍ତ ଅଧିକାରୀ



**ଦ.ପୂ. ରେଳପଥ**

**ବାତିଲକରଣ**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଆର୍‌ସି-ବିଟିଏଲେଟ୍‌ଆର୍-ଡିଟି-୦୭।୧୧।୨୫, 'ତିନିବର୍ଷ ଅବଧି ପାଇଁ କୋଚିଂ ଡିପୋ, ସାନ୍ତ୍ରାଗାଛି ଏବଂ ପଦ୍ମପୁକୁରର କୋଚ୍‌ଗୁଡ଼ିକରେ ବାୟୋ ଟଏଲେଟ୍ (ଡିଆର୍‌ଡିଇ ଟାଇପ୍)ର ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଠିକା (ଏଏମ୍‌ଓସି)' କାର୍ଯ୍ୟ ନିମନ୍ତେ ଖବରକାଗଜଗୁଡ଼ିକରେ ପୂର୍ବରୁ ପ୍ରକାଶିତ ବିଜ୍ଞପ୍ତି। ଅନିବାର୍ଯ୍ୟ ପରିସ୍ଥିତି କାରଣରୁ ଉପରୋକ୍ତ ଟେଣ୍ଡରକୁ ଏତଦ୍ୱାରା ପରବର୍ତ୍ତୀ ନୋଟିସ ପର୍ଯ୍ୟନ୍ତ ବାତିଲ କରାଯାଉଛି। ଅସୁବିଧା ପାଇଁ ଆମେ ଦୁଃଖିତ।

(PR-824/C)



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 36-KUR-TRD-OT-2025-26

**କାର୍ଯ୍ୟର ନାମ :** ଯାଜପୁର କେନ୍ଦୁଝର ରୋଡ଼ (JJKR) - ଯଖପୁରା (JKPR) ଷ୍ଟେସନ ମଧ୍ୟରେ ଇଣ୍ଟରମିଡିଏଟ୍ ବ୍ଲକ ସିଗନାଲିଂ (IBS) ବ୍ୟବସ୍ଥା ସହିତ ସହାୟକ ଟ୍ରାନ୍ସଫର୍ମର (AT) ର ବୃଦ୍ଧି ଏବଂ OHE ପରିବର୍ତ୍ତନ।

**ବିଜ୍ଞାପିତ ମୂଲ୍ୟ (₹):** 21,70,505.09, EMD (₹) : 43,400.00, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.17.11.2025ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.12.2025 ରିଖ 1300 ଘଣ୍ଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼ — PR-786/Q/25-26



**PARADIP PORT AUTHORITY**

Tender No.ENG/PIO/1650/CQ1and2/ 2025/313, Dt. 31.10.2025

MECHANIZATION OF CQ-I & CQ-II BERTHS ON BOT BASIS INVITATION OF REQUEST FOR QUALIFICATION (RFQ)

Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app) . Last date and time of submission of RFQ Applications is 16.12.2025 till 1400 hours.

Executive Engineer (C), Project Implementation Office, PPA

PPA/PR/51/2025-2026, dt.10/11/2025



**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/84 ତା.10.11.2025ରିଖ

ଟେଣ୍ଡର ସଂ. e-tenderNorthkur-283-2025 ତା.05.11.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର କେନ୍ଦୁଝରଗଡ଼ ରେଳ ଷ୍ଟେସନର ଉନ୍ନତିକରଣ ପାଇଁ ବଳକା କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 261.71 ଲକ୍ଷ, EMD : ₹ 2,80,900.00, ଶେଷ ହେବା ଅବଧି : 10 (ଦଶ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.11.2025ରିଖ 1500 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼ — PR-790/Q/25-26



**OFFICE OF THE EXECUTIVE ENGINEER**
**SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI**
Nirupan Bhawan, 3rd Floor, Room No. 401, 56-Set, Doranda, Ranchi-834002

**e-Procurement (Very Short Tender Notice)**
**Letter of Invitation (LOI) No.-21/2025-26 (1st Call)**
e-Tender Ref No:–RCD/SID/AP/RAN/21/2025-26 Date:- 10.11.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report (DPR) for Construction of High Level Bridge over Damodar River of Patratu-Barkagaon-Urimari PWD Road including Approach Road, Land Acquisition proposal Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Proposal of Utility Shifting in details etc. As required by the Department(if any) under Ramgarh District in the State of Jharkhand. (Approx length-183m) *Empanelled consultant with RCD under category-II vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 183m |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 50,000 as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 13.11.2025,10:30 AM |
| 7 | Last Date/Time of Bid Submission | 22.11.2025 12:00PM |
| 8 | Last Date/Time of Submission of Tender Fee & EMD | 22.11.2025 12:00PM |
| 9 | Date and Time of Bid opening | 24.11.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer (Communication), Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance Planning,RCD, Ranchi Mob-9905660677. |

Note:- Only e-Tender shall be accepted.

Sd./-
(Ravi Shankar Pravakar) Executive Engineer, Soil Investigation Division, Advance Planning, Road Construction Department, Ranchi

PR 365790 Road (25-26)_D



**ଫକୀର ମୋହନ ବିଶ୍ୱବିଦ୍ୟାଳୟ**

ବ୍ୟାସବିହାର, ବାଲେଶ୍ୱର, ପିନ୍ – ୭୫୬୦୮୯, ଓଡ଼ିଶା

ସଂଖ୍ୟା: ଗ୍ରନ୍ଥାଗାର–୧୧୬/୨୦୨୫/୮୦୭୦ ତା୧୦।୧୧।୨୦୨୫ରିଖ

**ବିଜ୍ଞାପନ**

ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଡ. ହରେକୃଷ୍ଣ ମହତାବ ଗ୍ରନ୍ଥାଗାରରେ ସ୍ଥାପିତ "ଖୋଦିତ ତାଳପତ୍ର ପୋଥି ସଂଗ୍ରହ, ସଂରକ୍ଷଣ ଓ ଗବେଷଣା କେନ୍ଦ୍ରର" କଳେବର ସମ୍ପ୍ରସାରଣ ପାଇଁ କର୍ତ୍ତୃପକ୍ଷ ଉଦ୍ୟମ କରୁଛନ୍ତି। ଖୋଦିତ ତାଳପତ୍ର ପୋଥି ବା ପାଣ୍ଡୁଲିପି ସାଇତି ରଖିଥିବା ବ୍ୟକ୍ତିବିଶେଷ ବା ସଂସ୍ଥା ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ଥାପିତ କେନ୍ଦ୍ରକୁ ଏ ସବୁ ଅମୂଲ୍ୟ ତଥା ଦୁର୍ଲଭ ବୌଦ୍ଧିକ ସମ୍ପଦ ପ୍ରଦାନ କରିବା ନିମନ୍ତେ ଅନୁରୋଧ କରାଯାଉଛି। ଆଗ୍ରହୀ ବ୍ୟକ୍ତିବିଶେଷ ବା ସଂସ୍ଥାମାନେ ଏ ବାବଦରେ ଡ. ହରେକୃଷ୍ଣ ମହତାବ ଗ୍ରନ୍ଥାଗାର ବା ବିଶ୍ୱବିଦ୍ୟାଳୟର କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ। ଏ ବାବଦରେ ସବିଶେଷ ତଥ୍ୟ ପ୍ରାପ୍ତି ନିମନ୍ତେ ବିଶ୍ୱବିଦ୍ୟାଳୟର ୱେବସାଇଟ୍ "fmuniversity.nic.in"ରେ ପ୍ରକାଶିତ ବିଜ୍ଞାପନକୁ ଦେଖିପାରନ୍ତି।

ସ୍ୱା./– କୁଳସଚିବ
ଫକୀର ମୋହନ ବିଶ୍ୱବିଦ୍ୟାଳୟ



**छत्तीसगढ़ शासन, पर्यावरण वन एवं जलवायु परिवर्तन विभाग, सामान्य वनमंडल, महासमुन्द (छत्तीसगढ़)**

**नीलाम का संक्षिप्त विज्ञापन**

सर्व साधारण को सूचनार्थ प्रकाशित किया जाता है कि सामान्य वनमंडल महासमुन्द के पिथोरा काष्ठागार में ईमारती काष्ठ का निवर्तन ई-ऑक्सन द्वारा दिनांक 14.11.2025 को किया गया जावेंगा। इच्छुक बोलीदारों से अनुरोध है कि वे नीलाम में भाग लेवें। ई-ऑक्सन की शर्तो एवं अन्य जानकारी कार्यालयीन दिवस व समय पर वनमंडल कार्यालय / पिथौरा काष्ठागार से प्राप्त की जा सकती है।

नीलाम स्थल का नाम - पिथौरा
नीलाम दिनांक - 14.11.2025
नीलाम समय - 9.00 बजे प्रातः से

नीलाम दिनांक 14.11.2025 को रखे जाने वाले वनोपज का अनुमानित मात्रा काष्ठागार पिथौरा

| क्र. | प्रजाति | नया वनोपज | | | अन्सोल्ड (पुराना) वनोपज | | | | कुल वनोपज | | | |
|---|---|---|---|---|---|---|---|---|---|---|---|---|
| | | घ.मी. | बल्ली | डेंगरी | घ.मी. | बल्ली | डेंगरी | फे.पोल | घ.मी. | बल्ली | डेंगरी | फे.पोल |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 1 | सागौन | 0.000 | 0 | 0 | 2591.325 | 14983 | 63710 | 0 | 2591.325 | 14983 | 63710 | 0 |
| 2 | साल | 0.000 | 0 | 0 | 2.695 | 86 | 0 | 0 | 2.695 | 86 | 0 | 0 |
| 3 | शीशम | 0.000 | 0 | 0 | 3.700 | 0 | 0 | 0 | 3.700 | 0 | 0 | 0 |
| 4 | बीजा | 0.000 | 0 | 0 | 28.010 | 0 | 0 | 0 | 28.010 | 0 | 0 | 0 |
| 5 | साजा | 0.000 | 0 | 0 | 93.175 | 204 | 0 | 0 | 93.175 | 204 | 0 | 0 |
| 6 | हल्दु मुड़ी | 0.000 | 0 | 0 | 67.520 | 0 | 0 | 0 | 67.520 | 0 | 0 | 0 |
| 7 | धावड़ा | 0.000 | 0 | 0 | 24.935 | 0 | 0 | 0 | 24.935 | 0 | 0 | 0 |
| 8 | सलिहा मोदे | 0.000 | 0 | 0 | 4.687 | 0 | 0 | 0 | 4.687 | 0 | 0 | 0 |
| 9 | पापड़ा | 0.000 | 0 | 0 | 2.335 | 0 | 0 | 0 | 2.335 | 0 | 0 | 0 |
| 10 | अन्य | 0.000 | 0 | 0 | 68.055 | 609 | 0 | 800 | 68.055 | 609 | 0 | 800 |
| | योग: | 0.000 | 0 | 0 | 2886.437 | 15882 | 63710 | 800 | 2886.437 | 15882 | 63710 | 800 |

काष्ठागार पिथौरा (सराईटार) - 1440 नग व्यापारिक बांस (पुराना) | काष्ठागार पिथौरा मिश्रित जलाऊ 111 चट्टा (पुराना)
डिपो बागबाहरा - 2249 नग व्यापारिक बांस पुराना | आंवराडबरी निस्तार एवं उपभोक्ता डिपो मिश्रित जलाऊ (पुराना) 230 चट्टा

बलौदाबाजार वनमण्डल अंतर्गत निस्तार / उपभोक्ता / अस्थाई पड़ाव डिपो में संग्रहित वनोपज की मात्रा

| क्र. | डिपो | जलाऊ पुराना | व्यापरिक बांस पुराना (नग) | औधोगिक बांस पुराना (बंडल) | क्र | डिपो | फेसिंग पोल पुराना | जलाऊ पुराना | व्यापारिक बांस पुराना (नग) |
|---|---|---|---|---|---|---|---|---|---|
| 1 | बरपाली | 51 | 4649 | 0 | 5 | पलारी | 0 | 0 | 404 |
| 2 | थरगांव | 0 | 2690 | 0 | 6 | बलौदाबाजार | 0 | 0 | 1000 |
| 3 | अ.प. नवागांव | 0 | 6655 | 23515 | 7 | अ.प.देवपुर | 0 | 223 | 2000 |
| 4 | सिमगा | 28 | 0 | 0 | - | - | - | - | - |

टीप: 1. क्रेताओं को ई-ऑक्सन से पूर्व एम.एस.टी.सी. ई-कॉमर्स में रजिस्ट्रेसन करना अनिवार्य है।
2. क्रेताओं को ई-ऑक्सन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने ई-वालेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी सूची एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉग इन करके देख सकते है।
4. ई-ऑक्सन में लॉट क्रय करने हेतु प्रथम क्रेता को 40 सेकण्ड का समय प्राप्त होगा, उसी लॉट को क्रय करने के लिए अन्य क्रेताओं को 30 सेकण्ड का अतिरिक्त समय प्राप्त होगा। 20 सेकण्ड तक बोली नही लगने पर लॉट पर बोली बंद हो जावेगा।

स्वा./- वनमण्डलाधिकारी, सामान्य वनमण्डल महासमुंद (छ.ग.)

दूरभाष क्रमांक 07723-222084 (कार्यालय) — G-252604616/3



**ଭା.କ.ନି. — CCI — ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ୍ — कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୧୧.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୭୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



## ଫୁଲଚାଷ ସମୟରେ...

ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି । ସେବତୀ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨–୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ। ଅକ୍ଟୋବର ତୃତୀୟ ସପ୍ତାହରୁ ନଭେମ୍ବର ତୃତୀୟ ସପ୍ତାହ ମଧ୍ୟରେ ଗୋଲାପ ଗଛ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ। ତରଳ ଖତ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ ।

## ଅନ୍ତରେ

### ସୂର୍ଯ୍ୟମୁଖୀ



ଉନ୍ନତ କିସମ ସୂର୍ଯ୍ୟମୁଖୀ ଯଥା– ମର୍ଡର୍ନ, ଇସି–୬୮୪୧୪, ଇସି–୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଓ ସଙ୍କର ଜାତୀୟ ପିଏସି–୩୬, କେବିଏସ୍‌ଏଚ୍–୧, କେବିଏସ୍‌ଏଚ୍–୪୪ ଓ ଏମ୍‌ଏସ୍‌ଏଫ୍‌ଏଚ୍–୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ୧ କି.ଗ୍ରା. ବିହନ ପ୍ରତି କାର୍ବୋକ୍ସିନ୍ ସହ ଥିରାମ୍ କିମ୍ବା ଟେବୁକୋନାଜୋଲ୍ ୨% ଡିଏସ୍ ୨ ଗ୍ରାମ୍‌ରୁ ୨.୫ ଗ୍ରାମ୍ ହିସାବରେ ୨ କି.ଗ୍ରା. ମଞ୍ଜି ପ୍ରତି ବ୍ୟବହାର କରନ୍ତୁ।



### ରାଶି

ଢିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ। ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା– ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା । ହେକ୍ଟର ପ୍ରତି ୭.୫–୧୦ କିଲୋଗ୍ରାମ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ କାର୍ବୋକ୍ସିନ୍ +ଥିରାମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ । ବିହନ ସହ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ ।

### ଚିନାବାଦାମ



ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇଥିଲେ ଅମଳକରି ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ନଦୀପଠା ଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ ଜୀବାଣୁ କଲ୍‌ଚର ବ୍ୟବହାରକରି ଧାଡ଼ିକୁ ଧାଡ଼ି ୨୫ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ସ୍ମୃତି, ଦେବୀ, ଧରଣୀ, ଟିଜି–୩୮, ଟିଏସ୍‌ଭି–୨ ଓ କାଦିରୀ–୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।



### ଗୋପାଳନ

ଗୋରୁଙ୍କୁ ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ । ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ଗୋରୁଙ୍କୁ ପ୍ରତି ୩ମାସରେ ଥରେ କୃମିନାଶକ ଔଷଧ ଖୁଆନ୍ତୁ । ପ୍ରତିଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଙ୍କ ପ୍ରାକୃତିକ ଖାଦ୍ୟ ପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷ କରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ । ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷାକରିବା ବନ୍ଦୋବସ୍ତ କରନ୍ତୁ। ଗୋରୁଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ।

### କୁକୁଡ଼ା ପାଳନ

ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତିକରି ପରିଷ୍କାର କରିଦିଅନ୍ତୁ। ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ାଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ। କୁକୁଡ଼ାଙ୍କୁ ଗୋଳିଆପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ାଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ। କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ ।

# ଫସଲ ଉତ୍ପାଦନରେ କାର୍ବନ, ଅକ୍ସିଜେନ, ହାଇଡ୍ରୋଜେନର ଭୂମିକା



ପ୍ର. ସୁବୋଧ କୁମାର ସାହୁ

"କାର୍ବନ, ଅକ୍ସିଜେନ୍ ଏବଂ ହାଇଡ୍ରୋଜେନ୍ ସମ୍ମିଶ୍ରଣରେ ସୂର୍ଯ୍ୟାଲୋକ ମାଧ୍ୟମରେ ପତ୍ରର ହରିତ କଣା ଦ୍ୱାରା ଫସଲର ପତ୍ରରେ କାର୍ବୋହାଇଡ୍ରେଟ୍ ବା ଶ୍ୱେତସାର ଯୌଗିକ ପୋଷକ ପ୍ରସ୍ତୁତ ହୁଏ । ଉକ୍ତ ଶ୍ୱେତସାର ପୋଷକ ଫସଲ ପାଇଁ ଅତି ଜରୁରୀ । ଶ୍ୱେତସାର ପୋଷକ ଉଦ୍ଭିଦ ବୃଦ୍ଧିରେ ସାହାଯ୍ୟ କରେ । ପତ୍ରରେ ଶ୍ୱେତସାର ପୋଷକ ପ୍ରସ୍ତୁତି ସମୟରେ ଫସଲ ବାୟୁମଣ୍ଡଳକୁ ଅକ୍ସିଜେନ୍ ନିର୍ଗତକରେ । ଉକ୍ତ ଅକ୍ସିଜେନ୍ ପ୍ରାଣିଜଗତ ପାଇଁ ଯଥେଷ୍ଟ ଉପକାରୀ । ଉକ୍ତ ଅକ୍ସିଜେନ୍‌କୁ ପ୍ରାଣୀ ପ୍ରଶ୍ୱାସରେ ଗ୍ରହଣକରି ଜୀବନ ଧାରଣକରେ । ପ୍ରାଣୀଙ୍କ ପରି ଫସଲ ଅକ୍ସିଜେନ୍ ଶୋଷଣକରି ବାୟୁମଣ୍ଡଳକୁ କାର୍ବନ୍ ଡାଇଅକ୍ସାଇଡ୍ ବା ଅଙ୍ଗାରକାମ୍ଳଜାନ ବାଷ୍ପ ନିର୍ଗତ କରିଥାଏ ।"

ବର୍ଦ୍ଧିତ ଏକ ପୂର୍ଣ୍ଣାଙ୍ଗ ଫସଲର ବିଭିନ୍ନ ରାସାୟନିକ ପରୀକ୍ଷାକରି ରସାୟନବିତ୍‌ମାନେ ନିର୍ଣ୍ଣୟ କରିଛନ୍ତି ଯେ ଏହାର ଶରୀରରେ ୯୦ ଗୋଟି ପୋଷକ ଉପାଦାନ ଅଛି। ଉକ୍ତ ୯୦ ଗୋଟି ପୋଷକ ଉପାଦାନ ମଧ୍ୟରୁ ୧୭ ଗୋଟି ପୋଷକ ଉପାଦାନ ଫସଲ ଉତ୍ପାଦନରେ ମୁଖ୍ୟ ଭୂମିକା ନେଇଥିବା ଏ ପର୍ଯ୍ୟନ୍ତ ଜଣାପଡ଼ିଛି। ଅନ୍ୟ ୭୩ ଗୋଟି ପୋଷକ ଉପାଦାନ ଫସଲର ମୁଖ୍ୟ ରାସାୟନିକ ପ୍ରକ୍ରିୟାରେ ଭାଗ ନ ନେଇ ତା'ର ଶରୀରର କୋଷ ଗଠନରେ ସାହାଯ୍ୟ କରିଥାନ୍ତି । ୧୭ ଗୋଟି ପୋଷକ ଉପାଦାନକୁ ଫସଲର ଅତ୍ୟାବଶ୍ୟକ ପୋଷକ ଉପାଦାନ କୁହାଯାଏ । କାରଣ ଏମାନଙ୍କ ବିନା ଫସଲ ତା'ର ଜୀବନଚକ୍ର ପରିପୂର୍ଣ୍ଣ କରିପାରେ ନାହିଁ। ଏମାନଙ୍କର କାର୍ଯ୍ୟ ଫସଲ ଉତ୍ପାଦନ ପାଇଁ ଅତି ଜରୁରୀ । ଉକ୍ତ ପୋଷକ ଉପାଦାନଗୁଡ଼ିକ ଫସଲର ଶରୀରରେ ଅନେକ ଜଟିଳ ରାସାୟନିକ ଯୌଗିକ ପଦାର୍ଥ ସୃଷ୍ଟିକରନ୍ତି। ଅତ୍ୟାବଶ୍ୟକ ୧୭ ଗୋଟି ପୋଷକ ଉପାଦାନଗୁଡ଼ିକ ହେଉଛି କାର୍ବନ୍, ଅକ୍ସିଜେନ, ହାଇଡ୍ରୋଜେନ,ନାଇଟ୍ରୋଜେନ, ଫସ୍‌ଫରସ୍, ପୋଟାସିୟମ, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ, ସଲ୍‌ଫର, ଆଇରନ, ମାଙ୍ଗାନିଜ, କପର, ଜିଙ୍କ୍, ମଲିବଡେନମ୍, ବୋରନ୍, କ୍ଲୋରିନ୍ ଏବଂ ନିକେଲ ।

ଉପରୋକ୍ତ ୧୭ ଗୋଟି ପୋଷକ ଉପାଦାନ ମଧ୍ୟରୁ ପ୍ରଥମ ୩ଗୋଟି ପୋଷକ ଉପାଦାନ ଏକ ଫସଲର ଶୁଷ୍କ ଓଜନର ପ୍ରାୟ ୯୪ ଶତକଡ଼ା । ଉକ୍ତ ୩ ଗୋଟିଏ ପୋଷକ ଉପାଦାନ ଫସଲ ଉତ୍ପାଦନରେ ମୁଖ୍ୟ ଭୂମିକା ନେଇଥାନ୍ତି । କାର୍ବନ୍, ଅକ୍ସିଜେନ୍ ଏବଂ ହାଇଡ୍ରୋଜେନ ୩ ଗୋଟି ପୋଷକ ଉପାଦାନକୁ ଫସଲ ବାୟୁ ଏବଂ ଜଳରୁ ସଂଗ୍ରହ କରିଥାଏ । ବାୟୁରେ ଅନ୍ୟାନ୍ୟ ବାଷ୍ପ ସହ କାର୍ବନ୍ ଡାଇଅକ୍ସାଇଡ୍ ଏବଂ ଅକ୍ସିଜେନ ଥାଏ । ବାୟୁରେ କାର୍ବନ ଡାଇଅକ୍ସାଇଡ୍ ୦.୦୩୪ ଶତକଡ଼ା ଏବଂ ଅମ୍ଳଜାନ ୨୧ ଶତକଡ଼ା ଥାଏ । ଫସଲ ବାୟୁରୁ କାର୍ବନ୍ ଡାଇଅକ୍ସାଇଡ୍ ଶୋଷଣକରି କାର୍ବନ ପାଏ ଏବଂ ଅକ୍ସିଜେନ୍ ମଧ୍ୟ ଶୋଷଣକରେ । ଜଳରେ ୨ଟି ହାଇଡ୍ରୋଜେନ୍ ଏବଂ ଗୋଟିଏ ଅକ୍ସିଜେନ୍ ଅଣୁ ଥାଏ । ଫସଲ ଚେର ଦ୍ୱାରା ମାଟିରୁ ଜଳ ଶୋଷଣକରି ହାଇଡ୍ରୋଜନ ଅଣୁ ସହ ଅକ୍ସିଜେନ୍ ପାଏ । କାର୍ବନ୍, ଅକ୍ସିଜେନ୍ ଏବଂ ହାଇଡ୍ରୋଜେନ୍ ସମ୍ମିଶ୍ରଣରେ ସୂର୍ଯ୍ୟାଲୋକ ମାଧ୍ୟମରେ ପତ୍ରର ହରିତ କଣା ଦ୍ୱାରା ଫସଲର ପତ୍ରରେ କାର୍ବୋହାଇଡ୍ରେଟ୍ ବା ଶ୍ୱେତସାର ଯୌଗିକ ପୋଷକ ପ୍ରସ୍ତୁତ ହୁଏ । ଉକ୍ତ ଶ୍ୱେତସାର ପୋଷକ ଫସଲ ପାଇଁ ଅତି ଜରୁରୀ । ଶ୍ୱେତସାର ପୋଷକ ଉଦ୍ଭିଦ ବୃଦ୍ଧିରେ ସାହାଯ୍ୟକରେ। ପତ୍ରରେ ଶ୍ୱେତସାର ପୋଷକ ପ୍ରସ୍ତୁତି ସମୟରେ ଫସଲ ବାୟୁମଣ୍ଡଳକୁ ଅକ୍ସିଜେନ ନିର୍ଗତକରେ । ଉକ୍ତ ଅକ୍ସିଜେନ୍ ପ୍ରାଣୀଜଗତ ପାଇଁ ଯଥେଷ୍ଟ ଉପକାରୀ । ଉକ୍ତ ଅକ୍ସିଜେନ୍‌କୁ ପ୍ରାଣୀ ପ୍ରଶ୍ୱାସରେ ଗ୍ରହଣକରି ଜୀବନ ଧାରଣ କରେ । ପ୍ରାଣୀଙ୍କ ପରି ଫସଲ ଅକ୍ସିଜେନ୍ ଶୋଷଣକରି ବାୟୁମଣ୍ଡଳକୁ କାର୍ବନ୍ ଡାଇଅକ୍ସାଇଡ୍ ବା ଅଙ୍ଗାରକାମ୍ଳଜାନ ବାଷ୍ପ ନିର୍ଗତ କରିଥାଏ । ଏହି କାର୍ଯ୍ୟ ଫସଲ ଦ୍ୱାରା ବିନା ସୂର୍ଯ୍ୟାଲୋକରେ ରାତିରେ ହୋଇଥାଏ। ରାତିରେ ନିର୍ଗତ କାର୍ବନ୍ ଡାଇଅକ୍ସାଇଡ୍ ବାୟୁମଣ୍ଡଳରେ ସଂରକ୍ଷିତ ହୋଇ ଦିନରେ ସୂର୍ଯ୍ୟାଲୋକ ଦ୍ୱାରା କାର୍ବୋହାଇଡ୍ରେଟ୍ ବା ଶ୍ୱେତସାର ଖାଦ୍ୟ ପ୍ରସ୍ତୁତିରେ ଫସଲ ଲଗାଏ । ପ୍ରାଣୀ ନିଃଶ୍ୱାସରେ ନିର୍ଗତ କରୁଥିବା କାର୍ବନ୍ ଡାଇଅକ୍ସାଇଡ୍‌କୁ ଫସଲ ପତ୍ରର ହରିତକଣା ଦ୍ୱାରା ଦିନରେ କାର୍ବୋହାଇଡ୍ରେଟ୍ ପ୍ରସ୍ତୁତିରେ ଲଗାଏ ଏବଂ ଅକ୍ସିଜେନ୍ ବାୟୁମଣ୍ଡଳକୁ ନିର୍ଗତକରେ । ଉକ୍ତ ଅକ୍ସିଜେନ୍‌କୁ ପ୍ରାଣୀ ଗ୍ରହଣକରେ । ଏ ପ୍ରକାର କାର୍ବନ୍ ଡାଇଅକ୍ସାଇଡ୍ ଏବଂ ଅକ୍ସିଜେନ୍ ଆଦାନ ପ୍ରଦାନ ପ୍ରାଣୀ ଏବଂ ଫସଲ ମଧ୍ୟରେ ସଦାସର୍ବଦା ଚାଲିଥାଏ ।



ବାୟୁମଣ୍ଡଳରେ ୭୮ ଶତକଡ଼ା ନାଇଟ୍ରୋଜେନ୍ ବା ଯବକ୍ଷାରଯାନ ବାଷ୍ପ ଥାଏ । ଉକ୍ତ ନାଇଟ୍ରୋଜନ୍ ନିଷ୍କ୍ରିୟ । ଫସଲ ଏହାକୁ ସିଧାସଳଖ ଗ୍ରହଣ କରିପାରେ ନାହିଁ । ଉକ୍ତ ନିଷ୍କ୍ରିୟ ନାଇଟ୍ରୋଜେନ୍‌କୁ ମାଟିରେ ଥିବା ନିର୍ଦ୍ଦିଷ୍ଟ କେତେକ ଅଣୁ ବୀଜାଣୁ ସକ୍ରିୟ କରନ୍ତି । ଉକ୍ତ ସକ୍ରିୟ ନାଇଟ୍ରୋଜେନ୍ ମୃତ୍ତିକାସ୍ଥ ହାଇଡ୍ରୋଜେନ୍ ସହ ମିଶି ଆମୋନିୟମରେ ପରିଣତ ହୁଏ । ଉକ୍ତ ଆମୋନିୟମକୁ ଫସଲ ଚେର ଦ୍ୱାରା ଗ୍ରହଣ କରି ତା'ର ଶରୀରରେ ଆମିନୋଅମ୍ଳ ଏବଂ ପରେ ପ୍ରୋଟିନ ବା ପୁଷ୍ଟିସାରରେ ପରିଣତ କରେ । ପ୍ରୋଟିନ ଫସଲକୁ ଶକ୍ତି ଯୋଗାଇଥାଏ। ଏହାଦ୍ୱାରା ଫସଲର ଅଭିବୃଦ୍ଧି ଘଟେ । ଉକ୍ତ ପ୍ରୋଟିନ ପ୍ରାଣୀମାନଙ୍କ ପାଇଁ ଶକ୍ତିର ଏକ ଉତ୍ସ । ଫସଲ ବାୟୁ ଏବଂ ଜଳରୁ ପାଉଥିବା କାର୍ବନ୍ ଡାଇଅକ୍ସାଇଡ୍, ଅକ୍ସିଜେନ୍ ଏବଂ ହାଇଡ୍ରୋଜେନ୍ ଏବଂ ମୃତ୍ତିକାରୁ ଚେର ଦ୍ୱାରା ଗ୍ରହଣ କରୁଥିବା ଅନ୍ୟ ଅତ୍ୟାବଶ୍ୟକ ୧୪ ଗୋଟି ଖାଦ୍ୟ ଉପାଦାନକୁ ନେଇ ତା'ର ଶରୀର ଏବଂ ଫଳର ମଞ୍ଜିରେ ଯୌଗିକ ଫ୍ୟାଟ୍ ବା ସ୍ନେହସାର ପୋଷକ ପ୍ରସ୍ତୁତକରେ । ପୁଷ୍ଟିସାର, ଶ୍ୱେତସାର ଏବଂ ସ୍ନେହସାର ଫସଲର ଅଭିବୃଦ୍ଧିରେ ସାହାଯ୍ୟ କରନ୍ତି । ଫସଲ ଦ୍ୱାରା ପ୍ରସ୍ତୁତ କାର୍ବୋହାଇଡ୍ରେଟ୍ ବା ଶ୍ୱେତସାର, ପ୍ରୋଟିନ୍ ବା ପୁଷ୍ଟିସାର ଏବଂ ଫ୍ୟାଟ୍ ବା ସ୍ନେହସାରକୁ ପ୍ରାଣୀ ଗ୍ରହଣକରି ଜୀବନ ଧାରଣ କରନ୍ତି ।

–ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫



## ସୋରିଷ ଚାଷ ପ୍ରସ୍ତୁତି

ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ତୋରିଆ ଚାଷ ପାଇଁ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ । ଅଣ ଜଳସେଚିତ ଅଞ୍ଚଳରେ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ହିସାବରେ ୪୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ, ୨୫ କି.ଗ୍ରା. ଫସ୍‌ଫରସ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟସାର ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ। ଅକ୍ଟୋବର ୧୫ ତାରିଖ ସୁଦ୍ଧା ଅଣ ଜଳସେଚିତ ଜମିରେ ସୋରିଷ ବୁଣାବୁଣି କାର୍ଯ୍ୟ ଶେଷ କରନ୍ତୁ । ଏଥିପାଇଁ ପାର୍ବତୀ, ଅନୁରାଧା, ସୁଶ୍ରୀ, ଉତ୍ତରା, ଏମ୍–୨୭, ଟିଏସ୍–୨୯, ପିଟି–୩୦୩ ଇତ୍ୟାଦି ସହଳ କିସମ ବିହନ ବ୍ୟବହାର କରନ୍ତୁ ।

## ଆଖୁଚାଷରେ ପୋକକୀଟ ଦମନ

ଆଖୁ କିଆରିରେ ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩–୪ ଥର ଛାଡ଼ନ୍ତୁ। ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ। ପତ୍ରକନ୍ଦାରେ ଦାନାଦାର ବିଷ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହକରି ଜମିରେ ଛାଡ଼ନ୍ତୁ । ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆ ପୋକ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲ୍ୟୁପି କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଳିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ। ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟକରିଦିଅନ୍ତୁ ।



## ପନିପରିବା ଚାଷ

ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶୀଁବାଲୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା– ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷକଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ୍ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ୨–୩ ଟି ଆଖି ଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାରକରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ।



## ଧାନଚାଷରେ ରୋଗପୋକ ନିୟନ୍ତ୍ରଣ



ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ %, ଦାନାଦାର ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାଛଡ଼ା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍‌ସି କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ। ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୫ x ୨ ସେ.ମି. ଠିଆପାଣି ରଖିବାକୁ ଚେଷ୍ଟାକରନ୍ତୁ। ଲେଡ଼ାପୋକ ଦମନ ପାଇଁ ଲାମ୍‌ଡା–ସାଇହାଲୋଥ୍ରୀନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟା ବେଳେ ସିଞ୍ଚନ କରନ୍ତୁ । ଏହାଛଡ଼ା ଆକ୍ରାନ୍ତ ବିଲ ଚାରିପଟେ ଗୁଣ୍ଡ ଔଷଧ ପକାଇ ବିଷ ବଳୟ ତିଆରି କରନ୍ତୁ। ମହିଷା ରୋଗ ଦେଖାଦେଲେ ଟ୍ରାଇସାଇକ୍ଲାଜୋଲ୍ ୨୫% ଡବ୍ଲ୍ୟୁପି ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ କିମ୍ବା ଆଇସୋପ୍ରୋଥିଓଲେନ୍ (୧.୫ ମି.ଲି.) କୁ ଗୋଳାଇ ସିଞ୍ଚନ କରନ୍ତୁ। ଜଳସେଚନ ସୁବିଧା ଥିବା ଜମିରେ ନଳିତା କଟାହେବା ପରେ ଧାନ ଯଥା – ଖଣ୍ଡଗିରି, ପାରିଜାତ, କଳିଙ୍ଗ–୩, ପଦ୍ମିନୀ, ସହଭାଗୀ ଧାନ ରୁଅନ୍ତୁ ।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ